

ନାରୀ ନୀତି ନିୟତି

ଡକ୍ଟର ବାସନ୍ତୀ ମହାନ୍ତି

ଡକ୍ଟର ମହାନ୍ତିଙ୍କ ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ

ଗଳ୍ପ ସଂକଳନ

୧. ରାଜଜେମା ବିଲେଇ ଓ କୁଲି ପ୍ରସଙ୍ଗ
୨. ପିତୃଋଣ
୩. ସୁଲି ଅପାର ଭାବୁଡି
୪. ଅଭିଯୁକ୍ତା

ପ୍ରବନ୍ଧ ସଂକଳନ

୫. ପ୍ରଗତି ଓ ପରଂପରା
୬. ପ୍ରଳୟ ପରର ଜୀବନ
୭. ଦୃଷ୍ଟି ଓ ଦିଗନ୍ତ

ଲୋକକଥା ସଂକଳନ

୮. କଳାହାଣ୍ଡିର ଲୋକକଥା

ନାରୀ, ନୀତି, ନିୟତି

ଲେଖିକା
ଡକ୍ଟର ବାସନ୍ତୀ ମହାନ୍ତି

କାବ୍ୟଲୋକ

ନାରୀ, ନୀତି, ନିୟତି ☐ ଲେଖିକା : **ଡକ୍ଟର ବାସନ୍ତୀ ମହାନ୍ତି**, ଅନ୍ଦୁଳି, କେନ୍ଦ୍ରାପଡା ☐ ପ୍ରକାଶକ : **କାବ୍ୟଲୋକ,** ୨/୨, ଟାଇପ୍ -।। ଆର୍, ୟୁନିଟ୍-୧, ଭୁବନେଶ୍ୱର-୯ / ନିଜିଗଡ଼ କୁରୁଖି, ହରିରାଜପୁର, ଜଟଣୀ, ପୁରୀ-୭୫୨୦୫୦☐ ସ୍ୱତ୍ୱ : **ଶ୍ରୀହର୍ଷ ଦାଶ** ☐ ପ୍ରଚ୍ଛଦ: **ସ୍ୱୟଂସିଦ୍ଧ** ☐ ମୁଦ୍ରଣ : ଅଗ୍ରଣି ପ୍ରେସ୍, ଭୁବନେଶ୍ୱର-୧ ☐ ପ୍ରଥମ ପ୍ରକାଶ : ଶ୍ରୀଗୁଣ୍ଡିଚା - ୨୦୧୧ ☐ ମୂଲ୍ୟ : ୧୦୦ ଟଙ୍କା

NARI, NEETI, NIYATI ☐ By :**DR. BASANTEE MOHANTY**, Anduli, Kendrapada ☐Publisher : **KAVYALOKA,** 2/2. Type-II R, Unit-I, Bhubaneswar-9 /Nizigarh Kurukhi, Harirajpur, Jatni, Puri-752050 ☐ © Shriharsha Dash ☐ Cover Design Swayamsiddha ☐ First Edition : **Sri Gundicha-2011** ☐ Price : **Rs. 100/-**

ନୀତି ଓ ନିୟତିର
ଯୂପକାଠରେ
ବନ୍ଧାପଡିଥିବା
ଅଗଣିତ
ଅସହାୟା ମାନଙ୍କୁ......

ନିଜକଥା

ନାରୀ, ନୀତି, ନିୟତିରେ ସନ୍ନିବେଶିତ ସମସ୍ତ ପ୍ରସଙ୍ଗ ସାଂପ୍ରତିକ ଘଟଣା ଓ ଚରିତ୍ର ଆଧାରିତ । ଆମ ନିତ୍ୟନୈମିତ୍ତିକ ସାମାଜିକ ଜୀବନ ପ୍ରବାହରେ ସୃଷ୍ଟି ହେଉଥିବା ବୁଦ୍‌ବୁଦ୍ ହେଉ ଅଥବା ବିସ୍ଫୋରଣ, ଯାହା ଯେତେବେଳେ ମୋ ଅନ୍ତଃସ୍ଥଳକୁ ଅସ୍ତବ୍ୟସ୍ତ କରିଛି, ତାହାର ତତ୍‌କାଳ ସୃଜନଶୀଳ ପ୍ରତିଭୂ ହେଉଛି ଏ ପୁସ୍ତକର ଶବ୍ଦରୂପ ।

ଚିନ୍ତା ଚେତନାକୁ ଚିପୁଡ଼ି ଥରେ ଲେଖାଟିଏ ପ୍ରସ୍ତୁତ କରିସାରିଲା ପରେ ଆଉ ଅବଶିଷ୍ଟ କ'ଣ ଥାଏ କହିବାକୁ !

ଏଥର ପାଠକଙ୍କ ପାଳି । ଗାଳିହେଉ କି କରତାଳି, ସବୁକିଛିକୁ ସଙ୍ଖାଳି କରିବାକୁ ହେବ ।

ଅବଶ୍ୟ ପ୍ରଗତିବାଦୀ ଓ ଅନୁପମ ଭାରତର ସୁଧି ସଂପାଦକମାନଙ୍କ ସୌଜନ୍ୟରୁ ଲେଖାଗୁଡ଼ିକ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରଚୁର ପାଠକୀୟପ୍ରୀତି ବହନ କରିଛି ।

ଏ ଅବସରରେ ଯେଉଁ ପ୍ରାଜ୍ଞ ପାଠକମାନେ ଏ ଅକିଞ୍ଚନ ପାଇଁ ସେମାନଙ୍କ ବହୁମୂଲ୍ୟ ସମୟରୁ ଚେନାଏ ସମର୍ପିତ କରିଛନ୍ତି ଓ ପତ୍ର ତଥା ଦୂରଭାଷ ମାଧ୍ୟମରେ ସେମାନଙ୍କ ମହାର୍ଘ ମତାମତ ଦେଇ ମୋତେ ଉତ୍ସାହିତ କରିଛନ୍ତି ସେମାନଙ୍କ ନିକଟରେ ମୁଁ ଚିରଋଣୀ ରହିବାକୁ ଚାହିଁବି । ଲୌକିକ ଧନ୍ୟବାଦଟିଏ ଦେଇ ମୁଁ ସେ ଋଣର ମାନ କ୍ଷୁର୍ଣ୍ଣ କରିବି ନାହିଁ ।

ଏଥିସହ ସଂପୃକ୍ତ ଉପରୋକ୍ତ ଦୈନିକ ସଂବାଦପତ୍ରମାନଙ୍କ ସଂପାଦକମାନଙ୍କୁ ମୋର ଅନ୍ତରଭରା କୃତଜ୍ଞତା ।

ନାରୀ, ନୀତି, ନିୟତି ମୋର ଚତୁର୍ଥ ସ୍ତମ୍ଭ ସଂକଳନ । ଏହାକୁ ପ୍ରକାଶ୍ୟ ରୂପ ଦେବାପାଇଁ ସ୍ୱତଃ ସମସ୍ତ ଦାୟିତ୍ୱ ବହନ କରିଥିବାରୁ 'କାବ୍ୟଲୋକ' ର ସୁଯୋଗ୍ୟ ସଂପାଦକ ଭିକାରୀ ଧଳଙ୍କ ଅବଦାନ ମୋ ପାଇଁ ଅବିସ୍ମରଣୀୟ ।

ସଂକଳନଟି ଉତ୍ସାହୀ ପାଠକମାନଙ୍କ ସ୍ୱାର୍ଥ ସାଧନରେ ବିନ୍ଦୁଏ ବିନିଯୋଗ ହୋଇପାରିଲେ ମୁଁ ସିନ୍ଧୁଏ ସାର୍ଥକ ହେଲି ବୋଲି ଅନୁଭବିବି ।

ବାସନ୍ତୀ ମହାନ୍ତି

ସୂଚୀପତ୍ର

୧. ବିବର୍ତ୍ତିତ ବିଷକନ୍ୟା ଓ ବୁଦ୍ଧିଭ୍ରଷ୍ଟ ବିଦ୍ୱାନ	୭
୨. ଅନର କିଲିଂ - ଏକ ସାମାଜିକ ବ୍ୟାଧି	୧୧
୩. ଅଭିଭାବକଙ୍କ ସ୍ୱପ୍ନଜାଲରେ ବିଡମ୍ବିତ ଶୈଶବ	୧୫
୪. ଉପେକ୍ଷିତ ବାର୍ଦ୍ଧକ୍ୟ ଓ ଅକୃତଜ୍ଞ ଦାୟାଦ	୧୯
୫. ବିଭ୍ରାନ୍ତ ଯୁବଶକ୍ତି ଓ ଅସ୍ଥିର ମାର୍ଗଦର୍ଶୀ	୨୨
୬. ଲୋକ ଚରିତ୍ର ଓ 'ଲାଞ୍ଚ'	୨୫
୭. ପଥଭ୍ରଷ୍ଟ ପଥିକ	୨୮
୮. ର୍ୟାଗିଙ୍ଗ୍ ରାକ୍ଷସ କବଳରେ ଯୁବସମାଜ	୩୨
୯. ଗଣମାନସିକତା ଓ ଗଣଦାୟିତ୍ୱ	୩୫
୧୦. ଗୁରୁ, ଆଧ୍ୟାତ୍ମ୍ୟବାଦ ଓ ଈଶ୍ୱରପ୍ରାପ୍ତି	୩୮
୧୧. ନାରୀ, ନୀତି, ନିୟତି	୪୩
୧୨. ପ୍ରପୀଡ଼ିତା ମାଓବାଦୀ ମହିଳା	୪୬
୧୩. ଅନ୍ତ୍ୟେଷ୍ଟିକ୍ରିୟାରେ ନାରୀର ଅଧିକାର- ଏକ ବିତର୍କ	୪୯
୧୪. କେତେ ସୁରକ୍ଷିତ ଆମେ	୫୩
୧୫. ଲିଙ୍ଗାନୁପାତ ଓ ଆମ ସାମାଜିକ ପୃଷ୍ଠଭୂମି	୫୬
୧୬. କାଗଜ କାର୍ଟୁନରେ କନ୍ୟାଶିଶୁ	୬୦
୧୭. ପୈତୃକ ସମ୍ପତ୍ତିରେ କନ୍ୟାର ଅଧିକାର	୬୪

୧୮. ପୀଡିତା ପୀଡକ ଓ ପ୍ରୋତ୍ସାହକ ୬୮
୧୯. ଆମ ଚେତନାରେ ଶୁଳିଆ ଯାତ୍ରା ୭୩
୨୦. ସଫଳତାର ଅନ୍ୟନାମ କେରଳ ୭୭
୨୧. ଶିକ୍ଷା ଓ ପରୀକ୍ଷା ୮୧
୨୨. ସମଲିଙ୍ଗୀ ସଂପର୍କ ଓ ଆମ ଯୁବପୀଢ଼ି ୮୪
୨୩. ଦୁର୍ବାର ଆତଙ୍କ ମଦମୃତ୍ୟୁ ୮୮
୨୪. ଆନ୍ନା, ଅଟୋଚାଳକ ଓ ଆମ ଲୋକ ଚରିତ୍ର ୯୨
୨୫. ପରଂପରା ବଳୟରେ ଆଦିବାସୀ ପ୍ରଗତି ୯୬
୨୬. ବିପର୍ଯ୍ୟସ୍ତ ମାନବୀୟ ପ୍ରତିରୂପ- ଆତ୍ମହତ୍ୟା ୧୦୧
୨୭. ଯାହାକୁ ରଖିବେ ଅନନ୍ତ ୧୦୪
୨୮. ବିଦ୍ୟାଳୟରେ ଶିଶୁପାଇଁ ଶାରୀରିକ ଦଣ୍ଡ-ଏକ ଅନୁଶୀଳନ ୧୦୮
୨୯. ଜଗନ୍ନାଥଙ୍କ ମହାଭାବ ଓ ଆମର ଦୀନତା ୧୧୨
୩୦. ମଦ୍ୟପଙ୍କ କବଳରେ ଆମ ସାମାଜିକ ବ୍ୟବସ୍ଥା ୧୧୫
୩୧. ପୁଣି ଚର୍ଚ୍ଚାରେ ବନୀତା ୧୧୯
୩୨. ଆମେ ପରା ମଣିଷ ୧୨୨
୩୩. ଦାରିଦ୍ର୍ୟ ଏକ ମାନସିକ ସ୍ଥିତି ୧୨୫

❑❑

ବିବର୍ତ୍ତିତ ବିଷକନ୍ୟା ଓ ବୁଦ୍ଧିଭ୍ରଷ୍ଟ ବିଦ୍ୱାନ

ଯୁଗ ବଦଳିଛି, ବଦଳିଛି ବଞ୍ଚିବାର ବିଧି। ପରିବର୍ତ୍ତିତ ଜୀବନ ଶୈଳୀ ପାରମ୍ପରିକ ସଙ୍କାର ଶୃଙ୍ଖଳରୁ ମୁକ୍ତ ହୋଇ ନୂତନ ନିର୍ମୋକ ପାଇଛି। ସାମାଜିକ ମୂଲ୍ୟବୋଧରେ ପ୍ରତିମୂହୂର୍ତ୍ତରେ ଆମେ ଅନୁଭବ କରୁଛୁ ବିବର୍ତ୍ତନ। କିନ୍ତୁ ମାନବବାଦର ଏତେ ଅଧଃପତନ ହୋଇ ନାହିଁ ଯେ ଆମେ ଆମର ଆତ୍ମାର ଆହ୍ୱାନକୁ ଅବଜ୍ଞା କରିବା। ବିବେକର ଦଂଶନରେ ତାଡ଼ିତ ହେବା ନାହିଁ। ଅବଶ୍ୟ ଆଜିର ଉପଭୋକ୍ତାବାଦ ଆମକୁ ଭୋଗ ସର୍ବସ୍ୱ କରିଦେଇଛି। ଅର୍ଥମୋହ ଓ ଦୈହିକ କାମନାର ପରିପୂର୍ତ୍ତି ପାଇଁ ବ୍ୟାକୁଳତା ଆମ ନୂତନ ଜଗତିକରଣ ଜୀବନ ପଦ୍ଧତିର ମୂଳ ଭିତ୍ତି ହୋଇଛି। ତଥାପି ଦେଶପ୍ରୀତି, ଜାତିପ୍ରତି ମମତା, ଜନ୍ମ ମାଟିର ମୋହଠାରୁ ଆମେ ଦୂରେଇ ଯାଇନାହୁଁ। ଅତ୍ୟନ୍ତ ଅଧମ ବ୍ୟକ୍ତିଟିଏ ସୁଦ୍ଧା ଆବଶ୍ୟକ ପଡ଼ିଲେ ଦେଶ ଓ ଜାତି ପାଇଁ ହସି ହସି ଶହୀଦ ପାଲଟିଯାଉଛି। ବ୍ୟକ୍ତିଗତ ଜୀବନର ଅଜସ୍ର ଦୋଷ ଦୁର୍ବଳତା ସତ୍ତ୍ୱେ ଦେଶ ଓ ଜାତି ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଅସାଧ୍ୟସାଧନ କରିପାରୁଛି। ଇତିହାସ ସେହିପରି ବ୍ୟକ୍ତିମାନଙ୍କର ଅପୂର୍ଣ୍ଣତାକୁ ଆଙ୍ଗୁଳି ନିର୍ଦ୍ଦେଶ କରିନାହିଁ ବରଂ ସେମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମୃତିର ସଙ୍ଖାଳି କରିରଖିଛି। ମଧ୍ୟଯୁଗରେ ରାଜା ମହାରାଜାଙ୍କ ପାଖରେ କେତେକ ସୁନ୍ଦରୀ ବୁଦ୍ଧିମତୀ ବିଚକ୍ଷଣା ଗଣିକା ରହୁଥିଲେ। ସେମାନେ ରାଜାଙ୍କର ଏକା ବିଶ୍ୱସ୍ତଥିଲେ। କ୍ରମାଗତ ସର୍ପ ବିଷପାନ କରି ଏମାନେ ଶରୀରକୁ ବିଷାକ୍ତ କରିଦେଉଥିଲେ। ଏମାନଙ୍କୁ କୁହାଯାଉଥିଲା ବିଷକନ୍ୟା। ରାଜାମାନେ କୌଶଳ କରି ଶତ୍ରୁ ଶିବିରକୁ ଏହି ବିଷକନ୍ୟାମାନଙ୍କୁ ପ୍ରେରଣ କରୁଥିଲେ। ପ୍ରେମାଭିନୟ କରି ଶତ୍ରୁକୁ ବିଷାକ୍ତ ଆଲିଙ୍ଗନ ଓ ଚୁମ୍ବନ ଦ୍ୱାରା ହତ୍ୟା କରୁଥିଲେ। ଉଦ୍ଦେଶ୍ୟ ସାଧନ ପାଇଁ ଏମାନେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଥିଲେ। କେତେଜଣ ଚତୁରୀ ଗଣିକା ପାନଖିଲରେ ବିଷଭର୍ତ୍ତି କରି କଳରେ ଢାକି ଧରୁଥିଲେ ଓ କୌଶଳକ୍ରମେ ଶତ୍ରୁର ମୁଖ ଗହ୍ୱରରେ ତାହା ଭରି ଦେଉଥିଲେ। ଯେଉଁ ଉପାୟରେ ହେ

ନା କାହିଁକି ଯାହା ବଡ ବଡ ଯୋଦ୍ଧା ବା ଉପାଧିଧାରୀମାନଙ୍କ ଦ୍ୱାରା ହୋଇପାରୁନଥିଲା, ଏହି ବିଷକନ୍ୟାମାନେ ନିଜ ଜୀବନକୁ ବାଜିରଖି ତାହା ସମ୍ଭବ କରିପାରୁଥିଲେ, ସେଥିପାଇଁ ସେମାନଙ୍କୁ କୌଣସି ସ୍ୱତନ୍ତ୍ର ପଦାଧିକାର ଦିଆଯାଇନଥିଲା କିମ୍ବା ତାଙ୍କ ପାଇଁ ସ୍ମୃତିସ୍ତମ୍ଭ ନିର୍ମିତ ହେଉନଥିଲା । ତଥାପି ସେମାନଙ୍କ ନିଃସ୍ୱାର୍ଥ ତ୍ୟାଗରେ ଦେଶବାସୀ ବିମୋହିତ ହୋଇପଡୁଥିଲେ । ସେମାନଙ୍କ ବ୍ୟକ୍ତିଗତ ଜୀବନର ସକଳ କଳଙ୍କ କାଳିମା ଜନତାର ଶ୍ରଦ୍ଧାରେ ବିଧୌତ ହୋଇଯାଉଥିଲା । ଏଇଭଳି ଚରିତ୍ରମାନେ ଯେ ଦିନେ ଏଇ ମାଟିରେ ସମ୍ଭବ ହୋଇଥିଲେ ଏଥିପାଇଁ ଗୌରବ ଅନୁଭବ କରୁଥିବା ବେଳେ ଲଜ୍ଜ୍ୟା ଓ ଅପମାନରେ ମସ୍ତକ ଅବନତ ହୋଇପଡେ ଆଜିର ବିଷକନ୍ୟା ମାଧୁରୀ ଗୁପ୍ତାଙ୍କ କଳଙ୍କିତ କାର୍ଯ୍ୟକଳାପରେ । ସମଗ୍ର ଦେଶ ଏଥିପାଇଁ ମର୍ମାହତ । ଏହି ନିନ୍ଦନୀୟ କାର୍ଯ୍ୟ ସପକ୍ଷରେ ସେ ଯେଉଁ ନିର୍ଲଜ ବୟାନ ଦେଇଛନ୍ତି ତାହା ତାଙ୍କୁ ଆହୁରି ଘୃଣିତ କରିଛି ।

ପାକିସ୍ତାନରେ ଅବସ୍ଥାପିତା ମାଧୁରୀ ଗୁପ୍ତା ବିଦେଶ ମନ୍ତ୍ରଣାଳୟର ଜଣେ ସହାୟିକା ପଦରୁ ଉଠି ଉଠି ବି ଗ୍ରେଡ ଆଇ.ଏଫ.ଏସ ଅଫିସର ହୋଇପାରିଥିଲେ । ତାଙ୍କ କାର୍ଯ୍ୟକଳାପରୁ ଯାହା ଅନୁମିତ ହୁଏ ଏହି ପଦବୀ ପାଇଁ ତାଙ୍କର କାର୍ଯ୍ୟଦକ୍ଷତା ଓ ଦେଶପାଇଁ ଆନୁଗତ୍ୟ ଯେତିକି ସହାୟତା କରିନଥିବ ସେତିକି ସହାୟକ ହୋଇଥିବ ତାଙ୍କ ଚେହେରା, ଚାତୁରୀ ଓ ବଞ୍ଚିବାର କଳା କୁଶଳ । ସେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସବୁକିଛି ବାଜି ଲଗେଇ ପାରନ୍ତି । ଶରୀର ତାଙ୍କର ମୁଖ୍ୟ ଅସ୍ତ୍ର । ସେ ଏ ଯୁଗର ବିବର୍ତ୍ତିତ ବିଷକନ୍ୟା । ଅତୀତର ବିଷକନ୍ୟାମାନେ ରାଜାଦେଶ ଓ ଦେଶର ମଙ୍ଗଳ ପାଇଁ ଯାହା କରୁଥିଲେ ମାଧୁରୀ ନିଜ ସ୍ୱାର୍ଥ ପାଇଁ ଶତ୍ରୁ ରାଷ୍ଟ୍ରରେ ରହି ଶରୀରକୁ ଅସ୍ତ୍ରକରି ଏମିତି କିଛି କଲେ ଯାହା ଦେଶର ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ହୋଇ ରହିଯିବ । ଏପ୍ରକାର କୁକର୍ମ ପାଇଁ ଯେତେ କଠିନ ରାଜଦଣ୍ଡ ହେଉ ପଛେ ତାହା ଊଣା ପଡିଯିବ ।

ଇଂରାଜୀ ଭାଷାରେ ଶବ୍ଦଟିଏ ରହିଛି- ରିଜେଣ୍ଟଫୁଲ୍ ଏମ୍ପ୍ଲୟୀ । ଯେଉଁମାନେ ନିଜେ ଅବସ୍ଥାପିତ ହୋଇଥିବା କର୍ମକ୍ଷେତ୍ରରେ ସନ୍ତୁଷ୍ଟ ନୁହଁନ୍ତି ସେମାନେ ନିଜ କାର୍ଯ୍ୟ ତ ଭଲ ଭାବରେ ତୁଲାନ୍ତି ନାହିଁ ଅପରନ୍ତୁ ଗୋଟିଏ ଅକ୍ରୋଶମୂଳକ ମନୋଭାବ ସଦାସର୍ବଦା ସେମାନଙ୍କୁ କବଳିତ କରିଥାଏ । ଅନ୍ୟମାନଙ୍କ ପ୍ରତି ସେମାନେ ସର୍ବଦା କ୍ରୋଧ ଓ ବିରକ୍ତି ପ୍ରକାଶ କରନ୍ତି । ଯେଉଁଠାରେ ସେମାନେ କାର୍ଯ୍ୟରତ ଥାନ୍ତି ଦରକାର ପଡିଲେ ସେମାନଙ୍କର ହିଁ କ୍ଷତି କରିଥାନ୍ତି । ମାଧୁରୀ ଗୁପ୍ତା ନିଜକୁ ଏହି ଶ୍ରେଣୀୟ କର୍ମଚାରୀ ବୋଲି କହିଛନ୍ତି । ତାଙ୍କୁ ଜେରାବେଳେ ସେ କହିଛନ୍ତି ଯେହେତୁ ପାକିସ୍ତାନରେ ଚାକିରୀ ତାଙ୍କୁ ସନ୍ତୋଷ ଦେଇନାହିଁ, ତାଙ୍କ ଉପରିସ୍ଥ ଅଫିସରମାନେ କିଛି କରନ୍ତି ନାହିଁ, ମାଧୁରୀଙ୍କ ପାହ୍ୟାର ଅଫିସରମାନେ ସବୁ କରନ୍ତି ଓ ସେମାନେ କେବଳ

ବାହାବା ନିଅନ୍ତି, ସେଥିପାଇଁ ସେ ଏଭଳି ବିଶ୍ୱାସଘାତକତା କାର୍ଯ୍ୟକରିଛନ୍ତି। ଏହା ତାଙ୍କର ଦକ୍ଷତା ଓ ଉପରିସ୍ଥ ଅଫିସରମାନଙ୍କୁ ବୋକା ବନାଇବା ତାଙ୍କର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅବଶ୍ୟ ତାଙ୍କର ଏ ସଫେଇ ଦେଶବାସୀଙ୍କୁ ସନ୍ତୁଷ୍ଟ କରାଇପାରିନାହିଁ। ନିଃସଙ୍ଗ ଜୀବନ, ଉଗ୍ରଆଧୁନିକ ଜୀବନଯାପନ ପ୍ରତି ଆସକ୍ତି, ଅର୍ଥମୋହ ଓ ଦେହଭୋଗ ଲାଳସା ତାଙ୍କର ସବୁ କୁକାକର୍ଯ୍ୟ ପାଇଁ ଦାୟୀ। ତାଙ୍କର ଅନୁଚିତ ଅଭିଳାଷ ହିଁ ନିଜ ପାଇଁ ସର୍ବନାଶର ଦ୍ୱାର ଉନ୍ମୁକ୍ତ କରିଦେଇଛି।

ନିକଟରେ ଦେଶବାସୀଙ୍କ ପାଖରେ ଅପଦସ୍ତ ହୋଇଥିବା ଉଗ୍ର ବିଳାସପୂର୍ଣ୍ଣ ଜୀବନାସକ୍ତ ଶଶୀଥରୁରଙ୍କ ପ୍ରସଙ୍ଗ ଜନତାଙ୍କ ସ୍ମୃତି କୋଷରୁ ବିସ୍ମୃତ ହୋଇନାହିଁ। କାମିନୀ କାଞ୍ଚନ ମୋହରେ କେତେ ବଡ ବଡ ପ୍ରତିଭା ଯେ ଏମିତି ପଥଭ୍ରଷ୍ଟ ହୋଇଛନ୍ତି, ଦେଶବାସୀଙ୍କ ନିକଟରେ ଅପନିନ୍ଦିତ ହୋଇଛନ୍ତି, ତାର ଇୟତ୍ତାନାହିଁ। ଏକଦା ଦେଶବାସୀଙ୍କର ଅଶେଷ ଆଶା ଓ ଭରସାର ପାତ୍ର ଏବଂ ଯୁବପିଢ଼ିଙ୍କ ପାଇଁ ରୋଲ୍ ମଡେଲ ପାଲଟିଥିବା ଆଇ.ଏ.ଏସ୍ ଅଫିସରମାନେ ବହୁ କଳା କାରନାମାରେ ଜଡିତ ହୋଇପଡୁଛନ୍ତି। ଭିଜିଲାନ୍ସ ଜାଲରେ ପଡିବା, ସେକ୍ସ ସ୍କାଣ୍ଡାଲର ମୁଖ୍ୟ ନାୟକ ସାଜିବା, ପୋଲିସ ଦ୍ୱାରା ଆରେଷ୍ଟ ହୋଇ ଜେଲ ଯିବା ଇତ୍ୟାଦି ସାଧାରଣ ଘଟଣା ହୋଇଗଲାଣି। ଯେଉଁମାନଙ୍କ ଦକ୍ଷତା ଉପରେ ଭରସା କରି ସରକାର ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରୁଛନ୍ତି ପ୍ରତି ବଦଳରେ ସେମାନଙ୍କ ଠାରୁ ଦେଶବାସୀ ପ୍ରତିବଦ୍ଧତା, ବିଶ୍ୱସ୍ତତା, ଦାୟିତ୍ୱଶୀଳତା ଆଶା କରିବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ ସେମାନେ ଜନତାଙ୍କୁ ନିରାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ।

ନୀତି ଓ ଦୁର୍ନୀତି, ନ୍ୟାୟ ଓ ଅନ୍ୟାୟ ଚିରକାଳ ଅନ୍ଧାର ଓ ଆଲୋକ ପରି ସମାଜରେ ନିଜ ନିଜ ସ୍ଥିତି ଜାହିର ପାଇଁ ସଜାଗ ଥାନ୍ତି। ଗୋଟାଏ ସଂପୂର୍ଣ୍ଣ ଦୁର୍ନୀତି ମୁକ୍ତ ସମାଜ ପ୍ରକୃତରେ ଏତେ ସହଜ ନୁହେଁ, ଅଥବା ଗୋଟାଏ ସମ୍ପୂର୍ଣ୍ଣ ଦୁର୍ନୀତି ଗ୍ରସ୍ତ ସମାଜ କେବେ କେଉଁ କାଳେ ସମ୍ଭବ ହୋଇନାହିଁ। ଆମ ଲୋକ ଚରିତ୍ର ନେଇ ହିଁ ସାମାଜିକ ମୂଲ୍ୟବୋଧ ସୃଷ୍ଟି ହୁଏ। ଅଭାବରୁ ସ୍ୱଭାବ ନଷ୍ଟ ନ୍ୟାୟରେ ନିଜର ସର୍ବନିମ୍ନ ଆବଶ୍ୟକତା ପରିପୂର୍ଣ୍ଣ କରିନପାରି ଯଦି କେହି ଦୁର୍ନୀତିଗ୍ରସ୍ତ ହେଲା, ତାହା ଭିନ୍ନ ପ୍ରସଙ୍ଗ। ସେଥିପାଇଁ ଭିନ୍ନ ଦଣ୍ଡ ବ୍ୟବସ୍ଥାର ଆବଶ୍ୟକତା ରହିଛି। କିନ୍ତୁ ଯେଉଁମାନେ ବିଳାସର ପ୍ରାଚୁର୍ଯ୍ୟ ଭିତରେ ଥାଇ ସୁଦ୍ଧା କାମିନୀ କାଞ୍ଚନ ମୋହ ତ୍ୟାଗ କରିପାରୁନାହାଁନ୍ତି, କୋଟି କୋଟି ଟଙ୍କାର ଦୁର୍ନୀତି ଓ ଯୌନ କେଳେଙ୍କାରୀର ଖଳନାୟକ ସାଜୁଛନ୍ତି, ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ମାତୃଭୂମି ପ୍ରତି ଅକୃତଜ୍ଞ ହେଉଛନ୍ତି, ଦେଶ ଓ ଜାତିର ଇଜ୍ଜତ ନିଲାମ କରୁଛନ୍ତି ସେମାନଙ୍କ ପାଇଁ କି ଦଣ୍ଡ ବ୍ୟବସ୍ଥା କରିବେ ସରକାର ? ଶାସ୍ତି ଯେତେ କଠୋର ହେଲେ ସୁଦ୍ଧା ସେମାନଙ୍କ ଅପରାଧ ପାଖରେ ତାହା ନ୍ୟୁନ ପଡିଯିବ।

।। ନାରୀ, ନୀତି, ନିୟତି ।।

ଗତ ଦଶନ୍ଧିରେ ଯଦି ଆମ ଦେଶରେ ସବୁଠାରୁ କିଛି ବେଶି ନିନ୍ଦନୀୟ କାର୍ଯ୍ୟ ହୋଇଥାଏ ତାହା ହେବ, ଆଇ.ଏସ୍ ଓ ଆଇ.ପି.ଏସ୍ ମାନଙ୍କର କଳାକାରନାମା । ଏବେ ବି କେତେଜଣ ଆଇ.ଏସ.ଏସ୍ ଅଫିସର ଜେଲ୍‌ର ଚାରିକାନ୍ଥ ଭିତରେ ସଜା କାଟୁଛନ୍ତି । ଭିଜିଲାନ୍ସ ଦ୍ୱାରା କେତେକଙ୍କ ପର୍ଦ୍ଦାଫାସ ହୋଇଛି ତ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅବ୍ୟାହତ ରହିଛି । କେତେଜଣ ଉପାୟନ୍ତର ଅଥବା ଅନୁତପ୍ତ ହୋଇ ଆତ୍ମହତ୍ୟାକୁ ଆଶ୍ରୟ କରିଛନ୍ତି । ବିଦ୍ୱାନ ବ୍ୟକ୍ତିଙ୍କର ଏଇଭଳି ବୁଦ୍ଧି ଭ୍ରଷ୍ଟତା ପ୍ରକୃତରେ ଦୁର୍ଭାଗ୍ୟଜନକ । ଦେଶ ଓ ଜାତି ପାଇଁ ଏହାଠାରୁ ବଳି ବଡ ବିଡମ୍ବନା ଆଉ କ'ଣ ହୋଇପାରେ ? ରାଜନେତାମାନଙ୍କୁ ଆମେ ବୃତ୍ତିଗତ ଓ ଅଭ୍ୟାସଗତ ଦୁର୍ନୀତିଗ୍ରସ୍ତ ବୋଲି ଉପହାସ କରୁଥିଲୁ ଓ ଆସ୍ଥା ସ୍ଥାପନ କରୁଥିଲୁ ଦେଶର ପ୍ରଥମ ଶ୍ରେଣୀର ମେଧା ଉପରେ, ଯେଉଁମାନେ ଶିକ୍ଷାରେ, ଦୀକ୍ଷାରେ, ବୁଦ୍ଧିରେ ବିବେକରେ ବିଚାରରେ ବିଦ୍‌ବତ୍ତାରେ ଶୀଳରେ ସଂଯମରେ, ଆଚରଣରେ ଉଚ୍ଚାରଣରେ ସମ୍ଭ୍ରାନ୍ତ ବୋଲି ବାରି ହୋଇପଡୁଥିଲେ । ଜନତାଙ୍କ ହୃଦୟରେ ସେମାନଙ୍କ ପାଇଁ ଶ୍ରଦ୍ଧା ଥିଲା, ସମ୍ମାନ ଥିଲା, ସମ୍ଭ୍ରମବୋଧ ଥିଲା । ଯୁବ ସମାଜର ତ ଏମାନେ ଥିଲେ ଆଦର୍ଶ ଓ ଭବିଷ୍ୟତରେ ଆଇ.ଏ.ଏସ୍ ଅଫିସର ହେବାର ସ୍ୱପ୍ନ ଉଣା ଅଧିକେ ସମସ୍ତଙ୍କୁ କବଳିତ କରୁଥିଲା ।

ଆଗାମୀ ଦିନମାନଙ୍କରେ ମଧ୍ୟ ଏହି ସମ୍ଭ୍ରାନ୍ତ ଶ୍ରେଣୀ ପ୍ରତି ଆମ ଆସ୍ଥା ଅତୁଟ ରହୁ । ଏହି ବିଦ୍ୱାନମାନେ ଆମ ବିଶ୍ୱାସକୁ ବିପନ୍ନ ନକରନ୍ତୁ । ମୁଷ୍ଟିମେୟ ଦୁର୍ନୀତିଗ୍ରସ୍ତଙ୍କ କୁକର୍ମର କଳଙ୍କକୁ କର୍ତ୍ତବ୍ୟ ପରାୟଣ ଦାୟିତ୍ୱଶୀଳ ଅଧିକାରୀମାନେ ନିଶ୍ଚିହ୍ନ କରନ୍ତୁ । ଦେଶର ଭାଗ୍ୟଡୋରୀକୁ ଧାରଣ କରିଥିବା ଓ ଅଗଣିତ ଜନତାଙ୍କ ଦୁଃଖସୁଖର ହେତୁ ହେଉଥିବା ଏହି ବିଦ୍ୱାନ ବ୍ୟକ୍ତିତ୍ୱମାନଙ୍କଠାରୁ ଆମେ କ'ଣ ଏତିକି ପ୍ରତ୍ୟାଶା କରିବା ନାହିଁ । ?

❑❑

ଅନର କିଲିଂ - ଏକ ସାମାଜିକ ବ୍ୟାଧି

ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାର ଶକ୍ତି ମାନବ ସମାଜକୁ ବିଶ୍ୱ ନିୟନ୍ତାର ଏକ ଅମୂଲ୍ୟ ଅବଦାନ। ଏହି ଶକ୍ତିକୁ ଯଦି ମଣିଷ ଅସ୍ୱୀକାର କରିଥାନ୍ତା, ପଶୁ ଓ ମଣିଷ ଭିତରେ କିଛି ପାର୍ଥକ୍ୟ ରହନ୍ତା ନାହିଁ। ମାର୍ଜିତ, ଶୃଙ୍ଖଳିତ ଓ ଉନ୍ନତ ରୁଚିଶୀଳ ସମାଜ ଗଠନ ପ୍ରତ୍ୟେକ ସଭ୍ୟ ସମାଜର ଲକ୍ଷ୍ୟ। ଯାହାର ମୂଳ ମନ୍ତ୍ର ହେଉଛି ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟ। ଭିନ୍ନ ଅର୍ଥରେ କୁହାଯାଇପାରେ ସଂଯମ ଶକ୍ତି। ଏହାର ଆଧାରରେ ସମାଜଶାସ୍ତ୍ରୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ସାମାଜିକ ନୀତିନିୟମ ଓ ସଂହିତା ଅନୁଶାସନର ସୃଷ୍ଟି। ଯାହାକୁ ଲଂଘନ କଲେ ସାମାଜିକ ଦଣ୍ଡ ବିଧିର ବ୍ୟବସ୍ଥା ମଧ୍ୟ ରହିଛି। ସାମାଜିକ ଶୃଙ୍ଖଳା ପାଇଁ ଅନେକ କ୍ଷେତ୍ରରେ ବ୍ୟକ୍ତି ତାର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ବଳି ଦେଇଥାଏ, ଯେଉଁଠି ବ୍ୟକ୍ତି ସ୍ୱତଃ ପ୍ରବୃତ୍ତ ହୋଇ ଏହି ବ୍ୟବସ୍ଥା ନିକଟରେ ନତମସ୍ତକ ହୁଏ, ସେଠି ସବୁ କିଛି ସୁନ୍ଦର ସହଜ ଓ ସଂଭ୍ରାନ୍ତ ମନେ ହୁଏ। କିନ୍ତୁ ସର୍ବଦା ଏହା ହୋଇନଥାଏ। ଯୁଗ ବଦଳୁଛି ଆମ ସାମାଜିକ ମୂଲ୍ୟବୋଧ ମଧ୍ୟ ପରିବର୍ତ୍ତିତ ହେଉଛି। ବ୍ୟକ୍ତି ସ୍ୱାତନ୍ତ୍ର୍ୟ ମାନସିକତା ମଣିଷକୁ ଆଉ ସମାଜ ପାଖରେ ନିଃସର୍ତ୍ତ ଆତ୍ମ ସମର୍ପଣ କରିବାକୁ ଦେଉନାହିଁ। ଯେଉଁଠାରେ ବ୍ୟକ୍ତିର ଦାବି ଯଥାର୍ଥ ସେଠାରେ ନୂତନ ସାମାଜିକ ନୀତିନିୟମ ସୃଷ୍ଟି ହୁଏ। ଯେଉଁଠି ସମାଜର ଦାବି ଯଥାର୍ଥ ସେଠାରେ ବ୍ୟକ୍ତିର ସ୍ୱର କ୍ଷୀଣ ହୋଇଯାଏ। ଏସବୁ ବ୍ୟତୀତ ମୁଷ୍ଟିମେୟ ଅହଂସର୍ବସ୍ୱ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ବିଚାର ଧାରାକୁ ଜବରଦସ୍ତି ଅନ୍ୟମାନଙ୍କ ଉପରେ ଲଦିବାକୁ ଚାହାଁନ୍ତି। ମିଛ ଅହମିକା ଓ ଆଭିଜାତ୍ୟ ନାଁରେ ଗୁଡାଏ ସ୍ୱେଚ୍ଛାଚାର କରନ୍ତି। ସେମାନଙ୍କର ତଥାକଥିତ ସମ୍ମାନ କ୍ଷୁର୍ଣ୍ଣ ହେବା ଭୟରେ ଅନେକ ଜଘନ୍ୟ କାର୍ଯ୍ୟ କରିବସନ୍ତି। ଏହି ମାନସିକତାରେ ହିଁ ଅନରକିଲିଂ ବା ସମ୍ମାନ ପାଇଁ ହତ୍ୟା ଭଳି ଅପରାଧ ସୃଷ୍ଟି ହୋଇଥାଏ।

ଅନୁଧ୍ୟାନରୁ ଯାହା ଜଣାଯାଏ, ଏହି ଅନରକିଲିଂ ମଧ୍ୟଯୁଗର ସୃଷ୍ଟି। ପ୍ରାଚୀନ କାଳରେ ବିବାହ ପାଇଁ ଜାତିଗୋତ୍ର ଆଭିଜାତ୍ୟ ଅଥବା ଧନୀଗରିବ ଉଚ୍ଚ ନୀଚ ବର୍ଗର ବାଛବିଚାର

ଆବଶ୍ୟକତା ଅନୁଭୂତ ହେଉନଥିଲା । କ୍ଷେତ୍ର ବିଶେଷରେ ରଜାଝିଅ ଯୋଗୀକୁ ବିବାହ କରିବା କିମ୍ବା ରାଜପୁତ୍ର ମାନେ ଅନାଥିନୀ ଝିଅକୁ ବିବାହ କରିବାର ବହୁ ଦୃଷ୍ଟାନ୍ତ ଆମ ପୁରାଣ ଇତିହାସ ଓ ଲୋକକଥାରେ ରହିଛି । ଋଷି ଚ୍ୟବନ ବିବାହ କରିଥିଲେ ରାଜକନ୍ୟା ସୁକନ୍ୟାଙ୍କୁ । ଅଗସ୍ତି ଋଷି ରାଜ ଉଆସରେ ପ୍ରତିପାଳିତା ଲୋପାମୁଦ୍ରାଙ୍କ ପାଣିଗ୍ରହଣ କରିଥିଲେ । ଦେଶରୁ ଦୁର୍ଭିକ୍ଷ ଦୂର କରିବାପାଇଁ ରାଜା ଦଶରଥ ନିଜକନ୍ୟା ଶାନ୍ତାକୁ ଆଜନ୍ମ ବ୍ରହ୍ମଚାରୀ ଋଷ୍ୟ ଶୃଙ୍ଗଙ୍କୁ ପ୍ରଦାନ କରିବା ପାଇଁ ବହୁ ଆୟାସ କରିଥିଲେ । ଶେଷରେ ଗଣିକା ଜରତା ସହାୟତାରେ ଯେଉଁ ଉପାୟରେ ଦୁହିଁଙ୍କ ଭିତରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଛି, ତାହା ଆମ ପୁରାଣ ଇତିହାସରେ ଏକ ମନୋଜ୍ଞ ଉପାଖ୍ୟାନ ହୋଇ ରହିଛି । ଆହୁରି ମଧ୍ୟ ଦକ୍ଷକନ୍ୟା ସତୀରୂପରେ ହୁଅନ୍ତୁ ଅଥବା ପର୍ବତ ରାଜକନ୍ୟା ପାର୍ବତୀ ରୂପରେ ଶ୍ମଶାନବାସୀ ମହାଯୋଗୀ ଶିବଙ୍କୁ ପତି ରୂପରେ ପାଇବା ପାଇଁ ମାଆ ପାର୍ବତୀଙ୍କର କଠୋର ସାଧନା ଆମ ଭାରତୀୟ ଦର୍ଶନର ମହତ୍ତମ ଦିଗ । ଅପରପକ୍ଷେ ମହରାଜ ଯଯାତି ଋଷି କନ୍ୟା ଦେବଯାନୀଙ୍କ ପାଣି ଗ୍ରହଣ କରିଥିଲେ । ଯେଉଁ ଭରତଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ ହୋଇଛି, ତାଙ୍କର ପିତା ମହାରାଜ ଦୁଷ୍ମନ୍ତ ଥିବାବେଳେ ତାଙ୍କ ମାଆ ଥିଲେ କଣ୍ୱମୁନୀଙ୍କ ପାଳିତା କନ୍ୟା ଶକୁନ୍ତଳା । ଋଷି ଆଶ୍ରମରେ ତାଙ୍କ ବାଲ୍ୟ ଯୌବନ ଅତିବାହିତ ହୋଇଥିଲା । ଏମିତ ଅଜସ୍ର ଉଦାହରଣ ରହିଛି । ବିବାହ ପ୍ରସଙ୍ଗରେ ଆମ ପ୍ରାଚୀନ ସମାଜ ବେଶ୍ ଉଦାର ଥିଲା । ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରୀବ ରାଜା ପ୍ରଜା ନିର୍ବିଶେଷରେ ସମସ୍ତଙ୍କୁ ଜୀବନସାଥୀ ନିର୍ବାଚନ କରିବାର ସୁଯୋଗ ଦିଆଯାଇଥିଲା ।

କିନ୍ତୁ ଭାଗ୍ୟର ବିଡମ୍ବନା ଏହି ବିଚାରଧାରା ମଧ୍ୟଯୁଗବେଳକୁ ବେଶ ସଙ୍କୁଚିତ ହୋଇପଡିଲା । ମୋଗଲ ଆଦି ବୈଦେଶିକ ଶାସକମାନେ ଆମଦେଶରେ ଦମନଲୀଳା ଚଳାଉଥିବାବେଳେ ଭାରତୀୟମାନେ ନ୍ୟୁନ ବୋଧତାର ଶିକାର ହେଲେ । ବିଜେତା ଓ ବିଜିତଙ୍କ ଭିତରେ ଥିବା ପ୍ରଚ୍ଛନ୍ନ ଆତ୍ମାଭିମାନ ଏବଂ ପୁଞ୍ଜିଭୂତ ଅସନ୍ତୋଷ ସମାଜରେ ନାନାବିଧ ପ୍ରଭେଦର ବୀଜବପନ କଲା । ବିଜେତାମାନେ ଅହଂକାରୀ ହୋଇ ବିଜିତଙ୍କ ଉପରେ କରୁଥିବା ଅତ୍ୟାଚାରରୁ ନିବର୍ତ୍ତିବା ପାଇଁ ବିଜିତମାନେ ସାମାଜିକ ସଂହିତାକୁ ଆହୁରି କଡାକଡି କରିଦେଲେ । ବାଲ୍ୟବିବାହ ସତୀଦାହ ଆଦି ପରଂମ୍ପରା ଏହି ସମୟର ସୃଷ୍ଟି । ବିଜେତା ଓ ବିଜିତଙ୍କ ଭିତରେ ଥିବା ସାମାଜିକ ପ୍ରଭେଦ ନାନା ବିଭେଦର ମୂଳ ମଞ୍ଜି ହେଲା । ଇର୍ଷା, ଅସୂୟା, ଅବିଶ୍ୱାସ, ସନ୍ଦେହ, ଘୃଣା ଓ ନ୍ୟୁନବୋଧତାର ବଶବର୍ତ୍ତୀ ହୋଇ ଯିଏ ଯାହାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାପାଇଁ ତତ୍ପର ହୋଇପଡିଲେ । ନିଜ ଜାତି, ସଂପ୍ରଦାୟ, ନିଜ ବର୍ଗର ଲୋକଙ୍କ ଭିତରେ ବୈବାହିକ ସଂପର୍କ ସ୍ଥାପନ ହେଲା । ଗୋଟିଏ, ସଂପ୍ରଦାୟ ଆଉ ଗୋଟାଏ

ସଂପ୍ରଦାୟ ଉପରେ ଆସ୍ଥାପ୍ରକଟ କରିପାରିଲା ନାହିଁ। ନିଜ ଜାତି କୂଳ ଗୋତ୍ର ସଂପ୍ରଦାୟ ଲୋକମାନଙ୍କୁ ନେଇ ବିବାହ ବ୍ରତ ଆଦି ସାମାଜିକ ଉତ୍ସବମାନ ଅନୁଷ୍ଠିତ ହେଲା। ବିଧର୍ମୀମାନଙ୍କୁ ତ ହିନ୍ଦୁମାନଙ୍କ ଏରୁଣ୍ଡି ଡେଇଁବା ମନାଥିଲା। ସେ ସମୟରେ ସାମାଜିକ ପୃଷ୍ଠପୀଠିକା ଯାହାଥିଲା ତଦନୁସାରେ ସାମାଜିକ ନିରାପତ୍ତା ପାଇଁ ନୀତିନିୟମ ସୃଷ୍ଟି ହୋଇଥିଲା। କେତେକାଂଶରେ ତାହାର ଯଥାର୍ଥତା ମଧ୍ୟ ଥିଲା।

କିନ୍ତୁ ଆଜି ଆଉ ସେ ଯୁଗ ନାହିଁ। ସଭ୍ୟତାର ଜଗତିକରଣ ମଣିଷକୁ ଜାତି ଧର୍ମବର୍ଣ୍ଣରୂପକ ଶୃଙ୍ଖଳରୁ ମୁକ୍ତି ଦେଇ ସାରିଲାଣି। ବହୁ ବିଦେଶିନୀ ଭାରତୀୟ ବଧୂ ହେବା ପାଇଁ ଯେମିତି ଗୌରବ ବୋଧ କରୁଛନ୍ତି ବହୁ ଭାରତୀୟ ଯୁବତୀ ସେମିତି ବିଦେଶୀ ଯୁବକଙ୍କୁ ବିବାହ କରି ସୁଖରେ ଘର ସଂସାର କରୁଛନ୍ତି। ଏସବୁ ସତ୍ତ୍ୱେ ଆମ ଦେଶରୁ ସେହି ମଧ୍ୟଯୁଗୀୟ ମାନସିକତା ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇନାହିଁ। କେବଳ ଭିନ୍ନ ଧର୍ମାବଲମ୍ବୀ ନୁହନ୍ତି, ଏପରିକି ଧନୀ ଗରୀବ, ଉଚ୍ଚଜାତି, ନୀଚ୍ଚଜାତି, ଉଚ୍ଚବର୍ଗ ନୀଚ୍ଚବର୍ଗ ଭିତରେ ଥିବା ଯୁବକ ଯୁବତୀ ମଧ୍ୟରେ ଯଦି ପ୍ରେମ ସଂପର୍କ ବୃଦ୍ଧି ହେଲା, ଏହାର ଦୃଢ଼ ବିରୋଧ କରାଯାଉଛି। ଏଥିପାଇଁ କୁଟୁମ୍ବ ମହାସଭା, ସମାଜ, କୁଳସଭା, ପଞ୍ଚାୟତ, ଖାପ୍‌ଭଳି ଅନେକ ସକ୍ରିୟ ରକ୍ଷଣଶୀଳ ଅନୁଷ୍ଠାନ ରହିଛି। ଯେଉଁମାନେ ଅଭିଯୁକ୍ତକୁ ଅନ୍ୟତ୍ର ବିବାହ ଦେବାପାଇଁ ବାଧ୍ୟ କରନ୍ତି, ସେମାନଙ୍କ ଆଦେଶ ଅମାନ୍ୟ କଲେ ପରିବାର ଲୋକଙ୍କୁ ନାନା ସାମାଜିକ ନିର୍ଯ୍ୟାତନା ଦିଆଯାଏ। ଗ୍ରାମରୁ ବାସନ୍ଦ କରାଯାଏ, ନିଆଁପାଣି ବନ୍ଦ କରାଯାଏ। ସାମାଜିକ ଉତ୍ସବମାନଙ୍କରେ ଯୋଗଦେବା ପାଇଁ ଅନୁମତି ଦିଆଯାଏନାହିଁ। ଜାତିରୁ ବାହାର କରି ଦିଆଯାଏ। ଫଳରେ ଜାତିଚ୍ୟୁତ ଓ ସମ୍ମାନଚ୍ୟୁତ ହେବା ଆଶଙ୍କାରେ ପରିବାର ଲୋକ ପ୍ରେମୀମାନଙ୍କୁ ଅନ୍ୟତ୍ର ବିବାହ ହେବାପାଇଁ ଜୋରଜବରଦସ୍ତ କରନ୍ତି। ଏହା ସମ୍ଭବ ନହେଲେ ଆତ୍ମୀୟ ସ୍ୱଜନମାନେ ହିଁ ସେମାନଙ୍କୁ ହତ୍ୟା କରନ୍ତି। ଯେଉଁମାନେ ପରିବାର ଓ ସମାଜ ଆଗରେ ମୁଣ୍ଡ ନୁଆଁଇ ଅନ୍ୟତ୍ର ବିବାହ କରନ୍ତି, ସେମାନଙ୍କ ମଧ୍ୟରୁ ସୁଦ୍ଧା ଅନେକ ଆତ୍ମହତ୍ୟା କରନ୍ତି। ଅଥବା ସାରାଜୀବନ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରିଥାନ୍ତି।

ନିକଟରେ ଗୋଟିଏ ସର୍ଭେ ଦ୍ୱାରା ଜଣାପଡିଛି ଆମଦେଶରେ ପ୍ରତିବର୍ଷ ଏକ ହଜାରରୁ ଊର୍ଦ୍ଧ୍ୱ ଏହି ଅନରକଲିଂ ବା ସମ୍ମାନ ପାଇଁ ହତ୍ୟା ଅପରାଧ ସଂଘଟିତ ହେଉଛି। ଏହା ପୁଣି ହରିଆନା, ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାରଖଣ୍ଡ, ହିମାଞ୍ଚଳପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ସବୁଠାରୁ ଅଧିକ। ଇଣ୍ଡିଆ ଡେମୋକ୍ରାଟିକ ଓ୍ୱମେନ୍ ସୋସାଇଟି ପ୍ରଦତ୍ତ ତଥ୍ୟ ଅନୁସାରେ ଏହି ପ୍ରଦେଶମାନଙ୍କରେ ନଅଶହରୁ ଊର୍ଦ୍ଧ୍ୱ ଅନରକିଲିଂ ହେଉଥିବା ବେଳେ ଦେଶର ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ ଅପେକ୍ଷାକୃତ କମ୍ ଯାହା ୧୦୦ରୁ ରୁ ୩୦୦ ଭିତରେ ସୀମିତ।

ଅନରକିଲିଂ ମୁଖ୍ୟତଃ ନିଜ ଲୋକଙ୍କ ଦ୍ୱାରା ନିଜଲୋକଙ୍କୁ ହତ୍ୟା କରାଯାଉଥିବାରୁ ପୂର୍ବରୁ ବହୁଘଟଣା ଲୋକଲୋଚନକୁ ଆସିବା ସର୍ବଦା ସମ୍ଭବ ହେଉନଥିଲା କିନ୍ତୁ ଏବେ ଗଣମାଧ୍ୟମର ସକ୍ରିୟ ଭୂମିକା ଏହି ଘଣଣାକୁ ବହୁ ଚର୍ଚ୍ଚିତ କରୁଛି । ବିଦ୍ୟୁତ ଯାନ୍ତ୍ରିକ ଗଣମାଧ୍ୟମ ଏଗୁଡିକର ପ୍ରଚାର ପ୍ରସାର ଓ ଜାଗରୁକତା ସୃଷ୍ଟି ପାଇଁ ବେଶ ପରିସର ସୃଷ୍ଟି କରୁଛି । ଫଳରେ ଏହା ବିରୋଧରେ ବହୁ ପ୍ରତିବାଦର ସ୍ୱର ଏବେ ଶୁଭିଲାଣି । ଶକ୍ତି ବାହିନୀ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହା ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ କରିସାରିଲେଣି । ଏହାର ଫଳସ୍ୱରୂପ ବିଚାରପତି ଜଷ୍ଟିସ୍ ଆରଏମ୍ ଲୋଧା ଓ ଏ.କେ ପଟ୍ଟନାୟକଙ୍କୁ ନେଇ ଏକ ଖଣ୍ଡପୀଠ କେନ୍ଦ୍ର ସରକାର ଓ ସମ୍ପୃକ୍ତ ରାଜ୍ୟଙ୍କୁ ଏହାର କୈଫିୟତ ତଲବ କରିଛନ୍ତି । କେବେ ପ୍ରତିବାଦର ସ୍ୱର ଉଠି ନଥିବା ଗୋଟାଏ ସାମାଜିକ ବ୍ୟାଧି ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ସାମାଜିକ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବ ସନ୍ଦେହ ନାହିଁ । ପ୍ରେମପ୍ରୀତି ଆବେଗ ଅନୁରାଗ ଆସକ୍ତି ଏସବୁ ଦିବ୍ୟ ଭାବନା । ଦୁଇଟି ହୃଦୟର ଆକର୍ଷଣ ହିଁ ଏଭାବକୁ ସ୍ଥାୟୀ କରିଥାଏ । ଏ ଆକର୍ଷଣ ଜାତି, ଧର୍ମ, ଧନୀଗରିବ, ଉଚ୍ଚନୀଚ ଜାତିର ଅପେକ୍ଷା ରଖେ ନାହିଁ । ଅହଂ ସର୍ବସ୍ୱ ମଣିଷ ଏହି କୋମଳ ଭାବନା ସବୁକୁ ପ୍ରତିରୋଧ କରିବାର ହୀନ ଆସ୍ଫାଳନ ଆଉ କେତେଦିନ କରୁଥିବ ? ଏଥର ବେଳ ଆସିଛି, ଆମର ତୁଚ୍ଛ ଅହମିକାକୁ ହୃଦୟରୁ ବାହାର କରି ଆମେ ପ୍ରେମମୟ ହୋଇ ବଞ୍ଚିବା ଓ ଅନ୍ୟମାନଙ୍କୁ ପ୍ରେମ ପୂର୍ଣ୍ଣ ଜୀବନ ବିତାଇବାରେ ସହାୟକ ହେବା ।

❑❑

ଅଭିଭାବକଙ୍କ ସ୍ୱପ୍ନଜାଲରେ ବିଡମ୍ବିତ ଶୈଶବ

ଜଗତିକରଣ ଓ ଉପଭୋକ୍ତା ସର୍ବସ୍ୱ ମାନସିକତା ଆଜିର ବ୍ୟକ୍ତି ଜୀବନରୁ ସବୁ ଆବେଗ ଓ ଅନୁରାଗକୁ ଛିନ୍ନ କରି ନେଇଛି, ଅତି କମ୍ ପୁଞ୍ଜିନିବେଶର ସର୍ବାଧିକ ସ୍ୱାର୍ଥହାସଲ ତା ଜୀବନର ଲକ୍ଷ୍ୟ ହୋଇ ପଡିଛି । ଏ ଯୁଗୀୟ ମୂଲ୍ୟବୋଧ ଏତେ ମାତ୍ରାରେ ତା ଜୀବନକୁ ସଂକ୍ରମିତ କରିଛି ଯେ ସେଥିରୁ ମୁକ୍ତି ହେବା ତା ପାଇଁ ଦୁଃସାଧ ହୋଇପଡିଛି । କେବଳ ବାହ୍ୟ ଆବଶ୍ୟକତା ଚରିତାର୍ଥ ପାଇଁ ପଣ୍ୟ ଦ୍ରବ୍ୟ କ୍ରୟ ବିକ୍ରୟରେ ଏ ମାନସିକତା ସୀମିତ ରହି ନାହିଁ, ବରଂ ନିଜ ସନ୍ତାନ ମାନଙ୍କ ଶିକ୍ଷାଦାନ ଓ ଭବିଷ୍ୟତ ନିର୍ମାଣ ପର୍ଯ୍ୟନ୍ତ ଏହା ବ୍ୟାପୀଯାଇଛି । ସନ୍ତାନଟିକୁ ଭଲମଣିଷଟିଏ କରିବାର ପ୍ରବଣତା ପରିବର୍ତ୍ତେ କି ଉପାୟ ଅବଲମ୍ବନ କଲେ ସେ ମୋଟା ଅଙ୍କର ଅର୍ଥ ଉପାର୍ଜନ କ୍ଷମ ହୋଇ ପାରିବ ସେଥିପାଇଁ ସେ ତତ୍ପର ହୋଇଉଠିଛି । ଅବଶ୍ୟ ଶିକ୍ଷା ସହ ଅର୍ଥ ଉପାର୍ଜନର ସାମର୍ଥ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ । କିନ୍ତୁ ଆଜିର ଅଭିଭାବକ ଶୈଶବରୁ ସନ୍ତାନମାନଙ୍କୁ ଯେଉଁଭଳି ପୁଞ୍ଜିନିବେଶର ମାଧମରୂପେ ଆଚରଣ କରୁଛନ୍ତି ତାହା ଜୀବନ ଧର୍ମର ସଂପୂର୍ଣ୍ଣ ବିରୋଧାଭାସ ।

ଶୈଶବର ଆଶା ଆକାଂକ୍ଷା ଓ ଆବେଗ ଅନୁରାଗକୁ ଉପେକ୍ଷା କରି ଅଭିଭାବକମାନେ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି । ଏହି ପ୍ରଚେଷ୍ଟାରେ ବହୁତ କମ୍ ଅଭିଭାବକ ସଫଳ ହୁଅନ୍ତି । ଦିଅଁ ଗଢୁ ଗଢୁ ମାଙ୍କଡ ଭଳି ବହୁ କୋମଳମତି ଶିଶୁଙ୍କର ଶୈଶବ ପିତାମାତାଙ୍କର ସ୍ୱପ୍ନକୁ ସାକାର କରିବା ପରିବର୍ତ୍ତେ ବିଡମ୍ବିତ ହୋଇଥାଏ । ନିଜର ପ୍ରତିଭା ଅନୁସାରେ ସେମାନଙ୍କ ଦକ୍ଷତା ବିକଶିତ ହୋଇପାରିନଥାଏ । ବାଧବାଧକତାରେ ଆପଣେଇଥିବା ପାଠ୍ୟକ୍ରମ ପ୍ରତି ଅବଚେତନରେ ଅନାଗ୍ରହ ସେମାନଙ୍କୁ କିମ୍ଭୁତ କିମାକାର କରିଦିଏ । ପରୀକ୍ଷାରେ ବାରମ୍ବାର ବିଫଳ କିମ୍ବା ଆଶାନୁରୂପ ସଫଳତା ହାସଲ କରିନପାରିବା ହେତୁ ଅଭିଭାବକମାନଙ୍କ ଦ୍ୱାରା ତିରସ୍କୃତ ହୋଇଥାଏ, ବିଦ୍ୟାଳୟରେ ଶିକ୍ଷକ ଓ ସହପାଠୀଙ୍କ ପାଖରେ ଅପମାନିତ ହୋଇଥାଏ, ଫଳତଃ ନିଜ ଉପରୁ ତାର ଆସ୍ଥା କମିଯାଏ । ଆତ୍ମବିଶ୍ୱାସର ଅଭାବ ହେତୁ ସେ ହତାଶାବୋଧର ଶିକାର ହୋଇଥାଏ ।

।। ନାରୀ, ନୀତି, ନିୟତି ।।

ନିଃସନ୍ଦେହରେ କୁହାଯାଇପାରେ ଏ ଯୁଗର ଶିଶୁ ବିଚକ୍ଷଣ ଓ ଅତ୍ୟନ୍ତ ମେଧା ସମ୍ପନ୍ନ । ବହୁତ କମ ସମୟ ମଧ୍ୟରେ ସେମାନେ ପାଠ୍ୟକ୍ରମକୁ ଯେଉଁ ଭଳି ଆୟତ୍ତ କରିପାରୁଛନ୍ତି ଓ ବିରଳ କୃତୀତ୍ୱ ପ୍ରଦର୍ଶନ କରୁଛନ୍ତି ତାହା ଅବିଶ୍ୱାସ୍ୟ ଭାବରେ ସତ୍ୟ କିନ୍ତୁ ଏଥିପାଇଁ ସେମାନଙ୍କୁ କମ୍ ତ୍ୟାଗ ସ୍ୱୀକାର କରିବାକୁ ପଡୁନାହିଁ । ଶୈଶବର ସୁଖ ସ୍ୱାଚ୍ଛନ୍ଦ୍ୟ ସେମାନେ ଆଦୌ ଅନୁଭବ କରିପାରୁନାହାନ୍ତି । କଠୋର ଅନୁଶାସନ ସେମାନଙ୍କ ଜୀବନକୁ ରୁଦ୍ଧଶ୍ୱାସ କରିଦେଇଛି । ମୁକ୍ତ ଆକାଶର ଅସୀମତା, ପ୍ରକୃତିର ଉନ୍ମୁକ୍ତ ପ୍ରାଙ୍ଗଣ, ଆମ୍ବତୋଟା, ନଈପଠା, ବିଲବନ ପ୍ରାନ୍ତରରେ ନିଜକୁ ହଜେଇ ଦେବାର ମାଦକତା, କୋଳିତୋଳି ଖାଇବା, ଡାଳମାଙ୍କୁଡି ଖେଳିବା, ମାଛଧରା, ଚଢ଼େଇ ଧରା ଅଥବା ନଈପହଁରା ଭଳି ଆବେଗସିକ୍ତ ଅନୁଭୂତି ସେମାନଙ୍କର ନାହିଁ । ଯାହା ସେମାନଙ୍କର ଜନ୍ମସିଦ୍ଧ ଅଧିକାର । ଚାରିକାନ୍ଥ ଭିତରେ କେତେକ ବିଦ୍ୟୁତ୍ ଯାନ୍ତ୍ରିକ ଉପାଦାନ ସେମାନଙ୍କ ଚିତ୍ତ ବିନୋଦନର ମାଧ୍ୟମ, ଯେଉଁମାନେ ଅତିଶୟ ମେଧାସଂପନ୍ନ ଅଥବା ବୁଦ୍ଧିମାନ ସେମାନେ ତ ପରିସ୍ଥିତି ସହ ନିଜକୁ ଖାପ ଖୁଆଇ ପାରୁଛନ୍ତି କିନ୍ତୁ ଯେଉଁମାନେ ଅପେକ୍ଷାକୃତ ଅଳ୍ପ ଅଥବା ସାଧାରଣ ମେଧାସମ୍ପନ୍ନ ସେମାନେ ପିତାମାତାଙ୍କ ଅନୁଚିତ ଅଭିଳାଷରେ ପୀଡିତ ହୋଇ ଅକଥନୀୟ ଯନ୍ତ୍ରଣା ଭୋଗ କରନ୍ତି । ବିଦ୍ୟାଳୟରେ ପାଠ୍ୟକ୍ରମର ବୋଝ, ଶିକ୍ଷକମାନଙ୍କର ତାଗିଦ୍ ସହ ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବାର ଚାପ ଶିଶୁମାନଙ୍କୁ ମାନସିକ ବ୍ୟାଧିଗ୍ରସ୍ତ କରିଦେଇଥାଏ । ଏ ଚାପ ଅତିଶୟ ହେଲେ କୋମଳମତି ଶିଶୁଟି ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେଇଯାଏ । ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି କୈଶୋରାବସ୍ଥାରେ ପିଲାଟିଏ ଥରେ ଆତ୍ମହତ୍ୟା ନିଷ୍ପତ୍ତି ନେଲେ ସେଥିରୁ ସେ ନିବୃତ୍ତ ହୋଇପାରେ ନାହିଁ । ଏଇଭଳି ଅନେକ ହତଭାଗ୍ୟ ଶିଶୁଙ୍କ ସହ ସଂପ୍ରତି ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ପଞ୍ଚମ ଶ୍ରେଣୀର ଶିଶୁଟିଏ ଏମିତି ଏକ ମାନସିକତାରେ ପୀଡିତ ହୋଇ ଆତ୍ମହତ୍ୟା କରିବସିଛି ।

ଶିଶୁମାନଙ୍କୁ ଏ ପ୍ରକାର ମାନସିକତାରୁ ମୁକ୍ତ କରିବାର ଗୁରୁଦାୟିତ୍ୱ ପିତାମାତାଙ୍କର । ଶିଶୁଟିଏ ପରୀକ୍ଷାରେ ଅକୃତ କାର୍ଯ୍ୟ ହେଲେ କିମ୍ବା ପିତାମାତାଙ୍କ ଆଶାନୁରୂପ ସଫଳତା ପ୍ରଦର୍ଶନ ନକଲେ ସେମାନେ ଅଧୈର୍ଯ୍ୟ ହୋଇପଡନ୍ତି । ପ୍ରତ୍ୟେକ ପିତାମାତା ସେମାନଙ୍କ ସନ୍ତାନଙ୍କୁ ଶ୍ରେଣୀରେ ପ୍ରଥମ ସ୍ଥାନରେ ଦେଖିବାକୁ ଚାହାନ୍ତି । ଶିଶୁର ସାମର୍ଥ୍ୟ ମେଧା ଓ ପ୍ରତିଭାର ମାପକାଠି ସଂପର୍କରେ ସେମାନେ ଆଦୌ ଚିନ୍ତା କରନ୍ତି ନାହିଁ । ଶିଶୁର ଅସାମର୍ଥ୍ୟ ସେମାନଙ୍କୁ ଚିନ୍ତିତ ଓ କ୍ରୋଧାନ୍ୱିତ କରିଥାଏ । କାରଣ ସନ୍ତାନର କୃତିତ୍ୱକୁ ସେମାନେ ନିଜ ଆଭିଜାତ୍ୟ ପ୍ରଦର୍ଶନର ଅନ୍ୟତମ ବିଭାବରୂପେ ଗ୍ରହଣ କରିଥାନ୍ତି । ଚର୍ଚ୍ଚିତ ଶିଶୁଟିଥିଲା ପଞ୍ଚମ ଶ୍ରେଣୀର ଛାତ୍ର । ଦୁଇ ଦୁଇଥର ପରୀକ୍ଷାରେ ଅକୃତକାର୍ଯ୍ୟ ହେବା କେବଳ ଶିଶୁଟିର ବ୍ୟର୍ଥତା ବୋଲି କୁହାଯିବ ନାହିଁ । ପ୍ରଥମତଃ ଏହା ପିତାମାତାଙ୍କର ଅସଫଳତା ଓ ଅଯୋଗ୍ୟତା, ଶିକ୍ଷକମାନଙ୍କ ଦାୟିତ୍ୱ

ହୀନତାର କୁପରିଣତ ବୋଲି କୁହାଯିବ। ଜାତୀୟ ସ୍ତରରେ ପ୍ରଥମ ଦଶଜଣଙ୍କ ଭିତରେ ଛାତ୍ରମାନେ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟର ଶିକ୍ଷକମାନଙ୍କର କି ତ୍ରୁଟି ରହିଗଲା ଯେ ସେମାନଙ୍କ ଶିକ୍ଷାଦାନରେ ପିଲାଟିଏ ପଞ୍ଚମ ଶ୍ରେଣୀର ପାଠ୍ୟକ୍ରମକୁ ଆୟତ୍ତ କରିପାରିଲା ନାହିଁ ? ନିଜ ଉପରୁ ଭରସା ତୁଟେଇ ସେ ଆତ୍ମଘାତୀ ହୋଇପଡ଼ିଲା ?

ଶିଶୁଟିର ନିଷ୍ପତ୍ତିକୁ ତ ଭୁଲ ଠିକ୍‌ର ବିଚାର ଆଧାରରେ ବିଚାର କରାଯାଇପାରି ନାହିଁ। କାରଣ ତାହା ସଂପୂର୍ଣ୍ଣ ଅପରିପକ୍ୱ ମାନସିକ ସଂପନ୍ନଥିଲା, ଠିକ୍ ଭୁଲ୍ ବିଚାରର କ୍ଷମତା ଆଦୌ ନଥିଲା। ଏକମାତ୍ର ପୁତ୍ର ସନ୍ତାନପ୍ରତି ପିତାମାତାଙ୍କ ଅନ୍ତରରେ ସ୍ନେହଭାବ ଊଣାଥିଲା ବୋଲି କହିହେବ ନାହିଁ। ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଶିଶୁମାନଙ୍କୁ ପୁର୍ନବାର ସଫଳତା ହାସଲ ଦିଗରେ ପ୍ରବୃତ୍ତ କରିବାପାଇଁ ଯେଉଁଭଳି ପ୍ରୋତ୍ସାହନ ଆବଶ୍ୟକ ତାହା ପ୍ରଦାନ କରିବାରେ ପିତାମାତା ଅପାରଗ ଥିଲେ ବୋଲି ଧରିବାକୁ ହେବ। ଶୈଶବରୁ ସଫଳତାକୁ ଯେମିତି ଆନନ୍ଦର ସହ ଗ୍ରହଣ କରାଯାଏ। ବିଫଳତାକୁ ମଧ୍ୟ ସେହି ମାନସିକତାରେ ସହ୍ୟ କରିବାର ସାମର୍ଥ୍ୟ ସେମାନଙ୍କ ଭିତରେ ବୃଦ୍ଧି କରାଇବାର ଦାୟିତ୍ୱ ଅଭିଭାବକମାନଙ୍କର। ଏହା ଫଳରେ ଶିଶୁଟିର ବ୍ୟକ୍ତିତ୍ୱ ଦୃଢ଼ ଓ ସଂଘର୍ଷଶୀଳ ହୋଇଥାଏ। ଛୋଟ ଛୋଟ ବିଫଳତା ବ୍ୟସ୍ତ ବିବ୍ରତ କରିପାରେ ନାହିଁ। ବୋଧହୁଏ ଏହି ଶିକ୍ଷାର ଅଭାବଥିଲା ଶିଶୁଟିପାଇଁ।

କୋମଳମତି ଶିଶୁଟିଏ କାହିଁକି ଆତ୍ମହତ୍ୟା କରେ ? ଶିଶୁ ହେଉ ବା ପୂର୍ଣ୍ଣ ବୟସ୍କ ବ୍ୟକ୍ତିଟିଏ ହେଉ, ଆତ୍ମହତ୍ୟା ମୂଳରେ ତ ହତାଶାବୋଧ ସଦାସର୍ବଦା ବିଦ୍ୟମାନ ଥାଏ, ତେବେ ପୂର୍ଣ୍ଣ ବୟସ୍କ ବ୍ୟକ୍ତିଟିଏ ହତାଶାବୋଧକୁ ନିଜର ବିଚାର ବୁଦ୍ଧି ପ୍ରୟୋଗରେ ନିୟନ୍ତ୍ରଣ କରିପାରିଥାଏ। ଏଥିପାଇଁ ବି ଏକ ସମ୍ବେଦନଶୀଳ ପରିପାର୍ଶ୍ୱର ଆବଶ୍ୟକତା ରହିଛି, ଶିଶୁମାନଙ୍କର ଏହି ମାନସିକ ସ୍ଥିତି ଯେହେତୁ ଅତ୍ୟନ୍ତ ସ୍ପର୍ଶକାତର ଓ ନିଜ ଚେଷ୍ଟାରେ ଏ ପରିସ୍ଥିତିରୁ ମୁକୁଳିବା ସଂମ୍ପୂର୍ଣ୍ଣ ଦୁସାଧ, ସେଥିପାଇଁ ଏକ ଅନୁକୂଳ ବାତାବରଣର ଆବଶ୍ୟକ। ପରିବାରଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତଙ୍କର ସଦୟ ସହାନୁଭୂତି ସମ୍ବେଦନ ଓ ପ୍ରୋତ୍ସାହନରେ ଶିଶୁଟି ହୃତ୍ ଆତ୍ମବିଶ୍ୱାସ ଫେରିପାଏ। ବିଦ୍ୟାଳୟର ପାଠ୍ୟକ୍ରମରେ ଯଥେଷ୍ଟ ସଫଳତା ହାସଲ କରିନପାରିଲେ ସୁଦ୍ଧା ନୃତ୍ୟ, ଗୀତ, ଅଭିନୟ କିମ୍ବା ଚିତ୍ରକଳା ପ୍ରଭୃତିରେ ଯଦି ତାର୍ ଦକ୍ଷତା ଥାଏ ସେଗୁଡିକୁ ବିକଶିତ କରିବା ପାଇଁ ତାକୁ ଉତ୍ସାହିତ କରାଗଲେ ସେ ନିଜ ଜୀବନକୁ ମୂଲ୍ୟହୀନ ମନେ କରେ ନାହିଁ କିମ୍ବା ନ୍ୟୁନ ବୋଧତାର ଶିକାର ହୁଏନାହିଁ। କୌଣସି କାରଣରୁ ଯଦି ଶିଶୁଟି ମନରେ ହତାଶାଭାବ ଜାଗ୍ରତ ହୋଇଥାଏ, ତେବେ ସାମାଜିକ ସମ୍ବେଦନ ସହ ବିଭିନ୍ନ ପ୍ରକାର ଚିକିତ୍ସାକୌଶଳ ପ୍ରୟୋଗର ଆବଶ୍ୟକତା ମଧ୍ୟ ରହିଛି।

ଶିଶୁଟି ପାଖରେ ଯେଉଁସବୁ ହାତାଶ ବୋଧ ପରିଲକ୍ଷିତ ହୁଏ ସେଗୁଡିକ ତିନି ପ୍ରକାର। ଶାରୀରିକ ହତାଶା, ବ୍ୟକ୍ତିଗତ ହତାଶା ଓ ସାମାଜିକ ହତାଶା। ଶିଶୁଟି ଯଦି ଶାରୀରିକ ଅ... ।

କିମ୍ବା କୌଣସି ଦୂରାରୋଗ୍ୟ ବ୍ୟାଧି ପ୍ରପୀଡ଼ିତ ହୋଇଥାଏ ତେବେ ସେ ନିଜକୁ ଅଭିଶପ୍ତ ମନେ କରେ। ଜୀବନ ଉପରୁ ତାର ଆସ୍ଥା ତୁଟିଯାଏ। ଏକ୍ଷେତ୍ରରେ ଶିଶୁଟିର ଶାରୀରିକ ଅକ୍ଷମତାକୁ ଅତିକ୍ରମ କରି ଶିଶୁଟି ଭିତରେ ଥିବା ଅନ୍ୟାନ୍ୟ ସାମର୍ଥ୍ୟର ବିକାଶ ପାଇଁ ଉତ୍ସାହିତ କଲେ ସେ ନିଜକୁ ସୃଷ୍ଟିର ବୋଝ ବୋଲି ଗ୍ରହଣ କରେନାହିଁ। ପରୀକ୍ଷାରେ ଅକୃତ କାର୍ଯ୍ୟ ହେବା ହେତୁ ପିତାମାତା ଓ ପରିବାର ସଦସ୍ୟଙ୍କ ଦ୍ୱାରା ତିରସ୍କୃତ ହେଲେ କିମ୍ବା ପାତର ଅନ୍ତର ନୀତି ହେତୁ ପରିବାରରେ ଶିଶୁଟି ଅବହେଳିତ ହେଲେ, ପରିବାରର ଆର୍ଥିକ ଅସ୍ୱଚ୍ଛଳତା ହେତୁ ଇପ୍ସିତ ଦ୍ରବ୍ୟର ଅପ୍ରାପ୍ତି ହେଲେ ବିଦ୍ୟାଳୟରେ ଶିକ୍ଷକ କିମ୍ବା ସହପାଠୀମାନଙ୍କ ଦ୍ୱାରା ଅପମାନିତ ହେଲେ ଯେଉଁ ମାନସିକ ଚାପ ପଡେ ତାହା ହତାଶାର ରୂପ ନିଏ। ପିତାମାତା କର୍ମଜୀବୀ ହୋଇଥିଲେ ଆୟା ପାଖରେ ପରିଚାଳିତ ଶିଶୁଟି ମାତୃପ୍ରେମରୁ ବଞ୍ଚିତ ହୋଇ ଯେଉଁ ନିଃସଙ୍ଗ ଜୀବନ ବିତାଇଥାଏ ତାହା ମଧ୍ୟ ଅନେକ ସମୟରେ ହତାଶାର ରୂପନେଇଥାଏ।

ଠିକ୍ ସେହିପରି କୌଣସି କାରଣରୁ ସାମାଜିକ ସ୍ତରରେ ନିଜେ, ପିତାମାତା କିମ୍ବା ପରିବାରର କେହି ତରିସ୍କୃତ ହେଲେ, ପ୍ରାକୃତିକ ବିପର୍ଯ୍ୟୟ, ସାଂପ୍ରଦାୟିକ ଦଙ୍ଗା ଆଦି ଅତି ମର୍ମନ୍ତୁଦ ଘଟଣାର ପ୍ରତ୍ୟକ୍ଷ ଦର୍ଶୀ ହୋଇଥିଲେ ଶିଶୁ ମନରେ ହତାଶାବୋଧ ସୃଷ୍ଟି ହୋଇଥାଏ।

ଉପରୋକ୍ତ କାରଣରୁ ସୃଷ୍ଟ ହତାଶାବୋଧଗୁଡ଼ିକ ଯେତେ ସମୟ ପର୍ଯ୍ୟନ୍ତ ବାହ୍ୟସ୍ତରରେ ଥାଏ ଏହାର ଉପଶମ ସହଜ ହୋଇଥାଏ, କିନ୍ତୁ ଥରେଏହା ଅନ୍ତର୍ମୁଖୀ ହୋଇଗଲେ ଏହା ଶିଶୁମାନଙ୍କ ପାଇଁ ଘାତକ ସିଦ୍ଧ ହୋଇଥାଏ। ସାଂପ୍ରତିକ ବ୍ୟସ୍ତ ବହୁଳ ଜୀବନରେ ପିତାମାତା ଶିଶୁର ଏପ୍ରକାର ମାନସିକ ସ୍ଥିତି ଅଧ୍ୟୟନ ନକରି ତାକୁ ହଷ୍ଟେଲରେ ଛାଡିଦିଅନ୍ତି। ଏହା ସମସ୍ୟାର ସମାଧାନ ନୁହେଁ। ଶିଶୁଟିର ହତାଶାବୋଧର ମୂଳ ଉତ୍ସ ଉଦ୍‌ଘାଟନ କରି ସେଥିପାଇଁ କାର୍ଯ୍ୟପନ୍ଥାର ଆବଶ୍ୟକତା ରହିଛି। ପିତାମାତା ଶିଶୁଟି ପାଇଁ ଯଥେଷ୍ଟ ସ୍ନେହ ଦେବା, ସମୟ ଦେବା, ମାନସିକ ପରିବର୍ତ୍ତନ ପାଇଁ ନିଜେ ସେମାନଙ୍କୁ ବିଭିନ୍ନ ସ୍ଥାନକୁ ବୁଲେଇ ନେବାଭଳି ଉପଚାର ଯଥେଷ୍ଟ ଉପଯୋଗୀ।

ସଂପ୍ରତି କିଶୋର ମାନଙ୍କ ଭିତରେ ଯେଉଁଭଳି ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି ତାହା କେବଳ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରର ସମସ୍ୟା ନୁହେଁ ବରଂ ବିକଶିତ ରାଷ୍ଟ୍ରରେ ସୁଦ୍ଧା ଏହାର ତୀବ୍ରତା ଅଧିକ। ଏଥିରୁ ମୁକୁଳିବାପାଇଁ ଅଭିଭାବକମାନେ ବେଳହୁଁ ସାବଧାନ ହେବା ଉଚିତ୍।

❑❑

ଉପେକ୍ଷିତ ବାର୍ଦ୍ଧକ୍ୟ ଓ ଅକୃତଜ୍ଞ ଦାୟାଦ

ଅସୁରକ୍ଷିତ ବାର୍ଦ୍ଧକ୍ୟ ସାଂପ୍ରତିକ ସାମଜର ଗୋଟିଏ ଯୁଗୀୟ ସମସ୍ୟା, ଏହା ସଂପୂର୍ଣ୍ଣ ପାରିବାରିକ ପ୍ରସଙ୍ଗଟିଏ, କିନ୍ତୁ କ୍ରମେ ଏହା ଏପରି ଜଟିଳ ରୂପ ଧାରଣ କରୁଛି ଯେ ପରିବାରର ବୟୋଜ୍ୟେଷ୍ଠମାନଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ଯୋଜନା ଓ ପ୍ରକଳ୍ପ ତିଆରି ହେଉଛି । ସେମାନଙ୍କ ନିରାପତ୍ତା ପାଇଁ ଆଇନ କାନୁନ୍ ପ୍ରଣୟନ ହେଉଛି । ତଥାପି ସମସ୍ୟାର ଅନ୍ତ ନାହିଁ, ନିଜ ହାତଗଢ଼ା ସଂସାରରେ ସେମାନେ ଅବହେଳିତ ଓ ଅନାଦୃତ ହେଉଛନ୍ତି । ଆମ ଭୋଗସର୍ବସ୍ୱ ବଞ୍ଚିବାର ଶୈଳୀ ଆମକୁ ସଂପୂର୍ଣ୍ଣ ଆବେଗହୀନ ଓ ଅକୃତଜ୍ଞ କରିଦେଇଛି । ଏକାନ୍ନବର୍ତ୍ତୀ ପରିବାରର ନୀତି ଆଦର୍ଶ ମୂଲ୍ୟବୋଧ ଓ ପାରସ୍ପରିକ ସ୍ନେହ ସୌହାର୍ଦ୍ଦ୍ୟ ଆଉ ଏକକ ପରିବାରରେ ଅନୁଭୂତ ହେଉନାହିଁ । ପରିବାରର ଜଞ୍ଜାଳ ବହନ କରି କୁର୍ମ ପାଲଟିଯାଇଥିବା ବୟୋଜ୍ୟେଷ୍ଠମାନଙ୍କ ପାଇଁ ପରିବାରରେ ଆଉ ମର୍ଯ୍ୟାଦାବନ୍ତ ସ୍ଥାନ ନାହିଁ । ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଆମ ସମାଜରେ ଜରାନିବାସର ପରିକଳ୍ପନା ହେଲା ଓ କ୍ଷୋଭର ବିଷୟ ଦିନକୁ ଦିନ ଆମ ଦେଶରେ ଜରାନିବାସର ସଂଖ୍ୟା ବଢ଼ି ଚାଲିଛି ଏବଂ ସମାଜର ସବୁସ୍ତରର ଲୋକ ବାର୍ଦ୍ଧକ୍ୟ ଅବସ୍ଥାରେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି । ଏହା ମାନବ ସମାଜ ପାଇଁ ଆଦୌ ଶୁଭଲକ୍ଷଣ ନୁହେଁ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଥରେ କେତେଜଣ ଭଦ୍ରବ୍ୟକ୍ତି ଜରାଶ୍ରମଟିଏ ଉଦ୍‌ଘାଟନ କରିବାକୁ ଅନୁରୋଧ କରିଥିଲେ । ମହାତ୍ମା ଗାନ୍ଧୀ ସେମାନଙ୍କ ପ୍ରସ୍ତାବକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଥିଲେ, ଜରାଶ୍ରମର ଉଦ୍‌ଘାଟନ ନୁହେଁ ବରଂ ଉଦ୍‌ଯାପନ ପାଇଁ ଯଦି ମୋତେ ନିମନ୍ତ୍ରଣ କରିବ ମୁଁ ଯିବାପାଇଁ ପ୍ରସ୍ତୁତ ଅଛି । ସେ ଜାଣିଥିଲେ ଯେ ଜରାନିବାସ ନିର୍ମାଣ ଆଦୌ କୌଣସି ସଭ୍ୟ ଓ ଆଦର୍ଶ ସଭ୍ୟତାର ପରିଚାୟକ ନୁହେଁ । ଏହା ମାନବୀୟ ଚେତନାର ଅଧଃପତନ । ଅକୃତଜ୍ଞ ସମାଜର ଜୀବନ୍ତ ପ୍ରତିରୂପ । ଆମର ପାରମ୍ପରିକ କୃଷି ସଭ୍ୟତାର ସ୍ଥାନ ଏବେ ଶିଳ୍ପ ସଭ୍ୟତା ଗ୍ରହଣ କରିସାରିଲାଣି । ଫଳରେ ଏକାନ୍ନବର୍ତ୍ତୀ ପରିବାର ସବୁ ଆପେ ଆପେ ଭୁଷୁଡି ପଡୁଛି । ଏକକ ପରିବାର ସବୁ ଏହି ଶିଳ୍ପ ସଭ୍ୟତାର ଉପଭୋକ୍ତାବାଦ ଆମକୁ ଯନ୍ତ୍ରମଣିଷ କରିଛି । ଆମେ ଆଉ ଆୟ ଦେଖି ବ୍ୟୟ କରୁନାହୁଁ । ବରଂ ବ୍ୟୟର ଅଟକଳ କରିସାରି ଆମେ ଆୟର ପରିସୀମା ବୃଦ୍ଧି କରୁଛି । ସେହି

ପରିବର୍ତ୍ତିତ ଆର୍ଥିକ ଆବଶ୍ୟକତାର ପରିପୂର୍ତ୍ତି ନିମନ୍ତେ ସ୍ୱାମୀ ସ୍ତ୍ରୀ ଉଭୟେ ଅଣନିଃଶ୍ୱାସୀ ହୋଇଧାଉଁଛେ । ଆମ ପାରମ୍ପରିକ କୃଷିଭିତ୍ତିକ ସମାଜରେ ଯେ ପରିବାରର ଆର୍ଥିକ ସହାୟତା ପାଇଁ ନାରୀମାନଙ୍କର ଅବଦାନ ନଥିଲା ଠିକ୍ ତାହା ନୁହେଁ । ଶସ୍ୟ ଅମଳ, ତାର ରକ୍ଷଣାବେକ୍ଷଣ, ଗୃହପାଳିତ ପଶୁପକ୍ଷୀମାନଙ୍କର ସେବା ଯତ୍ନ, ଦାୟିତ୍ୱ ନାରୀମାନଙ୍କର ଥିଲା । କିନ୍ତୁ ଏହି କାର୍ଯ୍ୟ ସଂପନ୍ନ ପାଇଁ ସେମାନଙ୍କୁ ବାହାରକୁ ଯିବାପାଇଁ ପଡୁନଥିଲା । ଏସବୁ କର୍ତ୍ତବ୍ୟ ସହ ସେମାନେ ଶିଶୁମାନଙ୍କର ଯତ୍ନ ନେଉଥିଲେ । ବୟୋଜ୍ୟେଷ୍ଠମାନଙ୍କର ତତ୍ତ୍ୱ ନେଉଥିଲେ । ପରିବାରରେ ରୋଗୀମାନଙ୍କର ଦାୟିତ୍ୱ ନେଉଥିଲେ । ଗୃହକାର୍ଯ୍ୟ ସହ ଏସବୁ ଦାୟିତ୍ୱ ବହନ ସେମାନଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡୁଥିଲା । ସେହି ହେତୁ ପରିବାର ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରହୁଥିଲା । ପରସ୍ପର ଭିତରେ ସ୍ନେହ, ସରାଗ ଓ ସମ୍ମାନବୋଧ ଅତୁଟ ରହୁଥିଲା । ସମସ୍ତେ ସମସ୍ତଙ୍କ ସାନ୍ନିଧ ଉପଲବ୍ଧି କରୁଥିଲେ । କୁଳବୃଦ୍ଧମାନଙ୍କର ଅଭିଜ୍ଞତା, ଅଭୟ ଆଶୀର୍ବାଦ ଯେମିତି ପରିବାରକୁ ବହୁ ଝଡଝଞ୍ଜାରୁ ମୁକ୍ତ ରଖିଥିଲା, ଶିଶୁମାନେ ସେହିପରି ସେମାନଙ୍କ ଶୈଶବକୁ ସଂପୂର୍ଣ୍ଣ ଉପଭୋଗ କରୁଥିଲେ । ଜେଜେବାପା ଜେଜେ ମା' ମାନଙ୍କର ଗପପେଡି, ଶିଶୁମାନଙ୍କ ପାଇଁ ଜ୍ଞାନ ଆହରଣର ଅସରନ୍ତି ଉତ୍ସ ହୋଇରହିଥିଲା । ବର୍ତ୍ତମାନର ଶିଶୁ ଜେଜେବାପା ଜେଜେମାଆଙ୍କୁ ଅତିଥି ବୋଲି ଗ୍ରହଣ କରୁଛି । ସେମାନେ ପ୍ରାୟତଃ ଗାଁରେ ନିଃସଙ୍ଗ ଜୀବନ ବିତାଉଛନ୍ତି । ଯେଉଁମାନଙ୍କର ଗାଁ ଭୂଇଁ ନାହିଁ, ଅଥବା ଗାଁ ଭୂଇଁ ବିକ୍ରିକରି ସହରରେ ପୁଅବୋହୁଙ୍କ ନିର୍ମାଣାଧୀନ ଗୃହ ପାଇଁ ଗୁଣ୍ଡିଚି ମୂଷାର ଦାନ କରିଛନ୍ତି ସେମାନଙ୍କ ଦୁରବସ୍ଥା କହିଲେ ନସରେ । ପୁଅ ବୋହୂଙ୍କ ବାସଗୃହକୁ ନିଜଘର କହିବାର ଅଧିକାର ନଥାଏ । ଅତ୍ୟନ୍ତ ଦୟନୀୟ ହୋଇ ପୁଅବୋହୂଙ୍କ ସଂସାରରେ ଆଶ୍ରୟ ନେଇଥାନ୍ତି । ପୁଅବୋହୂ ଯଦି ଉଭୟ କର୍ମଜୀବୀ, ବୃଦ୍ଧ ପିତାମାତାଙ୍କ ସେବା କରିବାପାଇଁ ତାଙ୍କ ପାଖରେ ସମୟ ନଥାଏ । ଏକାଧିକ ପୁତ୍ରସନ୍ତାନ ଥିଲେ ପିତାମାତାଙ୍କୁ ପାଳି କରି ଭାଗବଣ୍ଟା ହୁଏ । ସେଥିପାଇଁ ବିଭିନ୍ନ ପ୍ରକାର ସର୍ତ୍ତ । ସେହି ସର୍ତ୍ତ ଅନୁସାରେ ପରିଣତ ବୟସରେ ବୃଦ୍ଧ ପିତାମାତା ପୃଥକ୍ ପୃଥକ୍ ରହିବାକୁ ବାଧ୍ୟ ହୁଅନ୍ତି । ଆର୍ଥିକ ସ୍ୱଚ୍ଛଳ ପରିବାରରେ ବୃଦ୍ଧ ପିତାମାତାଙ୍କ ପାଇଁ ଚାକର ଚାକରାଣୀ ବ୍ୟବସ୍ଥା କରିଦେଇ ପୁତ୍ରମାନେ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବନ୍ତି । ମୋହଗ୍ରସ୍ତ ସନ୍ତାନ ପୂର୍ବପିଢ଼ିକୁ ସଂପୂର୍ଣ୍ଣ ଉପେକ୍ଷା କରି ନିଜର ସବୁତକ ସାମର୍ଥ୍ୟ ନୂତନ ପୀଢ଼ି ପାଇଁ ଉତ୍ସର୍ଗ କରିଥାଏ । ଫଳ ଏୟା ହୁଏ ନୂତନ ପୀଢ଼ି ଶିକ୍ଷାକରେ ଯେ ବ୍ୟକ୍ତିର କର୍ତ୍ତବ୍ୟ ନିଜ ସନ୍ତାନମାନଙ୍କର ରକ୍ଷଣାବେକ୍ଷଣ । ପିତାମାତା ତା'ପାଖରେ ନ୍ୟୁନ । ସିଏ ନିଜେ ଯେତେବେଳେ ଘର ସଂସାର କରେ ଏଇଭଳି ଗୋଟାଏ ପରମ୍ପରାକୁ ଆପଣେଇ ନେବା ସ୍ୱାଭାବିକ । ପିତାମାତାଙ୍କ ଭାବନାତ୍ମକ ଆବେଗ ତା ପାଇଁ କିଛି ମୂଲ୍ୟ ରଖେ ନାହିଁ । ପ୍ରାଣଠୁ ଅଧିକ ସ୍ନେହ ଦେଇ ପାଳିଥିବା ସନ୍ତାନମାନଙ୍କ ପାଖରୁ ଏମାନେ ବିଚ୍ଛିନ୍ନ ହୋଇପଡନ୍ତି । ଯେଉଁ ଶିଶୁର ଶୈଶବ ହଷ୍ଟେଲ, ବୋର୍ଡିଂ ସ୍କୁଲ ଅଥବା ଆୟାମାନଙ୍କ ପାଖରେ ବିତିଛି, ପାରିବାରିକ ସ୍ନେହ ମମତା, ପିତାମାତାଙ୍କର ସାନ୍ନିଧ ପର୍ଯ୍ୟାପ୍ତ ପରିମାଣରେ ପାଇନାହିଁ, କେବଳ ସେମାନଙ୍କ ଆର୍ଥିକ ଅନୁଦାନରେ ଯାହା ପିଣ୍ଡ

ଗଢ଼ା ହୋଇଛି, ସେମାନେ ଯେତେବେଳେ ବଡ ହୁଅନ୍ତି ପରିବାରରେ ପିତାମାତାଙ୍କର ଉପସ୍ଥିତିକୁ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ । ଆବଶ୍ୟକ ହେଲେ ନିର୍ଦ୍ଵନ୍ଦ୍ୱରେ ବୃଦ୍ଧ ପିତାମାତାଙ୍କୁ ଜରାଶ୍ରମକୁ ପଠେଇ ଦେଇପାରନ୍ତି । ଅଥବା ସେମାନଙ୍କ ପାଇଁ ଚାକର ଚାକରାଣୀ ଖଞ୍ଜିଦେଇ ନିଶ୍ଚିନ୍ତ ରହନ୍ତି । ପ୍ରକୃତି ଓ ପ୍ରବୃତ୍ତି ଦୃଷ୍ଟିରୁ ବୃଦ୍ଧ ବାଳୁତ ସମାନ ବୋଲି କୁହାଯାଏ । ବାଲ୍ୟ, ଯୌବନ ଓ ଜରା ଜୀବନର ଏ ପର୍ଯ୍ୟାୟ ଗୁଡ଼ିକ ଭିତରେ ପ୍ରଥମ ଓ ଶେଷ ପର୍ଯ୍ୟାୟରେ ମଣିଷ ଅତ୍ୟନ୍ତ ଅସହାୟ ହୋଇପଡିଥାଏ । ଏଥିପାଇଁ ସ୍ୱତନ୍ତ୍ର ଧ୍ୟାନର ଆବଶ୍ୟକତା ରହିଛି । ବର୍ଦ୍ଧିଷ୍ଣୁ ଶିଶୁଟିର ଶାରୀରିକ ଓ ମାନସିକ ବିକାଶ ପାଇଁ ଅନୁକୂଳ ପରିବେଶ ଯୋଗାଇଦେବା ଯେମିତି ଆମର କର୍ତ୍ତବ୍ୟ ଜୀବନର ସକଳ ସାମର୍ଥ୍ୟ ପ୍ରୟୋଗ କରି ଆମପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିଥିବା ବରିଷ୍ଠ ନାଗରିକଙ୍କ ଦାୟିତ୍ୱ ବହନ ସେମିତି ଆମର କରଣୀୟ । ସେମାନଙ୍କୁ ଉପେକ୍ଷା ଅଥବା ଅବହେଳା କରି ଆମେ କଦାପି ସୁଖଶାନ୍ତିର ଅଧିକାରୀ ହୋଇପାରିବା ନାହିଁ । ନିଜ ଜୀବନକୁ ପଣ କରି ଯେଉଁମାନେ ଆମ ଜୀବନକୁ ରୁଦ୍ଧିମନ୍ତ କଲେ ସେମାନଙ୍କ ଆଶ୍ରୟସ୍ଥଳ ଜରାନିବାସ ନୁହେଁ, ଚାକର ପୂଜାରୀ ସେମାନଙ୍କ ଦୁଃଖ ସୁଖର ଭାଗୀଦାର ହୋଇପାରିବେ ନାହିଁ । ସେମାନଙ୍କ ପାଇଁ ପାରିବାରିକ ସ୍ନେହ ସାନ୍ନିଧ୍ୟ ଓ ପ୍ରେମମମତା ଏକାନ୍ତ କାମ୍ୟ । ସେମାନଙ୍କ ଅତୃପ୍ତି ଅବଶୋଷ, ଅସନ୍ତୋଷ ଓ ଅଶ୍ରୁ କେବେ କୌଣସି ସମାଜ ପାଇଁ ଶୁଭଙ୍କର ହୋଇନାହିଁ । ସେମାନଙ୍କୁ ଉପେକ୍ଷା କରୁଥିବା ଅକୃତଜ୍ଞ ଦାୟାଦମାନଙ୍କୁ ନିୟତି କେବେ କ୍ଷମା ଦେବନାହିଁ । ବୃଦ୍ଧ ସମୟରେ ସନ୍ତାନର ନିର୍ଯ୍ୟାତନା ଅଭିଯୋଗ ନେଇ ବୃଦ୍ଧ ପିତାମାତା କୋର୍ଟ କଚେରୀର ଆଶ୍ରୟନେବା ଗୋଟାଏ ବିପର୍ଯ୍ୟସ୍ତ ସମାଜର ରୂପରେଖ । ବିରଷ୍ଠ ନାଗରିକଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ରେଳ ରିହାତି, ଆୟକର ରିହାତି, ବୃଦ୍ଧାଶ୍ରମ ନିର୍ମାଣ ଭଳି ଅନେକ ଯୋଜନା । କିନ୍ତୁ ଏସବୁ କଦାପି ପାରିବାରିକ ସ୍ନେହ ଶ୍ରଦ୍ଧା ସହାନୁଭୂତିର ବିକଳ୍ପ ନୁହେଁ । ଆମେ ସୃଷ୍ଟି କରିଥିବା ପ୍ରଥା ପରମ୍ପରା ଆମପାଇଁ ବୁମେରାଂ ହେବା ପୂର୍ବରୁ ଆସନ୍ତୁ, ସେ ସଂପର୍କରେ ଟିକେ ଚିନ୍ତାକରିବା ।

ବିଭ୍ରାନ୍ତ ଯୁବଶକ୍ତି ଓ ଅସ୍ଥିର ମାର୍ଗଦର୍ଶୀ

ଯୁବ ସମାଜ ଗୋଟାଏ ପ୍ରବାହମାନ ଜଳ ରାଶି ପରି । ସେମାନଙ୍କୁ ଯେଉଁ ରୂପରେଖ ଦିଆଯିବ ସେମାନେ ସେହିଭଳି ଆଗକୁ ବହିଯିବେ । ସେମାନଙ୍କୁ ଶୃଙ୍ଖଳିତ କରି ବିଜୁଳି ଶକ୍ତି ଭଳି ଚମତ୍କାର ଶକ୍ତି ଉତ୍ପନ୍ନ କରାଯାଇ ପାରିବ । କିନ୍ତୁ ସେହି ଶକ୍ତିର ଯଥାର୍ଥ ବିନିଯୋଗ ନକଲେ ଖଣ୍ଡ ପ୍ରଳୟ ସୃଷ୍ଟି ହେବା ପାଇଁ ମୁହୂର୍ତ୍ତେ ଲାଗିବ ନାହିଁ । ସଂପ୍ରତି ଆମ ଯୁବପିଢ଼ିଙ୍କ ସମ୍ମୁଖରେ ଉପଯୁକ୍ତ ମାର୍ଗଦର୍ଶୀଙ୍କ ଅଭାବ ଥିବାରୁ ସେମାନେ ନାନାବିଧ ସାମାଜିକ ସମସ୍ୟାର କାରଣ ହୋଇପଡ଼ିଛନ୍ତି ।

ସାଂପ୍ରତିକ ଯୁବପୀଢ଼ିଙ୍କ ଭିତରେ ଯେଉଁମାନେ ପ୍ରଥମ ଶ୍ରେଣୀର ଦକ୍ଷତା ସଂପନ୍ନ ସୋମନଙ୍କ ଭିତରେ ବିଦେଶ ଯିବାର ମୋହ ଅତିମାତ୍ରାରେ ପରିଲକ୍ଷିତ ହୋଇଛି । ଯେଉଁମାନଙ୍କର ଯୋଗ୍ୟତମ ଅବଦାନରେ ଆମ ଦେଶ ଉପକୃତ ହୋଇଥାନ୍ତା ସେମାନେ ନିର୍ବିକାର ଚିତ୍ତରେ ବିଦେଶ ଭୂଇଁକୁ କର୍ମଭୂମି ରୂପେ ନିର୍ବାଚିତ କରୁଛନ୍ତି । ଆମ ବିକାଶଶୀଳ ରାଷ୍ଟ୍ରର ବିକାଶ ମନ୍ଥର ହୋଇଯାଉଛି ଓ ବିକଶିତ ରାଷ୍ଟ୍ରଗୁଡ଼ିକ ଆହୁରି ସମୃଦ୍ଧ ଓ ସଂପନ୍ନ ହେଉଛନ୍ତି । ବୈଦେଶିକମାନେ ମଧ୍ୟ ମୋଟା ଅଙ୍କର ପ୍ୟାକେଜ୍ ମୋହ ଦେଖାଇ ଏମାନଙ୍କୁ ବଶ କରି ଦେଉଛନ୍ତି । ଫଳତଃ ଦେଶ ପ୍ରେମ, ଜାତୀୟତା, ମାଟିରମୋହ ଏମାନଙ୍କୁ ଆବେଗପ୍ରବଣ କରୁନାହିଁ । ଦେଶ ପ୍ରତି ଅନୁଗତ ରହିବା ପରିବର୍ତ୍ତେ ବିଦେଶ ଭୂଇଁରେ ନିଜକୁ ବନ୍ଧା ପକେଇ ଦେଉଛନ୍ତି ।

ଦ୍ୱିତୀୟ ଶ୍ରେଣୀର ଦକ୍ଷତା ଥିବା ଯୁବକ ଯୁବତୀମାନେ ଆକର୍ଷଣୀୟ ଅର୍ଥ ମୋହରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦାସତ୍ୱ ସ୍ୱୀକାର ପାଇଁ ଚୁକ୍ତିବଦ୍ଧ ହେଉଛନ୍ତି । ବୈଦେଶିକ କମ୍ପାନୀମାନେ ଏମିତି ଚତୁରତାର ସହ ଏମାନଙ୍କର ସାମର୍ଥ୍ୟକୁ କରଗତ କରିନେଉଛନ୍ତି ଯେ ନିଜ ଦେଶ ଭିତରେ ଥାଇ ସୁଦ୍ଧା ନିଜ ଦେଶ କଥା ପଛକୁ ଥାଉ ପରିବାର କଥା ଚିନ୍ତା କରିବା ପାଇଁ ବି ପର୍ଯ୍ୟାପ୍ତ ସମୟ ପାଉନାହାନ୍ତି । ଦାସତ୍ୱ ସ୍ୱୀକାର ପୂର୍ବକ ଗୋଟାଏ ଅବରୁଦ୍ଧ ଜୀବନଯାପନ କରୁଥିବାରୁ ଅବସାଦଗ୍ରସ୍ତ ଓ ହତାଶାବୋଧରେ ସଡୁଛନ୍ତି ପଛେ ସେଥିରୁ ମୁକୁଳି

ପାରୁନାହାନ୍ତି । ଏବେ ଏମାନଙ୍କୁ କୁହାଯାଉଛି ସାଇବର କୁଲି । ପ୍ରବଳ ମାନସିକ ଚାପ ହେତୁ ଏବେ ଏମାନଙ୍କ ଭିତରେ ପରିଲକ୍ଷିତ ହେଉଛି ଆତ୍ମହତ୍ୟା ପ୍ରବଣତା । ଆଜିର ଯୁବପିଢ଼ି ଯେତେ ଆତ୍ମହତ୍ୟା କରୁଛନ୍ତି, ସେମାନଙ୍କ ଭିତରେ ଅଧିକାଂଶ ହେଉଛନ୍ତି କମ୍ପ୍ୟୁଟର ଇଞ୍ଜିନିୟର । ପୁଣି କମ୍ପ୍ୟୁଟର ବିଜ୍ଞାନରେ ଶୀର୍ଷ ସୀମା ଅଧିକାର କରିଥିବା ବାଙ୍ଗାଲୋର ସହରରେ ଏହା ସର୍ବାଧିକ । ଏଇଥିପାଇଁ ତ ଏହି ସହର ଆତ୍ମହତ୍ୟାର ସହର ବୋଲି ଅପନିନ୍ଦା ପାଇସାରିଲାଣି । ଏସବୁ ମୂଳରେ ରହିଛି ଯୁବପୀଢ଼ିଙ୍କ ଭିତରେ ସ୍ୱାଭିମାନକୁ ବଳି ଦେଇ ଯନ୍ତ୍ରଣା ଜର୍ଜରିତ ଜୀବନ ବିତାଉଥିବା ହେତୁ ସୃଷ୍ଟି ହତାଶାବୋଧ ।

ଏହି ଦୁଇ ଗୋଷ୍ଠୀଙ୍କୁ ବାଦ୍ ଦେଲେ ଆଉ ଯେଉଁ ଅବଶିଷ୍ଟ ଯୁବକ ଯୁବତୀ ରହନ୍ତି ସେଇମାନେ ହିଁ ଦେଶ ମାତୃକାର ସେବା କରନ୍ତି, ପ୍ରତ୍ୟକ୍ଷ ହେଉ ବା ପରୋକ୍ଷରେ । କିନ୍ତୁ ବଞ୍ଚିବାର ମାନଦଣ୍ଡ ସେମାନଙ୍କର ଅତି ନିମ୍ନ । ବହୁରାଷ୍ଟ୍ରୀୟ କମ୍ପାନୀର ଲକ୍ଷ ଲକ୍ଷ ଟଙ୍କା ଏମାନଙ୍କ କପାଳରେ ଜୁଟେ ନାହିଁ । ୧୫୦୦ ଟଙ୍କାର ସରକାରୀ ଦରମାରେ ସେମାନେ ଶିକ୍ଷା ସହାୟକ ଭଳି ଠିକା ଚାକିରୀରେ ଜୀବନ ଆରମ୍ଭ କରନ୍ତି । ସରକାରୀ ବ୍ଲକ ଗ୍ରାଣ୍ଟ ଯାହାର ପ୍ରାପ୍ୟ, ଯାହାର ଅତୀତ ନାହିଁ କି ଭବିଷ୍ୟତ ନାହିଁ । ଯନ୍ତ୍ରଣା ଦାୟକ ବର୍ତ୍ତମାନ ସର୍ବସ୍ୱ ଏମାନେ । ଏ ପ୍ରକାର ସୁବିଧା ସୁଯୋଗ ଯେଉଁମାନଙ୍କ ଭାଗ୍ୟରେ ମିଳେ ନାହିଁ, ସେମାନେ ସରକାରୀ ଘରୁ ଋଣ ଆଣି ଜୀବିକା ନିର୍ବାହରେ ବ୍ୟସ୍ତ ରୁହନ୍ତି । ଏହାଛଡା ଆଉ କେତେକ ଯୁବକ ଯୁବତୀ ଅଛନ୍ତି ଯେଉଁମାନେ ଜୀବନ ଜୀବିକା ପାଇଁ ପ୍ରତି ମୁହୂର୍ତ୍ତରେ ସନ୍ତ୍ରସ୍ତ ହୋଇ ରହିଥାନ୍ତି । ନକ୍ସଲ ମୁକାବିଲା ପାଇଁ ପୋଲିସ ବିଭାଗରେ କନେଷ୍ଟବଲ୍ ରୂପେ ନିଯୁକ୍ତି ପାଇଥିବା ଏହି ଯୁବକ ଯୁବତୀଙ୍କ ପରିବାର ଲୋକେ ସୁଦ୍ଧା ସର୍ବଦା ଭୟ ଆତଙ୍କ ଓ ଉଦ୍‌ବେଗରେ ଦିନ କାଟୁଥାନ୍ତି ।

ସାଂପ୍ରତିକ ଯୁବଶକ୍ତିର ଏ ପ୍ରକାର ସ୍ଥିତି ଯଦି ଦୀର୍ଘସ୍ଥାୟୀ ରହେ ତେବେ ନିଶ୍ଚୟ ଦେଶ ପ୍ରଗତି ବଦଳରେ ଦୁର୍ଗତିର ଅତଳ ଗହ୍ୱରକୁ ଠେଲି ହୋଇଯିବ । ତେବେ ଏ ସଙ୍କଟର ସମାଧାନ କେଉଁଠି ? କିଏ ଦେବ ଏମାନଙ୍କୁ ମାର୍ଗଦର୍ଶନ ? ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଅର୍ଜୁନ ଏଇଭଳି ଗୋଟାଏ ଧର୍ମ ସଙ୍କଟରେ ପଡିଥିଲେ । ନିଜର କର୍ତ୍ତବ୍ୟ ସଂପର୍କରେ ସଠିକ୍ ନିଷ୍ପତ୍ତି ନେଇପାରୁ ନଥିଲେ । ତତ୍ତ୍ୱଦର୍ଶୀ ଶ୍ରୀକୃଷ୍ଣଙ୍କ ପାଖରେ ଶରଣାପନ୍ନ ହେଲେ । ଅଠର ଅଧ୍ୟାୟ ଗୀତାରେ ଜୀବନର ବହୁ ଜଟିଳ ସମସ୍ୟା ଓ ତାହାର ସମାଧାନର ସୂତ୍ର ଉନ୍ମୁକ୍ତ କରିଦେଲେ କର୍ମଯୋଗୀ କୃଷ୍ଣ । ତା'ପରେ କହିଲେ, ଯଥେଚ୍ଛସି ତଥା କୁରୁ । ତମର ଯାହା ଇଚ୍ଛା ତାହା କର । କିନ୍ତୁ ଅର୍ଜୁନ ଗାଣ୍ଡିବଧନୁ ତାଙ୍କ ପାଦ ତଳେ ଅର୍ପଣ କରିଦେଇ କହିଲେ- କରିଷ୍ୟେ ବଚନଂ ତବ । ଶ୍ରୀକୃଷ୍ଣଙ୍କର ଦୃଢ଼ ବ୍ୟକ୍ତିତ୍ୱ ଉପରେ ତାଙ୍କର ଭରସା ଥିଲା । ସବୁ ସମସ୍ୟାର ସମାଧାନ କରିବାର ସାମର୍ଥ୍ୟ ଥିଲା ଯୋଗେଶ୍ୱର କୃଷ୍ଣଙ୍କର । ତାଙ୍କର ମାର୍ଗଦର୍ଶନରେ ଅର୍ଜୁନ ସଫଳତାର ଶୀର୍ଷସ୍ଥାନରେ ପହଞ୍ଚି ପାରିଥିଲେ ।

ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଉଦ୍‌ଭ୍ରାନ୍ତ ଯୁବମାନସିକତାକୁ ଉପଯୁକ୍ତ ମାର୍ଗଦର୍ଶନ କରାଇବା ପାଇଁ ନେତୃତ୍ୱର ଅଭାବ ରହିଛି । ରାଜନୀତି ହେଉ ବା ସାମାଜିକ କ୍ଷେତ୍ର ହେଉ ଅଥବା ଆଧ୍ୟାତ୍ମିକ କ୍ଷେତ୍ର ଯାହାକୁ ସେ ଆଦର୍ଶ ବୋଲି ଗ୍ରହଣ କରୁଛି ପରେ ତାକୁ ପ୍ରବଞ୍ଚକ ବୋଲି ଅନୁଭବ କରି ହତାଶ ହେବା ପାଇଁ ପଡୁଛି । ଆଜିର ଆଦର୍ଶବାଦୀ ମାର୍ଗଦର୍ଶୀଜଣକ ଆସନ୍ତାକାଲି ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡୁଛି ଅଥବା ସେକ୍ସ ସ୍କାଣ୍ଡାଲରେ ସଂପୃକ୍ତ ଥିବାର ପ୍ରମାଣ ମିଳୁଛି, ଅଥବା ପାକିସ୍ତାନର ଗୋଇନ୍ଦାଗିରି କରୁଛି ଓ ସନ୍ତ୍ରାସବାଦୀମାନଙ୍କ ସହ ହାତ ମିଳାଉଛି ।

ସାଂପ୍ରତିକ ଯୁଗର ଶିକ୍ଷା ବ୍ୟବସ୍ଥା ଏତେ ବିପର୍ଯ୍ୟସ୍ତ ହୋଇପଡିଲାଣି ଯେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରିବାକୁ ପଡୁଛି ଯାହା ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ କାଠିକର ପାଠ । କୌଣସି କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଓ ଉଚ୍ଚଶିକ୍ଷା ଥାଇ ସୁଦ୍ଧା ଚାକିରୀରୁ ବଞ୍ଚିତ ହୋଇଥିବା ଯୁବକମାନେ ରାଜନୀତିକୁ ଶେଷ ଆଶ୍ରୟ ବୋଲି ଗ୍ରହଣ କରିଥାନ୍ତି । ରାଜନେତାମାନେ ସ୍ୱାର୍ଥସିଦ୍ଧି ପାଇଁ ଏମାନଙ୍କୁ ମୁଖ୍ୟ ମାଧ୍ୟମ କରିଥାନ୍ତି । ରାଜନେତା ଓ ମନ୍ତ୍ରୀମାନଙ୍କର ଯେକୌଣସି କାର୍ଯ୍ୟ ଓ ଅକାର୍ଯ୍ୟ ଏମାନେ ସୁରୁଖୁରୁରେ ସଂପନ୍ନ କରିଦେଥାନ୍ତି । ଯୁବାବସ୍ଥାରୁ ହିଁ ରାଜନୀତିର କଳୁଷିତ ବାତାବରଣ ସହ ଏମାନେ ସାମିଲ ହୋଇଯାନ୍ତି । ଦେଶ ଭବିଷ୍ୟତରେ ନିର୍ମଳ ଭାବମୂର୍ତ୍ତି ସଂପନ୍ନ ଉତ୍ସର୍ଗୀକୃତ ରାଜନେତା ପାଇବାରୁ ବଞ୍ଚିତ ହୁଏ ।

ରାମକୃଷ୍ଣ ପରମହଂସଙ୍କର ଯୁବ ସମାଜ ଉପରେ ଭରସା ଥିଲା । ତାଙ୍କରି ଦିଗ୍‌ଦର୍ଶନରେ, ଆଧ୍ୟାତ୍ମିକତାର ବିଭୂତିରେ ଐଶ୍ୱର୍ଯ୍ୟବନ୍ତ ବିବେକାନନ୍ଦଙ୍କ ଭଳି ଜଣେ ପ୍ରଚଣ୍ଡ ପ୍ରତିଭାଙ୍କୁ ପାଇ ଦେଶ ଧନ୍ୟ ହୋଇଥିଲା । ତାଙ୍କ ଉଦ୍‌ବୋଧନରେ ତତ୍‌କାଳୀନ ଯୁବଶକ୍ତି ଜାଗ୍ରତ ହୋଇଥିଲେ । ନୂଆ ଚେତନାରେ ଉଦବୁଦ୍ଧ ହୋଇଥିଲେ । କିନ୍ତୁ ସାଂପ୍ରତିକ ଯୁଗରେ ଯୁବସମାଜ କାହାକୁ ଆଧ୍ୟାତ୍ମିକ ଗୁରୁ କରିବ ଚିନ୍ତା କରିପାରୁନାହିଁ । ଆଧ୍ୟାତ୍ମିକତାର ଖୋଳପା ତଳେ ଏହି ଗୁରୁମାନେ ଯେଉଁଭଳି ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି ତାହା ଯେ କୌଣସି ସଭ୍ୟ ସମାଜ ପାଇଁ କଳଙ୍କ । ତଥାପି ଏହି ବାବାମାନଙ୍କ ପାଖରେ ଯୁବଚେଲାମାନଙ୍କର ଅଭାବ ନାହିଁ ଯାହା ଦେଶର ଆଧ୍ୟାତ୍ମିକ କ୍ଷେତ୍ର ପାଇଁ ଘାତକସିଦ୍ଧ ।

ଏସବୁ ସମସ୍ୟାରୁ ଉତ୍ତୀର୍ଣ୍ଣ ହେବା ପାଇଁ ଆମକୁ ବେଳହୁଁ ଚିନ୍ତା କରିବା ପାଇଁ ପଡିବ । ଯୁବଶକ୍ତି ଆମ ଦେଶର ସଂପତ୍ତି । ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଏହା ଆମେ ଭୁଲିଗଲେ ବିଭ୍ରାନ୍ତ ଯୁବସମାଜର ପଥଦ୍ରଷ୍ଟା ହେବ କିଏ ?

ଲୋକ ଚରିତ୍ର ଓ 'ଲାଞ୍ଚ'

କୁରୁ-ପାଣ୍ଡବ ଯୁଦ୍ଧ ପୂର୍ବର କଥା। ଯୁଦ୍ଧ ରୋକିବା ଓ ପାଣ୍ଡବମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଶ୍ରୀକୃଷ୍ଣ ଯେତେବେଳେ ଧୃତରାଷ୍ଟ୍ରଙ୍କ ପାଖକୁ ଯାଇଥିଲେ ସେତେବେଳେ ଦୁର୍ଯ୍ୟୋଧନ ଅତ୍ୟନ୍ତ ବିଳାସପୂର୍ଣ୍ଣ ପରିବେଶରେ ତାଙ୍କର ଚର୍ଚ୍ଚାସହ ବିଭିନ୍ନ ଉପଢ଼ୌକନ ଦେବାର ବ୍ୟବସ୍ଥା କରିଥିଲେ। ଏହାଦ୍ୱାରା ସେ ଶ୍ରୀକୃଷ୍ଣଙ୍କୁ ପ୍ରଭାବିତ କରିବାକୁ ଚାହୁଁଥିଲେ। କିନ୍ତୁ ଶ୍ରୀକୃଷ୍ଣ ଏଥିପ୍ରତି ଆଦୌ ଆକର୍ଷିତ ହୋଇନଥିଲେ। ବିଦୁର ଘରେ ନିରାଡମ୍ବର ପରିବେଶରେ ରହି ଶାଗଭଜା-ଭାତ ଖାଇଥିଲେ ଓ ଦୁର୍ଯ୍ୟୋଧନର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ ସିଧାସଳଖ କହିଥିଲେ, କାର୍ଯ୍ୟ ହାସଲ ହେବା ପୂର୍ବରୁ ଦୂତ ଏପରି କିଛି ଗ୍ରହଣ କରିବା ଅଦୌ ନୀତିସିଦ୍ଧ ନୁହେଁ। ଆଧୁନିକ ପରିଭାଷାରେ ଆମେ ଏହାକୁ ଲାଞ୍ଚ, ଘୁଷ୍ ଅଥବା କିଳାପୋତେଇ ବା ହାତଗୁଞ୍ଜା ଯାହା କିଛି କହୁ। ଦୁର୍ଯ୍ୟୋଧନର ଏହି ଉଦ୍ଦେଶ୍ୟ ସଫଳ ହୋଇନଥିଲା ସିନା ଲାଞ୍ଚ କାରବାରରେ ଭାରତ ଇତିହାସରେ ସେ ପ୍ରଥମ ଦୃଷ୍ଟାନ୍ତ ହୋଇ ରହିଗଲା। ଶ୍ରୀକୃଷ୍ଣଙ୍କ ବଳିଷ୍ଠ, ନିରପେକ୍ଷ ଓ ନିର୍ଭୀକ ବ୍ୟକ୍ତିତ୍ୱ ପାଖରେ ସେ ହାର ମାନିଥିଲା। କୁରୁରାଜ ଦରବାରରେ ଯାହା ଅବଧାରିତ ସତ୍ୟ ତାହା ହିଁ ହୋଇଥିଲା।

ବିଡମ୍ବନାର ବିଷୟ, ଏହିଭଳି ଉଚ୍ଚାଦର୍ଶର ଭିତ୍ତିଭୂମିରେ ଯେଉଁ ଦେଶର ଅସ୍ଥିପଞ୍ଜରା ଗଢ଼ା ହୋଇଥଲା, ଲାଞ୍ଚ ଦେଇ କାର୍ଯ୍ୟ ହାସଲ କରିବା କ୍ଷେତ୍ରରେ ସେ ବିଶ୍ୱରେ ସର୍ବପ୍ରଥମ ବୋଲି ଅପଖ୍ୟାତି ଅର୍ଜନ କଲା। ସଂପ୍ରତି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ସର୍ଭେ କରି ଏହି ତଥ୍ୟ ପ୍ରଦାନ କରିଛି। ସମଗ୍ର ବିଶ୍ୱରେ ଚାରିଜଣରେ ଜଣେ ଲାଞ୍ଚ କାରବାରରେ ଲିପ୍ତ ଥିବାବେଳେ ଭାରତରେ ପ୍ରାୟ ୫୪ ପ୍ରତିଶତ ଲୋକ ଏଥିରେ ସମ୍ପୃକ୍ତ ରହନ୍ତି। ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ଏହି ସଂସ୍ଥା ଯେଉଁ ତଥ୍ୟ ପ୍ରଦାନ କରିଛି, ତଦନୁସାରେ ଆଫାଗାନିସ୍ତାନ, କାମ୍ବୋଡିଆ, କାମେରୁନ୍, ଇରାକ, ନାଇଜେରିଆ, ପାଲେଷ୍ଟାଇନ୍ ଆଦି ରାଷ୍ଟ୍ରରେ ୫୦ ପ୍ରତିଶତ ଲାଞ୍ଚ କାରବାର ହେଉଥିବା ବେଳେ ମଧ୍ୟପ୍ରାଚ୍ୟ, ଉତ୍ତର ଆମେରିକାରେ ୩୬ ପ୍ରତିଶତ,

ସୋଭିଏତ୍ ସଂଘରେ ୩୨ ପ୍ରତିଶତ ଓ ଦକ୍ଷିଣ ଆମେରିକୀୟ ରାଷ୍ଟ୍ରରେ ୨୩ ପ୍ରତିଶତ, ଏସୀୟ ମହାସାଗରୀୟ ଅଞ୍ଚଳରେ ୧୧ ପ୍ରତିଶତ, ୟୁରୋପ ଓ ଉତ୍ତର ଆମେରିକାରେ ୫ ପ୍ରତିଶତ ଲୋକ ଲାଞ୍ଚର କାରବାର କରି କାର୍ଯ୍ୟ ହାସଲ କରିଥାନ୍ତି । ଆମ ଦେଶରେ ଲାଞ୍ଚର ପ୍ରାବଲ୍ୟ ମଧ୍ୟଯୁଗରୁ ମୁଖ୍ୟତଃ ବୈଦେଶିକ ଶାସକମାନଙ୍କ ଅମଳରୁ ହିଁ ହୋଇଥିଲା । ଅସଲ ଉଦ୍ଦେଶ୍ୟ ଥିଲା, ପ୍ରଜାଙ୍କର ରାଜସ୍ୱ ଅପହରଣ କରିବା । ଶାସକଙ୍କ ଏହି ମାନସିକତା ରାଜକର୍ମଚାରୀଙ୍କ ଉପରେ ପ୍ରତିଫଳିତ ହୋଇଥିଲା । ରାଜାଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଲକ୍ଷ୍ୟ ଥିଲା ରାଜସ୍ୱ ଉପରେ । କଳେବଳେ କୌଶଳେ ଅନ୍ୟର ଅର୍ଥ ଆତ୍ମସାତ କରିବା ଥିଲା ସମସ୍ତଙ୍କର ଉଦ୍ଦେଶ୍ୟ । ଫଳରେ ଶୋଷିତ ଓ ଲୁଣ୍ଠିତ ହେଲେ ପ୍ରଜା । ତଳିଆ କର୍ମଚାରୀମାନେ ପ୍ରଜାଙ୍କ ହାନିଲାଭ ବୁଝୁଥିଲେ । ରାଜଦ୍ୱାରର ସାମାନ୍ୟତମ କାର୍ଯ୍ୟ ପାଇଁ ଏହି ତଳିଆ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ପଡୁଥିଲା । ତାହା ଏହି ଉତ୍କୋଚ ମାଧ୍ୟମରେ । ନିରୀହ ଓ ଅବସ୍ଥାବାଧ ପ୍ରଜା ଏହି କର୍ମଚାରୀମାନଙ୍କୁ ହାତଗୁଞ୍ଜା ଦେଇ କାମ କଲେ । ଏହାକୁ କୁହାଗଲା ଘୁଷ୍ ।

ଘୁଷ୍ ଏକ ବୈଦେଶିକ ଶବ୍ଦ । ଆମ ଭାଷାକୁ ଆସିଲା ବେଳକୁ ତାହା ଲାଞ୍ଚ, କିଳାପୋତେଇ ଆଦି ଶବ୍ଦରେ ପରିଣତ ହୋଇଗଲା । ଏହାର ଶିଷ୍ଟ ଶବ୍ଦ ହେଲା ଉତ୍କୋଚ । ଏହି ମଧ୍ୟଯୁଗୀୟ ମାନସିକତା ଧୀରେ ଧୀରେ ପରମ୍ପରାରେ ପରିଣତ ହୋଇଗଲା । ପ୍ରଜାମାନେ ରାଜାଙ୍କୁ ସୁନିଆଁ, ନୂଆବର୍ଷ, ଦଶହରା ଆଦିରେ ଭେଟିଦେଲେ । ଏହି ପରମ୍ପରାର କ୍ରମବିକାଶ ହେଲା । ବିଭିନ୍ନ ରୂପରେ ବିଭିନ୍ନ ରଙ୍ଗରେ ଏହା ସମାଜକୁ କବଳିତ କରି ରଖିଲା । ହର୍ଷଦ ମେହେଟ୍ଟାର ସୁଟ୍‌କେଶ ହେଉ ଅବା ମୀରା ରାଡିଆର ଲବି, ସବୁଠି ଏହି କାରବାର ନିରଙ୍କୁଶ ଭାବରେ ଚାଲିଲା । ସରକାରୀ ଅଫିସ, ବେସରକାରୀ ଅଫିସ, ସର୍ବସାଧାରଣ ସ୍ଥାନ ଆଦି କୌଣସି ସ୍ଥଳ ବି ଲାଞ୍ଚ ପାଇଁ ଆଉ ଅପହଞ୍ଚ ହୋଇ ରହିଲା ନାହିଁ । ଏହାକୁ ଆଉ ପାପ କିମ୍ବା ଅନୀତି ଓ ଦୁର୍ନୀତି ଦୃଷ୍ଟିରେ ଗ୍ରହଣ କରାଗଲା ନାହିଁ । ଏହାକୁ କୁହାଗଲା ଉପୁରି । ଯେଉଁ ଚାକିରିରେ ଉପୁରି ଦି'ପଇସା ଅଛି, ସେହି ଚାକିରି ଓ ଚାକିରିଆକୁ ବେଶ୍ ମର୍ଯ୍ୟାଦା ପ୍ରଦାନ କରାଗଲା ।

ଆମ ସରକାରୀ କଳର ପଦ୍ଧତି ଏପରି ଯେ, ସରକାରୀ ଅଫିସରେ ଏହି ଲାଞ୍ଚଟା ପିସି ପଦବାଚ୍ୟ ହୋଇଗଲା । ଏହା ଆହୁରି ସମ୍ମାନଜନକ ଉଚ୍ଚାରଣ । ଅଧିକାରୀମାନଙ୍କୁ ଏଥିପାଇଁ ତୁଣ୍ଡ ଖୋଲିବା ପାଇଁ ପଡିଲା ନାହିଁ । ଦୁର୍ଯ୍ୟୋଧନର ପ୍ରତି ପଦପାତ ପାଇଁ ବସୁଧା ମା' ଲକ୍ଷେ ସ୍ୱର୍ଣ୍ଣ ପଦ୍ମ ଅର୍ପଣ କଲା ପରି ଏମାନଙ୍କର ଗୋଟାଏ ଗୋଟାଏ ଦସ୍ତଖତ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆପେ ଆସିଗଲା ।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଅନୁଶୀଳନ ଅନୁସାରେ ଭାରତରେ ସବୁଠାରୁ ବେଶୀ ଲାଞ୍ଚ କାରବାର ହୁଏ ପୋଲିସ୍ ବିଭାଗରେ। ହୋମଗାର୍ଡଠାରୁ ଆରମ୍ଭ କରି ସ୍ତରକୁ ସ୍ତର ଯେତେ ବିଭାଗ ରହିଛି, ସମସ୍ତେ ଚର୍ଚ୍ଚାର ପରିସରକୁ ଆସନ୍ତି। ସାମ୍ପ୍ରତିକ ସ୍ଥିତିରେ ପୋଲିସ ପରିବର୍ତ୍ତେ ଆଉ ଯେଉଁ ବିଭାଗ ବେଶୀ ପରିମାଣରେ ଚର୍ଚ୍ଚାର ପରିସରକୁ ଆସନ୍ତି, ସେମାନଙ୍କ ଭିତରେ ସ୍ୱାସ୍ଥ୍ୟ ବିଭାଗ ସର୍ବାଗ୍ରେ। ସରକାରଙ୍କ ବାରମ୍ବାର ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ବନ୍ଦ ହୋଇପାରିଲା ନାହିଁ। ରୋଗୀଟିର ଅସହାୟତାର ସୁଯୋଗ ନେଇ ମେଡିକାଲ ପ୍ରଫେସରଙ୍କଠୁଁ ଆରମ୍ଭକରି ଆଟେଣ୍ଡାଣ୍ଟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଲାଞ୍ଚଖୋର ମନୋବୃତ୍ତି ଅତ୍ୟନ୍ତ ନିନ୍ଦନୀୟ ଭାବରେ ପଦାକୁ ଆସୁଛି।

ସରକାର ପ୍ରଜାଙ୍କ ହିତ ସାଧନ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। କୋଟି କୋଟି ଟଙ୍କାର ପ୍ରକଳ୍ପ ହେଉଛି, ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ତାହା ପହଞ୍ଚି ପାରୁନାହିଁ। ଯାହାର ଉତ୍କୋଚ ଦେବାର ସାମର୍ଥ୍ୟ ରହିଛି, ସେମାନଙ୍କ ନିକଟରେ ଏହି ବ୍ୟବସ୍ଥା ପହଞ୍ଚି ପାରୁଛି। ଅନ୍ୟମାନଙ୍କ ପାଖରେ ନୁହେଁ। ଶିଳ୍ପ ବିଭାଗ, ନିଯୁକ୍ତି ବିଭାଗ, ବଣ୍ଟନ ବିଭାଗ, ବିଦ୍ୟୁତ୍ ବିଭାଗ ଏପରିକି ଶିକ୍ଷା ବିଭାଗ ସୁଦ୍ଧା ଏଥିରୁ ବାଦ୍ ପଡୁନାହିଁ। ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ସିଟ୍‌ଟିଏ ପାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଛି। ସବୁଠାରୁ ନିନ୍ଦନୀୟ ବ୍ୟାପାର ଏହି ଯେ, ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟମାନଙ୍କରେ ସୁଦ୍ଧା ପ୍ରପୀଡ଼ିତମାନେ ସରକାରୀ ରିଲିଫ ପାଇବା ପାଇଁ ସମ୍ପୃକ୍ତ କର୍ମଚାରୀମାନଙ୍କୁ କିଛି ହାତଗୁଞ୍ଜା ନଦେଲେ କାମ ହେଉନାହିଁ।

ଏପରିକି ଆମ ଦେବ ମନ୍ଦିରମାନଙ୍କରେ ମଧ୍ୟ ସେହି ବ୍ୟବସ୍ଥା ଥାଏ। ଆବଶ୍ୟକତାଠୁ ଅଧିକ ପଇସା ଦେଇଦେଲେ ଶୀଘ୍ର ଦେବଦର୍ଶନ ହୋଇଯାଏ। ଏଇମାନଙ୍କ ହେତୁ ସାଧାରଣ ଜନତା ଆକ୍ରାନ୍ତ ହୁଅନ୍ତି। ସେମାନଙ୍କ ପାଖରେ ଧୈର୍ଯ୍ୟ ଓ ସମୟର ଅଭାବ ନଥିଲେ ସୁଦ୍ଧା ଯୋଗ୍ୟତା ଭିତ୍ତିରେ କାର୍ଯ୍ୟ ହାସଲ ପାଇଁ ସବୁ ନଥିପତ୍ର ଠିକ୍ ଥିଲେ ସୁଦ୍ଧା ଯେହେତୁ ପୂର୍ବରୁ ଅଧିକାରୀଙ୍କ ଜିହ୍ୱା ଲାଳସାର ମଧୁର ସ୍ୱାଦ ଅନୁଭବ କରିଥାଏ, ବିନା ହାତଗୁଞ୍ଜାରେ ସେମାନେ କାମ କରନ୍ତି ନାହିଁ। ଏହା ହିଁ ଆମ ଭାରତୀୟମାନଙ୍କର ଦୁର୍ଭାଗ୍ୟ।

❑❑

ପଥଭ୍ରଷ୍ଟ ପଥିକ

ଦରିଦ୍ରଙ୍କ ପ୍ରତି ଦରଦ ପୀଡିତଙ୍କ ପ୍ରତି ସହାନୁଭୂତି ମଣିଷର ସହଜାତ ପ୍ରବୃତ୍ତି । ଏହି ପ୍ରବୃତ୍ତିତାଡିତ ହୋଇ ବିପଦରେ ପଡିଥିବା ମଣିଷଙ୍କପାଇଁ ସେ ସାହାଯ୍ୟ ସହଯୋଗର ହାତ ବଢ଼େଇ ଦେଇଥାଏ । ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିଦିଏ । ଶ୍ରୀକୃଷ୍ଣ, ରାମଚନ୍ଦ୍ର, ବିଶ୍ୱାମିତ୍ର, ଯୀଶୁ, ବୁଦ୍ଧ, ବିବେକାନନ୍ଦ, ଗାନ୍ଧୀ, ଗୋପବନ୍ଧୁ ହୁଅନ୍ତୁ ଅଥବା ସାଂପ୍ରତିକ ଯୁଗର ବିଭିନ୍ନ ସଂସ୍ଥା ସଂଗଠନ, ପ୍ରତ୍ୟେକ ଯୁଗରେ ଭିନ୍ନ ଭିନ୍ନ ରୂପରେ ଦୁଃଖୀ ମଣିଷ ଓଠରେ ହସ ଫୁଟେଇବା ପାଇଁ ଅହରହ ଚେଷ୍ଟା କରାଯାଇଛି । କୋଉଠି ଏ ସଂଗ୍ରାମ ମଣିଷର ଏକକତ ପୁଣି କେଉଁଠି ସାମୁହିକ । ସର୍ବଦା ମଣିଷର ଏ ଉଦ୍ୟମ ପ୍ରତି ସମାଜ ସ୍ନେହ ଶ୍ରଦ୍ଧା ଓ ଉତ୍ସାହ ଉଦ୍ଦୀପନା ପ୍ରଦାନ କରିଆସିଛି । ବ୍ୟକ୍ତିଗତ ଜଞ୍ଜାଳ ଭିତରେ ବୁଡିରହି ପ୍ରତ୍ୟକ୍ଷ ସଂଗ୍ରାମରେ ଯୋଗଦେଇ ପାରୁନଥିବା ମଣିଷମାନେ ନୈତିକ ବଳ ଯୋଗାଇ ଦେଇ ସେମାନଙ୍କ ଆତ୍ମ ବିଶ୍ୱାସକୁ ଦୃଢ଼ କରନ୍ତି । ଯୁଗେ ଯୁଗେ ସମାଜରେ ପୀଡିତ ଅଛନ୍ତି । ପୀଡନକାରୀ ଅଛନ୍ତି । ପୀଡିତଙ୍କୁ ନ୍ୟାୟ ଦେବାପାଇଁ ସମାଜସେବୀ ମଧ୍ୟ ଅଛନ୍ତି ଗୋଟାଏ ସନ୍ତୁଳିତ ସମାଜ ଗଠନ ପାଇଁ ଏହି ସ୍ୱୟଂସେବୀମାନଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏମାନେ ଯଦି ଲକ୍ଷ୍ୟ ଚ୍ୟୁତ ହେବେ, ପଥଭ୍ରଷ୍ଟ ହେବେ, ମୂଳଲକ୍ଷ୍ୟରୁ ଦୂରେଇ ଯିବେ, ସମାଜରେ ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି ହେବ । ନାନା ବିଧ ସାମାଜିକ ବିଭ୍ରାଟ ସୃଷ୍ଟି ହେବ ।

ନକ୍ସଲ ସଂଗଠନର ନେତା ନାଗଭୂଷଣ ପଟ୍ଟନାୟକଙ୍କୁ ସୁପ୍ରିମକୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ । କିନ୍ତୁ ରାଷ୍ଟ୍ରପତିଙ୍କ ରାଜକ୍ଷମା ବଳରେ ସେ ପୁଣି ସ୍ୱାଭାବିକ ଜୀବନ ଯାପନ କରିଥିଲେ । କ୍ଷମା ଏପରି ଏକ ପ୍ରସଙ୍ଗ ଯାହା କ୍ଷମା ଦାତା ଓ ଗ୍ରହୀତା ଉଭୟଙ୍କର ମହାନତାକୁ ସୂଚାଇଥାଏ । କ୍ଷମା ପାଇବାପାଇଁ ମଧ୍ୟ ଯୋଗ୍ୟତାର ଆବଶ୍ୟକତା ରହିଛି । ସ୍ୱର୍ଗତଃ ପଟ୍ଟନାୟକ ଥିଲେ ସଂଭ୍ରାନ୍ତ ଅପରାଧୀ, ହତ୍ୟା, ଲୁଟତରାଜ, ଆଇନଅମାନ୍ୟ ଆଦି ଅନେକ ଅଭିଯୋଗ ତାଙ୍କ ନାଁରେ ଥିଲେ ସୁଦ୍ଧା ତାଙ୍କର ଉଦ୍ଦେଶ୍ୟ ଯେହେତୁ ଥିଲା ମହତ୍, କୌଣସି ନିର୍ଦ୍ଦୋଷ

ନିରପରାଧ ନୁହଁନ୍ତି, ବରଂ ସମାଜର କ୍ଷତି କରୁଥିବା ଲୋକମାନେ ତାଙ୍କର ଟାର୍ଗେଟ ଥିଲେ। ସମାଜର ସେ ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ ଥିଲେ।

ଯୁଗେ ଯୁଗେ ସମାଜ ସୁଧାର ଦୁଇଟି ଉପାୟରେ ହୋଇଛି। ଗୋଟିଏ ହିଂସା ଓ ଅନ୍ୟଟି ଅହିଂସା। ପରିସ୍ଥିତିର ପ୍ରାସଙ୍ଗିକତା ନେଇ ଉଭୟର ଗୁରୁତ୍ୱ ରହିଛି। ଶାନ୍ତିର ପୂଜାରୀ ଆମ ଭାରତୀୟ ପରଂପରାରେ ଏହାର ବହୁ ଦୃଷ୍ଟାନ୍ତ ରହିଛି। ସ୍ୱୟଂ ବିଷ୍ଣୁ ସୁଦ୍ଧା ଶଙ୍ଖ ଚକ୍ର ଗଦା ପଦ୍ମ ବିଭୂଷିତ ହୋଇ ରଣାଙ୍ଗନରେ ଆବିର୍ଭୂତ ହୁଅନ୍ତି, ତାଙ୍କ ପାଇଁ କେତେବେଳେ ବାରହାତ ଖଣ୍ଡା ଆବଶ୍ୟକ ହୁଏ ତ ପୁଣି କେତେବେଳେ ସୌମ୍ୟ ଶାନ୍ତ ସିଗ୍ଧ ବୁଦ୍ଧଙ୍କ ଅଭୟ ମୁଦ୍ରା। ହିଂସାର ଚାବୁକରେ ହେଉ କି ଅହିଂସାର ଚାମରରେ, ସମାଜର ହିତ ପାଞ୍ଚୁଥିବା ଓ ସେଥିପାଇଁ ସକ୍ରିୟ ଭୂମିକା ନେଉଥିବା ମଣିଷମାନଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥାଏ। ଆଦର୍ଶ ଥାଏ, ନୀତି ଥାଏ। ଅଙ୍ଗୀକାର ବଦ୍ଧତା ଥାଏ। ଯାହାକୁ ଲଙ୍ଘନ କଲେ ସମାଜ ଆଦୌ ସେମାନଙ୍କୁ କ୍ଷମା ଦିଏ ନାହିଁ। ସେମାନେ ଜନସାଧାରଣଙ୍କ ଅନୁକମ୍ପା ହରେଇ ବସନ୍ତି।

ଭାରତ ସ୍ୱାଧୀନ ପାଇଁ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କର ଯେତିକି ଅବଦାନ ଥିଲା ସ୍ୱାଧୀନତା ପାଇଁ ରକ୍ତ ମାଗୁଥିବା ସୁଭାଷ ବୋଷଙ୍କର ସେତିକି ଅବଦାନ ଥିଲା। ଇଂରେଜମାନଙ୍କ ଭିତରେ ଆତଙ୍କ ସୃଷ୍ଟି କରିଥିବା ଭଗତସିଂଙ୍କର ଭୂମିକା ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନଥିଲା। ଏମାନେ ସମସ୍ତେ ଆମର ନମସ୍ୟ, ଧ୍ୟେୟ ଓ ପ୍ରେୟ।

ଏସବୁ ତ ପରାଧୀନ ଭାରତର କଥା। ସ୍ୱାଧୀନ ଭାରତରେ ମଧ୍ୟ ଆମ ଜନତାଙ୍କ ସମସ୍ୟା ଦୂରୀକରଣ ହୋଇପାରିନାହିଁ। ଶୋଷଣ କଷଣ ପୀଡନରେ ଏବେ ସୁଦ୍ଧା ଜନତା ଅତିଷ୍ଠ। ରାଜନେତା, ପୁଞ୍ଜିପତି, ସରକାରୀ କଳ, ବେସରକାରୀ ସଂଗଠନ ସବୁଠାରେ ଦୁର୍ନୀତିର ରାକ୍ଷସ ପକ୍ଷ ବିସ୍ତାର କରି ବସିଛି। ପୀଡିତ ଜନତାର ସ୍ୱର ସରକାରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଉପାନ୍ତ ଅଞ୍ଚଳରେ ସମସ୍ୟାର ଅନ୍ତ ନାହିଁ। ଆଦିବାସୀ ହରିଜନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସରକାରୀ ଅଫିସରଙ୍କ ସ୍ୱାର୍ଥ ସାଧନ କରୁଛି। ଚାଷୀ ଆତ୍ମହତ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମାଜର ତଳସ୍ତର ଲୋକମାନଙ୍କ ଜୀବନ ଦିନକୁ ଦିନ ଦୁର୍ବିସହ ହୋଇପଡୁଛି। ଏହା ବିରୁଦ୍ଧରେ ସମାଜର ପ୍ରତିବାଦର ସ୍ୱର ମଧ୍ୟ ଶୁଭୁଛି। କିନ୍ତୁ ନକ୍ସଲ ଓ ମାଓବାଦୀ ସଂଗଠନ ଯେଉଁଭଳି ଆହ୍ୱାନ ସରକାରଙ୍କୁ ଦେଇଛନ୍ତି ଅନ୍ୟତ୍ର ପରିଲକ୍ଷିତ ହୁଏ ନାହିଁ। ଏମାନଙ୍କ ଆତଙ୍କବାଦୀ କାର୍ଯ୍ୟକଳାପ ସରକାରଙ୍କୁ କ୍ରିୟାଶୀଳ କରୁଛି। ଆଦିବାସୀ, ହରିଜନ ଓ ଅବହେଳିତ ଜନତାଙ୍କ ସୁଖ ସମୃଦ୍ଧି ପାଇଁ ଅତୀତରେ ଏମାନଙ୍କର ପ୍ରମୁଖ ଭୂମିକା ଥିଲା। ସର୍ବହରାଙ୍କୁ ସୁରକ୍ଷା ଓ ଅଧିକାର ଦେବା ଏ ସଂଗଠନର ମୁଖ୍ୟ ଲକ୍ଷ୍ୟ ଥିଲା, ସରକାର ମହାଜନ, ଜମିମାଲିକ, ପୁଞ୍ଜିପତି, ଅସାଧୁ ବ୍ୟବସାୟୀ, ଅସାଧୁ ସରକାରୀ ଅଫିସର ଦୁର୍ନୀତିଗ୍ରସ୍ତ ରାଜନେତା ଏମାନଙ୍କର ଟାର୍ଗେଟରେ ଥିଲେ। ଧନୀକଠାରୁ ଲୁଟତରାଜ କରି ଗରିବଙ୍କୁ ବାଣ୍ଟି ଦେଉଥିଲେ। ଏକ

ଶ୍ରେଣୀ ବିହୀନ ଓ ସାମ୍ୟବାଦୀ ସମାଜ ଥିଲା ଏମାନଙ୍କର ସ୍ୱପ୍ନ । ବୁଦ୍ଧିଜୀବୀଙ୍କ ଆଶୀର୍ବାଦ ଏମାନଙ୍କ ପଛରେ ଥିଲା ନୈତିକ ସମର୍ଥନ ଥିଲା । ଅପରାଧ ସେମାନଙ୍କୁ ଗୌରବ ମଣ୍ଡିତ କରୁଥିଲା, ଗୋଟାଏ ମର୍ଯ୍ୟାଦାବନ୍ତସ୍ଥାନ ସେମାନେ ସମାଜରେ ପାଉଥିଲେ । ଜାଗ୍ରତ ପ୍ରହରୀ ସଦୃଶ ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସେମାନେ ସଚେତନ କରିଦେଉଥିଲେ । କିନ୍ତୁ କ୍ରମେ ଏ ସଂଗଠନସବୁ ପଥ ହୁଡିଲେ । ଲକ୍ଷ୍ୟଚ୍ୟୁତ ହେଲେ । ଅତୀତରେ ଯାହାକୁ ରକ୍ତାକ୍ତ ସଂଗ୍ରାମ କୁହାଯାଉଥିଲା ଏବେ ତାହା ବର୍ବରୋଚିତ ଓ ଜଘନ୍ୟ ହତ୍ୟାକାଣ୍ଡ ବୋଲି ବିବେଚିତ ହେଲା ।

ଚାରୁ ମଜୁମଦାର ଓ ମାଓ-ସେ-ତୁଙ୍ଗ ଯଦି ବଞ୍ଚିଥାନ୍ତେ ସେମାନେ କଦାପି ନିରନ୍ନ ଜନତାଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଖାଦ୍ୟପେୟ ସଂଗ୍ରହ କରିବା, ପୋଲିସ ଇନଫର୍ମର ସନ୍ଦେହରେ ସାଧାରଣ ଜନତାଙ୍କୁ ବର୍ବରୋଚିତ ହତ୍ୟା କରିବା, ଲ୍ୟାଣ୍ଡ ମାଇନ ଲଗାଇ ରେଳଯାତ୍ରୀଙ୍କୁ ଦୁର୍ଘଟଣା ଗ୍ରସ୍ତ କରାଇବା, ମୋବାଇଲ ଟାୱାରକୁ ଉଡାଇଦେବା, ଯାତ୍ରୀବାହୀ ବସ୍‌କୁ ଆକ୍ରମଣ କରିବା, ସ୍କୁଲଘର ପୋଡିଦେବା, ଶିଶୁ ମାନଙ୍କର ମଧ୍ୟାହ୍ନ ଭୋଜନ ଆଣି ଖାଇଦେବା, ଗୁଳିମାଡରେ ଗୋଟାଏ ଗୋଟାଏ ଗାଁର ଅର୍ଦ୍ଧାଧିକ ଲୋକଙ୍କୁ ହତ୍ୟା କରିବା ଭଳି କାର୍ଯ୍ୟ କରିବାକୁ ତାଙ୍କ ଅନୁଗତମାନଙ୍କୁ ଉତ୍ସାହିତ କରିନଥାନ୍ତେ । ଯାହାଦ୍ୱାରା ସେମାନଙ୍କ ସଂଗଠନ ନିନ୍ଦିତ ହେବା ସଙ୍ଗେ ସଙ୍ଗେ ଜନତାଙ୍କ ଆସ୍ଥା ହରାଉଛନ୍ତି । ବୁଦ୍ଧିଜୀବୀଙ୍କ ସମବେଦନା ତାଙ୍କ ପ୍ରତି ରହୁନାହିଁ । ସେମାନଙ୍କ ହିଂସାତ୍ମକ କାର୍ଯ୍ୟକଳାପରେ ସାଧାରଣ ଜୀବନଯାପନ ଦୁର୍ବିସହ ହୋଇପଡିଛି ।

ଏକଦା ଗୌରବମୟ ଐତିହ୍ୟ ସୃଷ୍ଟି କରିଥିବା ଏ ସଂଗଠନଗୁଡିକ ପଥ ହୁଡୁଥିବା ବେଳେ ଆମ ବୁଦ୍ଧୀଜୀବୀମାନଙ୍କର ନିଷ୍କ୍ରିୟତା ମର୍ମଦାହୀ । ସରକାରଙ୍କର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିରେ ଯେଉଁଠି ମାଓବାଦୀ, ସେମାନଙ୍କ ସମର୍ଥକ ଅଥବା ସାଧାରଣ ଜନତା ଆକ୍ରାନ୍ତ ହେଉଛନ୍ତି ବୁଦ୍ଧିଜୀବୀମାନେ ଶତଜିହ୍ୱରେ ସରକାରଙ୍କ ନିନ୍ଦାଗାନ କରୁଛନ୍ତି । ଗଣମାଧ୍ୟମ ଶତସିଂହ ବିକ୍ରମରେ ତତ୍ପରତା ପ୍ରକାଶ କରୁଛନ୍ତି । ଧର୍ମଘଟ, ଘେରାଓ, ରାସ୍ତାରୋକରେ ସରକାରକୁ ଅଚଳକରି ଦିଆଯାଉଛି, ଅଥଚ ମାଓବାଦୀଙ୍କ ତ୍ରୁଟି ପୂର୍ଣ୍ଣ କାର୍ଯ୍ୟକଳାପରେ ଏମାନେ ସଂପୂର୍ଣ୍ଣ ନିରବଦ୍ରଷ୍ଟା ରହୁଛନ୍ତି । ନିନ୍ଦା ଅବା ଭର୍ତ୍ସନା କରିବା ତ ଦୂରର କଥା ଗେହ୍ଲାପୁଅର ଦୁଷ୍ଟାମୀ ଭଳି ସେ ସବୁକୁ ନ୍ୟାୟୋଚିତ ବୋଲି ଯୁକ୍ତି ପ୍ରଦର୍ଶନ କରିବାକୁ ପଶ୍ଚାତପଦ ହେଉନାହାନ୍ତି । ଫଳରେ ଏ ସଂଗଠନଗୁଡିକ ନିଜକୁ ସଂଶୋଧନ କରିବାର ଆବଶ୍ୟକତା ମଣୁ ନାହାନ୍ତି । ଅପରାଧ ପରେ ଅପରାଧ କରି ଚାଲିଛନ୍ତି ।

ରାଉରକେଲାରେ ମାଓବାଦୀ ସନ୍ଦେହରେ ପୋଲିସର ତିରିଶ ଜଣଙ୍କୁ ଗିରଫର ପ୍ରତିବାଦରେ ଯେଭଳି ତୁମ୍ବିତୋଫାନ ଚାଲିଛି, ପୋଲିସ ଇନଫର୍ମର ସନ୍ଦେହରେ ଜଣେ

ମହିଳା ସମେତ ଯେପରି ନୀରିହ ଜନତାଙ୍କୁ ଗୋଟାଏ ପରେ ଗୋଟିଏ ମାଓବାଦୀମାନେ ନିର୍ମମ ଭାବରେ ହତ୍ୟାକରି ଚାଲିଛନ୍ତି ସେଥିପାଇଁ କିଛି ସାମାଜିକ ପ୍ରକ୍ରିୟା ନାହିଁ। ଫଳରେ ସେମାନେ ଉତ୍ସାହିତ ହେବାରେ ଲାଗିଛନ୍ତି।

ନକ୍ସଲ ଓ ମାଓବାଦୀ ଗୋଟାଏ ଐତିହ୍ୟ ସଂପନ୍ନ ସଂଗଠନ। ଏମାନେ ଅବକ୍ଷୟଶୀଳ ହୋଇ ନିନ୍ଦିତ ଅଥବା ଉର୍ଷିତ ହୁଅନ୍ତୁ ଏକଥା ଆମେ ଚାହୁଁ ନାହୁଁ। ବାର ବର୍ଷର ତପସ୍ୟା ଶୁଖୁଆ ପୋଡାରେ ଯିବା ପୂର୍ବରୁ ଏମାନେ ଆତ୍ମ ସମୀକ୍ଷା କରନ୍ତୁ। ମୂଳ ଲକ୍ଷରୁ ବିଚ୍ୟୁତ ନ ହୁଅନ୍ତୁ। ସେମାନଙ୍କ ଅପରାଧ ଅକ୍ଷମଣୀୟ ନହେଉ, ସମାଜ ସତତ ଏୟା ହିଁ ସେମାନଙ୍କଠାରୁ କାମନା କରେ। ଗୋଟାଏ ସମ୍ଭ୍ରାନ୍ତ ସଂଗଠନ କାଳର କପାଳରେ କଳଙ୍କିତ ଟୀକାଟିଏ ହୋଇ ରହିବା ଆଦୌ ଗୌରବୋଦ୍ଦୀପକ ନୁହେଁ।

❑❑

ର୍ୟାଗିଙ୍ଗ୍ ରାକ୍ଷସ କବଳରେ ଯୁବସମାଜ

ଶେଷରେ ବହୁଚର୍ଚ୍ଚିତ ଡାକ୍ତରୀ ଛାତ୍ର ଅମନ କଚୋ ହତ୍ୟା ମାମଲାରେ ଚାରିଜଣ ଡାକ୍ତରୀ ଛାତ୍ରଙ୍କୁ ହିମାଚଳ ପ୍ରଦେଶର ଏକ ସେସନ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନଙ୍କୁ ଚାରିବର୍ଷ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ଦଶହଜାର ଟଙ୍କା ଜୋରିମାନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅମନ ଏହି ଚାରିଜଣଙ୍କ ଦ୍ୱାରା ର୍ୟାଗିଙ୍ଗ୍‌ର ଶିକାର ହୋଇଥିଲେ ।

ଅମନଙ୍କ ପିତାମାତା ଚିରଦିନ ପାଇଁ ସନ୍ତାନ ହରାଇଲେ । ଏ ଦୁଃଖର ଅନ୍ତ ନାହିଁ । ଚାରିଜଣ ଅଭିଯୁକ୍ତଙ୍କ ପିତାମାତା ଯେଉଁମାନେ ପୁତ୍ରମାନଙ୍କୁ ଡାକ୍ତର କରିବାର ସ୍ୱପ୍ନ ଦେଖିଥିଲେ, ସେମାନେ ବି ସ୍ୱପ୍ନ ଭଙ୍ଗର ଯନ୍ତ୍ରଣା ଭୋଗ କରୁଥିବେ । ଏ ଚାରିଜଣଙ୍କୁ ଡାକ୍ତରୀ ପାଠ ଶେଷ କରିବାକୁ ଅନୁମତି ଦିଆଯିବ କି ନାହିଁ ତାହା ଭିନ୍ନ ପ୍ରସଙ୍ଗ, କିନ୍ତୁ ଏକ କଳଙ୍କିତ ଅତୀତ ଯେ ସେମାନଙ୍କ ଭବିଷ୍ୟତର ପିଛା ଛାଡିବ ନାହିଁ ଏହା ଅସ୍ୱୀକାର କରିହେବ ନାହିଁ ।

ଅପରାଧ ଓ ଶାସ୍ତି ଆବହମାନ କାଳରୁ ଚାଲିଆସିଛି । ଅପରାଧ କଲେ ଶାସ୍ତି ମିଳେ । ତାହା ସାମାଜିକ ଦଣ୍ଡ ହେଉ ଅବା ଐଶ୍ୱରୀୟ ଦଣ୍ଡ, କିନ୍ତୁ ଅପରାଧର ଶେଷ ନାହିଁ । କେତେକ ଅପରାଧ ବାଧ୍ୟ ହୋଇ ମଣିଷ ପରିସ୍ଥିତି ଚାପରେ କରିଥାଏ ତ ଆଉ କେତେକ ଅପରାଧ ଈର୍ଷା ପ୍ରଣୋଦିତ ହୋଇ କରେ । ପୁଣି କେତେକ ଅପରାଧ ପ୍ରତିଶୋଧ ପରାୟଣ ହୋଇ କରିଥାଏ । ଏସବୁକୁ ଆମେ ସ୍ୱାଭାବିକ ଭାବେ ଗ୍ରହଣ କରୁ । କିନ୍ତୁ ଅପରାଧ ଯେତେବେଳେ ବିଳାସରେ କରାଯାଏ, ସେତେବେଳେ ତାହା ସମାଜ ପାଇଁ ଘାତକସିଦ୍ଧ ହୋଇପଡେ । ଏ ମାନସିକତାରୁ ଯୁବ ସମାଜକୁ ଉଦ୍ଧାର କରିବାକୁ ହେବ ।

ଆଜିକାଲି ଶିକ୍ଷାନୁଷ୍ଠାନ ଗୁଡିକରେ ର୍ୟାଗିଙ୍ଗ୍ ରାକ୍ଷସ କାୟା ବିସ୍ତାର କରିଛି । ଶିକ୍ଷାନୁଷ୍ଠାନରେ ନୂଆ ନୂଆ ପାଦ ଦେଇଥିବା ପ୍ରଥମବର୍ଷର ଛାତ୍ରଙ୍କ ପ୍ରତି ବରିଷ୍ଠ ଛାତ୍ରଙ୍କର ର୍ୟାଗିଙ୍ଗ୍-ଆଚରଣର କୌଣସି ଯଥାର୍ଥତା ନାହିଁ । ନବାଗତମାନଙ୍କୁ ପୀଡା ଦେଇ, ଶାରୀରିକ

ଓ ମାନସିକ ଯନ୍ତ୍ରଣା ଦେଇ ହିଂସ୍ର ଆନନ୍ଦ ଅନୁଭବ କରିବା ଏକ ବିଚିତ୍ର ସୌଖୀନ ବିଳାସ ନୁହେଁ କି ? ଏହାକୁ ସ୍ୟାଡିଷ୍ଟଙ୍କର ଅପସଂସ୍କୃତି ବୋଲି କୁହାଯାଇପାରେ ।

କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ଆମ ସାମାଜିକ ଜୀବନରେ ନବାଗତଙ୍କୁ ସ୍ୱାଗତ କରିବା ପରମ୍ପରାସିଦ୍ଧ । ମୃଦୁ ପରିହାସ ମାଧ୍ୟମରେ ନୂଆ ପରିବେଶ ସହ ନବାଗତମାନଙ୍କୁ ସହଜ ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ କରାଯାଇଥାଏ । ଏହା ଏକ ସକରାତ୍ମକ ପ୍ରକ୍ରିୟା । ଜ୍ୱାଇଁଟି ଶ୍ୱଶୁର ଘରକୁ ଆସିଲେ ଶଳା-ଶାଳୀ ଓ ନଣନ୍ଦ-ଦିଅରଙ୍କର ଥଟ୍ଟା ପରିହାସ ଆଉ ମୃଦୁ ତାଡନା ଆମ ସଂସ୍କୃତିର ଅନ୍ତର୍ଭୁକ୍ତ । ନଣନ୍ଦ ଏରୁଣ୍ଡି ମାଡିବସି ନବବଧୂଙ୍କୁ ଗୃହପ୍ରବେଶ କରାଇନଦେବା ଓ ନଣନ୍ଦପୁଟୁଳି ଦାବି କରିବା ମଧ୍ୟ ଏହି ପର୍ଯ୍ୟାଭୁକ୍ତ । ଛୋଟ ଛୋଟ କଥାରେ ଭିଣୋଇ ଅବା ନବବଧୂଙ୍କୁ ହାସ୍ୟାସ୍ପଦ କରିବା ଭିତରେ ଗଭୀର ଆପଣାପଣିଆ ଓ ଆନ୍ତରିକତାବୋଧ ରହିଥାଏ । ଏହାଦ୍ୱାରା ପରସ୍ପର ମଧ୍ୟରେ ଥିବା ଦୂରତ୍ୱ ଦୂରୀଭୂତ ହୁଏ, ସଂକୋଚଭାବ କଟିଯାଏ । ନୂଆ ପରିବେଶ ଭିତରେ ନିଜକୁ ଖାପ ଖୁଆଇବା ସହଜ ଓ ସ୍ୱଚ୍ଛନ୍ଦ ହୋଇଥାଏ । ଉପସ୍ଥିତ ବୁଦ୍ଧି, ଚତୁରତା ଓ ବୁଦ୍ଧିମତ୍ତା ଦ୍ୱାରା ଜ୍ୱାଇଁ ଆଉ ନବବଧୂ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଏସବୁ ଆମ ସମାଜର ଚଳଣି । ଏଥିରେ ହିଂସ୍ରତା ନଥାଏ, ଥାଏ ନିର୍ମଳ ଆନନ୍ଦ । ହାସ୍ୟାସ୍ପଦ ହେଉଥିବା ବ୍ୟକ୍ତି ଆନନ୍ଦ ଅନୁଭବ କରୁନଥିଲେ ଶଳାବିଧା ଖାଉଥିବା ଭିଣୋଇ ପ୍ରତିଦାନରେ ଶଳାଙ୍କୁ ଉପହାର ଦେବା ବିଧି ନଥାନ୍ତା । କିନ୍ତୁ ଆମର ଶିକ୍ଷାନୁଷ୍ଠାନ ବିଶେଷକରି ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଗୁଡିକରେ ଏହି ଶିଷ୍ଟାଚାର ଏବେ ଅତ୍ୟାଚାରରେ ପରିଣତ ହୋଇଛି । ନବାଗତଙ୍କୁ ସ୍ୱାଗତ କରିବା ପରମ୍ପରାରେ ର୍ୟାଗିଙ୍ଗ୍ ମାନସିକତା ହିଁ ବେଶୀ ପରିମାଣରେ ଅନୁଭୂତ ହେଉଛି । ହାସ୍ୟ ପରିହାସ ମାଧ୍ୟମରେ ନବାଗତଙ୍କୁ ସ୍ୱାଗତ କରି ନିର୍ମଳ ଆନନ୍ଦ ଅନୁଭବ କରିବା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା, ର୍ୟାଗିଙ୍ଗ୍ କରୁଥିବା ଛାତ୍ରଙ୍କର ପ୍ରକୃତ ଉଦ୍ଦେଶ୍ୟ ନୁହେଁ । ବରଂ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଏକ ହିଂସ୍ର ଆନନ୍ଦ ଆହରଣ କରିବା ମୁଖ୍ୟ ଲକ୍ଷ୍ୟ ହୋଇପଡୁଥିବା ଦେଖାଯାଉଛି । କେତେଜଣ ଅପରିଣାମଦର୍ଶୀ ଛାତ୍ରଙ୍କ ପାଇଁ ସମଗ୍ର ଅନୁଷ୍ଠାନରେ ସୃଷ୍ଟି ହେଉଛି ଭୟ ଓ ଆଶଙ୍କାର ବାତାବରଣ । ଉଚ୍ଚଶିକ୍ଷା ଲାଭକରି ଏକ ସ୍ଥିର ଭବିଷ୍ୟତ ଗଢ଼ିବା ଆଶାରେ ଆସିଥିବା କେତେକ ଛାତ୍ର ର୍ୟାଗିଙ୍ଗ୍ ଭୟରେ ଶିକ୍ଷାନୁଷ୍ଠାନ ତ୍ୟାଗକରି ଚାଲିଯାଉଥିବା କିମ୍ବା ଅମନଙ୍କ ପରି ମୃତ୍ୟୁର ଶିକାର ହେଉଥିବା ଦେଖିବାକୁ ମିଳୁଛି ।

ର୍ୟାଗିଙ୍ଗ୍ ପରମ୍ପରାକୁ ଉଚ୍ଛେଦ କରିବାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ଶିକ୍ଷାନୁଷ୍ଠାନ ଗୁଡିକରେ । ପ୍ରଶାସନିକ ବିଭାଗ ମଧ୍ୟ ଏଥିପ୍ରତି ସତର୍କ ନଜର ରଖିଛି । ତଥାପି ଏହି ଅସୁସ୍ଥ ପରମ୍ପରା ବୃଦ୍ଧି କରିଚାଲିଛି ତା'ର କଳେବର । ସାଧାରଣ ଶିକ୍ଷାନୁଷ୍ଠାନ ଅପେକ୍ଷା ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ଏହାର ପ୍ରଭାବ ବହୁ ପରିମାଣରେ ଅନୁଭୂତ ହେଉଛି ।

ଦେଶର ଭବିଷ୍ୟତ ଯେଉଁମାନଙ୍କ ଉପରେ ନିର୍ଭର କରେ, ସେମାନେ ଏଭଳି ଅସୁସ୍ଥ ମାନସିକତାରୁ ହିଂସ୍ର ଆନନ୍ଦ ଅନୁଭବ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ।

ଜେଲ୍, ଜୋରିମାନା ଓ ଶିକ୍ଷାନୁଷ୍ଠାନରୁ ବହିଷ୍କାର ହେବାର ଭୟ ହୁଏତ ର୍‍ୟାଗିଙ୍ଗ୍ ମନୋବୃତ୍ତିକୁ କିଛିକାଳ ପାଇଁ ଅବଦମିତ କରିପାରେ । କିନ୍ତୁ ଏହି ଗର୍ହିତ ମାନସିକତା ଭବିଷ୍ୟତରେ ଯେ ନାନାବିଧ ସମସ୍ୟା ସୃଷ୍ଟି ନକରିବ ବା ନ କରୁଥିବ ଏହା କିଏ କହିବ ? ଶିକ୍ଷା ପରିସମାପ୍ତି ପରେ ସେମାନେ ଯେତେବେଳେ ଚାକିରି କ୍ଷେତ୍ରରେ ପ୍ରବେଶ କରିବେ, କନିଷ୍ଠ କର୍ମଚାରୀମାନଙ୍କ ପ୍ରତି ସେମାନଙ୍କର ସ୍ନେହ, ଶ୍ରଦ୍ଧା ଏବଂ ସହାନୁଭୂତି ରହିବ ତ ?

ସମସ୍ୟା ଯେତେ ଗମ୍ଭୀର ହେଉ ନା କାହିଁକି, ସାମୂହିକ ଉଦ୍ୟମରେ ଏହାର ନିରାକରଣ ସମ୍ଭବ । କେବଳ ମିଳିତ ଉଦ୍ୟମରେ ହିଁ ର୍‍ୟାଗିଙ୍ଗ୍ ରାକ୍ଷସ କବଳରୁ ଆମର ଯୁବସମାଜକୁ ରକ୍ଷା କରାଯାଇପାରିବ ।

ଗଣମାନସିକତା ଓ ଗଣଦାୟିତ୍ୱ

ଗଣମନସ୍ତତ୍ତ୍ୱ ବଢ଼ିଲା ନଈର ସୁଅ ପରି, ଅମଡା ମାଡିଯାଏ । ସେଥିପାଇଁ ନୀତିନିୟମ, ତର୍କ ବିତର୍କ ଓ ଶାସ୍ତ୍ରସମ୍ମତ ସୀମା ସରହଦ ନାହିଁ । ଏ ମନସ୍ତତ୍ତ୍ୱରେ ଏକଦା ସର୍ବୋଚ୍ଚ ମାନ୍ୟତା ଦିଆଯାଇଥିବା ଓ ଦେବତାର ଆସନରେ ବସାଯାଇଥିବା ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ତାଙ୍କର କବର ଖୋଳି ବାହାର କରି ସର୍ବସାଧାରଣରେ ଭର୍ତ୍ସନା କରିବାର ଦୃଷ୍ଟାନ୍ତ ବିଶ୍ୱରେ ବିରଳ ନୁହେଁ । ଭରସା କରିହୁଏ ନାହିଁ ଏ ଅନ୍ଧମୁହାଣୀକୁ । ଦୁନିଆର ସର୍ବଶ୍ରେଷ୍ଠ ବିଦ୍ୱାନ ଓ ବୁଦ୍ଧିଜୀବୀ ମଣିଷ ବି ବେଳେବେଳେ ଅସହାୟ ହୋଇପଡନ୍ତି ଏ ମାନସିକତା ନିକଟରେ ।

ବ୍ରର୍ଟାଣ୍ଡ ରସେଲ ତାଙ୍କ ସମୟର ଅଦ୍ୱିତୀୟ ଜ୍ଞାନୀ ଗୁଣୀ । ତାଙ୍କର ମାନବତାବାଦୀ ଚିନ୍ତାଧାରା ବିଶ୍ୱମହାଯୁଦ୍ଧକୁ ବିରୋଧ କରୁଥିଲା । ଜନତାଙ୍କ ମଧ୍ୟରେ ଯୁଦ୍ଧ ବିରୋଧୀ ଭାବଧାରା ସୃଷ୍ଟି କରିବା ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ । ଏଥିପାଇଁ ସେ ତତ୍‌କାଳୀନ ସରକାର ଚର୍ଚ୍ଚିଲଙ୍କ ରୋଷର ଶିକାର ହେବା ସଂଗେ ସଂଗେ ଜନତାଙ୍କ ଦ୍ୱାରା କମ୍ ନିନ୍ଦିତ ଓ ଭର୍ତ୍ସିତ ହୋଇନଥିଲେ । ଏପରି କି ଇଂଲଣ୍ଡର ସମସ୍ତ ପତ୍ରପତ୍ରିକା ତାଙ୍କର ଲେଖା ଛାପିବା ବନ୍ଦ କରି ଦେଇଥିଲେ । ନିରୁପାୟ ରସେଲ ମାନସିକ ଚାପ ପ୍ରଶମନ ପାଇଁ ମାଇଲ ମାଇଲ ରାସ୍ତା ଚାଲୁଥିଲେ । ଥରେ ଏକ ଥିଏଟର ସାମ୍ନାରେ ଯାଉଥିବା ବେଳେ ସେ ଦେଖିଲେ ହଲ୍‌ରୁ ବାହାରି ଦର୍ଶକ ଆଖିରୁ ଲୁହ ପୋଛୁଛନ୍ତି । ଅନୁସନ୍ଧାନ କରି ସେ ଜାଣିଲେ ଯେ ସେଠାରେ ଅଭିନୀତ ହେଉଥିଲା ଏକ ଗ୍ରୀକ୍ ଟ୍ରାଜେଡି ଯେଉଁଥିରେ ଏକ ଶିଶୁକୁ ନିର୍ଦ୍ଦୟ ଭାବରେ ହତ୍ୟା କରାଯାଇଥିଲା । ବ୍ୟଥିତ ହୋଇ ରସେଲ ମନ୍ତବ୍ୟ ଦେଇଥିଲେ- ଗୋଟିଏ ନାଟକର ଅଭିନୟ ଦେଖି ଯେଉଁମାନଙ୍କର ହୃଦୟ ଏପରି ବିଗଳିତ ହୋଇଯାଏ ସେମାନେ ଶହ ଶହ ଶିଶୁଙ୍କୁ ହତ୍ୟା କରୁଥିବା ଏକ ସରକାରଙ୍କୁ ନିର୍ବିକାର ଭାବରେ ସମର୍ଥନ କରୁଛନ୍ତି କିପରି ?

ଜନତାଙ୍କ ତରବାରୀରେ ବେଳେବେଳେ ଦୁଇପଟେ ଧାର ତ ବେଳେବେଳେ ସେ ତରବାରୀ ସମ୍ପୂର୍ଣ୍ଣ ଧାରହୀନ ଓ ଦନ୍ଥୁଡା । ଯେତେ ଶାଣ ହେଲେ ବି ସେଥିରେ ଧାର ହୁଏ ନାହିଁ । ନିଦା ବିଷ୍ଣୁ ଭଳି ସକଳ ଅନ୍ୟାୟ ଅତ୍ୟାଚାରକୁ ସହ୍ୟ କରିଯାଆନ୍ତି ତ ଏତେଟିକେ ଅନ୍ୟାୟ ଅତ୍ୟାଚାରରେ ପ୍ରତିକ୍ରିୟାଶୀଳ ହୋଇ ଖଣ୍ଡ ପ୍ରଳୟ କରିବସନ୍ତି । ମଞ୍ଚ ଉପରେ ଅଭିନୟ

କରୁଥିବା ନାୟିକାର ଦୁଃଖରେ ଦ୍ରବୀଭୂତ ହୋଇଯାଉଥିବା ମଣିଷଟି ଅଭିନୟ ଶେଷରେ ନିଜେ ପାଲଟିଯାଏ ଅତ୍ୟାଚାରୀ। ନାରୀଟିଏ ଅତ୍ୟାଚାରିତ ହେଉଥିବା ଦେଖିଲେ ସେ ମଧ୍ୟ ବାଟ ଭାଙ୍ଗି ଚାଲିଯାଏ।

ସରକାରଙ୍କ ଦୟା ଓ ଅନୁକମ୍ପାପ୍ରାର୍ଥୀ ହେବା ଏ ଯୁଗରେ ଜନତାଙ୍କର ଆଉ ଏକ ମାନସିକତା। ନିଜର ଦୁର୍ଗତି ପାଇଁ ସରକାର ଉପରେ ସେ ଦୋଷ ଲଦିଦିଏ। ସରକାରଙ୍କ ସାହାଯ୍ୟ ସହଯୋଗ ବିନା ଜନତା କିଛି କରିପାରିବେ ନାହିଁ ବୋଲି ସେମାନଙ୍କର ଧାରଣା। ଦିନଥିଲା ଏ ଜାତି ନିଜର ଦାରିଦ୍ର୍ୟକୁ ଗୋପନ କରି ରଖିବା ଶିଖିଥିଲା। ମୁହଁରେ ଆଣ ବୋଲି ବସାଦହି ଖାଇଛି ବୋଲି କହୁଥିଲା। ଏହା ଯେତେ ହାସ୍ୟାସ୍ପଦ ହେଲେ ବି ସେ ମଣିଷଙ୍କର ଆତ୍ମ ସମ୍ମାନ ଥିଲା। ନିଜ ଦାରିଦ୍ର୍ୟକୁ ସେମାନେ ନିଲାମ କରୁନଥିଲେ। ଅନ୍ୟର ଦୟା ଦକ୍ଷିଣାରେ ବଞ୍ଚିବା ପାଇଁ ପସନ୍ଦ କରୁନଥିଲେ। ଦାରିଦ୍ର୍ୟ ଭିତରେ ବି ମଥାଟେକି ବଞ୍ଚି ରହୁଥିଲେ। ଦେଶର ଜାତୀୟ ବିପର୍ଯ୍ୟୟ ସମୟରେ ଜନତାଙ୍କ ପାଇଁ ଅନ୍ନଛତ୍ର ଖୋଲାଯାଉଥିଲା। ରିଲିଫ୍ କ୍ୟାମ୍ପମାନ ବସୁଥିଲା। କିନ୍ତୁ ଏ ଜାତି ସହଜରେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଉନଥିଲା। କଣ୍ଠାଗ୍ରତ ପ୍ରାଣ ନହେବା ପର୍ଯ୍ୟନ୍ତ ଅନ୍ନଛତ୍ରର ଅନ୍ନ ଛୁଉଁନଥିଲା। ଅକର୍ତ୍ତବ୍ୟରେ ପଡି କେହି ଅନ୍ନଛତ୍ରରେ ପଶିଥିଲେ ସେ ପ୍ରାୟଶ୍ଚିତ କରୁଥିଲା। ଲୋକେ ତାକୁ ସାମାଜିକ ବାସନ୍ଦ କରୁଥିଲେ। କିନ୍ତୁ ସେ ସ୍ୱାଭିମାନ, ସେ ଆତ୍ମସମ୍ମାନ ଆଉ କଡାକରେ ନାହିଁ। ଏବେ ରିଲିଫ୍ ବଣ୍ଟନ ସ୍ଥାନରେ ଦରିଦ୍ରଙ୍କ ଅପେକ୍ଷା ସ୍ୱଚ୍ଛଳ ବର୍ଗଙ୍କର ଭିଡ ବେଶି। ଗଣମାନସିକତା ସମ୍ପୂର୍ଣ୍ଣ ବଦଳିଯାଇଛି। ନିଜ ଦାରିଦ୍ର୍ୟକୁ ବିଜ୍ଞାପିତ କରିବାର ପ୍ରତିଯୋଗିତା ଆମ ଭିତରେ ତୀବ୍ର। କଳେବଳେ କୌଶଳେ ବିପିଏଲ୍ କାର୍ଡ ଖଣ୍ଡେ ହାସଲ କରିବା ପାଇଁ ଆମେ ଆମ ଘରର କନ୍ଥାକୁନ୍ଥୁଡି ଆଣି ବାହାରେ ପ୍ରଦର୍ଶନ କରୁ। ଦାରିଦ୍ର୍ୟର ସୀମାରେଖା ତଳେ ରହିବା ଯେମିତି ଆମର ପୌରୁଷ ! ଭୋଗସର୍ବସ୍ୱ ମାନସିକତା ଉପରେ ପ୍ରତିଷ୍ଠିତ ଏହି ପ୍ରବୃତ୍ତି, ତ୍ୟାଗର ଭିତ୍ତିଭୂମିରେ ପ୍ରତିଷ୍ଠିତ ଆମ ଜାତୀୟ ଚରିତ୍ରର ମହନୀୟତାକୁ ଯେ କ୍ଷୁର୍ଣ୍ଣ କରୁଛି ଏହା କେହି ଚିନ୍ତା କରନ୍ତି ନାହିଁ।

ମଧ୍ୟାହ୍ନ ଭୋଜନର ମୋହ ଦେଖାଇ ଯେଉଁଠି ଶିକ୍ଷାର ବିକାଶ ପାଇଁ ଚିନ୍ତା କରାଯାଏ, ପୁଣି ସେଇ ଶିଶୁଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଡାଲି ଚାଉଳ ଅଣ୍ଡା ଉପରେ ସମସ୍ତଙ୍କ ଲୋଲୁପ ଦୃଷ୍ଟି ନିବଦ୍ଧ ଥାଏ, ସେ ଜାତିର ମୂଲ୍ୟବୋଧ ଯେ ରସାତଳଗାମୀ ସେ କଥା ଆଉ ବୁଝାଇ କହିବା ଆବଶ୍ୟକ ନାହିଁ।

ଏହି ନିକଟରେ ଇଣ୍ଟରନ୍ୟାସନାଲ ଟ୍ରାନ୍ସପରେନ୍‌ସି ସଂସ୍ଥାର ସର୍ଭେ ଅନୁଯାୟୀ, ଆମ ଦେଶ ଦୁର୍ନୀତି ତାଲିକାରେ ସର୍ବାଗ୍ରେ ରହିଛି। ଦୁର୍ନୀତି କରିବା, ଦୁର୍ନୀତିକୁ ସହିଯିବା ଓ ଦୁର୍ନୀତିକୁ ପ୍ରୋତ୍ସାହିତ କରିବାରେ ଆମେ ଦକ୍ଷ। ଏସବୁ ଆଉ ଆମକୁ ଧର୍ତ୍ତବ୍ୟ ଅପରାଧ ବୋଲି ମନେ ହେଉନାହିଁ। ଏହାକୁ ଲଜ୍ଜାଜନକ ବୋଲି ଆମେ ମଣୁନାହୁଁ। ଏହା ମଧ୍ୟ ଏକ ଗଣ ମାନସିକତା। ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡୁଥିବା ବ୍ୟକ୍ତିଙ୍କର ସାମାଜିକ ପ୍ରତିଷ୍ଠା ବୃଦ୍ଧିପାଉଛି। ଅନ୍ନଛତ୍ରରେ ପଶିଥିବା ଲୋକ ଭଳି ଆମେ ତାଙ୍କୁ ସାମାଜିକ ବାସନ୍ଦ କରୁନାହୁଁ। ଦରକାର

ପଡିଲେ ସେଇ ପରିବାରରୁ ଝିଅ ଆଣିବା ଅଥବା ଝିଅ ଦେବାର ସର୍ବନିମ୍ନ ସୁଯୋଗ ଟିକକୁ ମଧ୍ୟ ଆମେ ହାତଛଡା କରୁନାହୁଁ। ଦୁର୍ନୀତି ରାକ୍ଷସ ଆମ ଚେତନାକୁ ଏପରି କବଳିତ କରି ସାରିଲାଣି ଯେ ସେଥିରୁ ମୁକ୍ତି ପାଇବାକୁ ଆମ ପାଇଁ ପୁଣି ଏକ ସ୍ୱାଧୀନତା ସଂଗ୍ରାମ ଲଢ଼ିବାର ଆବଶ୍ୟକତା ହେଲାଣି । ପାର୍ଥକ୍ୟ ଏତିକି ଯେ ଆମ ସ୍ୱାଧୀନତା ସଂଗ୍ରାମ ବାହ୍ୟଶକ୍ତି ପାଖରୁ ମୁକ୍ତି ଉଦ୍ଦେଶ୍ୟରେ ଥିଲା, କିନ୍ତୁ ଏ ସଂଗ୍ରାମ ହେବ ଆମ ଚେତନା ଭିତରେ ପକ୍ଷଛାୟା ବିସ୍ତାର କରିଥିବା ଦୁର୍ନୀତି ରାକ୍ଷସ ବିରୁଦ୍ଧରେ । ଅପରକୁ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ କରିବାକୁ ଅଣ୍ଟାଭିଡୁଥିବା ବେଳେ ଆମେ ନିଜେ ବି ଦୁର୍ନୀତି ମାନସିକତାରୁ ମୁକ୍ତ ନୋହୁଁ। ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ମୂଳରେ ସମାଜକୁ ଦୁର୍ନୀତି ମୁକ୍ତ କରିବା ଉଦ୍ଦେଶ୍ୟ ନଥାଏ, ବରଂ ଥାଏ ଏକ ଈର୍ଷାପ୍ରଣୋଦିତ ମାନସିକତା-ଆମ ଆଖପାଖର ଲୋକଟା ଆମ ଦୃଷ୍ଟି ସମ୍ମୁଖରେ ଏତେଗୁଡା ସଂପତ୍ତିର ଅଧିକାରୀ ହୋଇଗଲା, ଅଥଚ ଆମେ ଯଥା ପୂର୍ବଂ ତଥା ପରଂ !

ଜନତାଙ୍କ ଭିତରେ ଯୁଦ୍ଧ ବିରୋଧୀ ମନୋଭାବ ସୃଷ୍ଟିକରିବାରେ ସଫଳ ହୋଇନଥିଲେ ରସେଲ । ଚର୍ଚ୍ଚିଲ ଲୋକଙ୍କ ମନରେ ଯେଉଁ ବିଷ ମଞ୍ଜି ରୋପଣ କରିଥିଲେ ତାକୁ ଉତ୍ପାଟନ କରିବା ଏତେ ସହଜ ନଥିଲା। ବରଂ ରସେଲ ଅପ୍ରିୟ ଭାଜନ ହୋଇଥିଲେ ଜନତାଙ୍କ ଦରବାରରେ । ଏସବୁ ସତ୍ତ୍ୱେ ତାଙ୍କର ପ୍ରଜ୍ଞା, ବିଦ୍‌ବତ୍ତା ଓ ଉଚ୍ଚବିଚାରଧାରାକୁ ଜନତା ସମ୍ମାନ ଦେଉଥିଲେ । ଚର୍ଚ୍ଚିଲଙ୍କ ନୀତିରେ ଅସହାୟ ଓ ଜନତାଙ୍କ ଅନ୍ଧମାନସିକତାର ବ୍ୟଥିତ ହୋଇ ଦିନେ ରସେଲ ଘୋଷଣା କଲେ ଯେ ସେ ପ୍ରମାଣ କରିଦେବେ ଈଶ୍ୱର ନାହାନ୍ତି । ଘଟଣାଟି ସେତେବେଳେ ଚମକୃତ କରିଥିଲା ଜନତାଙ୍କୁ। ନିର୍ଦ୍ଧାରିତ ଦିନ ପାଖେଇ ଆସିଲା। ମଞ୍ଚ ଚାରିପଟେ ଜନତା ରୁଣ୍ଡ ହୋଇଗଲେ । ରସେଲ ମଞ୍ଚକୁ ଉଠିଲେ । ଇଂଲଣ୍ଡର ଜନତା ଆଡେ ଦୟାପୂର୍ଣ୍ଣ ଦୃଷ୍ଟିଟିଏ ବୁଲେଇ ଆଣି ସେ ଘୋଷଣା କଲେ - 'ଈଶ୍ୱର ନାହାନ୍ତି କାରଣ ଚର୍ଚ୍ଚିଲ ଅଛନ୍ତି' । ଏହାପରେ ସେ ମଞ୍ଚରୁ ଓହ୍ଲାଇ ଚାଲିଯାଇଥିଲେ । ତାଙ୍କ ଉଦ୍‌ଘୋଷଣାର ଅର୍ଥ ଥିଲା - ଚର୍ଚ୍ଚିଲଙ୍କ ଭଳି ମାନବତା ବିରୋଧୀ ଶକ୍ତି ସକ୍ରିୟ ଥିବା ପର୍ଯ୍ୟନ୍ତ କେମିତି ବିଶ୍ୱାସ କରାଯିବ ଯେ ଈଶ୍ୱର ଅଛନ୍ତି ?

ଏବେ ଆମର ଠିକ୍ ସେହି ଅବସ୍ଥା। ଦେଶରେ ଗୋଟାଏ ସମସ୍ୟା ଯଦି ଆମକୁ ପ୍ରାଣାନ୍ତକ କରିଦିଏ, ତା'ର ମୂଳୋତ୍ପାଟନ କରିବାକୁ ପ୍ରଶାସନ ବିଫଳ ହୁଏ ଓ ସାଧାରଣ ଜନତା ଅତିଷ୍ଠ ହୁଅନ୍ତି, ତେବେ ଆମେ ବି କହିବା ଈଶ୍ୱର ନାହାନ୍ତି କିମ୍ବା ତାଙ୍କର ଶଙ୍ଖଚକ୍ର ଗଦାପଦ୍ମ ନିଷ୍କ୍ରିୟ ହୋଇପଡିଛି । ଯଦି ଆମେ ଏଇ କଥା ଭାବିବା ତାହେଲେ ଆମର ପରବର୍ତ୍ତି ପଦକ୍ଷେପ କ'ଣ ହେବ ? ଆତ୍ମ ଜାଗୃତି ନିଶ୍ଚୟ । କାରଣ ଦୁଷ୍ଟ ଲୋକମାନଙ୍କର କ୍ରିୟାକଳାପ ସମାଜକୁ ଯେତିକି ଆକ୍ରାନ୍ତ କରେନାହିଁ, ତା'ଠାରୁ ବେଶି କ୍ଷତି କରେ ଚେତନାଶୀଳ ଲୋକଙ୍କର ନିଷ୍କ୍ରିୟତା। ଏଇ ନିଷ୍କ୍ରିୟପଣ ହିଁ ସମାଜ ପାଇଁ ଆତ୍ମଘାତୀ ହୋଇଥାଏ ।

□□

ଗୁରୁ, ଆଧ୍ୟାତ୍ମବାଦ ଓ ଈଶ୍ୱରପ୍ରାପ୍ତି

ଏବେ ଆମ ସମାଜରେ ଯଥେଷ୍ଟ ପରିମାଣରେ ସନ୍ଥ, ଗୁରୁ ଓ ବାବା ମହାରାଜ ମାନଙ୍କର ଆର୍ବିଭାବ ହେଉଛି ଓ ଆମେମାନେ ଏମାନଙ୍କୁ ନିର୍ବିକାର ଓ ନିର୍ବିଘ୍ନରେ ଦେବ ଦେବୀଙ୍କ ମାନ୍ୟତା ଦେଉଛୁ । ସତେ ଯେମିତି ଆମର ତେଇଶି କୋଟି ଦେବତା ଆମ କ୍ରମ ବର୍ଦ୍ଧିଷ୍ଣୁ ଜନତାଙ୍କ ଆବଶ୍ୟକତା ପରିପୂରଣ କରିବାପାଇଁ ନିଅଣ୍ଟ ହେଉଛନ୍ତି । ଜନସଂଖ୍ୟା ବଢୁଛି, କିନ୍ତୁ ଦେବତାମାନଙ୍କ ସଂଖ୍ୟାତ ଆଉ ବଢୁନାହିଁ । ଆମେ ଏ ସମସ୍ୟା ଦୂରୀଭୂତ କରିବାପାଇଁ ଗୋଟାଏ ପ୍ରମୁଖ ଭୂମିକା ନେଉଛୁ । ମଣିଷମାନଙ୍କୁ ଦେବତା ଆସନରେ ବସେଇ ଦେଇ ଆମେ ଦେବ ସଂଖ୍ୟା ବୃଦ୍ଧିରେ ସହାୟକ ହେଉଛୁ ।

ଆମ ଲୋକମାନଙ୍କର ଗୋଟାଏ ଚମତ୍କାରୀ ଶକ୍ତି ରହିଛି । ଅନାୟାସରେ ସେମାନେ ଦେବଦେବୀମାନଙ୍କୁ ଦୈବତର ହୈମାଳୟିକ ଶିଖରରୁ ଓହ୍ଲେଇଆଣି ଧୂଳି ଧୂସରିତ ରାଜରାସ୍ତାରେ ଚଲେଇପାରନ୍ତି । ଦୁଃଖ ଯନ୍ତ୍ରଣା, ଆନନ୍ଦ ମହାନନ୍ଦ ଓ ଦୋଷତ୍ରୁଟିରେ ଦେବତାମାନଙ୍କୁ ମାନବୀୟ କରିଦେବାରେ ସେମାନେ ବେଶ୍ ସିଦ୍ଧହସ୍ତ । ଭାଗ୍ୟ, ଭବିତବ୍ୟ ଓ କର୍ମଫଳର ଅଲଂଘନୀୟ ପ୍ରଭାବରୁ ମଣିଷପରି ଦେବତାମାନେ ମଧ୍ୟ ମୁକ୍ତ ହୋଇ ପାରନ୍ତି ନାହିଁ । ଆମଭଳି ସେମାନେ ବି ଭୂଲ୍‌ଭଟକା କରନ୍ତି, ପ୍ରାୟଶ୍ଚିତ କରନ୍ତି ପୁଣି ଏଇ ମାନବଶରୀରରେ ଅମାନବୀୟ ଲୀଳା ସଂପାଦନ କରିପାରନ୍ତି ।

ଦେବତାମାନଙ୍କୁ ଆମେ ଯେମିତି ଆମ ଧୂଳି ଧୂସରିତ ଜଗତ ଭିତରକୁ ଟାଣିଆଣିପାରୁ ଠିକ୍ ସେମିତି ରକ୍ତମାଂସଧାରୀ ସାଧାରଣ ମାନବକୁ ମହାମାନବରେ ପରିଣତ କରିପାରୁ । କେବଳ ସେତିକିନୁହେଁ ଏଇ ମର୍ତ୍ତ୍ୟମାନବମାନଙ୍କୁ ଆମେ ଈଶ୍ୱରଙ୍କ ସିଂହାସନରେ ବସାଇବାରେ ମଧ୍ୟ ବେଶ୍ ଉଦାର । ଏଥିପାଇଁ ଆମ ପାଖରେ ସହଜ ସୂତ୍ରଟିଏ ମଧ୍ୟ ମହଦୁଦ୍ ରହିଛି । ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଃ ଶ୍ରୀ ଗୁରବେ ନମଃ । ଗୁରୁଙ୍କୁ ସାକ୍ଷାତ୍ ପରଂବ୍ରହ୍ମ କହି ଆମେ ନିଜକୁ ତାଙ୍କ ପାଦତଳେ ସମର୍ପି ଦେଉଛୁ । ଗୁରୁମାନଙ୍କୁ ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ମାଧ୍ୟମ ରୂପେ ଗ୍ରହଣ ନକରି ସ୍ୱୟଂ ଈଶ୍ୱରବୋଲି

ଗ୍ରହଣ କରୁଛୁ । ବେଳେବେଳେ ଏହି ଜୀବନ୍ତ ଈଶ୍ୱରଙ୍କ ସାକ୍ଷାତ୍ ପାଇଁ ଶହେଟଙ୍କାରୁ ଲକ୍ଷେଟଙ୍କା ପର୍ଯ୍ୟନ୍ତ ଟିକେଟର ଆବଶ୍ୟକତା ହୋଇଥାଏ । ସେମାନେ ଯେତେବେଳେ ଦେଶ ପରିକ୍ରମା କରନ୍ତି କୌଣସି ରାଜା ମହାରାଜାଙ୍କଠାରୁ କମ୍ ବିଳାସପୂର୍ଣ୍ଣ ଭବ୍ୟ ସମ୍ବର୍ଦ୍ଧନା ସେମାନଙ୍କୁ ଦିଆଯାଏ ନାହିଁ । ନାମୀଦାମୀ କଳାକାର ବା ସେଲିବ୍ରିଟିମାନଙ୍କୁ ସେମାନଙ୍କ ମନୋରଞ୍ଜନ ପାଇଁ ନିୟୋଜିତ କରାଯାଏ । ତା ସଙ୍ଗେ ସଙ୍ଗେ ଦେବତାମାନଙ୍କୁ ଯେଉଁ ବିଧିବିଧାନ ଓ ଆଗ୍ରହର ଆଚରଣରେ ଶ୍ରଦ୍ଧା ସମ୍ମାନ ଦିଆହୁଏ ସେମାନଙ୍କୁ ମଧ୍ୟ ସେଥିରୁ ବାଦ୍ ଦିଅଯାଏ ନାହିଁ । ଗୁରୁବାବାମାନେ ମଧ୍ୟ ଭକ୍ତମାନଙ୍କର ପୂଜା ଅର୍ଚ୍ଚନାକୁ ମୂର୍ତ୍ତିଟିମାନପରି ନିର୍ଲିପ୍ତ ଭାବରେ ସ୍ୱାଗତ କରିଥାନ୍ତି ।

ସମାଜରେ ଭଗବତ୍ ଚିନ୍ତନ ଓ ଆଧ୍ୟାତ୍ମବାଦର ବିକାଶପାଇଁ ପ୍ରତିଯୁଗରେ ମହତ୍ ପୁରୁଷମାନେ ଆବିର୍ଭାବ ହୁଅନ୍ତି । ଯେଉଁମାନେ ପୂର୍ବଜନ୍ମର ସଂସ୍କାର ବଶତଃ ଆଧ୍ୟାତ୍ମମାର୍ଗକୁ ଆପଣେଇ ଥାନ୍ତି । ସେମାନେ ବାରିହୋଇ ପଡନ୍ତି । ଗୌତମ ବୁଦ୍ଧ ହୁଅନ୍ତୁ ଅଥବା ବିବେକାନନ୍ଦ, ଏମାନେ ଆଧ୍ୟାତ୍ମିକ ବାଦର ବିକାଶ ଅର୍ଥ ବୁଝୁଥିଲେ ମଣିଷର ଦୁଃଖ ଯନ୍ତ୍ରଣା ବ୍ୟଥା ବେଦନାର ଦୂରୀକରଣ । ସନ୍ଥକବି ଭୀମଭୋଇ କହିଥିଲେ - "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ" ନିଜ ଜୀବନ ପଛେ ନର୍କରେ ପଡୁ କିନ୍ତୁ ଜଗତ ଉଦ୍ଧାର କାମନାର ପୂର୍ତ୍ତିହେଉ । ଧର୍ମ କହିଲେ ବୁଦ୍ଧ ଓ ବିବେକାନନ୍ଦ ବୁଝୁଥିଲେ ମାନବଧର୍ମ । ଈଶ୍ୱର, ଇହକାଳ, ପରକାଳ ଏସବୁ ପ୍ରତି ଏ ଦୁଇ ମହାତ୍ମା ବେଶୀ ଗୁରୁତ୍ୱ ଦେବାପରି ମନେ ହେଉନଥିଲା । ମଣିଷର ଦୁଃଖ ଦାରିଦ୍ର୍ୟ ଅଭାବ ଅନାଟନ ପରିଲକ୍ଷିତ କରି ବିବେକାନନ୍ଦ କହୁଥିଲେ ଯେଉଁ ଧର୍ମ ଏ ଜନ୍ମରେ ତୋତେ ଦୁଇବେଳା ଦୁଇ ମୁଠା ଖାଇବାର ବନ୍ଦୋବସ୍ତ କରିପାରୁନାହିଁ, ଆସନ୍ତା ଜନ୍ମକୁ ତୋତେ ସ୍ୱର୍ଗସୁଖ ଦେବ ବୋଲି ତୁ କାହିଁକି ବିଶ୍ୱାସ କରୁଛୁ ? ବର୍ତ୍ତମାନ ହିଁ ଥିଲା ତାଙ୍କପାଇଁ ପ୍ରକୃଷ୍ଟ ସମୟ । ଆମ ଦେଶରେ ପୁଷ୍ଟିହୀନତାର ଶୀକାର ହେଉଥିବା ଅଭୁକ୍ତ ଓ ଅର୍ଦ୍ଧଭୁକ୍ତ ଜନତାଙ୍କୁ ଦେଖି ସେ ମର୍ମାହତ ହେଉଥିଲେ । ସେଇଥିପାଇଁ ସେ ଯୁବସମାଜକୁ ଆହ୍ୱାନ ଦେଇ କହୁଥିଲେ - ମାଛ ମାଂସ ଖାଇ ଫୁଟ୍‌ବଲ ଖେଳି ପ୍ରଥମେ ଶରୀରଟାକୁ ଖୁବ୍ ଶକ୍ତିଶାଳୀ କର । ଧର୍ମ ଫର୍ମ କଥା ଆସନ୍ତା ଜନ୍ମକୁ ରଖି ଦେଇଥା ।

ଦେଶପାଇଁ ଜାତିପାଇଁ ସେତେବେଳେ ଆବଶ୍ୟକତା ଥିଲା ସାହସୀ, ଶକ୍ତିଶାଳୀ, ଉତ୍ସର୍ଗୀକୃତ ନାଗରିକ । ଦେଶକୁ ପରାଧୀନତାରୁ, ଦାରିଦ୍ର୍ୟରୁ, ଅଶିକ୍ଷା କୁଶିକ୍ଷା ରୂପକ ଅନ୍ଧାରୀ ଗହ୍ୱରରୁ ଉଦ୍ଧାର କରିବାର ଥିଲା । ବୁଦ୍ଧଦେବଙ୍କ ଭଳି ବିବେକାନନ୍ଦ ପଦବ୍ରଜରେ ସାରାଭାରତ ଭ୍ରମଣ କରିଥିଲେ । ସାଧାରଣ ଜନତାଙ୍କ ଦୁଃଖ ସୁଖ ସହ ନିଜକୁ ଏକୀଭୁତ କରିପାରିଥିଲେ । ବୁଦ୍ଧଦେବ ନିଜ ବାର୍ତ୍ତାକୁ ସାର୍ବଜନୀନ କରିବାପାଇଁ ସମ୍ଭ୍ରାନ୍ତଙ୍କ ଭାଷା ସଂସ୍କୃତ ପରିବର୍ତ୍ତେ ପାଲି ପ୍ରାକୃତକୁ ମାଧ୍ୟମ କରିଥିଲେ । ଯାହା ସାଧାରଣ ଜନତାଙ୍କ ପାଖରେ ଅତି ସହଜରେ ପହଞ୍ଚି ପାରିଥିଲା ।

ଏବେ କିନ୍ତୁ ଆଧ୍ୟାତ୍ମବାଦର ବିକାଶ ପାଇଁ ଚିନ୍ତା କରୁଥିବା ଗୁରୁ ଓ ସନ୍ନ୍ୟାସୀମାନେ ସାଧାରଣ ଜନତାଙ୍କ ତ୍ରାଣ କର୍ତ୍ତା ହେବାପାଇଁ ପସନ୍ଦ କରୁନାହାଁନ୍ତି । ଜଗତିକରଣର ଉପଭୋକ୍ତା ମାନସିକତା ଗୁରୁମାନଙ୍କୁ ସୁଦ୍ଧା ଆକ୍ରାନ୍ତ କରିସାରିଲାଣି । ସେମାନେ ହାଇଟେକ୍ ଶୈଳୀରେ ଜୀବନଯାପନ କରିବାରେ ଅଭ୍ୟସ୍ତ ହୋଇଗଲେଣି । ହାଇଟେକ୍ ଆଶ୍ରମରେ ଅତ୍ୟାଧୁନିକ ସାଜସରଞ୍ଜାମ, ବ୍ୟାଙ୍କ ବାଲାନ୍ସ, କମ୍ପ୍ୟୁଟର, ମୋବାଇଲ୍, ସିଡିଆଦି ସେମାନଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି । ଏ ପ୍ରକାର ଆବଶ୍ୟକତା ହାଇପ୍ରୋଫାଇଲ୍ ଶିଷ୍ୟମାନେ ପୂରଣ କରିଦିଅନ୍ତି । ଚାକିରୀରେ ପ୍ରମୋଶନ, ମନ୍ତ୍ରୀପଦ, ଦୁର୍ନୀତି ଅଭିଯୋଗରୁ ମୁକ୍ତ ପରି ଉଚ୍ଚଧରଣର କାମନା ବାସନା ନେଇ ଆସୁଥିବା ଉଚ୍ଚବର୍ଗୀୟ ଭକ୍ତମାନେ ମୋଟାଅଙ୍କର ଦାନ ଦ୍ୱାରା ଆଶ୍ରମ ଓ ଗୁରୁମାନଙ୍କୁ ସନ୍ତୁଷ୍ଟ କରିଥାନ୍ତି । ପ୍ରତିଦାନରେ ଗୁରୁଙ୍କର ଅଲୌକିକ ବିଭୂତିରେ ନିଜ ଭାଗ୍ୟର ଚମତ୍କାରିତା ଆଶା କରିଥାନ୍ତି । ବୌଦ୍ଧ ସଂଘର ନିୟମଥିଲା, ବୌଦ୍ଧ ଭିକ୍ଷୁମାନେ ଦିନରେ ଥରେ ଗୋଟିଏ ଘରୁ ଯାହା ଭିକ୍ଷା କରିବେ ସେତିକିରେ ଦିନଟିଏ ଯାପନ କରିବେ, ଖାଦ୍ୟ ସଂଚୟ କରିବାପାଇଁ ସେମାନଙ୍କୁ ଅନୁମତି ଦିଆଯାଉ ନଥିଲା । ନିଜେ ବୁଦ୍ଧଦେବ ମଧ୍ୟ ଏହି ନିୟମମାନି ଚଳୁଥିଲେ । ବିବେକାନନ୍ଦ ଅନେକ ସମୟରେ ଭୋକ ଉପାସରେ କାଳାତିପାତ କରିଥିଲେ । ବେଳେବେଳେ ଦୈବୀପ୍ରେରିତ ଭଳି ତାଙ୍କୁ କିଛି ଖାଦ୍ୟ ମିଳିଯାଉଥିଲା ।

ଅତୀତରେ ମୁନିଋଷିମାନେ ସମାଜରେ ଆଧ୍ୟାତ୍ମବାଦର ପ୍ରଚାର ପ୍ରସାରସହ କାବ୍ୟ କବିତା, ଧର୍ମ ଦର୍ଶନ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଦି ପ୍ରତି ସଜାଗ୍ ରହୁଥିଲେ । ବେଦ ଉପନିଷଦ, ରାମାୟଣ, ମହାଭାରତ, ବିଭିନ୍ନ ପୁରାଣ ଓ ଉପପୁରାଣ ମୁନିଋଷିମାନଙ୍କ ଦ୍ୱାରା ସୃଷ୍ଟ । ଯୋଗ ପ୍ରାଣାୟମ ସହ ବିଭିନ୍ନ ଜଡିବୁଟିର ଆବିଷ୍କାର କରି ବିଶ୍ୱକୁ ଆୟୁର୍ବେଦ ଭଳି ଅମୂଲ୍ୟ ସଂପଦ ଅର୍ପଣ କରିବା କମ୍ ସାଧନାର ଅପେକ୍ଷା ରଖେନାହିଁ । ଏସବୁ ସତ୍ତ୍ୱେ ସେହି ମହାପୁରୁଷମାନଙ୍କର ବ୍ୟବସାୟିକ ମନୋବୃତ୍ତି ନଥିଲା । ଏ ପରଂପରା ଯେ ସମାଜରୁ ଲୋପ ପାଇଯାଇଛି ଠିକ୍ ନୁହେଁ । ଏବେ ମଧ୍ୟ ଗୁରୁ ମହାରାଜମାନଙ୍କ ଆଶ୍ରମରୁ ନୀତିବାଣୀ, ଯୋଗ ପ୍ରାଣାୟାମ, ଭଜନ କୀର୍ତ୍ତନ ସହ ଆୟୁର୍ବେଦିକ୍ ସାମଗ୍ରୀ ସବୁ ମିଳୁଛି । କେବଳ ଅତ୍ୟାବଶ୍ୟକ ଆୟୁର୍ବେଦିକ୍ ସାମଗ୍ରୀ ନୁହେଁ ଏବେ କେତେକ ବିଳାସ ସାମଗ୍ରୀ ମଧ୍ୟ ଉପଲବ୍ଧ ହେଲାଣି । ଏଗୁଡିକ ପାଇଁ ଗଣମାଧ୍ୟମ ମାନଙ୍କରେ ବିଜ୍ଞାପନ ମଧ୍ୟ ପ୍ରଦର୍ଶିତ ହେଉଛି । ମୋଟା ଅଙ୍କର ଅର୍ଥ ଜମା କରିଦେଲେ ଆଶ୍ରମ ତରଫରୁ ସବୁ ସୁବିଧା ମିଳିଯାଉଛି । ବେଳେବେଳେ ଏହି ଜମାରାଶିର ପରିମାଣ ଏତେ ପୃଥୁଳ ହୋଇଯାଉଛି ଯେ ସାଧାରଣ ଜନତା ପାଇଁ ତାହା ଦୁରୂହ ହୋଇପଡୁଛି ।

ଗୁରୁ ମହାରାଜମାନେ ଭାରତୀୟ ଜନତାଙ୍କ ଆସ୍ଥା ଭାଜନ ପାଇଁ ପ୍ରଥମେ ବିଦେଶରେ ନେଟ୍‌ୱାର୍କ ସ୍ଥାପନ କରୁଛନ୍ତି। ଯେଉଁ ବାବାମାନଙ୍କର ବିଦେଶରେ ସଂଗଠନ ନାହିଁ ଜନତା ସେମାନଙ୍କୁ ଭରସା କରିପାରୁନାହାଁନ୍ତି। ବାବାମାନେ ଆମ ଲୋକମାନଙ୍କର ଏ ପ୍ରକାର ମାନସିକତାକୁ ବେଶ ହୃଦୟଙ୍ଗମ କରୁଛନ୍ତି। ସେହି ଅନୁସାରେ ବୈଦେଶିକ ରାଷ୍ଟ୍ରମାନଙ୍କରେ ଗୁରୁମାନେ ନିଜ ସଂଗଠନ ସୁଦୃଢ଼ କରିଥାନ୍ତି। ଏମାନେ ସବୁ ହାଇପ୍ରୋଫାଇଲ୍ ବାବା। ସେ ରାଷ୍ଟ୍ରର ନାଗରିକ ଯେ ଅତିଗୁଡାଏ ଆମ ବାବାମାନଙ୍କର ଭକ୍ତ ଠିକ୍ ସେୟା ନୁହେଁ। ପ୍ରବାସୀ ଭାରତୀୟମାନେ ହିଁ ଗୁରୁମାନଙ୍କର ଭକ୍ତ ଓ ଆବାହକ ଥାନ୍ତି। ହାତଗଣତିରେ କେତେଜଣ ବୈଦେଶିକ ଭକ୍ତ ପ୍ରବଚନ ସଭାରେ ଯୋଗ ଦେଇଥାନ୍ତି। ଗଣମାଧ୍ୟମରେ ତାହା ବାରମ୍ବାର ପ୍ରଦର୍ଶିତ ହୋଇଥାଏ। ଅସଲ କଥା ହେଲା ପାଶ୍ଚାତ୍ୟ ମଣିଷମାନେ ଧର୍ମ ଓ ଆଧ୍ୟାତ୍ମବାଦପାଇଁ ଏତେ ଗୁଡାଏ ସମୟ ଦେବାପାଇଁ ପସନ୍ଦ କରନ୍ତିନାହିଁ। କହିବା ବାହୁଲ୍ୟ ପୃଥିବୀର ସର୍ବାଧିକ ସଭାସମିତି ଓ ଭାଷଣବାଜୀ ହୁଏ ଆମ ଦେଶରେ। ତୁଚ୍ଛା ଭାଷଣବାଜୀରେ ଆତ୍ମପ୍ରୌଢ଼ୀ ପ୍ରଦର୍ଶନ କରିବା ଆମ ନେତାମାନଙ୍କର ବିଳାସ। ଏ ବିଳାସକୁ ଆମ ଆଳସ୍ୟ ପରାୟଣ ଜନତା ଜୀବନରେ ବେଶ୍ କିଛି ସମୟ ଉତ୍ସର୍ଗ କରି ପ୍ରୋତ୍ସାହନ ଦେଇଥାନ୍ତି। ଯାହା ଆମ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥାଏ। ବିଗତ ଦୁଇ ଦଶନ୍ଧି ଧରି ଯଜ୍ଞ ପାରାୟଣ, ଧର୍ମ ପ୍ରବଚନ, ସତ୍‌ସଂଘ ଆଦି ପୂଜା ଅର୍ଚ୍ଚନା ପାଇଁ ମଣିଷ ଖୁବ୍ ଗୁଡାଏ ସମୟ ଓ ଅର୍ଥ ବ୍ୟୟ କରିଲେଣି, ବିଶେଷତଃ ସମ୍ଭ୍ରାନ୍ତଶ୍ରେଣୀ, ଯେଉଁମାନଙ୍କ ପାଖରେ ଅନ୍ନଚିନ୍ତା ନାହିଁ, ହାତରେ ପର୍ଯ୍ୟାପ୍ତ ସମୟ ରହିଛି। ସେମାନଙ୍କପାଇଁ ଏ ଧର୍ମଚର୍ଚ୍ଚା ସୌଖିନ୍ ବିଳାସ ହୋଇଛି। ଏମାନଙ୍କ ସହ ଦରିଦ୍ର ଜନତା ସାମିଲ ହୋଇପଡୁଛନ୍ତି ନିଜର ଆର୍ଥିକ ସ୍ଥିତିକୁ ବିପନ୍ନ କରି।

କୌଣସି କାରଣରୁ ଜୀବନ ପ୍ରତି ବିତୃଷ୍ଣା ଆସିଲେ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରୁଥିଲା। ରତ୍ନାକରରୁ ବାଲ୍ମିକୀ ସୃଷ୍ଟି ମୂଳରେ ଏହି କାରଣ ନିହିତ ଥିଲା। ବ୍ୟାସଦେବ ଥିଲେ ଆଜନ୍ମ ଋଷି। ସମାଜକୁ ଦିଗ୍‌ଦର୍ଶନ ଦେବାପାଇଁ ଏମାନେ ଥିଲେ ବିଧିପ୍ରେରିତ। ଏବେ ମଧ୍ୟ ସମାଜରେ ଏଭଳି ପ୍ରାଜ୍ଞ ପୁରୁଷଙ୍କ ଅଭାବ ନାହିଁ। କିନ୍ତୁ ସେମାନେ ନିଜକୁ ପ୍ରଜ୍ଞାପିତ କରନ୍ତି ନାହିଁ। ଅର୍ଥନୀତିର ଏକ ତତ୍ତ୍ୱ "ଖରାପ ମୁଦ୍ରା ଭଲ ମୁଦ୍ରାକୁ ଦୂରେଇ" ଦେଲାଭଳି ଏ ମହାତ୍ମାମାନେ ଲୋକ ଲୋଚନ ଅଗୋଚରରେ ରହିଯାଉଛନ୍ତି। ଜୀବିକା ଅର୍ଜନ ପାଇଁ ଗୁରୁ ପରଂପରାକୁ ଆପଣେଇ ଥିବା ସାଧୁବାବାମାନଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇବାରେ ଲାଗିଛି। ଧର୍ମ ଆଧ୍ୟାତ୍ମିକତା ନାଁରେ ଗୁଡାଏ କେଳେଙ୍କାରୀ ସହ ଜଡ଼ିତ ହେବା ଏବେ ଆମ ସମାଜର ଏକ ସାଧାରଣ କଥା ହୋଇ ଗଲାଣି। ହତ୍ୟା, ଧର୍ଷଣ, ନିଶାଦ୍ରବ୍ୟ କାରବାର ଓ ସଂପତ୍ତି କଳହ ପାଇଁ ବାବା ଓ ଆଶ୍ରମଗୁଡ଼ିକ ବେଶ୍ ଚର୍ଚ୍ଚିତ ହେଉଛନ୍ତି।

।। ନାରୀ, ନୀତି, ନିୟତି ।।

ନୀତିଗତ ଜୀବନ ଯାପନ, ଭଗବତ୍ ଚିନ୍ତନ ଆଧ୍ୟାତ୍ମ୍ୟ ଜୀବନଯାପନ ଭାବ ଅନ୍ତର ପ୍ରଦେଶରୁ ଜାଗ୍ରତ ହୁଏ। ଏସବୁ ପୂର୍ବଜନ୍ମର ସଂସ୍କାର। ପାରିପାର୍ଶ୍ୱିକ ପ୍ରଭାବ ଏସବୁକୁ ଉତ୍ତରିତ କରିଥାଏ ମାତ୍ର। ଈଶ୍ୱରଙ୍କ ନିକଟରେ ପହଞ୍ଚିବା ପାଇଁ ଗୁରୁଙ୍କଠାରୁ ଦୀକ୍ଷାନେବା ଅପେକ୍ଷା ବୋଧହୁଏ ବେଶି ଆବଶ୍ୟକତା ରହିଛି ଆମ ପାରିପାର୍ଶ୍ୱ ପ୍ରତି ଅନୁରାଗୀ ହେବା, ଈଶ୍ୱରଙ୍କ ସୃଷ୍ଟିକୁ ଭଲପାଇବା, ନିଜ କଥା ଚିନ୍ତା କରିବା ସହ ଆମ ଆଖ ପାଖର ଲୋକଙ୍କ ଦୁଃଖ ସୁଖରେ ସାମିଲ ହେବା, ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦୂରୀଭୂତ କରିବାପାଇଁ ଯଦି ଆମେ ଆନ୍ତରିକତାର ସହ କାମନା କରିବା ଈଶ୍ୱରଙ୍କ ସାନ୍ନିଧ ଲାଭ ଆମପାଇଁ ଆଉ ସୁଦୂର ପରାହତ ହେବ ନାହିଁ। କିନ୍ତୁ ପ୍ରାଣୀଙ୍କୁ ପୀଡାଦେଇ ଆମେ ଅର୍ଜିଥିବା ଅର୍ଥକୁ ମଠ ମହନ୍ତ ଦେବାଳୟ ଅଥବା ଦେବକାର୍ଯ୍ୟରେ ନିୟୋଜିତ କଲେ ଦେବତା ତ ମିଳନ୍ତି ନାହିଁ ବରଂ ସମାଜରେ ଗୁଡାଏ କେଳେଙ୍କରୀକୁ ଉତ୍ସାହିତ କରାଯାଇଥାଏ। ଗୋଟାଏ ନିକମ୍ମା ଗୋଷ୍ଠୀ ସୃଷ୍ଟି ହୁଅନ୍ତି।

ଏବେ ସମୟ ଆସିଛି, ଆମ ଭିତରେ ଥିବା ସାମର୍ଥ୍ୟକୁ ଯୋଗପ୍ରାଣାୟାମ ଧ୍ୟାନ ଧାରଣା ଭଜନ କୀର୍ତ୍ତନ ସ୍ତରରେ ସୀମିତ ନରଖି ପୀଡ଼ିତ ଦଳିତ ବଞ୍ଚିତଙ୍କ ପାଖରେ ପହଞ୍ଚିଯିବା। ତଳେ ପଡିଥିବା ଲୋକଙ୍କୁ ଉଠେଇ କୋଳେଇ ନେବା। ସେମାନଙ୍କ ନୟନର ଲୁହରେ ଆମ ରୁମାଲ ଭିଜେଇଦେବା, କାହିଁ କେଉଁ କାଳରୁ ହସିବାକୁ ଭୁଲିଯାଇଥିବା ଓଠରେ ଚିରୁଡାଏ ହସ ବୋଳିଦେବା। ଆମ ମାନସିକ ଚାପ ରହିବନାହିଁ, ସବୁ ଅବସାଦ ଦୂରେଇ ଯିବ, ରକ୍ତରୁ ଶର୍କରା ଆପେ ଆପେ ମିଳେଇ ଯିବ। ରକ୍ତଚାପ ସନ୍ତୁଳିତ ହୋଇ ରହିବ। ଶ୍ୱାସପ୍ରଶ୍ୱାସ ଠିକ୍ ନୀତିନିୟମରେ କାର୍ଯ୍ୟ କରିବ।

ତେବେ ଆସନ୍ତୁ ନା ଏଇ ନରନାରାୟଣ ଜନତା ଜନାର୍ଦ୍ଦନ ପାଇଁ ଗୋଟାଏ ମୁହୂର୍ତ୍ତ ହେଉପଛେ ଚିନ୍ତା କରିବା। ସେଥିରେ ଯେଉଁ ଶାଶ୍ୱତ ଆନନ୍ଦ ମିଳିବ ତାକୁ ପ୍ରାଣଭରି ଅନୁଭବ କରିବା। ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହାଠାରୁ ବଳି ବଡ ମନ୍ତ୍ରଯନ୍ତ୍ର କି ତନ୍ତ୍ର ଆଉ ନାହିଁ।

❑❑

ନାରୀ, ନୀତି, ନିୟତି

ଜଣେ ବୁଦ୍ଧିଜିବୀ କହିଥିଲେ 'ନାରୀ ଗଣିତ ଗଣନାର ଶୂନ୍ୟ ଅଙ୍କ ଭଳି'। ଏହାକୁ ସଂଖ୍ୟା (ପୁରୁଷ)ର ଡାହାଣ ପଟରେ ରଖିଲେ ତାହା ସଂଖ୍ୟାଟିର ଦଶଗୁଣ ସାମର୍ଥ୍ୟ ବଢ଼େଇ ଦିଏ। କିନ୍ତୁ ଏହାକୁ ଯଦି ବାମପଟରେ ରଖାଯାଏ ତାହା ସ୍ଥିତି ସାମର୍ଥ୍ୟକୁ ଦଶଭାଗରେ ବିଭକ୍ତ କରିଦିଏ। ଆମ ଭାରତୀୟ ସମାଜର ଦୁର୍ଭାଗ୍ୟ, ଆମେ ନାରୀକୁ ବାମ ଅଂଶରେ ହିଁ ରଖି ଆସିଛୁ। ଆମ ବିଧି ବିଧାନରେ ନାରୀକୁ ବାମ ପାର୍ଶ୍ୱରେ ସ୍ଥାନ ଦେବାର ନିର୍ଦ୍ଦେଶନାମା ରହିଛି। ସେ ବାମା, ବାମାଙ୍ଗୀ, ଦକ୍ଷିଣାଂଶ ତା'ପାଇଁ ନିଷିଦ୍ଧ। ସେହି ହେତୁରୁ ନାରୀର ସମନ୍ୱିତ ବିକାଶ ପାଇଁ ଯେତେ ପଦକ୍ଷେପ ଗ୍ରହଣ କଲେ ସୁଦ୍ଧା ସମାଜର ଆଶାନୁରୂପ ପ୍ରଗତି ହୋଇପାରୁ ନାହିଁ।

ଯୌତୁକ ନିରୋଧ ଆଇନ କାର୍ଯ୍ୟକାରୀ ହେଲା। ଯୌତୁକ ଦେବା ଓ ନେବା ଉଭୟ ଧର୍ତ୍ତବ୍ୟ ଅପରାଧ ବୋଲି ଘୋଷିତ ହେଲା। ଏହାଦ୍ୱାରା ବଧୂ ନିର୍ଯ୍ୟାତନା ହାର କିଛି ପରିମାଣରେ ଉଣା ହେବ ବୋଲି ଅନୁମାନ କରାଗଲା। ସରକାରୀ ନଥିପତ୍ରରେ ଯୌତୁକ ନିରୋଧ ଆଇନ ସୁରକ୍ଷିତ ଭାବରେ ରହିଛି। କିନ୍ତୁ ସାମାଜିକ ସ୍ତରରେ ଯୌତୁକ ପ୍ରଥାର ଚେର ଏପରି ପାତାଳଭେଦୀ ହୋଇପଡିଛି ଯେ, ବରପିତା ଦାବି ନକଲେ ସୁଦ୍ଧା ବରପକ୍ଷକୁ ସନ୍ତୁଷ୍ଟ କରିବାପାଇଁ କନ୍ୟାପକ୍ଷ ସ୍ୱତଃପ୍ରବୃତ୍ତ ହୋଇ ଯୌତୁକ ପ୍ରଥା ବଞ୍ଚେଇ ରଖିଛନ୍ତି।

ଗର୍ଭସ୍ଥ ଶିଶୁର ଲିଙ୍ଗ ନିର୍ଣ୍ଣୟ ଓ କନ୍ୟାଭ୍ରୁଣ ହତ୍ୟା ନିରୋଧ ଆଇନର ଅବସ୍ଥା ମଧ୍ୟ ଠିକ୍ ସେଇୟା। ବିଶେଷତଃ ଶିକ୍ଷିତ ଓ ଆଭିଜାତ୍ୟ ପରିବାରରେ କନ୍ୟାଭ୍ରୁଣ ହତ୍ୟା ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡିଛି। ବେଳେବେଳେ ନିଜେ ମାଆ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେବାର ଦୃଷ୍ଟାନ୍ତ ମିଳୁଛି। ଆମ ସମାଜରେ ପୁତ୍ର ସନ୍ତାନର ମାଆକୁ ଯେଉଁଭଳି ମର୍ଯ୍ୟାଦା ମିଳେ କନ୍ୟା ସନ୍ତାନର ମାଆକୁ ସେଭଳି ମିଳେ ନାହିଁ। ଫଳରେ ନ୍ୟୁନବୋଧତାର ଶୀକାର ହୋଇ ସେ ସର୍ବଦା ପୁତ୍ର ସନ୍ତାନ କାମନା କରେ ଓ ଭ୍ରୁଣହତ୍ୟା କରିବାପାଇଁ ପଛଘୁଞ୍ଚା ଦେଇନଥାଏ।

।। ନାରୀ, ନୀତି, ନିୟତି ।।

ଆମ ସମ୍ବିଧାନ ପୂର୍ବରୁ ଚଳି ଆସୁଥିବା ନାରୀର ସଂପତ୍ତିଗତ ଅଧିକାରରେ ସଂସ୍କାର ଆଣିଛନ୍ତି । ଫଳରେ ପୈତୃକ ସଂପତ୍ତିରେ ପୁତ୍ର ଓ କନ୍ୟାର ସମାନ ଅଧିକାର ରହିଛି ବୋଲି ଘୋଷଣା କରାଯାଇଛି । କିନ୍ତୁ ଆମ ସାମାଜିକ ବିଧିବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଜଣାଯାଏ ବହୁତ କମ୍ ପିତାମାତା ସ୍ୱତଃ ପ୍ରବୃତ୍ତ ହୋଇ କନ୍ୟା ସନ୍ତାନକୁ ସଂପତ୍ତିର ଅଧିକାର ଦେଇଥାନ୍ତି । ପୂଜା ପାର୍ବଣ ଓ ବିବାହ ବ୍ରତରେ ଭାର ବେଭାର ପଠେଇ ଦେଇ ପିତୃଗୃହର ଲୋକ କନ୍ୟାସନ୍ତାନର ସମ୍ପତ୍ତି ଉପଭୋଗ କରିଥାନ୍ତି । ଯେଉଁ ମୁହୂର୍ତ୍ତରୁ କନ୍ୟାଟି ନିଜଭାଗ ସଂପତ୍ତି ଦାବି କରି ବସେ ଠିକ୍ ତା' ପରମୁହୂର୍ତ୍ତରୁ ପିତ୍ରାଳୟରୁ ତାର ସମସ୍ତ ସମ୍ପର୍କ ଛିନ୍ନ ହୁଏ । ତାର ସୁବିଧା ଅସୁବିଧାରେ ଆଉ କେହି ତା'ପାଖରେ ଠିଆ ହୁଅନ୍ତି ନାହିଁ । ଅଥଚ ଭାଇ ଭାଇ ଭିତରେ ସଂପତ୍ତି ବଣ୍ଟାହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏଥିରେ ପାରସ୍ପରିକ ସଂପର୍କ ନଷ୍ଟ ହୁଏ ନାହିଁ ।

ନାରୀମାନଙ୍କ ପ୍ରତି ପାରିବାରିକ ହିଂସା ବିରୁଦ୍ଧରେ ଆଇନ ପ୍ରଣୟନ କରାଯାଇଛି । କିନ୍ତୁ ବିଡମ୍ବନାର ବିଷୟ, ନାରୀ ଯଦି ଥରେ ପରିବାର ସଦସ୍ୟଙ୍କ ହିଂସା ଆଚରଣ ସଂପର୍କରେ ସ୍ୱର ଉତ୍ତୋଳନ କରେ (ଶ୍ୱଶୁରାଳୟ ହେଉ କି ପିତ୍ରାଳୟ ହେଉ) ସେ ଦ୍ୱାର ସବୁଦିନ ପର୍ଯ୍ୟନ୍ତ ତା ପାଇଁ ବନ୍ଦ ହୋଇଯାଏ, ତାକୁ କୌଣସି ଆଶ୍ରୟ ଗୃହରେ ଆଶ୍ରୟ ନେବାକୁ ହୁଏ ।

ଭାରତୀୟ ପିଙ୍ଗଳ କୋର୍ଡରେ ନାରୀ ଧର୍ଷଣକାରୀ ପାଇଁ କଠିନ ଦଣ୍ଡର ବିଧିବ୍ୟବସ୍ଥା ରହିଛି । କିନ୍ତୁ ବିଡମ୍ବନାର ବିଷୟ ଧର୍ଷଣକାରୀ ଆଇନଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲ ଜୋରିମାନା ଭୋଗିସାରି ସମାଜରେ ଗର୍ବର ସହ ବଞ୍ଚିପାରେ କିନ୍ତୁ ଧର୍ଷିତାଟିଏ କୋର୍ଟରେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ସୁଦ୍ଧା ସମାଜ ତାକୁ ସହଜରେ ଗ୍ରହଣ କରେ ନାହିଁ, ସେ ସାମାଜିକ ପ୍ରତିଷ୍ଠା ହରେଇ ବସେ । ଏପରିକି କୌଣସି ପୁରୁଷ ତାକୁ ବିବାହ କରିବାକୁ ପସନ୍ଦ କରନ୍ତି ନାହଁ, ଏପରିକି ଧର୍ଷିତାର ବାପାମାଆ ସୁଦ୍ଧା ତା ପ୍ରତି ବିମୁଖ ଭାବ ପ୍ରଦର୍ଶନ କରନ୍ତି ।

ନାରୀ ଶିକ୍ଷା କ୍ଷେତ୍ରରେ ମଧ୍ୟ ସେଇଭଳି ଅବସ୍ଥା । ବିଦ୍ୟାଳୟ ମାନଙ୍କରେ ଅଧାରୁ ପାଠ ଛାଡୁଥିବା ଶିଶୁଙ୍କ ଭିତରେ ବାଳିକାମାନଙ୍କର ସଂଖ୍ୟା ସର୍ବାଧିକ । ପରିବାରରେ ପୁତ୍ର ସନ୍ତାନର ଉଚ୍ଚ ଶିକ୍ଷା ପାଇଁ ଯେତିକି ଗୁରୁତ୍ୱ ଦିଆଯାଇଥାଏ, କନ୍ୟାସନ୍ତାନ ପାଇଁ ନୁହେଁ । ପରିବାରରେ କନ୍ୟାସନ୍ତାନ ପାଇଁ ଯଦି କିଛି ସଞ୍ଚୟ କରାଯାଇଥାଏ, ତାହା କେବଳ ତା ବିବାହ କାଳୀନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଥାଏ ।

ଖୋଜି ବସିଲେ ଏମିତି ଅନେକ ଦୃଷ୍ଟାନ୍ତ ଦୃଷ୍ଟିପଥାରୁଢ଼ ହେବ । ନାରୀମାନଙ୍କର ପ୍ରଗତି ପାଇଁ ସରକାର ଅନେକ ଆଇନ କାନୁନ୍ ପ୍ରଣୟନ କରୁଛନ୍ତି । ଏପରିକି ଦେଶରେ କୌଣସି ଯୋଜନା ପ୍ରଣୟନ ହେବା ପୂର୍ବରୁ ତାହା ନାରୀ ମାନଙ୍କର ସ୍ୱାର୍ଥ ରକ୍ଷା କରିପାରୁଛି କି ନାହିଁ ତାହା ତର୍ଜ୍ଜମା କରାଯିବାପରେ କାର୍ଯ୍ୟକାରୀ ହେଉଛି ।

ଏସବୁ ସତ୍ତ୍ୱେ ପ୍ରବର୍ତ୍ତିତ ଆଇନ କାନୁନ୍ ନାରୀମାନଙ୍କ ଦୁର୍ଦ୍ଦଶା ଦୂରୀଭୂତ କରିବାରେ ସମର୍ଥ ହୋଇପାରୁନାହିଁ । ଆମ ଭାରତୀୟ ସମାଜ ଏକ ପରମ୍ପରା ପ୍ରତାଡିତ ସମାଜ । ଏଠାରେ ଗୋଟିଏ ସାମାଜିକ ପରିବର୍ତ୍ତନ ପାଇଁ ଆଇନ କାନୁନ୍ ଅପେକ୍ଷା ପାରମ୍ପରିକ ଦୃଷ୍ଟିକୋଣରେ ନୂତନତ୍ୱ ଓ ମାନସିକତା ପରିବର୍ତ୍ତନର ଯଥେଷ୍ଟ ଆବଶ୍ୟକତା ରହିଛି, ଯେ ପର୍ଯ୍ୟନ୍ତ ଜେଜୀମା ମାନଙ୍କଠାରୁ ସହଯୋଗର ହାତ ଲମ୍ୱି ନଆସିଛି ବାସୁଦେବ ଓ ଶ୍ୟାମ ବନ୍ଧୁମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ରେବତୀର ଭାଗ୍ୟ ପରିବର୍ତ୍ତନ କରିପାରିବେ ନାହିଁ? ସେମିତି 'ଲୋ ରେବତୀ, ଲୋ ରେବ, ଲୋ ନିଆଁ, ଲୋ ଚୁଲ୍ଲୀ'ର ଅଭିସଂପାତ ଲମ୍ୱି ଚାଲିଥିବ ସିନା ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । 'ଗୋଦରା କୋଡେ ଯେତେ ମାଡେ ସେତେ' ଭଳି ସମାଜର ଅବସ୍ଥା । ପାଦେ ଆଗକୁ ଗଲେ ପୁଣି ପାଦେ ପଛକୁ ଫେରୁଥିବ ।

ଏବେ ସରକାର ନାରୀମାନଙ୍କ ପାଇଁ ଆଉ ଏକ ଆଇନ ପ୍ରଣୟନ କରିଛନ୍ତି । ପୂର୍ବରୁ ପ୍ରଚଳିତ ନାବାଳିକା ବିବାହ ଉଚ୍ଛେଦ ଆଇନରେ କେତେକ ପରିବର୍ତ୍ତନ ଆଣିଛନ୍ତି । ଏଥିରେ କେବଳ ବିବାହ କରୁଥିବା ପୁରୁଷ, କନ୍ୟାପିତା ଓ ବରପିତା ନୁହଁନ୍ତି ପୁରୋହିତ ମଧ୍ୟସ୍ଥି ଓ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ବିବାହର ପ୍ରଲୋଭନ ଦେଖାଇ ନାବଳିକା ମାନଙ୍କୁ ଝାନ୍‌ସୀ, ସୁରାଟ, ବମ୍ବେ କିମ୍ୱା ବିଦେଶକୁ ଚାଲାଣ କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରାଯାଇପାରିବ । ଦରିଦ୍ର ପିତାମାତା ନାବାଳିକା କନ୍ୟାକୁ ବୟସ୍କ ବୃଦ୍ଧ ମାନଙ୍କ ସହ ବିବାହ ଦେବାର ଯେଉଁ ବହୁ ପ୍ରଚଳିତ ଧାରା ରହି ଆସିଛି ତାହା ମଧ୍ୟ କିଛି ପରିମାଣରେ ଊଣା ହୋଇପାରିବ । ପରିଣତ ବୟସରେ ବିବାହ କରିବା ଦ୍ୱାରା ଅନେକ ଅବାଞ୍ଛିତ ସମସ୍ୟାରୁ ନାରୀ ମୁକ୍ତ ହୋଇପାରିବ ।

ତେବେ ନାରୀ ପ୍ରଗତି ପାଇଁ ଅନ୍ୟାନ୍ୟ ନୀତି ନିୟମ ଭଳି ଏହା କେବଳ ନଥି ସର୍ବସ୍ୱ ହୋଇ ରହୁଛି ଅଥବା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି ତାହାହିଁ ଦେଖିବାର କଥା । ପୁରୁଷର ଭାଗ୍ୟ ପତର ତଳେ ଓ ନାରୀ ଭାଗ୍ୟ ପଥର ତଳେ ବୋଲି ଆଶ୍ୱାସନା ବାଣୀଟିଏ ଶୁଣେଇ ନାରୀଙ୍କୁ ନିୟତି ପାଖରେ ସମର୍ପିତ କରିବାର ମାନସିକତା ଆଉ କେତେଦିନ ଏମିତି ତିଷ୍ଠି ରହିଥିବ ?

ପ୍ରପୀଡ଼ିତା ମାଓବାଦୀ ମହିଳା

ଗୌତମ ବୁଦ୍ଧ ଥରେ ଉଦ୍‌ବେଗ ପ୍ରକାଶ କରି ତାଙ୍କ ଶିଷ୍ୟ ଆନନ୍ଦଙ୍କୁ ବୌଦ୍ଧଧର୍ମର ଭବିଷ୍ୟତ ସମ୍ପର୍କରେ କହିଥିଲେ; ଯେଉଁ ଧର୍ମ ପାଞ୍ଚହଜାର ବର୍ଷ ପର୍ଯ୍ୟନ୍ତ ମାନବ ସମାଜକୁ ଦିଗ୍‌ଦର୍ଶନ ଦେବ ବୋଲି ମୁଁ ଆଶାକରୁଥିଲି ତାହା ମାତ୍ର ପାଞ୍ଚଶହବର୍ଷ ଭିତରେ ଅବକ୍ଷୟ ହୋଇଯିବ। ସତକୁ ସତ ବୌଦ୍ଧଧର୍ମ ମାତ୍ର ପାଞ୍ଚଶହବର୍ଷ ପୁରଣ ହେବା ବେଳକୁ ବିଲୟ ଲଭିବା ଆରମ୍ଭ କରିଦେଇଥିଲା। ବୁଦ୍ଧଙ୍କ ପ୍ରଚାରିତ ଧର୍ମର ମୁଖ୍ୟ ମାଧ୍ୟମଥିଲା ସଂଘ। ବୌଦ୍ଧଭିକ୍ଷୁମାନେ ଗୃହତ୍ୟାଗ କରି ସଂଘରେ ଆଶ୍ରୟ ନେଉଥିଲେ ଓ କଠୋର ଅନୁଶାସନ ଭିତରେ ଜୀବନ ନିର୍ବାହ କରୁଥିଲେ। ନିଜ କାମନା ବାସନାକୁ ନିପୀଡିତ କରିବାପାଇଁ କୃଚ୍ଛ୍ର ସାଧନା କରୁଥିଲେ। ଶୁଦ୍ଧପୂତ କାମନା ବିରହିତ ସଂଯମ ଜୀବନ ଥିଲା ବୌଦ୍ଧ ଧର୍ମ ଓ ସଂଘର ଭିତ୍ତିଭୂମି। ଏହାକୁ ଆଧାର କରି ବୌଦ୍ଧଧର୍ମ ତା'ର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ନାରୀମାନଙ୍କୁ ସଂଘରେ ଆଶ୍ରୟ ଦେବା ସପକ୍ଷରେ ବୁଦ୍ଧଦେବ ଆଦୌ ନଥିଲେ। କିନ୍ତୁ ସମୟକ୍ରମେ ଆମ୍ରପଲ୍ଲୀ ଭଳି ଗଣିକା ଓ ଅନ୍ୟ ବୌଦ୍ଧ ଭିକ୍ଷୁଣୀଙ୍କୁ ସଂଘରେ ଗ୍ରହଣ କରାଗଲା। ବୁଦ୍ଧଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ଅତୀତ ଜୀବନଶୈଳୀରେ ପରିବର୍ତ୍ତନ ଆସି ସାରିଥିଲା ସତ, ତଥାପି ସଂଘରେ ନାରୀମାନଙ୍କର ସ୍ଥିତି ଚିନ୍ତାଗ୍ରସ୍ତ କରିଦେଇଥିଲା ବୁଦ୍ଧଦେବଙ୍କୁ। ଏହାର ପରିଣତି ଯେ ଆଦୌ ଶୁଭଙ୍କର ନୁହେଁ ଏହା ଅନୁଭବ କରି ଶିଷ୍ୟ ଆନନ୍ଦଙ୍କ ନିକଟରେ ସେ ଏହି ମର୍ମଦାହ ପ୍ରକାଶ କରିଥିଲେ।

କହିବା ବାହୁଲ୍ୟ, ବୌଦ୍ଧଭିକ୍ଷୁଣୀଙ୍କ ସଂଘର ପରିଚାଳନା ଦାୟିତ୍ୱ ପୁରୁଷମାନଙ୍କ ହାତରେ ଥିଲା, ତେଣୁ ସଂଘରେ ଅତିଶୀଘ୍ର ବ୍ୟଭିଚାର ତା'ର କାୟା ବିସ୍ତାର କଲା। କାଳେ କାଳେ ବ୍ୟଭିଚାର ସକଳ ମହତ୍ୱ ଉଦ୍ଦେଶ୍ୟକୁ ପଣ୍ଡ କରିଦେଇଥାଏ। ବୌଦ୍ଧ ଧର୍ମ ଭଳି ଏକ ସମ୍ଭ୍ରାନ୍ତ ଓ ମହତ୍ ଅନୁଷ୍ଠାନର ମଧ୍ୟ ବ୍ୟଭିଚାର ପାଇଁ ବିଲୟ ଘଟିଥିଲା।

ନାରୀମାନଙ୍କୁ ଯେଉଁଠି ଅସମ୍ମାନିତ କରାଯାଏ, ସେମାନଙ୍କୁ କାମନା ବାସନାର ସାମଗ୍ରୀ ରୂପେ ଗ୍ରହଣ କରାଯାଏ, ସେମାନଙ୍କୁ ଭୋଗ୍ୟ କରିଦିଆଯାଏ, ସେ ବ୍ୟକ୍ତି ହେଉ କି ସମଷ୍ଟି

ହେଉ କି ଅନୁଷ୍ଠାନ ହେଉ, ତା'ର ଧ୍ୱଂସ ଅନିବାର୍ଯ୍ୟ। ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯେତେ ମହାନ୍ ହେଲେ ସୁଦ୍ଧା ସେ ଅନୁଷ୍ଠାନ କଦାପି ପ୍ରତିଷ୍ଠା ପାଏ ନାହିଁ। ସୃଷ୍ଟି ଆରମ୍ଭରୁ ଏହି ସତ୍ୟ ଯେମିତି ଅକାଟ୍ୟ ଥିଲା, ଏବେ ଏକବିଂଶ ଶତାବ୍ଦୀରେ ସଭ୍ୟତା ଓ ସଂସ୍କୃତିର ଆଶାତୀତ ପରିବର୍ତ୍ତନ ହେଲେ ସୁଦ୍ଧା ଏହି ସତ୍ୟ ସେମିତି ଅପରିବର୍ତ୍ତନୀୟ ହୋଇ ରହିଛି।

କେବଳ ବୌଦ୍ଧ ଧର୍ମ ଓ ସଂଘନୁହେଁ, ବିଶ୍ୱର ବହୁ ବଡ଼ ବଡ଼ ସଙ୍ଗଠନର ଅଧୋଗତି ମୂଳରେ ରହିଛି ଏହି ବ୍ୟଭିଚାର। ଇନ୍ଦ୍ର, ଚନ୍ଦ୍ର ଏପରିକି ବ୍ରହ୍ମା ମଧ୍ୟ ଯେଉଁ ଅଭିସମ୍ପାତରୁ ମୁକ୍ତ ହୋଇ ନାହାନ୍ତି ସାଧାରଣ ମନୁଷ୍ୟ କେତେ ମାତ୍ର। ଏ ପରିପ୍ରେକ୍ଷୀରେ ସାଂପ୍ରତିକ ପରିସ୍ଥିତିକୁ ଗଭୀର ଭାବରେ ଆଲୋଡିତ କରୁଥିବା ମାଓ ସଂଗଠନର କେତେକ ମହିଳା ମାଓବାଦୀଙ୍କ ଅଭିଯୋଗ ପ୍ରସଙ୍ଗ ବିଚାର୍ଯ୍ୟ।

ସର୍ବହରାର ନ୍ୟାଯ୍ୟଦାବୀ ପୂରଣ କରିବା ମାଓ ଅଥବା ନକ୍ସଲ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେମାନଙ୍କ ବିଚାରଧାରା ଅନେକଙ୍କୁ ଆକୃଷ୍ଟ କରିଥିଲା। ଜନସାଧାରଣଙ୍କ ଶ୍ରଦ୍ଧା ଓ ସଦିଚ୍ଛା, ବୁଦ୍ଧିଜୀବୀଙ୍କର ନୈତିକ ସମର୍ଥନ ଏହି ସଂଗଠନର ମୂଳପୁଞ୍ଜି ଥିଲା। ସେମାନେ ସ୍ୱଭାବରେ ଉଗ୍ର ହେଲେ ସୁଦ୍ଧା ନୀତି ଓ ଆଦର୍ଶଚ୍ୟୁତ ହେଉ ନଥିଲେ। ମହିଳା, ଶିଶୁ ଓ ସର୍ବହାରଙ୍କୁ ଅଭୟ ପ୍ରଦାନ କରୁଥିବାରୁ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ଥିଲେ, କୌଣସି ପରିସ୍ଥିତିରେ ବି ନିରୀହ ଜନତାଙ୍କର ଏତେ ଟିକିଏ କ୍ଷତି କରୁନଥିଲେ। କିନ୍ତୁ ଏବେ ଯୁଗ ବଦଳି ଯାଇଛି। ଅନେକ ସମୟରେ ମାଓ ସଂଗଠନ ସେମାନଙ୍କ କାର୍ଯ୍ୟପନ୍ଥା ପାଇଁ ବିତର୍କିତ ହୋଇପଡୁଛି। ପୋଲିସକୁ ସୂଚନା ପ୍ରଦାନ କରୁଥିବା ସନ୍ଦେହରେ କେଉଁଠି ନିରୀହ ଆଦିବାସୀ ମାଓ ଗୁଳିରେ ପ୍ରାଣ ଦେଲାଣି ତ କେଉଁଠି ସେମାନଙ୍କ ତାଣ୍ଡବ ଲୀଳା ଆମ୍ବୁଲାନ୍ସରେ ଡାକ୍ତରଖାନା ଯାଉଥିବା ଗର୍ଭବତୀ ମହିଳାର ପ୍ରାଣ ନେଲାଣି। କେଉଁଠି କେଉଁଠି ଶିଶୁ ଓ ମହିଳା ସମେତ ଗୋଟାଏ ଗୋଟାଏ ପରିବାର ମୃତ୍ୟୁ କୋଳରେ ଶୋଇ ଗଲେଣି। ସରକାରଙ୍କ ଅସ୍ତ୍ରାଗାରରୁ ଅସ୍ତ୍ରଶସ୍ତ୍ର ଲୁଟିନେବା ଅଥବା ପୋଲିସ୍ ଥାନା ଉଡାଇ ଦେବା ତ ସେମାନଙ୍କ ପାଇଁ ସାଧାରଣ କଥା। ଏଥିରେ ଜନସାଧାରଣ ଆକ୍ରାନ୍ତ ହୁଅନ୍ତି ନାହିଁ, କିନ୍ତୁ ମୋବାଇଲ୍ ଟାୱାର ଓ ସ୍କୁଲଘର ଆଦି ଉଡାଇ ଦେବା, ରାସ୍ତା ଘାଟରେ ଲ୍ୟାଣ୍ଡମାଇନ୍ସ ଖଞ୍ଜିବା ଆଦି କାର୍ଯ୍ୟକଳାପରେ ସାଧାରଣ ଜନତା ବେଶ୍ ପ୍ରଭାବିତ ହୁଅନ୍ତି। ନିମ୍ନ ମଧ୍ୟବିତ୍ତ ପରିବାରର ଏକମାତ୍ର ରୋଜଗାରୀ ପୁତ୍ର, କନେଷ୍ଟବଲ୍ ଓ ହୋମଗାର୍ଡ ଭଳି ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କୁ ପ୍ରାଣ ବଳି ଦେବାକୁ ପଡୁଛି। ନିକଟରେ ମାଲକାନଗିରିର ଛଅ ଜଣ କନେଷ୍ଟବଳ ପ୍ରାଣଭୟରେ ଇସ୍ତଫା ଦେବା ନିଶ୍ଚୟ ଚିନ୍ତାଜନକ ବିଷୟ। ମାଓ କାର୍ଯ୍ୟକଳାପ ଉପରେ ତର୍ଜମା କରିବା ଏ ଲେଖାର ଉଦ୍ଦେଶ୍ୟ ନୁହେଁ। ଯେଉଁ ପ୍ରସଙ୍ଗ ସମ୍ପ୍ରତି ମାଓ ସଂଗଠନକୁ ଅଧିକ ପରିମାଣରେ ନିନ୍ଦିତ କରିଛି ତାହା ହେଉଛି ମହିଳା ମାଓବାଦୀମାନଙ୍କୁ ନିର୍ଯ୍ୟାତନା। କ୍ରମାଗତ କିଛିଦିନ ଧରି ମହିଳା ମାଓବାଦୀମାନେ ଏହି ଅଭିଯୋଗ ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

ଆଜି ଆଉ ବୌଦ୍ଧ ଯୁଗର ସାମାଜିକ ପୃଷ୍ଠଭୂମି ନାହିଁ କି ସେ ଯୁଗର ମାନସିକତା ମଧ୍ୟ ନାହିଁ। ଯୁଗୀୟ ଜୀବନଶୈଳୀରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀ ଓ ପୁରୁଷଙ୍କର ଅବାଧ ପ୍ରବେଶ ରହିଛି। ଯେଉଁ ମହିଳାମାନେ ଏପରି ଦୋଷାରୋପ କରିଛନ୍ତି, କେଉଁ ପରିସ୍ଥିତିରେ ସେମାନେ ଏହି ସଂଗଠନରେ ଯୋଗଦେଲେ ତାହା ଆମର ବକ୍ତବ୍ୟ ନୁହେଁ, କିନ୍ତୁ ଯେଉଁଭଳି ଭାବରେ ସେମାନେ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ତାହା ଯଦି ସତ୍ୟ ହୋଇଥାଏ ତେବେ ଉଦ୍‌ବେଗର ବିଷୟ ନିଶ୍ଚୟ।

ନାରୀଟିଏ ତା' ଇଚ୍ଛା ବିରୁଦ୍ଧରେ ଯେଉଁଠି ଶାରୀରିକ ଶୋଷଣର ଶିକାର ହୁଏ ତା'ର ଯନ୍ତ୍ରଣା ଅବର୍ଣ୍ଣନୀୟ ହୋଇଯାଏ। ପରିସ୍ଥିତି ପାଖରେ ଆତ୍ମସମର୍ପଣ କରିଦେଇ ଥିବା ନାରୀଟିର ପ୍ରତିରୋଧ ଅଥବା ପ୍ରତିବାଦ କରିବାର ସାମର୍ଥ୍ୟ ନଥାଏ। ପ୍ରତି ମୂହୁର୍ତ୍ତରେ ସେ ମାନସିକ ଯନ୍ତ୍ରଣା ଭୋଗୁଥାଏ। ସେ ସୁଚାରୁରୂପେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିପାରେ ନାହିଁ।

ମହିଳା ମାଓବାଦୀମାନେ ସଂଗଠନ ଛାଡି ଗଣମାଧ୍ୟମରେ ଯେଉଁ ଅଭିଯୋଗ କରିଛନ୍ତି ତା'ର କାରଣ ଖୋଜି ଏ ଅବାଞ୍ଛିତ ସମସ୍ୟାକୁ ଦୂର କରିବା ମାଓ ସଂଗଠନର କାର୍ଯ୍ୟ, ସକଳ ବ୍ୟତିକ୍ରମ ସତ୍ତ୍ୱେ ଏବେ ସୁଦ୍ଧା ମାଓସଂଗଠନ ପ୍ରତି କେତେକ ବୁଦ୍ଧିଜୀବୀଙ୍କର ନୈତିକ ସମର୍ଥନ ରହିଛି। ପ୍ରତିପତ୍ତିଶାଳୀ ଲୋକଙ୍କର ଯେଉଁ କାର୍ଯ୍ୟକଳାପରେ ଉତ୍‌କ୍ଷିପ୍ତ ହୋଇ ମାଓ ସଂଗଠନ ସୃଷ୍ଟି, ସେହି ଆରୋପ ଯଦି ଏହି ସଂଗଠନ ଉପରେ କରାଯାଏ ତେବେ ?

ଅଭିଯୋଗକାରିଣୀଙ୍କ ବକ୍ତବ୍ୟ ଯଦି ସତ୍ୟ ହୋଇଥାଏ ଏହାର ଯେମିତି ଆଉ ପୁନରାବୃତ୍ତି ନହୁଏ ସେଥିପ୍ରତି ସତର୍କ ରହିବାର ଆବଶ୍ୟକତା ସଂଗଠନର ରହିଛି। ଏ ପ୍ରକାର କଳଙ୍କିତ ଇତିହାସ ସୃଷ୍ଟି କରିବାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଯେଉଁ ହାତ ସାମାଜିକ ବ୍ୟବସ୍ଥାରେ ବିଘ୍ନ ଘଟାଉଥିବା ଦୁରାତ୍ମାଙ୍କ ପ୍ରତି ଉଠୁଛି ସେହି ହାତ ନିର୍ବିକାରଭାବରେ ଏମାନଙ୍କ ଉଦ୍ଦେଶ୍ୟରେ ଉଠୁ। ଏଇଭଳି ଏକ ଅବାଞ୍ଛିତ କଳଙ୍କରେ ମାଓ ସଂଗଠନ ଅଭିଯୁକ୍ତ ହେଉ, ଏହା କେହି ଚାହାନ୍ତି ନାହିଁ। ଜନସାଧାରଣଙ୍କ ଆସ୍ଥାଭାଜନ ପାଇଁ ଏ ପଦକ୍ଷେପର ଆବଶ୍ୟକତା ରହିଛି ଏବଂ ଜନସାଧାରଣଙ୍କର ଆସ୍ଥାବିନା କୌଣସି ସଂଗଠନ କେବେ ସଫଳ ହୋଇନାହିଁ।

❑❑

ଅନ୍ତ୍ୟେଷ୍ଟିକ୍ରିୟାରେ ନାରୀର ଅଧିକାର- ଏକ ବିତର୍କ

ଯୁଗୀୟ ଆବଶ୍ୟକତାକୁ ଆଧାରକରି ସର୍ବକାଳରେ ଆଚାର ସଂହିତା ଓ ପ୍ରଥା ପରମ୍ପରା ପରିପୁଷ୍ଟ ହୋଇଥାଏ । କୌଣସି ଯୁଗୀୟ ପ୍ରବୃତ୍ତି ଯଦି ବିଗତ ଯୁଗମାନଙ୍କ ସହ ସମତାଳରେ ଗତି ନକଲା ସେଇଠି ସୃଷ୍ଟିହୁଏ ବିଚାର ସଂଘର୍ଷ । ସମାଜ ପାଇଁ ପୂର୍ବ ପ୍ରଚଳିତ ପ୍ରଥା ପରମ୍ପରାରେ ପରିବର୍ତ୍ତନର ଆବଶ୍ୟକତା ଅନୁଭୂତ ହୁଏ । ଏହି ହେତୁ କାଳେ କାଳେ ନୀତିନିୟମ ଆଚାର ସଂହିତା ଅନୁଯାୟୀ ସାମାଜିକ କ୍ରିୟାକଳାପ ନିୟନ୍ତିତ ହେବା ଉଚିତ୍ ନା ସାମାଜିକ ଆବଶ୍ୟକତାକୁ ନେଇ ନୀତିନିୟମ ନିର୍ଦ୍ଧାରିତ ହେବା ଉଚିତ୍ ଏହା ଏକ ବିତର୍କିତ ପ୍ରଶ୍ନହୋଇ ରହିଆସିଛି । ତେବେ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ନୂତନପିଢ଼ି ସର୍ବଦା ପୁରାତନ ନୀତିନିୟମର ନିର୍ମୋକ ଭିତରୁ ବାହାରି ଆସିବା ପାଇଁ ସଂଘର୍ଷ ଜାରି ରଖିଛି ଏବଂ ଏହି ସଂଘର୍ଷ ହିଁ ସଭ୍ୟତା ପ୍ରବାହକୁ ଅଗ୍ରଗାମୀ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । କାହିଁ କେତେକାଳରୁ ମାନବଚେତନାକୁ କ୍ରମୋନ୍ନତ କରିଚାଲିଛି ଏହି ପ୍ରକ୍ରିୟା । ଏହିଭଳି ଏକ ପ୍ରସଙ୍ଗ ଯୁଗୀୟ ପ୍ରଶ୍ନବାଚୀ ହୋଇ ସାମ୍ପ୍ରତିକ ସମାଜକୁ ଆନ୍ଦୋଳିତ କରିରଖିଛି ।

ଦାହ ସଂସ୍କାର ଆଦି ପ୍ରେତ କର୍ମ କର୍ମାଣୀରେ ନାରୀମାନଙ୍କର ଅଧିକାରକୁ ନେଇ ବହୁ ବିତର୍କ ହେଉଛି, ତଥାପି ଏକ ସର୍ବଜନଗ୍ରାହ୍ୟ ନିଷ୍କର୍ଷରେ ଆମେ ପହଞ୍ଚି ପାରିନାହୁଁ। ପ୍ରାଚୀନକାଳରେ ନାରୀମାନଙ୍କ ପ୍ରତି ସମାଜର ଯେଉଁ ଦୃଷ୍ଟିକୋଣ ଥିଲା ତାହା ଆଉନାହିଁ। କୋମଳାଙ୍ଗୀ, ଅବଳା ଲବଣୀପିତୁଳା, ବାମା ଆଦି ସମ୍ବୋଧନରେ ସେ ତୃପ୍ତ ହେବା ପରିବର୍ତ୍ତେ କ୍ଷିପ୍ତ ହୋଇପଡୁଛି । ତା'ର ଶକ୍ତି ସାମର୍ଥ୍ୟ ଦକ୍ଷତା କେବଳ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ, ସେ ସଶକ୍ତ ଓ ଗଭୀର ଆତ୍ମପ୍ରତ୍ୟୟ ସମ୍ପନ୍ନା ହୋଇସାରିଲାଣି । ସେ ସମାଜର ବାମଅଙ୍ଗ ହୋଇନାହିଁ, ପୁରୁଷକୁ ନିଜ ବାମପାର୍ଶ୍ୱରେ ରଖି ନିଜେ ଦକ୍ଷିଣପାର୍ଶ୍ୱ ଅଧିକାର କରିବାର ସକଳ ସାମର୍ଥ୍ୟ ଅର୍ଜନ କରିସାରିଲାଣି । ଫଳତଃ ଯୁଗ ଯୁଗ ଧରି ବଞ୍ଚିତ ହୋଇ ଆସିଥିବା କେତେକ ମୌଳିକଦାବିକୁ ହାସଲ କରିବାର ଯଥାର୍ଥତା ଅନୁଭବ କଲାଣି ।

ହିନ୍ଦୁଧର୍ମରେ ନାରୀମାନଙ୍କୁ ଦାହ ସଂସ୍କାରରେ ସହଯୋଗୀ କରାଯାଏ ନାହିଁ । ଏପରିକି ଶବ ସହ ଶ୍ମଶାନକୁ ଯିବାର ବିଧି ମଧ୍ୟ ନାହିଁ। ଏସବୁ କାର୍ଯ୍ୟ ପୁରୁଷମାନଙ୍କ ଦ୍ୱାରା ସମ୍ପନ୍ନ

ହୋଇଥାଏ । ଅବଶ୍ୟ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କଲେ କିଛି ପରିମାଣରେ ଏହାର ଯଥାର୍ଥତା ଥିବାପରି ମନେହୁଏ । ବିଭିନ୍ନ ଧର୍ମରେ ଶବ ସତ୍କାରର ବିଭିନ୍ନ ବିଧି ରହିଛି । ହିନ୍ଦୁ ଧର୍ମରେ ଶବକୁ ଦାହ କରାଯାଇଥାଏ । ଦାହ ସଂସ୍କାର ପୂର୍ବରୁ ଶ୍ମଶାନରେ ଯେଉଁ ପ୍ରେତ କର୍ମ କର୍ମାଣି କରାଯାଏ, ମୁଖାଗ୍ନିଦେବା ଓ ଜୁଇ ଉପରେ ଶବକୁ ସମ୍ପୂର୍ଣ୍ଣ ନିଃଶେଷ ହେବା ପର୍ଯ୍ୟନ୍ତ ଯାହା କରିବା ପାଇଁ ବିଧିବିଧାନ ରହିଛି ତାହା ସମ୍ପନ୍ନ କରିବା ନିମନ୍ତେ ଧୈର୍ଯ୍ୟ ଓ ସାହସର ଆବଶ୍ୟକତା ରହିଛି । ମୁଖାଗ୍ନି ଦେଇଥିବା ଓ କ୍ରିୟା ଧରିଥିବା ବ୍ୟକ୍ତିଟି ଦଶାହପର୍ଯ୍ୟନ୍ତ ନୀତିନିଷ୍ଠାରସହ କ୍ରିୟା ସମ୍ପନ୍ନ କରେ । ଏସବୁ ପାଇଁ ନାରୀ ଅନୁପଯୁକ୍ତ ବୋଲି ମନେ କରାଯାଉଥିଲା । ପ୍ରକୃତି ନାରୀକୁ କେବଳ ଶାରୀରିକ ସ୍ତରରେ ପୁରୁଷଠାରୁ ନରମ ଓ କୋମଳ କରି ଗଢ଼ିନାହିଁ ତା'ଅନ୍ତରକୁ ମଧ୍ୟ ସ୍ପର୍ଶକାତର ଓ ସମ୍ବେଦନଶୀଳ କରିଛି । ଦୟାକ୍ଷମା ଭାବସ୍ନିଗ୍ଧତା, ଆବେଗପ୍ରବଣତାଆଦି ନାରୀର ସ୍ୱଭାବିକ ଗୁଣାବଳୀ । ଆତ୍ମୀୟ ସ୍ୱଜନଙ୍କ ଦାହ ସଂସ୍କାର ଜନିତ ବିଭତ୍ସଦୃଶ୍ୟର ସମ୍ମୁଖୀନ ହେବା ଦ୍ୱାରା ତା'ର ଚିତ୍ତଦୌର୍ବଲ୍ୟ ସୃଷ୍ଟି ହୋଇପାରେ, ସେ ମାନସିକ ଭାରସାମ୍ୟ ରକ୍ଷା କରିନପାରେ । ଏସବୁକୁ ଆଶଙ୍କା କରି ହୁଏତ ଆମର ପୂର୍ବପୁରୁଷ ଓ ସମାଜଶାସ୍ତ୍ରୀମାନେ ନାରୀକୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରଖିଥାଇପାରନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଲୋକାଚାରରେ ଏହା କଠୋର ନିୟମ ହୋଇଥାଇପାରେ, ତଥାପି ନାରୀକୁ ବାଦ ଦେଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେଉନଥିଲା, ନାରୀ ବି ଏଥିରେ ମୁଖ୍ୟଭୂମିକା ଗ୍ରହଣ କରୁଥିଲା, କିନ୍ତୁ ତାହା ସବୁଥିଲା ଗୃହ ଅଭ୍ୟନ୍ତରର କର୍ମକର୍ମାଣି ।

ପ୍ରକୃତି ନାରୀଙ୍କୁ କେତେକ ଜୈବିକ କାର୍ଯ୍ୟକଳାପରେ ବନ୍ଧା ପକାଇ ଦେଇଛି । ମୃତ୍ୟୁ କେବେ ପୂର୍ବରୁ ସୂଚନା ଦେଇ ଆସେ ନାହିଁ । ସେପରି ହୋଇଥିଲେ ନାରୀ ସେହି ସମୟ ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତା । ହୁଏତ ସେତେବେଳକୁ ସେ ରଜସ୍ୱଳା ହୋଇଥାଇପାରେ, ଅନ୍ତଃସତ୍ତ୍ୱା ହୋଇଥାଇପାରେ, ସଦ୍ୟଜନ୍ମ ଦେଇଥିବା ପ୍ରସୂତୀ ଥାଇପାରେ, ଛୋଟ ଶିଶୁର ଲାଳନ ପାଳନ ଦାୟିତ୍ୱରେ ଥାଇପାରେ, ବ୍ୟାଧିପୀଡିତ ପରିବାର ସଦସ୍ୟଙ୍କ ଦାୟିତ୍ୱ ବହନ କରିଥାଇପାରେ, ଏସବୁ ପରିସ୍ଥିତିରେ ସେ ଦାହ ସଂସ୍କାର ଆଦି କାର୍ଯ୍ୟରେ ନିୟୋଜିତ ହେଲେ ତା' ନିଜ ପାଇଁ ବିପଜ୍ଜନକ ହେବା ସହ ପରିବାର ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୁଏ । ସେହି ହେତୁ ହୁଏତ ନାରୀ ପାଇଁ ଏ କ୍ଷେତ୍ର ବାରଣ କରାଯାଇଥିଲା ।

ଆମ ସାମାଜିକ ବିଧିବିଧାନ ଅନୁସାରେ କନ୍ୟା ପରଗୋତ୍ରୀ । ଆମ ସମାଜ ପିତୃକୈନ୍ଦ୍ରିକ ହୋଇଥିବାରୁ ପିତ୍ରାଳୟ ଛାଡି କନ୍ୟା ଶ୍ୱଶୁରଘରକୁ ଯାଇଥାଏ । ପିତୃଗୃହ ଅପେକ୍ଷା ପତିଗୃହର ଦାୟିତ୍ୱବୋଧ ସହ ସେ ଅଧିକ ଜଡିତ ଥାଏ । ପିତାମାତାଙ୍କ ଦାହ ସଂସ୍କାର ପିଣ୍ଡଦାନ ଶ୍ରାଦ୍ଧାଦି କାର୍ଯ୍ୟ ସମ୍ପନ୍ନ କରିବା ଦ୍ୱାରା ଶ୍ୱଶୁରାଳୟ ଅବହେଳିତ ହେବାର ଆଶଙ୍କା ରହିଥାଏ । ସାମାଜିକ

ଶୃଙ୍ଖଳା ଦୃଷ୍ଟିରୁ ନାରୀମାନଙ୍କୁ ଏସବୁ କାର୍ଯ୍ୟରୁ ବିରତ କରାଯାଇଥାଇପାରେ। କନ୍ୟା ଜ୍ୟେଷ୍ଠା ହେଲେ ସୁଦ୍ଧା କନ୍ୟା ପରିବର୍ତ୍ତେ କନିଷ୍ଠ ପୁତ୍ର ଅଥବା ପୁତ୍ର ନଥିଲେ ପୁତୁରା ଭଣଜା ଆଦିଙ୍କୁ ମୁଖାଗ୍ନି ଓ ଦାହ ସଂସ୍କାର ଅଧିକାର ଦିଆଯାଇଛି।

ପିତାମାତାଙ୍କ ଦାହ ସଂସ୍କାର ସହ ସଂପତ୍ତିଗତ ଅଧିକାର ଅନେକାଂଶରେ ଜଡିତ। ହିନ୍ଦୁଧର୍ମରେ ଜ୍ୟେଷ୍ଠପୁତ୍ର ପିତାମାତାଙ୍କ ଦାହ ସଂସ୍କାର ପିଣ୍ଡଦାନ ଶ୍ରାଦ୍ଧାଦି କାର୍ଯ୍ୟ କରୁଥିବାରୁ ପୈତୃକ ସମ୍ପତ୍ତିରେ ସେ ଜ୍ୟେଷ୍ଠାଭାଗ ପାଇବାର ଲୋକାଚାର ବିଧି ରହିଛି। ଅନ୍ୟ ଭାଇମାନଙ୍କ ତୁଳନାରେ ପରିବାର ପ୍ରତି ତା'ର ଦାୟିତ୍ୱବୋଧ ଅଧିକ ରହିଥାଏ। ପିତାମାତାଙ୍କର ଅଧୁରା କାର୍ଯ୍ୟ ସେ ସମାପନ କରିଥାଏ। ଏପରିକି ପିତା ଯଦି ଋଣଗ୍ରସ୍ତ ହୋଇ ଇହଧାମ ତ୍ୟାଗ କରିଥାନ୍ତି, ପୁତ୍ର ସନ୍ତାନମାନଙ୍କୁ ତାହା ପରିଶୋଧ କରିବାକୁ ହୋଇଥାଏ। ବହୁଦିନ ପର୍ଯ୍ୟନ୍ତ ଝିଅମାନଙ୍କର ପୈତୃକ ଚାଷ ଜମି ଉପରେ ଅଧିକାର ନଥିଲା। ଏଇଥିପାଇଁ ପତିଗୃହର ଜଞ୍ଜାଳ ଛାଡି ନାରୀ ପିତ୍ରାଳୟରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବା ବି ସମ୍ଭବ ନୁହେଁ। ଭାଇମାନଙ୍କ ସହ ମନୋମାଳିନ୍ୟ ହେଲେ ଏହାକୁ ବିକ୍ରୟ କରି ଚିରଦିନ ପାଇଁ ପିତୃଗୃହ ସହ ସମ୍ପର୍କ ଛିନ୍ନ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରୁନଥିଲା।

ଏସବୁ ସତ୍ତ୍ୱେ ଆମ ପ୍ରାଚୀନ ଶାସ୍ତ୍ର ପ୍ରଣେତାମାନେ ନାରୀମାନଙ୍କୁ ଶ୍ରାଦ୍ଧାଦି କ୍ରିୟା ଓ ଦାହ ସଂସ୍କାର କାର୍ଯ୍ୟ ପାଇଁ କୌଣସି ସ୍ଥାନରେ ବାରଣ କରିନାହାନ୍ତି। ପୁତ୍ରମାନଙ୍କୁ ଅଗ୍ରାଧିକାର ଦିଆଯାଇଛି ସିନା ନାରୀମାନଙ୍କୁ ନିଷେଧ କରାଯାଇନାହିଁ। ଏ ପ୍ରସଙ୍ଗରେ ଆମ ପ୍ରେତକର୍ମକର୍ମାଣି ପାଇଁ ଉଦ୍ଦିଷ୍ଟ ବିଧିବିଧାନ ଉପରେ କିଞ୍ଚିତ୍ ଉଦ୍ଧୃତି ଉପସ୍ଥାପନା କରାଯାଇପାରେ। ପୁରୁଷ ପ୍ରେତର ଦାହ ସଂସ୍କାର ପାଇଁ ଶାସ୍ତ୍ର ପ୍ରଣେତାମାନେ ଯେଉଁମାନଙ୍କୁ ଅଧିକାର ଦେଇଛନ୍ତି ସେମାନଙ୍କ ସମ୍ପର୍କରେ ପ୍ରେତଚିନ୍ତାମଣିରେ ବର୍ଣ୍ଣନା ରହିଛି:-

"ପୁତ୍ର, ପୌତ୍ର, ପ୍ରପୌତ୍ର, ଅପୁତ୍ରାପତ୍ନୀ, ସୁପୁତ୍ରାପତ୍ନୀ, କନ୍ୟା, ବାଗଦତ୍ତା କନ୍ୟା, ବିବାହିତା କନ୍ୟା, ଦୌହିତ୍ର, କନିଷ୍ଠ ସହୋଦର, ଜ୍ୟେଷ୍ଠ ସହୋଦର, କନିଷ୍ଠ ଓ ଜ୍ୟେଷ୍ଠ ବିମାତା ପୁତ୍ର, ଭାତୃପୁତ୍ର, ପିତାମାତା, ପୁତ୍ରବଧୂ, ଅଦତ୍ତା ପୌତ୍ରୀ, ବାଗ୍‌ଦତ୍ତା ପ୍ରପୌତ୍ରୀ, ବିବାହିତା ପ୍ରପୌତ୍ରୀ, ପିତାମହ ପିତାମହୀ, ପିତୃବ୍ୟାଦି, ସଗୋତ୍ର, ମାତାମହ, ମାତୁଳ, ଭଗିନେୟ, ମାତାମହ ସପିଣ୍ଡଜ୍ଞାତି, ମାତାମହ ସକୁଲ୍ୟ। ଏହିଭଳି ଅସବର୍ଣ୍ଣ ପତ୍ନୀ ଓ ଅବିବାହିତ ସ୍ତ୍ରୀ (ରକ୍ଷିତା)ଙ୍କୁ ମଧ୍ୟ ଶାସ୍ତ୍ର ଦାହ ସଂସ୍କାରରେ ଅଧିକାର ଦେଇଛି। ସେହିଭଳି ସ୍ତ୍ରୀ ପ୍ରେତର ଦାହ ସଂସ୍କାର ପାଇଁ ପୁତ୍ର, ପୌତ୍ର, ପ୍ରପୌତ୍ର, କନ୍ୟା, ବାଗ୍‌ଦତ୍ତା କନ୍ୟା, ନାତି, ସପତ୍ନୀ, ପୁତ୍ର, ପତି, ପୁତ୍ରବଧୂ ପ୍ରଭୃତିଙ୍କୁ ଏହି ଅଧିକାର ଦିଆଯାଇଛି। କିନ୍ତୁ ପର୍ଯ୍ୟାୟକ୍ରମେ ପୁରୁଷମାନଙ୍କୁ ଅଗ୍ରାଧିକାର ଓ ତା'ପର ପର୍ଯ୍ୟାୟ ପର୍ଯ୍ୟନ୍ତ ନାରୀମାନଙ୍କୁ ଅଧିକାର ଭୁକ୍ତ କରାଯାଇଛି।

ରାଜା ଦଶରଥଙ୍କ ଆତ୍ମା ସୀତାଙ୍କଠାରୁ ବାଲିପିଣ୍ଡ ଗ୍ରହଣ କରିବାର ଦୃଷ୍ଟାନ୍ତ ଆମ ପରମ୍ପରାରେ ସମୃଦ୍ଧ ହୋଇ ରହିଛି । ପୁତ୍ରମାନଙ୍କ ଅପେକ୍ଷା ପୁତ୍ରବଧୂଦ୍ୱାରା ପ୍ରଦତ୍ତ ପିଣ୍ଡରେ ପିତୃଲୋକ ବେଶୀ ସନ୍ତୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ ମଧ୍ୟ ରହିଛି । ଏକ ସୂକ୍ଷ୍ମ ବିଚାରବୋଧରୁ ହୃଦ୍‌ବୋଧ ହୁଏ ଯେ, ଦାହ ସଂସ୍କାର, ଅନ୍ତ୍ୟେଷ୍ଟି କ୍ରିୟା, ପିଣ୍ଡଦାନ ଓ ଶ୍ରାଦ୍ଧକ୍ରିୟା ପାଇଁ ନାରୀକୁ ବଞ୍ଚିତ କରିବା ମୂଳରେ ନାରୀ ବିଦ୍ୱେଷୀ ଚିନ୍ତାଧାରା ନଥିଲା । ବରଂ ସ୍ୱଭାବତଃ କୋମଳା ଓ ସମ୍ବେଦନଶୀଳା ଥିବାରୁ ପ୍ରେତକର୍ମାଦି କ୍ରିୟାକଳାପରେ ନାରୀକୁ ସାମିଲ କରାଯାଉନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ପରିଣତ ହେଲା କଠୋର ନିୟମରେ ।

ଏବେ ଯୁଗ ବଦଳିଛି । ନାରୀର କାର୍ଯ୍ୟ ପରିସର ଆଉ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ । ତା'ର ସାମର୍ଥ୍ୟ ତା'ର କାର୍ଯ୍ୟଦକ୍ଷତା ଯେ ମହାସାଗରରୁ ମହାକାଶ ପର୍ଯ୍ୟନ୍ତ ବିସ୍ତାରିତ ଏହା ସେ ସାବ୍ୟସ୍ତ କରିସାରିଲାଣି । ମାନସିକ ସ୍ତରରେ ସେ ଏତେ ଶକ୍ତିଶାଳୀ ଯେ ଶାରୀରିକ ଦୁର୍ବଳତା ଆଉ ତା' ପାଇଁ ବାଧକ ହୋଇ ରହିନାହିଁ । ତେଣୁ ମହିଳାଟିଏ ଯଦି ଅଧିକାରବଶତଃ ଦାହ ସଂସ୍କାର କାର୍ଯ୍ୟ କରିବାପାଇଁ ଇଚ୍ଛା ପ୍ରକାଶ କରେ, ନୀତିନିୟମ ପରମ୍ପରାର ଦୁହାଇ ଦେଇ ତାକୁ ସେଥିରୁ ବଞ୍ଚିତ କରିବା ଆଦୌ ସମୀଚୀନ ନୁହେଁ । ଏଥିରେ କୌଣସି ଶାସ୍ତ୍ର ଅଶୁଦ୍ଧ ହୋଇଯିବ ବୋଲି ମନେହୁଏ ନାହିଁ ।

❑❑

କେତେ ସୁରକ୍ଷିତ ଆମେ

ରାଜନୀତିରେ ମହିଳାମାନଙ୍କ ପାଇଁ ତେତିଶ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍ ରାଜ୍ୟସଭାରେ ଅନୁମୋଦନ ଲାଭ କରିଛି। ଅତ୍ୟନ୍ତ ଆନନ୍ଦର କଥା। ଦୀର୍ଘଦିନ ଧରି ନାରୀମାନଙ୍କର ଏ ଦାବି ନାନା ସଂଘର୍ଷ ସଂଘାତ ଦେଇ ଶେଷରେ କାର୍ଯ୍ୟକାରୀ ହେବାର ପ୍ରକ୍ରିୟାରେ ପହଁଞ୍ଚିଛି। ଏହାଦ୍ୱାରା ନାରୀର ଆତ୍ମବିଶ୍ୱାସ ବଳିଷ୍ଠ ହୋଇଛି। ଦେଶପାଇଁ ନିର୍ଦ୍ଧାରଣ ହେଉଥିବା ଆଇନ କାନୁନ୍‌ରେ ତାର ସହଭାଗୀତା ବୃଦ୍ଧି ପାଇବା ଆଶାରେ ସେ ବିଜୟ ଉଲ୍ଲାସ ମନାଉଥିବାବେଳେ ସୁପ୍ରିମକୋର୍ଟ ଏକ ରାୟଦେଲେ ଲିଭ୍-ଇନ୍-ଟୁଗେଦର ସପକ୍ଷରେ, ଯାହା ସଂପୂର୍ଣ୍ଣ ପାଶ୍ଚାତ୍ୟ ଜୀବନ ଶୈଳୀ ଓ ଆମ ପରମ୍ପରାବିରୋଧି। ଅବଶ୍ୟ ମାନ୍ୟବର ସୁପ୍ରିମ୍ କୋର୍ଟ ରାଧାକୃଷ୍ଣଙ୍କ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ଏଥିରେ କେତେଦୂର ଯଥାର୍ଥତା ରହିଛି ତାହା ତର୍କ ସାପେକ୍ଷ। ସେ ଯାହାହେଉ ଏହି ରାୟ ବଳରେ ପ୍ରାକ୍ ବୈବାହିକ ଶାରୀରିକ ସଂପର୍କ ଆଉ ଦୋଷାବହ ବୋଲି ପରିଗଣିତ ହେବନାହିଁ। ଏ ସଂପର୍କ ସପକ୍ଷରେ ମତଦେଇ ବିବାଦୀୟ ହୋଇ ପଡିଥିବା ଅଭିନେତ୍ରୀ ଖୁସବୁଙ୍କ ଉପରୁ ୨୨ଟି ଯାକ କେସ୍ ଉଠାଇ ଦିଆଗଲା। ଏ ସଂପର୍କକୁ ସ୍ୱୀକୃତି ଦିଆଯିବା ଫଳରେ ମହିଳାମାନେ ଯେ ଅଧିକ ପୀଡିତା ହେବେ ଏ ସଂପର୍କରେ ବିଚାର ବିମର୍ଷ ଚାଲିଥିବା ବେଳେ ଢେଙ୍କାନାଳରେ ଘଟିଛି ଅଭାବନୀୟ ଘଟଣା। ଏ ସଂପର୍କର ବିଷଫଳ ଭୋଗୁଛନ୍ତି ନିରୀହ ଯୁବତୀମାନେ। ଧୋକାବାଜ ପ୍ରେମିକର ପ୍ରତାରଣାର ଶିକାର ହୋଇ ଜଣେ ଏସିଡ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଅନ୍ୟ ଦୁଇଜଣ ଗଭୀର ମନସ୍ତାପ ଭୋଗ କରୁଛନ୍ତି। ଅବଶ୍ୟ ଏ ଘଟଣା ଆମ ରାଜ୍ୟରେ ନୂଆ ନୁହେଁ। କିଛିଦିନ ତଳେ କଟକର ଜଣେ ସାମ୍ବାଦିକତାର ଛାତ୍ରୀ ଏଇଭଳି ପ୍ରତାରକ ପ୍ରେମିକର ଶିକାର ହୋଇ ଆତ୍ମହତ୍ୟା କରିଥିଲା। ସେ ବର୍ବରଟି ଏବେ ଜେଲ୍‌ରେ। ଏ ପ୍ରକାର ହାଇଟେକ୍ ପ୍ରତାରଣାର ଆତଙ୍କରେ ସମାଜର ସବୁସ୍ତରର ଲୋକେ ବିଚଳିତ।

ମାନ୍ୟବର ସୁପ୍ରିମକୋର୍ଟଙ୍କ ଲିଭ୍-ଇନ୍-ଟୁଗେଦର ପ୍ରସଙ୍ଗ ଏବେ ବିତର୍କର ବଳୟରେ। ଅବିବାହିତ ଯୁବକ ଯୁବତୀଙ୍କ ମିଳାମିଶା ପାଇଁ ଏବେ ବି ସାମାଜିକ ପ୍ରତିବନ୍ଧକ ରହିଛି। ସାଧାରଣ ଯୁବତୀଙ୍କ କଥା ଛାଡନ୍ତୁ ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା

ଲାଭ କରିଥିବା ଝିଅଟି ସୁଦ୍ଧା ଠିକଣା ସମୟରେ ଘରକୁ ନ ଫେରିଲେ ଅଭିଭାବକମାନେ ଆଶଙ୍କାଗ୍ରସ୍ତ ହୋଇ ପଡନ୍ତି । ନାରୀପ୍ରତି ପୁରୁଷର ଏତେଟିକେ ଲାଳସାପୂର୍ଣ୍ଣ ଦୃଷ୍ଟି ପାଇଁ ବି ଆମର ଦଣ୍ଡବିଧି ବ୍ୟବସ୍ଥା ରହିଛି । ଏସବୁ ସାମାଜିକ ପ୍ରତିବନ୍ଧକ ଆଇନ୍ କାନୁନ୍‌ର ବ୍ୟବସ୍ଥା ସତ୍ତ୍ୱେ ଯୁବତୀମାନଙ୍କର ନିରାପତ୍ତା ବିପନ୍ନ । ବିଭିନ୍ନ ଭାବରେ ସେମାନେ ନିପୀଡିତା ହେଉଛନ୍ତି । କୋଉଠି ସେମାନେ ଗଣଧର୍ଷଣର ଶିକାର ହେଲେଣି ତ ପୁଣି କେଉଁଠି ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ଯୌନ ନିର୍ଯ୍ୟାତନା ଭୋଗିଲେଣି । ଆପତ୍ତି ଅଭିଯୋଗ ନେଇ ଥାନାକୁ ଗଲେ ପୋଲିସ ସେମାନଙ୍କ ଇଜ୍ଜତକୁ ସଉଦା କରି ତା ଅଭିଯୋଗ ଶୁଣୁଛି । ଆଦର, ଅନୁରାଗ, ପ୍ରେମ ଓ ପ୍ରୀତିରେ ଯେଉଁ ମଣିଷଟିକୁ ଭରସା କରି ନିଜର ସର୍ବସ୍ୱ ଅର୍ପଣ କରିଦେଉଛି ସେ ଅକୃତଜ୍ଞଟି ତା ମୁହଁରେ ଚୁନକାଳି ବୋଳି ଦେଉଛି । ତେବେ ନାରୀମାନଙ୍କର ସୁରକ୍ଷା ପାଇଁ ସମ୍ବିଧାନର ଏତେସବୁ ଆଇନ କାନୁନ୍ କ'ଣ ଅସମର୍ଥ ? ନାରୀର ସାମାଜିକ ସ୍ଥିତିକୁ ବିପନ୍ନ କରୁଥିବା ବର୍ବରମାନଙ୍କର କେବେ ଚେତନା ଉଦୟ ହେବ ? ଏଇ ମାନଙ୍କର ଦୌରାତ୍ମ୍ୟରେ ତ ପ୍ରେମ ପ୍ରଣୟ ଭଲପାଇବା ଆଦି ଶବ୍ଦ ସବୁ ତାର ପାରମ୍ପରିକ ସଜ୍ଞା ହରେଇ ସାରିଲେଣି । ସ୍ନେହ ପ୍ରୀତି ହୃଦୟର ଆକର୍ଷଣ ପରସ୍ପର ଭିତରେ ସମର୍ପିତ ଭାବନା ଏସିବୁ ବିନା କ'ଣ ସୁସ୍ଥ ସମାଜଟିଏ ଗଠନ ହେବା ସମ୍ଭବ ? ଇତରପ୍ରାଣୀଙ୍କ ଭଳି କେବଳ ବଂଶବୃଦ୍ଧି ମାନବ ସମାଜର ଲକ୍ଷ୍ୟ ନୁହେଁ, ପ୍ରତ୍ୟେକ ମଣିଷର ଏକ ମହତ୍ ଉଦ୍ଦେଶ୍ୟ ରହିଛି । ମହତ୍ତର ଚେତନା ରହିଛି, ସେ ଚେତନା କଥା ଭୁଲିଛି ଏବେକାର ମଣିଷ । ଇତର ପ୍ରାଣୀଙ୍କ ଭିତରେ ବି ପ୍ରେମ ନ ଥିଲେ ଆବେଗ ନଥିଲେ, ପରସ୍ପର ପ୍ରତି ଆକର୍ଷଣ ନଥିଲେ ଶାରୀରିକ ମିଳନ ହୋଇପାରେ ନାହିଁ । ସେ ମିଳନରେ ବି ବିଶ୍ୱସ୍ତପଣ ଥାଏ । ନିର୍ମଳ ଭାବ ଥାଏ । କିନ୍ତୁ ମଣିଷ ପଶୁଠାରୁ ମଧ୍ୟ ନିମ୍ନସ୍ତରକୁ ଖସିଆସିଲାଣି । ଆଜିର ନୂଆନୂଆ ଜ୍ଞାନ କୌଶଳ ଅବଲମ୍ବନ କରି ସେ ଭଲପାଇବା, ପ୍ରେମ ନାଁରେ ଯେଉଁଭଳି ଜଘନ୍ୟ କାଣ୍ଡ କରିବସୁଛି, ସେପରି ମାନସିକତା ମଣିଷର କେବେ କେଉଁ ଯୁଗରେ ନଥିଲା ।

ପ୍ରେମ ଓ ପ୍ରତାରଣା ମାନବ ଜୀବନରେ ନୂଆ କଥା ନୁହେଁ । ଯେଉଁ ମୁହୂର୍ତ୍ତରୁ ପୁରୁଷ ଓ ନାରୀଙ୍କ ମଧ୍ୟରେ ପ୍ରେମ ଭାବ ସୃଷ୍ଟି ହେଲା ସେହି ମୁହୂର୍ତ୍ତରୁ ବୋଧହୁଏ ପ୍ରତାରଣା, ଅଥବା ବଳାତ୍କାରର ସୃଷ୍ଟି । ନାରୀ ଓ ପୁରୁଷ ଆଦିମ ପ୍ରବୃତ୍ତିକୁ ମାର୍ଜିତ ଓ ଅନୁଶାସନବଦ୍ଧ କରିବା ପାଇଁ ବିବାହ ଅନୁଷ୍ଠାନର ପରିକଳ୍ପନା, ଯେଉଁଠାରେ ସଂପର୍କ ଶୃଙ୍ଖଳିତ ହୁଏ । ନୀତି ନିୟମ ସାମାଜିକ ପ୍ରତିବନ୍ଧକ ଭିତରେ ପୁରୁଷ ଓ ସ୍ତ୍ରୀ ସଂଯତ ଜୀବନ ଯାପନ କରିଥାନ୍ତି । ପାପ ପୁଣ୍ୟର ବିଶ୍ୱାସ ବଳୟ ଭିତରେ ବିବାହ ବନ୍ଧନ ଦୃଢ଼ୀଭୂତ ହୁଏ । ବ୍ୟକ୍ତି ଶୃଙ୍ଖଳିତ ହେଲେ ପରିବାର ଶୃଙ୍ଖଳିତ ହୁଏ, ପରିବାର ଶୃଙ୍ଖଳିତ ହେଲେ ସମାଜ ସୁସ୍ଥ ଓ ସଂସ୍କାରସିଦ୍ଧ ହୁଏ । ଏହି ଶୃଙ୍ଖଳିତ ଜୀବନ ଭିତରେ ବି ସବୁ ଯୁଗରେ ବ୍ୟତିକ୍ରମ ଥିଲା । ପୁରୁଷ ନାରୀକୁ ପ୍ରତାରଣା କରୁଥିଲା ତ ନାରୀ ମଧ୍ୟ ପୁରୁଷକୁ ବିଶ୍ୱାସଘାତକତା କରୁଥିଲା । ମଧ୍ୟ ଯୁଗର କାହାଣୀ କିମ୍ବଦନ୍ତୀ ଓ ଲୋକକଥାରେ ତ ପୁରୁଷ ଅପେକ୍ଷା ନାରୀ ଚରିତ୍ରକୁ ବେଶି ଅଙ୍ଗୁଳି ନିର୍ଦ୍ଦେଶ କରାହୋଇଛି । କିନ୍ତୁ ସେତେବେଳର

ପ୍ରତାରଣାରେ ଅନୁତାପ ଥିଲା, ଅନ୍ତର୍ଦହନ ଥିଲା, ଆତ୍ମସମୀକ୍ଷା ମଧ୍ୟ ଥିଲା। ପୁଣି ପ୍ରେମରେ ପ୍ରତାରିତ ହୋଇ ପ୍ରେମାସ୍ପଦ ମହାନ୍ ଦାର୍ଶନିକ ପାଲଟିଯିବାର ଉଦାହରଣ ମଧ୍ୟ ଥିଲା। ପ୍ରେମ ଓ ପ୍ରତାରଣା ଉଭୟଥିଲେ ଜୀବନମୁଖୀ। ଏହା ଜୀବନକୁ ମହନୀୟ କରୁଥିଲା। ସମାଜକୁ ଦିଗଦର୍ଶନ ଦେଉଥିଲା। କିନ୍ତୁ ଏ ଯୁଗର ହାଇଟେକ୍ ପ୍ରତାରଣାରେ ସବୁକିଛି ଧ୍ୱଂସମୁଖୀ। ଏଥିରେ ପୁରୁଷ ନୁହଁନ୍ତି ନାରୀମାନେ ବେଶୀ ପୀଡ଼ିତା ହେଉଛନ୍ତି। ପ୍ରତାରକ ପ୍ରେମିକର ସଇତାନୀ ପ୍ରବୃତ୍ତି ପ୍ରେମିକାକୁ ସମାଜରେ ମୁହଁ ଦେଖାଇବା ପାଇଁ ଯୋଗ୍ୟ କରି ରଖୁନାହିଁ। ସେମାନଙ୍କର ଏ ବର୍ବରତାକୁ ରୂପଦେବା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବେଶ୍ ସହାୟତା କରୁଛି। ଏଥିରୁ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରାଯାଉଛି। ସଂପ୍ରତି ଅର୍ଥ ଅର୍ଜନର ପରିସର ଖୁବ୍ ବୃହତ୍ ହୋଇପଡ଼ିଛି। ଜୀବିକା ନିର୍ବାହ ପାଇଁ ମାର୍ଗ ମଧ୍ୟ ଖୁବ୍ ପ୍ରଶସ୍ତ। ବୈଧ ହେଉ ଅଥବା ଅବୈଧ ମଣିଷ ଅଣନିଃଶ୍ୱାସୀ ହୋଇ ସେ ମାର୍ଗରେ ଧାଇଁଛି। କିନ୍ତୁ ଯେଉଁ ଉପାୟରେ ବ୍ଲୁ ସିଡ଼ି ନିର୍ମାଣ କରି ଅସାମାଜିକ ଯୁବକମାନେ ଅର୍ଥ ଅର୍ଜନ କରୁଛନ୍ତି ତାହା ଆଧୁନିକ ସଭ୍ୟତାର କଳଙ୍କ। ନିକଟ ଅତୀତରେ ସାଇବର କେଫ୍ ମାଲିକମାନେ ଯେଉଁ ଉପାୟରେ ଯୁବକ ଯୁବତୀମାନଙ୍କ ଅସଂଯତ ମୁହୂର୍ତ୍ତକୁ କ୍ଲୋଜ୍ ସର୍କିଟ୍ କ୍ୟାମେରାରେ ଧରି ରଖି ବ୍ୟବସାୟ ଆରମ୍ଭ କରିଥିଲେ, ସେ ତିକ୍ତ ସ୍ମୃତି ବିସ୍ମୃତ ହୋଇନାହିଁ। ଲଳିତ ଗିରି ରତ୍ନଗିରିରେ ଅସାମାଜିକ ଯୁବକମାନେ ଯୁବକ ଯୁବତୀଙ୍କ ଅସହାୟତାକୁ ଅସ୍ତ୍ରକରି ଯେମିତି ଅର୍ଥ ଉପାର୍ଜନ କରୁଥିଲେ, ସେ କଥା ମଧ୍ୟ ଗଣମାଧ୍ୟମମାନଙ୍କରେ ପ୍ରଦର୍ଶିତ ହୋଇଥିଲା। ଏକଦା କେନ୍ଦ୍ରପଡ଼ା ଜିଲ୍ଲାର ଏଇଭଳି ଗୋଟାଏ ର୍‍ୟାକେଟ୍ ପାଇଁ ବହୁ ଯୁବତୀ ଆତ୍ମହତ୍ୟା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏସବୁ ଘଟଣାଗୁଡ଼ିକୁ ଦକ୍ଷତାର ସହ ଗଣମାଧ୍ୟମ ଜନତା ନିକଟରେ ପହଞ୍ଚାଇ ପାରିଥିଲା। କିଛି ଅପରାଧୀ ଦଣ୍ଡିତ ହୋଇଥିଲେ। ଏସବୁ ସତ୍ତ୍ୱେ ଏ ମାମଲାର ଅନ୍ତହେଉ ନାହିଁ। ବିଡ଼ମ୍ବନାର ବିଷୟ ଉଚ୍ଚଶିକ୍ଷିତା ଯୁବତୀମାନେ ହିଁ ବହୁ ପରିମାଣରେ ଏହି କାଳରେ ଛନ୍ଦି ହୋଇଯାଉଛନ୍ତି। ଅତୀତର ଘଟଣା ଗୁଡ଼ିକରୁ ସେମାନେ କିଛି ସକରାତ୍ମକ ଶିକ୍ଷା ପାଇବା ଭଳି ମନେ ହେଉନାହିଁ। ବରଂ ବାରମ୍ବାର ଏ ଘଟଣାର ପୁନରାବୃତ୍ତି ଘଟିବା ଦ୍ୱାରା ସମାଜରେ ସର୍ବଦା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହେଉଛି। ଏବେ ବେଳ ଆସୁଛି ଏହି ଅସାମାଜିକ ଯୁବକମାନଙ୍କୁ ଉଚିତ୍ ଶାସ୍ତି ଦେବା ପାଇଁ ଯୁବତୀମାନଙ୍କୁ ନିର୍ଣ୍ଣାୟକ ଭୂମିକା ନେବା ପାଇଁ ପଡ଼ିବ। କଳେବଳେ କୌଶଳେ ସେମାନଙ୍କୁ ଆୟତ୍ତକୁ ଆଣି ଉଚିତ୍ ଶିକ୍ଷା ଦେବାପାଇଁ ହେବ। ଷ୍ଟିଙ୍ଗ୍ ଅପରେସନ୍ ମାଧ୍ୟମରେ ଅନ୍ୟ ବଡ଼ ବଡ଼ ଅପରାଧୀଙ୍କ ପର୍ଦ୍ଦାଫାସ୍ କଲାଭଳି ଆବଶ୍ୟକ ପଡ଼ିଲେ ଏ ଅସାମାଜିକମାନଙ୍କ ନିପାତ ପାଇଁ ଯୁବତୀମାନେ ଏ ମାର୍ଗ ପ୍ରୟୋଗ କରିବା ପାଇଁ କୁଣ୍ଠାପ୍ରକାଶ କରିବା ଉଚିତ୍ ନୁହେଁ।

❑❑

ଲିଙ୍ଗାନୁପାତ ଓ ଆମ ସାମାଜିକ ପୃଷ୍ଠଭୂମି

ଶିକ୍ଷାର ଅଭାବ ନାନାବିଧ ସାମାଜିକ କୁସଂସ୍କାର ଓ କୁପ୍ରଥାର ଭିତ୍ତିଭୂମି ବୋଲି ବିଶ୍ୱାସ କରାଯାଏ । ଏହା ସର୍ବଦା ସତ୍ୟସିଦ୍ଧ ନୁହେଁ ବରଂ ବେଳେବେଳେ ଶିକ୍ଷା ଦୀକ୍ଷା ଓ ଆଧୁନିକ ଜ୍ଞାନକୌଶଳ ଏହି କୁସଂସ୍କାର ଓ କୁପ୍ରଥାକୁ ନିର୍ମୂଳ କରିବା ପରିବର୍ତ୍ତେ ଆହୁରି ଉଜ୍ଜୀବିତ କରି ରଖେ । ସଭ୍ୟତାର ବାହ୍ୟ ଆବରଣ ଭିତରେ ଆମେ ଉଦାର ସଂସ୍କାରବାଦୀ ବୋଲି କହିହେଉଥାଉ ସିନା ଅନ୍ତଃସ୍ଥଳରେ କିନ୍ତୁ ସେହି ଆଦିମାନବିକତାରୁ ମୁକ୍ତି ହୋଇନଥାଉ । ଆମ ସମାଜକୁ ଗଭୀର ଭାବରେ ପ୍ରଭାବିତ କରୁଥିବା ଯୌତୁକ ପ୍ରଥା ଓ ଲିଙ୍ଗ ଭିତ୍ତିକ ଭେଦଭାବ ପ୍ରାୟତଃ ପ୍ରତ୍ୟେକ ମଣିଷକୁ ଆକ୍ରାନ୍ତ କରିଥାଏ । ଧନୀ ଗରିବ କିମ୍ବା ଶିକ୍ଷିତ ଅଶିକ୍ଷିତର ପ୍ରଶ୍ନ ଏଠି ନଥାଏ । ବରଂ କହିବାକୁ ଗଲେ ନିମ୍ନ ମଧ୍ୟବିତ୍ତ ଲୋକଙ୍କ ଅପେକ୍ଷା ମଧ୍ୟବିତ୍ତ ଓ ଉଚ୍ଚବର୍ଗର ଲୋକଙ୍କୁ ଏହା ବେଶି କବଳିତ କରିଥାଏ ।

ସମାଜରୁ ଯୌତୁକ ପ୍ରଥାର ବିଲୋପ ସାଧନ ପାଇଁ ଅର୍ଦ୍ଧଶତାବ୍ଦୀ ଧରି ବହୁ ଆନ୍ଦୋଳନ ଚାଲିଲା । ଏଥିପାଇଁ ସରକାରୀ ସ୍ତରରେ ଆଇନ ପ୍ରଣୟନ କରାଗଲା । ଏଇ ଆଇନ ଖିଲାପ ପାଇଁ ଭାରତୀୟ ପିଙ୍ଗଳ କୋର୍ଡରେ ଦଣ୍ଡବିଧାନ ସ୍ଥିରୀକୃତ ହେଲା । କିନ୍ତୁ ଏ ପ୍ରଥାର ବିଲୋପ ସାଧନ ହେଲା ନାହିଁ । ଉଚ୍ଚାରିତ ଅପେକ୍ଷା ଅନୁଚ୍ଚାରିତ ଯୌତୁକ ଦାବି ଶିକ୍ଷିତ ଓ ସଂଭ୍ରାନ୍ତଙ୍କ ଭିତରେ ବଳବତ୍ତର ହୋଇରହିଲା । ଦୁର୍ନୀତିଗ୍ରସ୍ତ ଧନୀକ ପିତାମାତାଙ୍କର କଳାଧନକୁ ଧଳା କରିବା ପାଇଁ ଝିଅ ବାହାଘର ଗୋଟାଏ ଉତ୍ତମ ମାଧ୍ୟମ ହେଲା । ଯୌତୁକର ଏ ନୂତନଧାରା ଉଚ୍ଚ ବର୍ଗ ଦ୍ୱାରା ପ୍ରବର୍ତ୍ତିତ ହୋଇ ନିମ୍ନ ମଧ୍ୟବିତ୍ତକୁ ଆକ୍ରାନ୍ତ କଲା । ଦାବି ନକଲେ ସୁଦ୍ଧା ବରପିତାଙ୍କୁ ସନ୍ତୁଷ୍ଟ କରିବାକୁ ପଡିଲା । ସାମର୍ଥ୍ୟ ଥାଉକି ନଥାଉ ଋଣ କରଜ କରି ଅଥବା ଘରଡିହ ବନ୍ଧା ଦେଇ କନ୍ୟା ପିତା କନ୍ୟାର ସୁରକ୍ଷିତ ଭବିଷ୍ୟତର ବ୍ୟବସ୍ଥା କରିବାକୁ ବାଧ୍ୟ ହେଲେ ।

ଏକବିଂଶ ଶତାବ୍ଦୀ ସ୍ତ୍ରୀପୁରୁଷ ନିର୍ବିଶେଷରେ ସମସ୍ତଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପର୍ଯ୍ୟାପ୍ତ ଅବସର ସୃଷ୍ଟି କରିଛି । ଦକ୍ଷତାରେ ବହୁ ମହିଳା ପୁରୁଷମାନଙ୍କୁ ସୁଦ୍ଧା ଅତିକ୍ରାନ୍ତ କରି ସାରିଲେଣି ।

ତଥାପି ସମାଜରୁ ନାରୀମାନଙ୍କ ପ୍ରତି କନ୍ୟା ସନ୍ତାନ ପ୍ରତି ହେୟ ମନୋଭାବର ଅନ୍ତ ହୋଇନାହିଁ। ପୁତ୍ର ସନ୍ତାନ ନଥିବା ପିତାମାତାଙ୍କ ମୃତ୍ୟୁପରେ ସଂପର୍କୀୟର ପୁତ୍ରମାନଙ୍କ ଦ୍ୱାରା ମୁଖାଗ୍ନି ଦେବାର ବ୍ୟବସ୍ଥା କରାଯାଏ ସିନା ଜନ୍ମିତ କନ୍ୟାସନ୍ତାନକୁ ସେ ଅଧିକାର ଦିଆଯାଏ ନାହିଁ। ପୁତ୍ ନାମକ ନର୍କରୁ କେବଳ ପୁତ୍ର ହିଁ ଉଦ୍ଧାର କରିବ, ପୁତ୍ରୀ ନୁହେଁ। ଏଭଳି ଧାରଣାଟିଏ ଆମ ସମାଜରେ ବଳବତ୍ତର ହୋଇ ରହିଛି। ପୁତ୍ର ସନ୍ତାନ ଜନ୍ମ ଦେଇଥିବା ମାଆଟି ନିଜକୁ ଗୌରବାନ୍ୱିତ ଅନୁଭବ କରୁଥିବାବେଳେ କନ୍ୟାସନ୍ତାନ ଜନ୍ମ ଦେଇଥିବା ମାଆ ନ୍ୟୁନ ବୋଧତାରେ ସଢୁଛି। ପୁତ୍ର ସନ୍ତାନ ଜନ୍ମ ଦେବା ମାତ୍ରେ ପିତାମାତା ତାର ଉପଯୁକ୍ତ ଶିକ୍ଷାଦୀକ୍ଷା ପାଇଁ ତତ୍ପର ହୋଇପଡନ୍ତି ତ କନ୍ୟା ସନ୍ତାନ ଜନ୍ମ ହେବା ମାତ୍ରେ ତା ବାହାଘର ପାଇଁ ସରଞ୍ଜାମ ସଜାଡି ରଖନ୍ତି। ଏ ମାନସିକତା କେବଳ ସାମାଜିକ ଅନଗ୍ରସର ଅଥବା ଅଶିକ୍ଷିତ ନିମ୍ନ ମଧ୍ୟବିତ୍ତ ପରିବାରର ନୁହେଁ ବହୁ ସଂଭ୍ରାନ୍ତ ପରିବାର ଏହି ଚିନ୍ତାଧାରାରୁ ମୁକ୍ତ ନୁହଁନ୍ତି। ସଂପତ୍ତି ବିଭାଜନ ହୋଇ ଅନ୍ୟ ପରିବାରକୁ ହସ୍ତାନ୍ତର ହୋଇଯିବା ଆଶଙ୍କାରେ ଧନୀ ପିତାମାତାମାନେ କନ୍ୟା ସନ୍ତାନ ଚାହୁଁ ନାହାନ୍ତି।

ଲିଙ୍ଗ ଭିତ୍ତିକ ଅନୁପାତକୁ ଦୂରୀଭୂତ କରିବା ପାଇଁ ଓ କନ୍ୟା ସନ୍ତାନକୁ ଉପଯୁକ୍ତ ଅଧିକାର ଦେବା ପାଇଁ ଯେଉଁ ସବୁ କର୍ମଶାଳା ଅଥବା ସଚେତନତା ଶିବିର ଆୟୋଜିତ ହୋଇଥାଏ ତାହା ମଧ୍ୟବିତ୍ତ ଅଥବା ନିମ୍ନ ବର୍ଗର ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ଥାଏ ବୋଲି ଆମମାନଙ୍କର ବଦ୍ଧମୂଳ ଧାରଣା। ଶିକ୍ଷା ଓ ସଚେତନତାର ଅଭାବ ଏବଂ ଦାରିଦ୍ର୍ୟ ହେତୁ କନ୍ୟାସନ୍ତାନଙ୍କ ପ୍ରତି ସମାଜର ଅନାଦର ଭାବ ସୃଷ୍ଟି ହେଉଛି। କିନ୍ତୁ ସଂପ୍ରତି ଏକ ଅନୁସନ୍ଧାନ ରିପୋର୍ଟ ଏହାକୁ ସଂପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରିଦେଇଛି। ଏହି ପରିସଂଖ୍ୟାନ ରିପୋର୍ଟ ଅନୁସାରେ ସମଗ୍ର ଦେଶର ମେଟ୍ରୋ ସହରମାନଙ୍କରେ ଲିଙ୍ଗାନୁପାତ ଦିନକୁଦିନ ବଢ଼ିବାରେ ଲାଗିଛି। ଯେଉଁଠାରେ କି ସାକ୍ଷରତାର ହାର ବେଶି। ମୁଣ୍ଡ ପିଛା ଆୟର ହାର ମଧ୍ୟ ସର୍ବାଧିକ। ଦେଶର ବହୁ ବୁଦ୍ଧିଜୀବୀ ଓ ସଂଭ୍ରାନ୍ତ ପରିବାର ଏଠାରେ ବସବାସ କରିଥାନ୍ତି। ସମାଜରେ ଏ ପ୍ରକାର ଉଚ୍ଚବର୍ଗୀୟ ମାନସିକତାରୁ ଓଡ଼ିଶା ମୁକ୍ତ ନୁହେଁ, ସ୍ୱାସ୍ଥ୍ୟ ବିଭାଗର ସର୍ଭେ ଅନୁସାରେ ଓଡ଼ିଶାର ପୌରାଞ୍ଚଳ ମାନଙ୍କରେ ଲିଙ୍ଗାନୁପାତ ବେଶି। ଯେଉଁ ପୌରାଞ୍ଚଳରେ ଲୋକ ଯେତେ ସଂଭ୍ରାନ୍ତ ଶିକ୍ଷିତ ଓ ଉପାର୍ଜନକ୍ଷମ ସେ ଅଞ୍ଚଳରେ ଏ ଅନୁପାତ ସେତେ ବ୍ୟାପକ। ଅନୁନ୍ନତ ପଛୁଆ ଅଞ୍ଚଳମାନଙ୍କରେ ଏ ଅନୁପାତ ବହୁତ କମ୍। ଏପରିକି ସ୍ଥାନେ ସ୍ଥାନେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ସଂଖ୍ୟା ଅଧିକ।

ଉଦାହରଣ ସ୍ୱରୂପ ରାୟଗଡା ଜିଲ୍ଲାରେ ୧୦୦୦ ପୁରୁଷଙ୍କ ମଧ୍ୟରେ ୧୦୨୮ ମହିଳା ଥିବାବେଳେ ଗଡଜାତ ଜିଲ୍ଲାରେ ୧୦୦୦ ପୁରୁଷଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ହେଉଛି ୧୦୩୧ କିନ୍ତୁ ସଭ୍ରାନ୍ତ ସହରମାନଙ୍କରେ ଏହି ଅନୁପାତ ନୈରାଶ୍ୟଜନକ। ନିକଟ ଅତୀତରେ

କନ୍ୟାଭ୍ରୁଣ ହତ୍ୟାପାଇଁ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ନୟାଗଡ ଜିଲ୍ଲାର ଖଣ୍ଡପଡା ପୌରାଞ୍ଚଳରେ ଏହି ଅନୁପାତ ସବୁଠାରୁ ବେଶୀ । ୧୦୦୦ରେ ୮୧୫ ଓ ନୟାଗଡରେ ୧୦୦୦ ରେ ୮୨୯ । ଶିକ୍ଷା ସଂସ୍କୃତି ଓ ଅର୍ଥନୈତିକ କ୍ଷେତ୍ରରେ ଅନନ୍ୟ ବୋଲି ବାରିହୋଇପଡୁଥିବା ରାଉରକେଲା ସହରରେ ଏହାର ଅନୁପାତ ୧୦୦୦ରେ ୮୩୫ ରହିଛି । ରାଜ୍ୟର ପ୍ରମୁଖ ୨୦ ଟି ସମୃଦ୍ଧ ପୌରାଞ୍ଚଳରେ ଏହି ଅନୁପାତ ୯୦୦ରୁ ତଳକୁ ଖସିଆସିବା ବୁଦ୍ଧିଜୀବୀଙ୍କୁ ବିଚଳିତ କରିଦେଇଛି । କ୍ରମାଗତ ଏହାର ଅନୁପାତ ଏହିପରି ହ୍ରାସ ହେଲେ ନିକଟ ଭବିଷ୍ୟତରେ ଯେଉଁ ସାମାଜିକ ସଂକଟ ସୃଷ୍ଟି ହେବ ସେଥିରୁ ନିବର୍ତ୍ତିବା ଦୁରୂହ ବ୍ୟାପାର ହୋଇପଡିବ ।

ତେବେ ବିଚାର କରିବାର କଥା ବିକଶିତ ଅଞ୍ଚଳରେ ଏହି ଅନୁପାତର ହ୍ରାସ ବୃଦ୍ଧି ମୂଳରେ କି କାରଣ ନିହିତ । ଯେଉଁ ଅଞ୍ଚଳରେ ଏ ଅନୁପାତ କମ୍ ସେ ଅଞ୍ଚଳ ଯେ ଅତିମାତ୍ରାରେ ସଚେତନ ଅଥବା ସେମାନଙ୍କ ଭିତରେ ଲିଙ୍ଗଗତ ଭେଦଭାବ ନାହିଁ ଏହା ମଧ୍ୟ ଠିକ୍ ନୁହେଁ । ବରଂ ଏମାନଙ୍କର ଅଜ୍ଞତା ହିଁ ପ୍ରକାରରାନ୍ତରେ ପୁତ୍ର ଓ କନ୍ୟା ଭିତରେ ସନ୍ତୁଳନ ରକ୍ଷା କରିଛି ତ କେଉଁଠି ପୁତ୍ର ସନ୍ତାନ ତୁଳନାରେ କନ୍ୟା ସନ୍ତାନ ଅଧିକ ହୋଇପଡିଛି । ମୋଟାମୋଟି ଭାବରେ ଏ ଅଞ୍ଚଳରେ କ୍ରମାଗତ ଦୁଇଟି ପୁତ୍ର ସନ୍ତାନ ଜନ୍ମ ପରେ ପିତାମାତା ପରିବାର ନିୟନ୍ତ୍ରଣ କରୁଥିବାବେଳେ ଦୁଇଟି କନ୍ୟା ସନ୍ତାନ ନେଇ ସେମାନେ ସନ୍ତୁଷ୍ଟ ରହନ୍ତି ନାହିଁ । ପୁତ୍ର ସନ୍ତାନ ଆଶାରେ ସେମାନେ ୩ୟ ସନ୍ତାନ କାମନା କରନ୍ତି, ସେଥିରେ ସଫଳ ନହେଲେ ୪ର୍ଥ, ୫ମ, ୬ଷ୍ଠ ପର୍ଯ୍ୟନ୍ତ ସୁଦ୍ଧା ଚେଷ୍ଟାରେ ଲାଗିଥାନ୍ତି । ପୁତ୍ର ସନ୍ତାନଟିଏ ନହେବା ପର୍ଯ୍ୟନ୍ତ ସେମାନେ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା କରିନଥାନ୍ତି ।

ଏ ଅଞ୍ଚଳରେ ଦୁଇ ବା ତତୋଧିକ କନ୍ୟାସନ୍ତାନ ଥିବା ପରିବାର ଯେତିକି ପରିଲକ୍ଷିତ ହୁଅନ୍ତି ଦୁଇ ବା ତତୋଦ୍ଧିକ ପୁତ୍ରସନ୍ତାନ ଥିବା ସେତିକି ନାହାନ୍ତି । ଭ୍ରୁଣ ଲିଙ୍ଗନିରୂପଣ ଓ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଓ ଅବଧାରଣାର ଅଭାବ ଏମାନଙ୍କୁ ଭ୍ରୁଣହତ୍ୟା ଭଳି ଜଘନ୍ୟ କାର୍ଯ୍ୟକଳାପରୁ ଦୂରେଇ ରଖେ । ତେଣୁ ପୁତ୍ର ମାନଙ୍କ ଅପେକ୍ଷା ସ୍ୱାଭାବିକ ଭାବରେ କନ୍ୟାସନ୍ତାନଙ୍କୁ ଶିକ୍ଷା ଦୀକ୍ଷା ଦିଆଯାଏ ନାହିଁ । ପିତାମାତାଙ୍କର ଜୀବନସାରା ଉପାର୍ଜନ ଝିଅମାନଙ୍କୁ ବିବାହ ଦେବାରେ ଲାଗିଥାଏ । ପରିବାରର ଆର୍ଥିକ ବିକାଶ ହୋଇପାରେ ନାହିଁ । ପରିବାରର ମାନଦଣ୍ଡ ସଂକୁଚିତ ହୋଇପଡେ । ଲିଙ୍ଗାନୁପାତ ଉଦ୍‌ବେଗଜନକ ନହେଲେ ବି ଏ ଅଞ୍ଚଳରେ ନାରୀପ୍ରଗତି ହୋଇପାରେ ନାହିଁ । ନାରୀ ସାକ୍ଷରତା ହାର ଏ ଅଞ୍ଚଳରେ ଚିନ୍ତା ଜନକ । ଯେଉଁ ଅଞ୍ଚଳରେ ନାରୀମାନଙ୍କର ସାକ୍ଷରତା ହାର ସର୍ବନିମ୍ନ ସେ ଅଞ୍ଚଳରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ସଂଖ୍ୟା ସର୍ବାଧିକ । ତେଣୁ ଏ ଅଞ୍ଚଳରେ ସନ୍ତୋଷଜନକ ଲିଙ୍ଗାନୁପାତ ସଚେତନତାର ଫଳଶ୍ରୁତି ନୁହେଁ ବରଂ ଅଜ୍ଞତା ପ୍ରସୂତ ।

ପୌରାଞ୍ଚଳ ମାନଙ୍କରେ ପ୍ରଥମ ସନ୍ତାନ କନ୍ୟା ହୋଇଥିଲେ ଦ୍ୱିତୀୟ ସନ୍ତାନ କରନ୍ତି ନାହିଁ। ଯଦିବା ୨ୟ ସନ୍ତାନ କାମନା କରନ୍ତି ଗର୍ଭସ୍ଥ ଶିଶୁର ଲିଙ୍ଗନିରୁପଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି। ଏଥିପାଇଁ ସରକାରୀ ନୀତିନିୟମ ଓ ଦଣ୍ଡବ୍ୟବସ୍ଥା ଥିଲେ ସୁଦ୍ଧା ଆଇନର ଗଳାବାଟ ଦେଇ ସହଜରେ ଖସିଯାଇପାରନ୍ତି। ଅପରପକ୍ଷରେ ଅନେକ ଅସାଧୁ ଡାକ୍ତର ରେଜିଷ୍ଟ୍ରଭୁକ୍ତନକରି ଡାକ୍ତରଖାନାମାନ ଖୋଲିଛନ୍ତି। ବିନା ବାଧାରେ ବହୁଦିନ ଧରି ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୁପଣ ଓ ଭ୍ରୁଣହତ୍ୟା ଭଳି ଜଘନ୍ୟ କାର୍ଯ୍ୟ କରି ଚାଲିଛନ୍ତି। ନିକଟ ଅତୀତରେ ନୟାଗଡର ଏକ ପରିତ୍ୟକ୍ତ କୂଅରେ ବହୁ ସଂଖ୍ୟାରେ କନ୍ୟାଭ୍ରୁଣର ସନ୍ଧାନ ଏହି ସବୁ କୁକାର୍ଯ୍ୟର ପର୍ଦ୍ଦାଫାସ କରିଥିଲା। ସେହିପରି ଭୁବନେଶ୍ୱରର କେତେକ ସ୍ଥାନରୁ ପରିତ୍ୟକ୍ତ କନ୍ୟାଭ୍ରୁଣ ସନ୍ଧାନ ବହୁଚର୍ଚ୍ଚିତ ହୋଇ ପଡିଥିଲା। ଅସାଧୁ ଡାକ୍ତର ଓ ଦଲାଲମାନଙ୍କ ସାହାଯ୍ୟରେ ଏହି ଅମାନବୀୟ କାର୍ଯ୍ୟ ସଂପାଦିତ ହୋଇଆସୁଥିଲା।

'ଯଦ୍ ଯଦାଚରତି ଶ୍ରେଷ୍ଠଃ ଲୋକସ୍ତଦ୍ ଅନୁବର୍ତ୍ତତେ। ସମାଜର ଉଚ୍ଚ ବର୍ଗର ଲୋକଙ୍କୁ ସାଧାରଣ ଜନତା ଆଦର୍ଶ ବୋଲି ଗ୍ରହଣ କରିଥାନ୍ତି। ଶିକ୍ଷିତ ଓ ସମ୍ଭ୍ରାନ୍ତ ମାନେ ଯଦି କନ୍ୟା ସନ୍ତାନକୁ ଅବାଞ୍ଛିତ ବୋଲି ଗ୍ରହଣ କରନ୍ତି,ସାଧାରଣ ବର୍ଗଙ୍କ ଉପରେ ନିଶ୍ଚୟ ତାହାର କୁପ୍ରଭାବ ପଡିବ। ସମାଜରେ ଲିଙ୍ଗ ଅନୁପାତ ବଢ଼ିଚାଲିଲେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ। ସାମାଜିକ ସନ୍ତୁଳନ ରକ୍ଷା ହୋଇପାରିବ ନାହିଁ। ଏଥିପାଇଁ ଶିକ୍ଷିତ ବର୍ଗର ମାନସିକତାରେ ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ।

❑❑

କାଗଜ କାର୍ଟୁନରେ କନ୍ୟାଶିଶୁ

ଅନ୍ୟୁନ ଚାରିଦଶନ୍ଧି ହେଲା ନାରୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ଉଦ୍ୟମ ଜାରି ରହିଛି । ସମର୍ଥପଣରେ ନାରୀମାନେ ପୁରୁଷମାନଙ୍କ ଅପେକ୍ଷା ଆଦୌ ନ୍ୟୁନ ନୁହଁନ୍ତି । ତଥାପି ନାରୀମାନଙ୍କ ପ୍ରତି ଆମ ସାମାଜିକ ଦୃଷ୍ଟିକୋଣରେ ସେମିତି କିଛି ପରିବର୍ତ୍ତନ ଆସିବାପରି ମନେହୁଏ ନାହିଁ । ଅସଲ କଥା ହେଲା ଆମ ସମାଜ ହେଉଛି ଏକ ପରମ୍ପରା ପ୍ରତାଡିତ ସମାଜ । ଯେଉଁଠାରେ ଆମ ଜୀବନଧାରଣର ପ୍ରତିଟି ପ୍ରସଙ୍ଗ ପରମ୍ପରା ଦ୍ୱାରା ନିୟନ୍ତ୍ରିତ ହୁଏ । ଆମ ଦୃଷ୍ଟିକୋଣରେ କିଛି ପରିବର୍ତ୍ତନ ହେବା ପୂର୍ବରୁ ଆମ ପରମ୍ପରା ଆମ ପାଇଁ ଶୃଙ୍ଖଳ ହୋଇଯାଏ । ଆମ ସମାଜରେ ନାରୀ ପ୍ରଗତିର ସଫଳ ରୂପାୟନ ଏହି ପରମ୍ପରା ନିକଟରେ ବନ୍ଧା ପଡିଯାଇଛି ।

ଏଯାବତ୍ ଅନ୍ତ୍ୟେଷ୍ଟି କ୍ରିୟା ଓ ଶ୍ରାଦ୍ଧାଦି କର୍ମରେ ଆମ ପରମ୍ପରା ନାରୀମାନଙ୍କୁ ପୂର୍ଣ୍ଣ ଅଧିକାର ଦେଇନାହିଁ । ମୃତ ବ୍ୟକ୍ତିର ନିଜର ପୁତ୍ର ସନ୍ତାନ ନଥିଲେ ପୋଷ୍ୟପୁତ୍ର ଅଥବା ଧର୍ମପୁତ୍ର ମାଧ୍ୟମରେ ଏ କ୍ରିୟା ସମ୍ପନ୍ନ ହେଉଛି । ସ୍ୱାମୀଟିଏ ମୃତ୍ୟୁବରଣ କଲେ ସ୍ତ୍ରୀକୁ ସାମାଜିକ ଉତ୍ସବମାନଙ୍କରୁ ବଞ୍ଚିତ କରାଯାଇଥାଏ । ଶୁଭ କାର୍ଯ୍ୟରେ ତା' ଉପସ୍ଥିତିକୁ ଅକଲ୍ୟାଣକାରୀ ରୂପେ ଗ୍ରହଣ କରାଯାଇଥାଏ । ତା'ର ବଞ୍ଚିବାର ଶୈଳୀକୁ ବଦଳାଇ ଦିଆଯାଇଥାଏ । ବିଳାସବ୍ୟସନ ତ୍ୟାଗକରି ସାରାଜୀବନ ପରଲୋକଗତ ସ୍ୱାମୀର ଧ୍ୟାନ ଧାରଣାରେ ଜୀବନ ଅତିବାହିତ କରିବାକୁ ବାଧ୍ୟ କରାଯାଇଥାଏ । ଅଥଚ ପୁରୁଷଟିଏ ପତ୍ନୀହରା ହେଲେ ତା'ପାଇଁ ସେମିତି କିଛି ପ୍ରତିବନ୍ଧକ ନଥାଏ । ସେ ଦ୍ୱିତୀୟ ବିବାହ କରି ପୁନଃ ସୁଖରେ କାଳାତିପାତ କରିଥାଏ ।

ପିତାମାତା ଉତ୍ତର ଜୀବନରେ ବିବାହିତା କନ୍ୟାର ତତ୍ତ୍ୱାବଧାନରେ ରହିବା ଆମ ପରମ୍ପରାରେ ନାହିଁ । ଏହି ହେତୁ ଅପୁତ୍ରିକ ପିତାମାତା ପୋଷ୍ୟପୁତ୍ର ଅଥବା ଆତ୍ମୀୟ ସ୍ୱଜନଙ୍କ ନିକଟରେ ଦୟନୀୟ ଜୀବନଯାପନ କରନ୍ତି ସିନା କନ୍ୟାଗୃହରେ ଅନ୍ତିମ ଜୀବନ ଅତିବାହିତ

କରନ୍ତି ନାହିଁ। ତେଣୁ ପିତାମାତା କନ୍ୟା ସନ୍ତାନ ପରିବର୍ତ୍ତେ ପୁତ୍ର ସନ୍ତାନ କାମନା କରିବା ସ୍ୱାଭାବିକ ହୋଇପଡେ।

ପିତାମାତା କନ୍ୟା ସନ୍ତାନ କାମନା ନ କରିବା ମୂଳରେ ଯୌତୁକ ପ୍ରଥା ଅନ୍ୟତମ। ଯୌତୁକ ଆତଙ୍କରେ ମଧ୍ୟବିତ୍ତ ଅଥବା ନିମ୍ନ ମଧ୍ୟବିତ୍ତ ପିତାମାତା ଏକାଧିକ କନ୍ୟା ଜନ୍ମ ହେଲେ ବ୍ୟତିବ୍ୟସ୍ତ ହୋଇପଡନ୍ତି। ବିବାହକାଳୀନ ଆବଶ୍ୟକତା ପରିପୂରଣ ପାଇଁ ସାମର୍ଥ୍ୟ ନଥିଲେ କନ୍ୟାସନ୍ତାନକୁ ଅଭିଶାପ ବୋଲି ଅନୁଭବ କରନ୍ତି। କନ୍ୟା ସନ୍ତାନକୁ ଆମ ସମାଜ ଦାୟ ରୂପେ ଗ୍ରହଣ କରେ। ଜନ୍ମ ପାଖରୁ ବିବାହ ପର୍ଯ୍ୟନ୍ତ ଏପରିକି ବିବାହ ପରେ ମଧ୍ୟ ପିତାମାତା ତା'ର ସକଳ ଦାୟିତ୍ୱ ଗ୍ରହଣ କରିଥାନ୍ତି। ପତିଗୃହରେ କିଛି ଅଘଟଣ ଘଟିଲେ କନ୍ୟା ପିତୃଗୃହକୁ ଫେରିଆସେ। କନ୍ୟାଦାୟରୁ ମୁକ୍ତି ହେବା ପାଇଁ ପିତାମାତାଙ୍କୁ ବେଳେବେଳେ ସର୍ବସ୍ୱାନ୍ତ ହେବାକୁ ପଡେ। ଏଇଭଳି ସାମାଜିକ ବିଧିବିଧାନରେ କନ୍ୟା ସନ୍ତାନ ପ୍ରତି ବୀତସ୍ପୃହ ହେବାପାଇଁ ପରିସର ସୃଷ୍ଟି ହୋଇଥାଏ।

କନ୍ୟା ସନ୍ତାନଟିକୁ ଉପଯୁକ୍ତ ଶିକ୍ଷାଦୀକ୍ଷା ଦେଇ ସ୍ୱାବଲମ୍ବନଶୀଳା କରିବା ପରିବର୍ତ୍ତେ ଭଲ ପାତ୍ରଟିଏ ହାତରେ ଅର୍ପଣ କରିବାର ମାନସିକତା ଯେହେତୁ ଆମ ସମାଜରେ ବଳବତ୍ତର ହୋଇ ରହିଛି କନ୍ୟା ସନ୍ତାନର ଦୁର୍ଦ୍ଦଶା ଅନ୍ତ ହେଉନାହିଁ।

ନାରୀମାନଙ୍କର ସମ୍ପତ୍ତିଗତ ଅଧିକାର ବି ଅନେକ କ୍ଷେତ୍ରରେ କନ୍ୟା ସନ୍ତାନମାନଙ୍କ ପ୍ରତି ବିପଦ ସୃଷ୍ଟିକରେ। କନ୍ୟା ସନ୍ତାନର ବିବାହ ସଙ୍ଗେ ସଙ୍ଗେ ତା' ଭାଗ ସମ୍ପତ୍ତି ହସ୍ତାନ୍ତର ହୋଇଯିବା ଆଶଙ୍କାରେ କେହି କେହି ଧନାଢ୍ୟ ବ୍ୟକ୍ତି କନ୍ୟାସନ୍ତାନ ଚାହାନ୍ତି ନାହିଁ।

ମଧ୍ୟଯୁଗୀୟ ମୋଗଲ ଓ ଇଂରେଜମାନଙ୍କ ଲାଳସାପୂର୍ଣ୍ଣ ଦୃଷ୍ଟିରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା କାଠିକର ପାଠ ହୋଇପଡୁଥିଲା। ବାଲ୍ୟବିବାହ, ପରଦା ପ୍ରଥା, ସତୀଦାହ ଆଦି ବିଧିବ୍ୟବସ୍ଥା ମାଧ୍ୟମରେ କନ୍ୟାସନ୍ତାନ ପାଇଁ ସୁରକ୍ଷା ବଳୟଟିଏ ସୃଷ୍ଟି କରାହେଉଥିଲା। ଏହାଦ୍ୱାରା ନାରୀମାନଙ୍କର ସମସ୍ୟା ଦୂରୀଭୂତ ହେବା ପରିବର୍ତ୍ତେ ଆହୁରି ସମସ୍ୟା ବିଜଡିତ ହୋଇପଡିଲା। ସମାଜର ଗୋଟିଏ ଅଙ୍ଗ ଧୀରେ ଧୀରେ ଅକର୍ମଣ୍ୟ ହୋଇପଡିଲା। ଏବେ ଅବଶ୍ୟ ସେ ପ୍ରଥା ନାହିଁ। କିନ୍ତୁ ନାରୀମାନଙ୍କର ବ୍ୟକ୍ତିଗତ ସମସ୍ୟା ହେଲେ କେହି ଦାୟିତ୍ୱ ନେଉନାହାନ୍ତି। ପିତାମାତା ଜୀବିତ ଥିବା ପର୍ଯ୍ୟନ୍ତ କନ୍ୟାର ବିବାହିତ ଜୀବନ ଅସଫଳ ହେଲେ ପିତାମାତାଙ୍କ ମୁଣ୍ଡରେ ବଜ୍ର ପଡିଯାଏ। ଏହିପରି ଅନେକ ପାରମ୍ପରିକ ସମସ୍ୟା ଆମ ସମାଜକୁ କବଳିତ କରି ରଖିଛି। ଏଥିରୁ ମୁକୁଳିବା ପାଇଁ ପ୍ରଥମେ ଆମର ପରମ୍ପରା ଅନୁମୋଦିତ ଦୃଷ୍ଟିକୋଣରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କ୍ଷତର ମୂଳ ଉତ୍ସକୁ ଉତ୍ପାଟିତ ନକରି କ୍ଷତ ଉପରେ ମଲମ ପଟି ଦେଲାପରି ନାରୀମାନଙ୍କ ପାଇଁ ସରକାର ଯେତେ ଆଇନ କାନୁନ ଓ ଯୋଜନା

ପ୍ରଣୟନ କରୁଛନ୍ତି, ତାହା କେବଳ ବ୍ୟଥା ଉପଶମ ପାଇଁ ସହାୟକ ହେଉଛି ସିନା ଚିରସ୍ଥାୟୀ ସମାଧାନ ହୋଇପାରୁନାହିଁ।

ଏବେ ସୁଦ୍ଧା ଆମ ସମାଜରୁ ଲିଙ୍ଗ ଭିତ୍ତିକ ପାର୍ଥକ୍ୟ ମାନସିକତା ଦୂରୀଭୂତ ହୋଇନାହିଁ। ଏହା କେବଳ ଆମ ଦେଶର ସଂକଟ ନୁହେଁ, ଏହା ସମଗ୍ର ମାନବ ଜାତିର ସଂକଟ। ବିକଶିତ ରାଷ୍ଟ୍ରର ଦମ୍ପତିମାନେ ମଧ୍ୟ କନ୍ୟାସନ୍ତାନ ଆନ୍ତରିକତାର ସହ ଗ୍ରହଣ କରନ୍ତି ନାହିଁ। ସେଥିପାଇଁ ସେ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଯାଇଥାଏ। ୟୁରୋପରେ ଲିଙ୍ଗ ନିରୂପଣ କରି କନ୍ୟା ଭ୍ରୁଣକୁ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ଏକହଜାରରେ ନବେ ଥିବାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ ଜଣ ଲେଖାଏଁ ଅଛନ୍ତି। କିନ୍ତୁ ଭାରତରେ ଏହା ସର୍ବାଧିକ। କନ୍ୟାଭ୍ରୂଣ ହତ୍ୟା ଗୋପନରେ ହେଉଥିବାରୁ ସରକାରୀ ଗଣନା ଏହାର ସଠିକ୍ ତଥ୍ୟ ପାଏନାହିଁ। ତଥାପି ସରକାରୀ ଗଣନା ଅପେକ୍ଷା ଏହା ୧୦/୧୫ ଗୁଣ ଅଧିକ। ପ୍ରତିବର୍ଷ ଆମ ଦେଶରେ ୫୦ ଲକ୍ଷ ଲିଙ୍ଗ ନିରୂପଣ ଓ ତଜ୍ଜନିତ କନ୍ୟାଭ୍ରୂଣ ହତ୍ୟା ହେଉଥିବାର ଆଶଙ୍କା କରାଯାଏ। ଉଦ୍‌ବେଗର ବିଷୟ ଏହି ଯେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ କନ୍ୟାଭ୍ରୂଣ ହତ୍ୟା ବେଶୀ, ଯେଉଁଠି ବେଶୀ ଶିକ୍ଷିତ ଓ ଅଭିଜାତ ଦମ୍ପତି ରହନ୍ତି। ଆମ ଜାତୀୟ ସ୍ତରର ଲିଙ୍ଗାନୁପାତ ୮୨୭/୧୦୦୦। ଆମ ରାଜଧାନୀ ଦିଲ୍ଲୀ ଭଳି ଏକ ସମ୍ଭ୍ରାନ୍ତ ସହରର ଲିଙ୍ଗାନୁପାତ ଅନୁଧ୍ୟାନ କଲେ ଆମ ଦେଶରେ ନାରୀମାନଙ୍କର ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ। ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନ ରିପୋର୍ଟ ଅନୁସାରେ ଦିଲ୍ଲୀ ରାଜଧାନୀ ଅଞ୍ଚଳରେ ଲିଙ୍ଗାନୁପାତ ୮୫୦/୧୦୦୦ ଥିବାବେଳେ ଦକ୍ଷିଣ ଦିଲ୍ଲୀ ଓ ପଶ୍ଚିମ ଦିଲ୍ଲୀରେ ଏହା ହଜାରରେ ୭୬୨/୭୮୪କୁ ଖସିଆସିଛି। ଚଣ୍ଡୀଗଡ ଓ ପଞ୍ଜାବରେ ଏହା ଯଥାକ୍ରମେ ୭୭୩/୮୭୪। ଏ ସଂକଟ କେବଳ କନ୍ୟାଭ୍ରୂଣ ହତ୍ୟା ଓ କନ୍ୟାଶିଶୁ ହତ୍ୟା ପାଇଁ ସମ୍ଭବ ହୋଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଲା ଶିଶୁକନ୍ୟା ଭ୍ରୂଣ ହତ୍ୟା ଉଚ୍ଚଶିକ୍ଷିତ ସମାଜରେ ବେଶୀ ପ୍ରଚଳିତ। ଏହି ମାନସିକତାରୁ ଆମ ରାଜ୍ୟବାସୀ ମଧ୍ୟ ବାଦ ପଡିନାହାନ୍ତି। ଶିକ୍ଷା ଓ ସଚେତନତାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ଜିଲ୍ଲାରେ ଲିଙ୍ଗାନୁପାତ ସର୍ବାଧିକ ଥିବାବେଳେ ନବରଙ୍ଗପୁରରେ ସର୍ବନିମ୍ନ ରହିଛି। ଆଦିବାସୀ ସମ୍ପ୍ରଦାୟ କନ୍ୟା ସନ୍ତାନକୁ ବୋଝ ରୂପେ ଗ୍ରହଣ କରେନାହିଁ। ବରଂ ସେମାନଙ୍କ ସମାଜରେ ନାରୀର ଅବଦାନକୁ ପ୍ରାଧାନ୍ୟ ଦିଆଯାଏ। ମର୍ଯ୍ୟାଦର ସହ ନାରୀମାନେ ବଞ୍ଚୁଥାନ୍ତି। ଅଥଚ ଆମେ ସଭ୍ୟ ଶିକ୍ଷିତ ସଚେତନ ବୋଲି ଡିଣ୍ଡିମ ପିଟୁଥିବା ବେଳେ ଆମ ସମାଜରେ କନ୍ୟା ସନ୍ତାନର ଦୟନୀୟ ସ୍ଥିତି ଦାଣ୍ଡରେ ପଡି ହାଟରେ ଗଡୁଛି।

ଗତ ସପ୍ତାହରେ ମାତ୍ର ଦୁଇଦିନ ବ୍ୟବଧାନରେ ଓଡ଼ିଶାର ଅଗ୍ରଣୀ ସହର କଟକର ରେଲଷ୍ଟେସନରେ କାଗଜ କାର୍ଟୁନରେ ଦୁଇଟି ଯମଜ କନ୍ୟାସନ୍ତାନ ଓ ଡାକ୍ତରଖାନା ପରିସର

ମଧ୍ୟରୁ ଆଉ ଗୋଟିଏ କାର୍ଟୁନରେ କନ୍ୟା ସନ୍ତାନଟିର ଉଦ୍ଧାର ଏବଂ କବିସୂର୍ଯ୍ୟନଗରର ସ୍କୁଲ ବ ୍ରଣ୍ଡାରେ ସଦ୍ୟ ଜାତ କନ୍ୟାଶିଶୁ ଓ ମାଆକୁ ପରିତ୍ୟାଗ କରି ପିତାର ପଳାୟନ କନ୍ୟାସନ୍ତାନ ପ୍ରତି ଆମ ମାନସିକତାକୁ ଆହୁରି ନଗ୍ନ କରିଦେଇଛି । ବାହାରେ ଆମେ ନାରୀମାନଙ୍କ ସମ୍ମାନ ଓ ସ୍ୱାଧିକାର ପ୍ରତି ସଚେତନଶୀଳ ବୋଲି ଯେତେ ଯୁକ୍ତି କଲେ ସୁଦ୍ଧା ଆମ ମାନସିକତା ସେଇ ରକ୍ଷଣଶୀଳ ବଳୟ ମଧ୍ୟରୁ ମୁକ୍ତ ହୋଇପାରିନାହିଁ ।

ସମାଜରେ ଶିଶୁଟିର ବଞ୍ଚିବାର ଅଧିକାରକୁ କେହି ଛଡେଇ ନେଇପାରିବେ ନାହିଁ। ସେ କନ୍ୟା ହେଉ କି ପୁତ୍ର । କେବଳ ବଞ୍ଚିବାର ଅଧିକାର ନୁହେଁ, ଉତ୍ତମ ଭାବେ ବଞ୍ଚିବା ପାଇଁ ଆନୁସଙ୍ଗିକ ଉପାଦାନ ପ୍ରଦାନ କରିବା ସମାଜର କର୍ତ୍ତବ୍ୟ । ଏଥିପାଇଁ ସରକାରୀ ନୀତିନିୟମ ଅଛି । ଏହାର ଖିଲାପ କରୁଥିବା ବ୍ୟକ୍ତି ବିରୋଧରେ ଦଣ୍ଡବିଧି ଆଇନ ମଧ୍ୟ ଅଛି । ତଥାପି ଆମେ ସେ ଦିଗ ପ୍ରତି ସମ୍ପୂର୍ଣ୍ଣ ନିସ୍ପୃହ । ନିକଟରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଏବେ ଗୋଟିଏ ଉଦ୍‌ବେଗଜନକ ତଥ୍ୟ ପ୍ରଦାନ କରିଛି । ଆମ ଦେଶରେ ଗତବର୍ଷ ଅପେକ୍ଷା ଏବର୍ଷ ଅପରାଧ ସଂଖ୍ୟା ପାଞ୍ଚ ପ୍ରତିଶତ ବୃଦ୍ଧି ପାଇଛି । କିନ୍ତୁ ଶିଶୁମାନଙ୍କ ପ୍ରତି ବିଗତ ଦିନମାନଙ୍କରେ ଯେତିକି ଅପରାଧ ହେଉଥିଲା, ତା'ର ଦଶ ପ୍ରତିଶତ ବୃଦ୍ଧି ପାଇଛି । ପୁତ୍ରଶିଶୁ ଅପେକ୍ଷା କନ୍ୟାଶିଶୁମାନଙ୍କ ଉପରେ ଏହି ଅପରାଧ ମାତ୍ରା ଯେ ଅଧିକ ଏହା ସର୍ବଜ୍ଞାତ ।

ଏବେ ସମୟ ଆସିଛି, ଆହ୍ୱାନ ବି ଆସିଛି । ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାର ସୁଯୋଗ ଦେବାପାଇଁ ଚିନ୍ତା କରିବାର ମୁହୂର୍ତ୍ତ ଆସିଛି । ଆମ ବୌଦ୍ଧିକ ବଳୟରୁ ସମାଜର କ୍ଷତିସାଧନ କରୁଥିବା ପାରମ୍ପରିକ ବିଶ୍ୱାସର ବିଷମଞ୍ଜିକୁ ଉତ୍ପାଟନ କରିବା । ନିଜକୁ ଆହୁରି ବିସ୍ତାର କରିଦେବା । ଦୀର୍ଘଦିନ ଧରି ସମାଜ ଗୋଟାଏ ଅଙ୍ଗକୁ ନ୍ୟୁନ ମଣୁଥିବା ମାନସିକତାରୁ ମୁକ୍ତ ହେବା ।

❑❑

ପୈତୃକ ସମ୍ପତ୍ତିରେ କନ୍ୟାର ଅଧିକାର

ସ୍ୱାଭାବିକ ଭାବରେ ପୈତୃକ ସଂପତ୍ତିରେ ପୁତ୍ରର ଅଧିକାର ଥାଏ । କନ୍ୟାର ଅଧିକାରକୁ ଆଇନଗତ ସ୍ୱୀକୃତି ମିଳିଲେ ସୁଦ୍ଧା ସାମାଜିକ ସ୍ୱୀକୃତି ଅନୁଭବ କରିହୁଏ ନାହିଁ । ଆଇନଗତ ଅଧିକାର ସତ୍ତ୍ୱେ ଆମ ସମାଜରେ କନ୍ୟାସନ୍ତାନ ବାପାଭାଇଙ୍କ ପାଖରୁ ସଂପତ୍ତି ଦାବୀକରିବା ଘଟଣା ବିରଳ । ଯେଉଁଠି ସେ ଏ ଅଧିକାର ସାବ୍ୟସ୍ତକରିଛି ପିତ୍ରାଳୟଠାରୁ ତା'ର ସମ୍ପର୍କ ଛିନ୍ନ ହୋଇଛି, ଏକାଧିକ ପୁତ୍ରଙ୍କ ମଧ୍ୟରେ ସଂପତ୍ତି ବଣ୍ଟନକୁ ସମାଜ ଯେଉଁ ମାନସିକତାରେ ଗ୍ରହଣ କରେ ପୁତ୍ରକନ୍ୟାଙ୍କ ମଧ୍ୟରେ ସଂପତ୍ତି ବଣ୍ଟନକୁ ସେପରି ଗ୍ରହଣ କରେ ନାହିଁ ।

ପ୍ରାଚୀନ ଯୁଗରେ ଆମ ଦେଶରେ ନାରୀମାନଙ୍କର ପୈତୃକ ସଂପତ୍ତିରେ ଅଧିକାର ସଂପର୍କରେ କିଛି ବିଧିବଦ୍ଧ ନିୟମ ନଥିଲା । ଆପ୍ତବାକ୍ୟ, ଦେଶାଚାର ଓ କୁଳାଚାର ଏବଂ ଯାଜ୍ଞବଲ୍‌କ୍ୟଙ୍କ ମିତାକ୍ଷର ଆଦିରେ ବିକ୍ଷିପ୍ତ ଭାବରେ ଯାହାକିଛି ସୂଚନା ମିଳିଥାଏ । ବ୍ୟକ୍ତି ଯଦି ଅପୁତ୍ରିକ ହୋଇଥାଏ ଓ କେବଳ କନ୍ୟାସନ୍ତାନ ଜନ୍ମଦେଇଥାଏ ସେ କ୍ଷେତ୍ରରେ ହିଁ କନ୍ୟା ପୈତୃକ ସଂପତ୍ତିର ଅଧିକାରିଣୀ ହୋଇଥାଏ । ପୁଣି ପିତା ଯଦି ଆତ୍ମୀୟ ସ୍ୱଜନମାନଙ୍କୁ ପ୍ରଥା ଅନୁଯାୟୀ ପୋଷ୍ୟପୁତ୍ର ଭାବେ ଗ୍ରହଣ କରନ୍ତି ସେ ଆଶା ମଧ୍ୟ କ୍ଷୀଣ ହୋଇଥାଏ । ବାହାବ୍ରତ ଆଦି ପାରିବାରିକ ଉତ୍ସବମାନଙ୍କରେ କିଛି ଉପହାର ଉପଢୌକନ ଦେଇ ଝିଅମାନଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଆମ ସାମାଜିକ ବିଧିବିଧାନ ଅନୁସାରେ ଝିଅମାନେ ଯେହେତୁ ଜନ୍ମସ୍ଥାନ ଛାଡି ଅନ୍ୟତ୍ର ସାରା ଜୀବନ ଅତିବାହିତ କରନ୍ତି, ପିତ୍ରାଳୟସହ ସେମାନେ ସଂପର୍କ ଛିନ୍ନ କରିବାକୁ ଚାହାଁନ୍ତି ନାହିଁ । ସଂପତ୍ତି ଅପେକ୍ଷା ସେମାନେ ସଂପର୍କକୁ ପ୍ରାଧାନ୍ୟ ଦେଇଥାନ୍ତି ।

୧୯୫୬ ମସିହାରେ ପ୍ରଥମକରି ହିନ୍ଦୁ ଉତ୍ତରାଧିକାର ଆଇନର ପ୍ରଣୟନ ହୋଇଥିଲା, ଯେଉଁ ଆଇନ ବଳରେ ପୈତୃକ ସଂପତ୍ତିରେ ପୁତ୍ରମାନଙ୍କ ଭଳି କନ୍ୟାସନ୍ତାନମାନଙ୍କର ମଧ୍ୟ ଅଧିକାର ଥିଲା । କିନ୍ତୁ ତାହା ଅସମ୍ପୂର୍ଣ୍ଣ ମନେହେଉଥିଲା । କାରଣ କନ୍ୟା କେବଳ ମାତୃ ସଂପତ୍ତିର ଅଧିକାରିଣୀ ଥିଲା ଏବଂ ଅବିବାହିତା, ବିଧବା ଓ ପତି ପରିତ୍ୟକ୍ତା ମାନେ ହିଁ ପୈତୃକ ସଂପତ୍ତିର ଅଧିକାରିଣୀ ଥିଲେ । ବିବାହିତା ମହିଳାମାନଙ୍କ ପାଇଁ ସ୍ପଷ୍ଟଭାବରେ କିଛି ନଥିଲା ।

ଖ୍ରୀଷ୍ଟିୟାନ ଧର୍ମରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ରଭାବରେ ପୈତୃକ ସଂପତ୍ତିର ଅଧିକାରୀ ହେବାପାଇଁ ସେମିତି କିଛି ନୀତି ନିୟମ ନଥିଲା। ଉଇଲ୍ ବା ଇଚ୍ଛାପତ୍ର ଥିଲା ସେମାନଙ୍କ ପାଇଁ ଅଧିକାର। କୋଚିନ୍ ଟ୍ରାଭାଙ୍କୋର ଖ୍ରୀଷ୍ଟିଆନ ଆଇନ ୧୯୨୧ ଓ ଟ୍ରାଭାଙ୍କୋର ଖ୍ରୀଷ୍ଟିୟାନ ଆଇନ ୧୯୧୬ ଅନୁସାରେ ମହିଳାମାନେ ସଂପତ୍ତି ଅଧିକାର ପାଇଥିବାବେଳେ ଗୋଆରେ ବସବାସ କରୁଥିବା ଖ୍ରୀଷ୍ଟିୟାନ ମହିଳାମାନେ ପର୍ତ୍ତୁଗୀଜ ମହିଳାମାନଙ୍କ ଭଳି ସଂପତ୍ତି ପାଉଥିଲେ। ଦେଶର ଅନ୍ୟାନ୍ୟ ଅଞ୍ଚଳରେ ବସବାସ କରୁଥିବା ମହିଳାମାନେ ଭାରତୀୟ ଉତ୍ତରାଧିକାର ଆଇନ ଅନୁସାରେ ସଂପତ୍ତିର ଅଧିକାରୀ ଥିଲେ।

ମୁସଲିମ୍ ସମାଜରେ କୋରାନ୍ ଶରୀଫ୍ ଅନୁସାରେ ନାରୀକୁ ସଂପତ୍ତିଗତ ଅଧିକାର ଦିଆଯାଇଥାଏ। ଏହା ଦ୍ୱାରା ପୁରୁଷ ଯାହାପାଏ ନାରୀକୁ ତା'ର ଅଧା ମିଳିଥାଏ। ମୁସ୍‌ଲିମ୍ ପର୍ସନାଲ୍ ଲ'ଅନୁସାରେ କନ୍ୟା କେବଳ ପୈତୃକ ଅସ୍ଥାବର ସଂପତ୍ତିର ମାଲିକ ହୋଇଥାଏ, ପୁତ୍ରମାନେ ସ୍ଥାବର ଅସ୍ଥାବର ଉଭୟ ସଂପତ୍ତି ଭୋଗ କରିଥାନ୍ତି।

୨୦୦୫ ରେ ନାରୀମାନଙ୍କ ସଂପତ୍ତି ଅଧିକାରରେ ଯେଉଁ ସଂସ୍କାର ଅଣାଗଲା ସେଥିରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ଏହାଦ୍ୱାରା ୭ନାରୀମାନେ ପୁରୁଷମାନଙ୍କ ଭଳି ଭୂସଂପତ୍ତିରେ ସମାନ ଅଧିକାର ପାଇଲେ।

ଏବେ ନିକଟରେ ସୁପ୍ରିମକୋର୍ଟ ଏକ ମାମଲାର ବିଚାର କରି ଯେଉଁ ରାୟ ଦେଇଛନ୍ତି ତାହା ଅନୁଧ୍ୟାନର ବିଷୟ। ୨୦୦୫ ହିନ୍ଦୁ ମହିଳା ଉତ୍ତରାଧିକାର ଆଇନକୁ ବଳବତ୍ତର ରଖି ବିଚାରପତି ଆର୍.ଏସ୍.ଲୋଧା ଓ ବିଚାରପତି ଜଗଦୀଶ ସିଂହ ଖେରଙ୍କ ଖଣ୍ଡପୀଠ କହିଛନ୍ତି ଯେ କନ୍ୟାମାନେ ପୈତୃକ ସଂପତ୍ତିରେ ଅଧିକାର ସାବ୍ୟସ୍ତ କରିବା ସଂଗେ ସଂଗେ ପିତାମାତାଙ୍କ ପ୍ରତି ସମୋନଙ୍କର କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିବେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ସ୍ୱର୍ଗତ ଚକିରି ଭେଙ୍କଟ ସ୍ୱାମୀଙ୍କ କନ୍ୟା ଗଣ୍ଡୁରୀ କୋଟେଶ୍ୱର ଆମ୍ମା ଏହି ଆବେଦନ କରିଥିଲେ। ଭେଙ୍କଟସ୍ୱାମୀ ଅପୁତ୍ରିକ ଥିଲେ, କିନ୍ତୁ ବହୁ ସଂପତ୍ତିର ଅଧିକାରୀ ଥିଲେ। ବୃଦ୍ଧାବସ୍ଥାରେ କନ୍ୟାମାନେ ତାଙ୍କର ଦାୟିତ୍ୱ ନେଇନଥିଲେ। ପ୍ରତିବେଶୀଙ୍କ ସହାୟତାରେ ପିତାମାତା ବଞ୍ଚିଥିଲେ। ସେମାନଙ୍କ ମୃତ୍ୟୁପରେ କନ୍ୟାମାନଙ୍କ ମଧ୍ୟରେ ସଂପତ୍ତି ବଣ୍ଟନ ବେଳେ ସମସ୍ୟା ସୃଷ୍ଟି ହୋଇଥିଲା।

ଯେଉଁଠି ଅଧିକାର ପ୍ରସଙ୍ଗ ଉଠେ ସେଠାରେ କର୍ତ୍ତବ୍ୟ ବିଷୟରେ ନିଶ୍ଚୟ ପ୍ରଶ୍ନ ଉଠିବ। ଏହା ସ୍ୱତଃସିଦ୍ଧ କଥା। ଯେଉଁଠାରେ ପୁତ୍ରସନ୍ତାନ ନାହାନ୍ତି, କନ୍ୟାମାନେ ହିଁ କେବଳ ପୈତୃକ ସଂପତ୍ତିର ଅଧିକାରୀ, ପିତାମାତାଙ୍କ ସଂପୂର୍ଣ୍ଣ ଦାୟିତ୍ୱ ମଧ୍ୟ ସେଠାରେ କନ୍ୟାମାନଙ୍କ ଉପରେ ହିଁ ନିର୍ଭର କରେ। କର୍ତ୍ତବ୍ୟ ସମ୍ପାଦନ ନକରି ଅଧିକାର ସାବ୍ୟସ୍ତ କରିବା ନିଶ୍ଚୟ ଅଯୌକ୍ତିକ। ଏ କ୍ଷେତ୍ରରେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ରାୟ ଯଥାର୍ଥ।

କିନ୍ତୁ ଯେଉଁଠାରେ ପୁତ୍ର ଓ କନ୍ୟା ଉଭୟ ସଂପତ୍ତିର ଦାବିଦାର ଥାନ୍ତି ସେ ପ୍ରସଙ୍ଗ ଟିକେ ଭିନ୍ନ । ଏ ପରିପ୍ରେକ୍ଷୀରେ ଭାରତରେ ପୈତୃକ ସଂପତ୍ତିରେ ମହିଳାମାନଙ୍କର ଅଧିକାର ସଂପର୍କରେ ଯେଉଁ ଆଇନ ଅଛି କେତେଜଣ ମହିଳା ତା'ର ସହାୟତା ଲୋଡିଥାନ୍ତି ? ସ୍ୱତଃସ୍ଫୂର୍ତ୍ତ ଭାବରେ କେତେଜଣ ବାପାମାଆ ଓ ଭାଇଭାଉଜ ବିବାହିତ କନ୍ୟାକୁ ସଂପତ୍ତିରୁ ଭାଗ ଦେଇଛନ୍ତି ? ବର୍ଷରେ ସାବିତ୍ରୀ ଓ କୁମାରପୂର୍ଣ୍ଣମୀରେ ଖଣ୍ଡେ ଲେଖାଏ ଶାଢ଼ୀ ଓ ଅଷ୍ଟମୀରେ ଭଣଜା ଭାଣିଜୀଙ୍କ ପାଇଁ ଖଣ୍ଡେ ଖଣ୍ଡେ ନୂଆ ବସ୍ତ୍ର ଭିତରେ ହିଁ ନାରୀର ସଂପତ୍ତିଗତ ଅଧିକାର ସୀମିତ ରହିଯାଏ । ବେଳେବେଳେ ଏସବୁପାଇଁ ବି ଭାଇଭାଇ ଓ ଭାଉଜ ଭାଉଜ ଭିତରେ ମନାନ୍ତର ସୃଷ୍ଟି ହୋଇଥାଏ । ଏହାଛଡା ବିବାହ ବ୍ରତ ଆଦି ପାରିବାରିକ ଉତ୍ସବମାନଙ୍କରେ ବାପାଭାଇ କନ୍ୟାକୁ କିଛି ଉପହାର ଉପଢ଼ୌକନ ଦେଇ ସନ୍ତୁଷ୍ଟ କରନ୍ତି । ଏଠାରେ କହିବାର କଥା, କନ୍ୟାମଧ୍ୟ ଏହି ଉତ୍ସବ ମାନଙ୍କରେ ଭାର ବେଭାର ଆକାରରେ କିଛି ଦ୍ରବ୍ୟ ଓ ଟଙ୍କା ପ୍ରଦାନ କରିଥାଏ । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଲା, ଅନେକ କନ୍ୟା ପିତ୍ରାଳୟକୁ ଯିବା ସମୟରେ ଶାଶୁଘର ଅଗୋଚରରେ ପିତାମାତା ଅଥବା ଆତ୍ମୀୟ ସ୍ୱଜନଙ୍କ ପାଇଁ କିଛି ଉପହାର ନେଇଥାନ୍ତି ଏବଂ ଫେରିବା ସମୟରେ ନିଜ ଖର୍ଚ୍ଚରୁ ନିଜ ପାଇଁ ଅଥବା ଶାଶୁଘର ସଦସ୍ୟଙ୍କ ପାଇଁ କିଛି ଜିନିଷ କ୍ରୟ କରିଥାନ୍ତି ଯାହାକୁ ପିତୃଗୃହରୁ ଆଣିଥିବା ଶାଶୁଘରେ ପ୍ରକାଶ କରାଯାଏ । ବିବାହ କାଳରେ ଯାହା ଜାନିଯୌତୁକ ନେଇଥାଏ ତାହାହିଁ ତା'ର ପୈତୃକ ସଂପତ୍ତିର ଅଂଶ ବୋଲି ଧରିନିଆଯାଏ । ଯେଉଁ ପରିବାରରେ ଆର୍ଥିକ ସମ୍ବଳ ନାହିଁ ତାହା ଭିନ୍ନ କଥା, କିନ୍ତୁ ସ୍ୱଚ୍ଛଳ ପରିବାର ମାନଙ୍କରେ ମଧ୍ୟ ବିବାହିତା କନ୍ୟାପ୍ରତି ଏପ୍ରକାର ମାନସିକତା ଥାଏ ।

ଏହାପରେ କର୍ତ୍ତବ୍ୟ ପ୍ରସଙ୍ଗ । ସ୍ଥାବର ଅସ୍ଥାବର ପୈତୃକ ସଂପତ୍ତିରେ କନ୍ୟାମାନଙ୍କର ଆଇନଗତ ଅଧିକାର ଥିଲେ ସୁଦ୍ଧା ନବେଭାଗ କନ୍ୟା ସଂପତ୍ତିଦାବି କରନ୍ତି ନାହିଁ ଯଦି ପୁତ୍ରମାନେ ଉତ୍ତରାଧିକାରୀ ଥାଆନ୍ତି । ଯେଉଁ ପୁତ୍ରମାନେ ନିଜଭାଗ ସହ ଭଉଣୀର ପୈତୃକ ସଂପତ୍ତି ଭୋଗ କରିଥାନ୍ତି ସେମାନେ ପିତାମାତାଙ୍କ ପ୍ରତି କେତେ ଦାୟିତ୍ୱବାନ ରହନ୍ତି ? ସାଂପ୍ରତିକ ଯୁଗରେ ବରିଷ୍ଠ ନାଗରିକ ଅସହାୟତା ଏକ ଜଟିଳ ସମସ୍ୟା ରୂପେ ପରିଲକ୍ଷିତ ହେଉଛି । ପୁତ୍ର ଓ ପୁତ୍ରବଧୂ ବୃଦ୍ଧପିତାମାତାଙ୍କ ଦାୟିତ୍ୱ ବହନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି । ପୁଅ ବୋହୂଙ୍କ ସଂସାରରେ ପିତାମାତା ଅଖୋଜା ଅଲୋଡ଼ା ହୋଇ ପଡିଛନ୍ତି । ପିତାମାତା ନିଜ ଇଚ୍ଛା ଅନୁସାରେ କେଉଁଠି ରହିପାରୁନାହାନ୍ତି । ଏକାଧିକ ପୁତ୍ରଥିଲେ ପିତାମାତାଙ୍କୁ ପାଳିକରି ଭାଗବାଣ୍ଟୁଛନ୍ତି । ଏପାଳି ଭିତରେ ଦିନଟିଏ ଅଧିକ ରହିଗଲେ ପୁଅବୋହୂ ଅତିଷ୍ଠ ହୋଇ ପଡୁଛନ୍ତି । ପୁଅମାନଙ୍କର ଅନାତ୍ମୀୟତା ଓ ବୋହୂମାନଙ୍କର ବିରକ୍ତି ଭାବ ବୃଦ୍ଧପିତାମାତାଙ୍କର ଶେଷ ଜୀବନର ସମ୍ବଳ ହୋଇଥାଏ । ପେନସନ୍ ଭୋଗୀ ହୋଇଥିଲେ ପରିସ୍ଥିତି କିଞ୍ଚିତ୍ ସୁଧୁରିଥାଏ ଅନ୍ୟଥା ପୁଅବୋହୂଙ୍କ ସଂସାରରେ ସେମାନେ ଅତ୍ୟନ୍ତ ସଂକୁଚିତ ହୋଇ ବଞ୍ଚୁଥାନ୍ତି ।

କିନ୍ତୁ କନ୍ୟାମାନେ ପରଗୋତ୍ରୀ ହୋଇଥିଲେ ସୁଦ୍ଧା ସେମାନେ ବାପାମାଆଙ୍କ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ସତତ ଚିନ୍ତିତ ରହନ୍ତି । ସେମାନଙ୍କ ସମସ୍ୟା ଦୂରୀଭୂତ କରିବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରନ୍ତି । ରୋଗ ଶଯ୍ୟାରେ ଥିଲେ ଆତ୍ମୀୟତାର ସହ ସେବା ଯତ୍ନ କରିଥାନ୍ତି । ରୋଜଗାରକ୍ଷମ କନ୍ୟା ଯେଉଁ ଆନ୍ତରିକତା ସହ ପିତାମାତାଙ୍କ ପାଇଁ ଖର୍ଚ୍ଚ କରିଥାଏ ପୁଅବୋହୂଙ୍କ ଦ୍ୱାରା ତାହା ହୁଏନାହିଁ । କନ୍ୟାମାନେ ବାପାଭାଇଙ୍କ ସାମାଜିକ ସମ୍ମାନ ଦୃଷ୍ଟିରୁ ଅଥବା ଶାଶୁଘରେ ଅଶାନ୍ତି ସୃଷ୍ଟି ହେବା ଆଶଙ୍କାରେ ଆବଶ୍ୟକୀୟ ଆର୍ଥିକ ସାହାଯ୍ୟ ଗୋପନ ରଖନ୍ତି । ଅଥଚ ପୁଅ ବୋହୂଙ୍କ ସଂସାରେ ଅଧିକାଂଶ ବୃଦ୍ଧପିତା ମାତାଙ୍କ ପାଇଁ ଯାହା ଖର୍ଚ୍ଚ ହୋଇଥାଏ ତାହା ବହୁ ଗୁଣିତ ହୋଇ ଚର୍ଚ୍ଚା ହୋଇଥାଏ ।

ସନ୍ତାନମାନଙ୍କର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଅର୍ଥ ସେମାନଙ୍କ ଅନ୍ତିମ ଜୀବନରେ ସେବା ଯତ୍ନ ଆର୍ଥିକ ସୁରକ୍ଷା ଓ ଆନ୍ତରିକତା ଏବଂ କିଛି ଶ୍ରଦ୍ଧା ଓ ସାନ୍ତ୍ୱନା । ଝିଅମାନଙ୍କ ପାଖରୁ ସେମାନେ ଯାହାପାଇଥାନ୍ତି ଅଧିକାଂଶ ପୁଅମାନଙ୍କଠାରୁ ତାହା ପାଇନଥାନ୍ତି । ବହୁ ବୃଦ୍ଧ ପିତାମାତା ପୁଅବୋହୂଙ୍କ ସଂସାରରେ ନିଜକୁ ସାମିଲ କରିପାରନ୍ତି ନାହିଁ । ତେଣୁ ଗାଁ ଭୂଇଁରେ ରହିବାକୁ ଉଚିତ୍ ମଣିଥାନ୍ତି । ଏସବୁ ଅନୁଭବର କଥା ।

ସଂପତ୍ତି ଅଧିକାର ପାଇବାକୁ ହେଲେ କର୍ତ୍ତବ୍ୟ କରିବାକୁ ହେବ ବୋଲି ସୁପ୍ରିମକୋର୍ଟଙ୍କର ଯେଉଁ ରାୟ ପ୍ରକାଶ ପାଇଛି ସେ ପ୍ରସଙ୍ଗରେ କୁହାଯାଇପାରେ ଯେ ସଂପତ୍ତି ନପାଇ ସୁଦ୍ଧା ବହୁ କନ୍ୟା ପିତାମାତାଙ୍କ ସେବାଯତ୍ନ କରନ୍ତି । କନ୍ୟାମାନେ ସଂପତ୍ତି ଦାବୀ କରନ୍ତୁ ବା ନକରନ୍ତୁ ଏମିତି କିଛି ବ୍ୟବସ୍ଥା ହୁଅନ୍ତା ଯେ କନ୍ୟାମାନଙ୍କୁ ପୁତ୍ରମାନେ ବାଧ୍ୟତାମୂଳକ ଭାବେ ପୈତୃକ ସଂପତ୍ତି ପ୍ରଦାନ କରନ୍ତେ । କନ୍ୟାମାନେ ଏଥିରୁ ନିଶ୍ଚୟ କିଛି ଉପକାର ବି ପାଆନ୍ତେ । ପିତାମାତାଙ୍କ ପ୍ରତି ଯେଉଁ କର୍ତ୍ତବ୍ୟ ସେମାନେ ଚାପ ମଧ୍ୟରେ ସଂପନ୍ନ କରୁଛନ୍ତି ସେହି ଚାପରୁ ମୁକ୍ତ ହୋଇ ଶାଶୁ ଓ ସ୍ୱାମୀଙ୍କ ସଂସାରରେ ଥାଇ ମଧ୍ୟ ସୂଚାରୁରୂପେ ସଂପନ୍ନ କରିପାରନ୍ତେ । ଏ ଦାୟିତ୍ୱବୋଧକୁ ଶାଶୁଘର ଲୋକ ମଧ୍ୟ ପୂର୍ଣ୍ଣପ୍ରାଣରେ ସମର୍ଥନ ଦିଅନ୍ତେ । ପୁତ୍ର ସନ୍ତାନମାନେ ପିତାମାତାଙ୍କ ସ୍ଥାବର ଅସ୍ଥାବର ସଂପତ୍ତି ଉପଭୋଗ କରିବା ସତ୍ତ୍ୱେ ବାପାମାଆଙ୍କ ପାଇଁ ବୃଦ୍ଧାଶ୍ରମ ଅନୁସନ୍ଧାନ କରନ୍ତେ ନାହିଁ । ପୁତ୍ର ଓ କନ୍ୟା ଉଭୟଙ୍କ ନିକଟରେ ସେମାନେ ମଧ୍ୟ ସ୍ୱାଭିମାନର ସହ ବଞ୍ଚି ପାରନ୍ତେ । ବରିଷ୍ଠ ନାଗରିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ବ୍ୟବସ୍ଥା ହୋଇ ପାରନ୍ତା ।

❑❑

ପୀଡିତା ପୀଡକ ଓ ପ୍ରୋତ୍ସାହକ

ସାଂପ୍ରତିକ ସମାଜର ମୁଖ୍ୟ ସ୍ୱର ସମାଜର ଦୁର୍ବଳତମ ଅଙ୍ଗବୋଲି ଅନୁଭବ କରାଯାଉଥିବା ମହିଳା ଓ ଶିଶୁମାନଙ୍କର ସୁରକ୍ଷା ପାଇଁ ନାନାବିଧ ଆଇନ୍‌କାନୁନ୍ ପ୍ରଣୟନ କରିବା। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତିପାଇଁ ଯୋଜନାମାନ କାର୍ଯ୍ୟକରିବା। ସେମାନଙ୍କ ସମନ୍ୱିତ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନରେ ସ୍ୱତନ୍ତ୍ର ବିଭାଗମାନ ଖୋଲାଯାଇଛି, ରାଷ୍ଟ୍ର କିମ୍ବା ରାଜ୍ୟସ୍ତରରେ ଯେକୌଣସି ବିକାଶ ମୂଳକ ଯୋଜନା ଅଥବା ଆଇନ ପ୍ରଣୟନ ହେଲେ ତାହା ନାରୀ ଓ ଶିଶୁମାନଙ୍କର ସ୍ୱାର୍ଥ ସିଦ୍ଧିପାଇଁ ସହାୟତା ହେବ କି ନା ସେ ବିଷୟରେ ବିଶେଷଜ୍ଞମାନେ ତର୍ଜମା କରୁଛନ୍ତି ଓ ତାପରେ ତାହା କାର୍ଯ୍ୟକାରୀ ହେଉଛି। ସେଥିପାଇଁ ସ୍ୱତନ୍ତ୍ରଭାବେ ପର୍ଯ୍ୟବେକ୍ଷକ ନିଯୁକ୍ତ ହେଉଛନ୍ତି, ପ୍ରଗତିକୁ ଅବରୋଧ କରୁଥିବା ଯୌତୁକ ସମସ୍ୟା, ପାରିବାରିକ ହିଂସା, ଧର୍ଷଣ, ପତ୍ନୀ ନିର୍ଯ୍ୟାତନା ଅଥବା ବଧୂ ନିର୍ଯ୍ୟାତନା ଭଳି ସମସ୍ୟାପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ହୋଇଛି ଓ ଏଥିରେ ସଂଶ୍ଳିଷ୍ଟ ଅପରାଧିକୁ କଠିନରୁ କଠିନତର ସଜା ଦେବାପାଇଁ ଦଣ୍ଡବିଧାନ ରହିଛି। କିନ୍ତୁ ଅମୃତଭାଣ୍ଡରେ ବିନ୍ଦୁଏ ବିଷ ସବୁ ଅମୃତକୁ ବିଷମୟ କରିଦେବାପରି ବେଳେବେଳେ ନାରୀମାନଙ୍କ ପ୍ରତି ପୁରୁଷଙ୍କ ଅତ୍ୟାଚାର ଏତେ ଲୋମହର୍ଷଣକାରୀ ହୋଇ ପଡୁଛି ଯେ ସମାଜରେ ନାରୀମାନଙ୍କର ଯେ ଗୋଟାଏ ମର୍ଯ୍ୟାଦାଜନକ ସ୍ଥିତି ରହିଛି ତାହା ଅନୁଭବ କରିହେଉନାହିଁ। ସାଧାରଣ ନାରୀମାନଙ୍କ କଥା ଛାଡନ୍ତୁ ଉଚ୍ଚଶିକ୍ଷିତା ଓ ସମ୍ଭ୍ରାନ୍ତ ମହିଳାମାନେ ସୁଦ୍ଧା ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟରେ ଅସହାୟ ହୋଇପଡୁଛନ୍ତି। ଆଇନ୍‌କାନୁନ୍ ପଙ୍ଗୁ ହୋଇପଡୁଛି, ଯୋଜନା ସବୁ ବ୍ୟାଧିଗ୍ରସ୍ତ ହୋଇ ପଡୁଛି।

ଧର୍ଷଣ ଅପହରଣ ଅଥବା ପାରିବାରିକ ହିଂସା ଆଦି ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର କେବଳ ଏ ଯୁଗର ସମସ୍ୟା ନୁହେଁ। ଯୁଗେଯୁଗେ ନାରୀ ଯେତେଦିନ ପର୍ଯ୍ୟନ୍ତ ଏଇସବୁକୁ ମୁଣ୍ଡପାତି ସହିନେଇଛି ସେ ସୁନାଝିଅ, ସୁନାବୋହୂ ଅଥବା ପ୍ରତିବ୍ରତା ସ୍ତ୍ରୀ ରୂପେ

ପ୍ରଶଂସିତ ହୋଇଛି । ଯେଉଁଠାରେ ସେ ଏହାର ନ୍ୟୁନତମ ପ୍ରତିବାଦଟିଏ କରିଛି ପରିବାର ହେଉ ଅଥବା ପରିବାର ବାହାରେ, ତାକୁ ମରଣାନ୍ତକ ଯନ୍ତ୍ରଣା ଭୋଗ କରିବାକୁ ହୋଇଛି । ଦୁଷ୍ଟା, ନଷ୍ଟା, ଉଗ୍ରା କଳିହୁଡି ଆଦି ବହୁବିଧ ବିଶେଷଣ ତାପାଇଁ ଆବଶ୍ୟକ ହୋଇଛି । ତା ଜୀବନ ପ୍ରତି ମଧ୍ୟ ବିପଦ ପରିଲକ୍ଷିତ ହୋଇଛି, କେଉଁଠି ଆତ୍ମହତ୍ୟାକୁ ଦୁର୍ଘଟଣା ରୂପ ଦିଆ ହୋଇଛି ତ ହତ୍ୟାକୁ ଆତ୍ମହତ୍ୟା ବୋଲି ସାବ୍ୟସ୍ତ କରାଯାଇଛି । ଝିଅଟି ସୀତାପରି ଅଥବା ସୀତାଭଳି ବୋହୂଟି ସମସ୍ତେ ଚାହାଁନ୍ତି ଓ ସକଳ ଅନ୍ୟାୟ ଅତ୍ୟାଚାରକୁ ପ୍ରତିବାଦ କରୁଥିବା ଦ୍ରୌପଦୀ ଭଳି ଝିଅ କିମ୍ବା ବୋହୂଟିଏ ଆଦୌ ନୁହେଁ । ଏହା ହେଉଛି ଆମର ଗଣମାନସିକତା । ତା ପ୍ରତି ହେଉଥିବା ସକଳ ଅନ୍ୟାୟ ଅତ୍ୟାଚାର ଅଘଟଣ ମୁଣ୍ଡପାତି ସହିଯିବାପାଇଁ ତାକୁ ଉପଦେଶ ଦିଆଯାଏ । ଯେହେତୁ ସେ ଝିଅଟିଏ ସେ ପାଟିଖୋଲି ଉଚ୍ଚସ୍ୱରରେ ହସିପାରିବ ନାହିଁ କିନ୍ତୁ କଣ୍ଠ ଫଟେଇ କାନ୍ଦିପାରିବ । ସେ ଦୌଡିବ ନାହିଁ ସଂଯତ ଭାବରେ ଚାଲିବ । କୌଣସି କଥାରେ ଉଚ୍ଚସ୍ୱରରେ ପ୍ରତିବାଦ କରିବନାହିଁ, ଉଚ୍ଚସ୍ୱରରେ କଥା କହିବ ନାହିଁ, ସଣ୍ଣାରେ ଖାଇବ, ପିଇବ, ଶୋଇବ ଇତ୍ୟାଦି । ଏଥିରେ ଟିକେ ବ୍ୟତିକ୍ରମ ହେଲେ ମା. ମାଉସୀ, ଖୁଡି ଆକଟ କରନ୍ତି । ଅବଶ୍ୟ ଏ ମାନସିକତାରେ ଯଥେଷ୍ଟ ପରିବର୍ତ୍ତନ ଆସିଲାଣି କିନ୍ତୁ ମୂଳଭାବନା ସଂପୂର୍ଣ୍ଣ ତିରୋହିତ ହୋଇନାହିଁ । ଏଥିପାଇଁ ବହୁବିଧ କାରଣ ବିଦ୍ୟମାନ । ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ବହୁପ୍ରକାର ପ୍ରୋତ୍ସାହନ ଦିଆଯାଉଛି । ଅଭିଭାବକମାନଙ୍କୁ ଉତ୍ସାହିତ କରି ଝିଅମାନଙ୍କ କ୍ୟାରିଅର୍ ଗଢ଼ିବାପାଇଁ ଆର୍ଥିକ କ୍ଷେତ୍ରରେ କୋହଳ ମନୋବୃତ୍ତି ପୋଷଣ କରାଯାଉଛି, ନାରୀମାନଙ୍କ ବିକାଶପାଇଁ ସ୍ୱତନ୍ତ୍ର ପ୍ରକଳ୍ପମାନ ସ୍ଥାପନ କରାହେଉଛି । କିନ୍ତୁ ନାରୀଟି ଯେତେବେଳେ ତାର ବିକଶିତ ବ୍ୟକ୍ତିତ୍ୱ ନେଇ ରାଜରାସ୍ତାରେ ପାଦଦେଉଛି ସେ ବହୁ ଅପ୍ରୀତିକର ପରିସ୍ଥିତିର ଶିକାର ହେଉଛି । ଏଥିପାଇଁ ଆପତ୍ତି ଅଭିଯୋଗ କଲେ କେହି ଆନ୍ତରିକତା ପ୍ରଦର୍ଶନ କରନ୍ତି ନାହିଁ । ବେଳେବେଳେ ଆଇନ୍, ଶୃଙ୍ଖଳାର ରକ୍ଷକ ତାପାଇଁ ଭକ୍ଷକ ସାଜିଥାନ୍ତି । ଦକ୍ଷତା, ସମର୍ଥପଣ ପ୍ରତିଭାକୁ ମହତ୍ତ୍ୱ ପ୍ରଦାନ କରା ନଯାଇ ତାର ବାହ୍ୟ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି । ଗୋଟାଏ ପଟେ ନାରୀକୁ ତାର ସାମର୍ଥ୍ୟ ପ୍ରଦର୍ଶନ ପାଇଁ ଉତ୍ସାହିତ କରାଯାଉଥିବା ବେଳେ ଅନ୍ୟପଟେ ତାକୁ କାମନା ବାସନାର ଶିକାର କରିବାକୁ ସୁଯୋଗ ସୃଷ୍ଟି କରାଯାଉଛି । ସାଧାରଣ କୁଲି, ମଜୁରୀଆଠୁ ହାଇପ୍ରୋଫାଇଲ୍ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ସବୁଠି ନାରୀ ମାଂସପାଇଁ ବ୍ୟାକୁଳତା । ମଧ୍ୟଯୁଗରେ ଏଇ ମାନସିକତାରେ ପ୍ରାବଲ୍ୟ ପରିଲକ୍ଷିତ ହେବାରୁ ତତ୍‌କାଳୀନ ସମାଜପତିମାନେ ନାରୀକୁ ଅସୂର୍ଯ୍ୟଂ ପଶ୍ୟା କରିରଖିଥିଲେ । ବିଭିନ୍ନ ନୀତିନିୟମ ପ୍ରଣୟନ ପୂର୍ବକ ନାରୀର ଗତିବିଧି ସଂକୁଚିତ କରିଥିଲେ । ପରଦା ପ୍ରଥା ପ୍ରଚଳନ ହେଲା, ବାଲ୍ୟବିବାହ ଓ ସତୀଦାହ ପ୍ରଥା ଭଳି କୁସଂସ୍କାର ପ୍ରଚଳନ

ହୋଇଥିଲା କେବଳ ପୁରୁଷମାନଙ୍କ ଲାଳସାପୂର୍ଣ୍ଣ ଦୃଷ୍ଟିରୁ ସୁରକ୍ଷାଦେବା ପାଇଁ। ସେବେକାର ବୈଦେଶିକ ସରକାର ଉପରେ ବୁଦ୍ଧିଜୀବୀମାନଙ୍କର କର୍ତ୍ତୃତ୍ୱ ନଥିବାରୁ ଓ ଦୋଷୀମାନେ ବେଶୀ ପରିମାଣରେ ସରକାରୀ ଲୋକ ହୋଇଥିବାରୁ ସେମାନେ ନିରୁପାୟ ହୋଇ ଏ ପ୍ରକାର ସାମାଜିକ ଶୃଙ୍ଖଳା କରିବାକୁ ବାଧହୋଇଥିଲେ। ଶିକ୍ଷାଦୀକ୍ଷାରୁ ବଞ୍ଚିତ କରାଯାଇ ସମାଜର ମୁଖ୍ୟସ୍ରୋତର ଆଢୁଆଳରେ ରଖିବାର ଯେଉଁ ପ୍ରଥାପରଂପରା ସେତେବେଳେ ସୃଷ୍ଟି ହୋଇଥିଲା ତାର କୁପରିଣତି ଏବେ ସୁଦ୍ଧା ସମାଜ ଭୋଗୁଛି। ସମାଜ ଗଠନର ଗୋଟାଏ ଅଙ୍ଗ ପକ୍ଷାଘାତଗ୍ରସ୍ତ ହୋଇ ରହିଛି। ଶହଶହ ବର୍ଷପରେ ସୁଦ୍ଧା ନାରୀମାନଙ୍କର ଦୁର୍ଭାଗ୍ୟର ଅନ୍ତ ହେଉନାହିଁ।

ଏବେ ପୁଣି ସେମିତି ଏକ ବାତାବରଣ ଆମସାମାଜିକ ଜୀବନକୁ ଆତଙ୍କଗ୍ରସ୍ତ କରି ରଖିଛି। ଏ ପରିସ୍ଥିତିରେ ନାରୀ କ'ଣ ପୁଣି ଫେରିଯିବ ମଧ୍ୟଯୁଗର ଅନ୍ତଃପୁରକୁ ? ପୁରୁଷର କାମନା ବିଜଡିତ ଲୋଲୁପଦୃଷ୍ଟିରୁ ନିଜକୁ ବଞ୍ଚାଇବାପାଇଁ ଅସୂର୍ଯ୍ୟଂପଶ୍ୟା ହୋଇ ରହିବ ନା ପରଦାରେ ଢାଙ୍କିହୋଇ ବାହାରକୁ ଆସିବ ? ମଧ୍ୟଯୁଗରେ ବୈଦେଶିକମାନଙ୍କ କବଳରୁ ସୁରକ୍ଷା ଦେବାପାଇଁ ସାମାଜିକ ବିଧିବିଧାନ ପ୍ରଚଳନ କରିଥିଲେ ଆମ ସମାଜ ଶାସ୍ତ୍ରୀମାନେ। ଏବେ କିନ୍ତୁ ଶତ୍ରୁ ଆମ ପରିବାରରେ ଆମ ପ୍ରତିବେଶୀଘରେ ଆମ ରାଜ ରାସ୍ତାରେ ଆମ ବିଦ୍ୟାଳୟ ମହାବିଦ୍ୟାଳୟରେ ଆମ କାର୍ଯ୍ୟାଳୟରେ ଏପରିକି ବିଧାନ ସଭା ଓ ସଂସଦରେ ବି। ଏମାନେ କେହି ସାତ ସମୁଦ୍ର ତେର ନଈ ପାର ହୋଇ ଆମ ଉପରେ ପ୍ରଭୁତ୍ୱ ବିସ୍ତାର କରିନାହାନ୍ତି ଯେ ଆମେ ଏମାନଙ୍କ ଭୟରେ ଆମ ଝିଅ ବୋହୁଙ୍କୁ ସାତ ସିନ୍ଧୁକରେ ତାଲାଦେଇ ରଖିବୁ।

ତେବେ କ'ଣ ଏହା ସମାଧାନର ସୂତ୍ର ! ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା ଯେଉଁମାନଙ୍କ ହସ୍ତରେ ଆଇନ୍‌ର ସୁରକ୍ଷା ଭାର ଦିଆହୋଇଛି, ନାରୀମାନଙ୍କର ସମସ୍ୟା ଅନୁଧ୍ୟାନ କରିବାପାଇଁ ଯେଉଁମାନଙ୍କ ହାତରେ ସ୍ୱତନ୍ତ୍ର କ୍ଷମତା ନ୍ୟସ୍ତ କରାଯାଇଛି ଠିକଣାବେଳକୁ ସେମାନେ ସମସ୍ତେ ଦାୟିତ୍ୱହୀନ ହୋଇ ପଡୁଛନ୍ତି। ଉପର ବଶବର୍ତ୍ତୀ ହୋଇ ହେଉ ଅଥବା ଅବହେଳା ବଶତଃ ହେଉ ସେମାନେ କର୍ତ୍ତବ୍ୟପାଳନରେ ଆଦୌ ବିଶ୍ୱସ୍ତ ଓ ଭରସା ଯୋଗ୍ୟ ନୁହଁନ୍ତି। ପିପିଲିର ଗଣବଳାତ୍କାରରେ ଏହି ସତ୍ୟଟି ପଦାକୁ ଆସିଛି। ସବୁଆଡୁ ନିରାଶ ହୋଇ କୋମା ଅବସ୍ଥାରେ ଥିବା ପୀଡିତାକୁ ମାନବାଧିକାର କମିଶନଙ୍କ ବାରଣ୍ଡାକୁ ଆଣିବାର ଦୃଷ୍ଟାନ୍ତ ଅତୀତରେ କେବେ ହୋଇନଥିଲା।

ପ୍ରତିପତ୍ତିଶାଳୀ ଅପରାଧି ଆଇନ୍ ଆଖିରେ ଧୂଳିଦେଇ ଖସିଯାଇଥାନ୍ତି ଓ କଖାରୁଚୋରମାନେ ହିଁ ଆମ ବିଧିବ୍ୟବସ୍ଥାରେ ଫାଶୀପାଇ ଥାଆନ୍ତି। ପେଟ ଉଖଣ୍ଡେକ ପାଇଁ କରିଥିବା ଅପରାଧରୁ ସେମାନଙ୍କୁ କ୍ଷମାମିଳେନାହିଁ ଅଥଚ ଅପରାଧ କରିବା ଯେଉଁମାନଙ୍କର ସୌଖିନ୍ ବିଳାସ, ଅପରାଧ ପ୍ରବଣତା ଯାହାର ଶିରାପ୍ରଶିରା ଓ ଅସ୍ଥିମଜ୍ଜାରେ ପ୍ରବାହିତ ଆଇନ୍

ସେମାନଙ୍କୁ ସୁରକ୍ଷା ଦିଏ । ସେମାନଙ୍କ ନିର୍ଦ୍ଦୋଷତା ପ୍ରମାଣ ପାଇଁ ବହୁ ପ୍ରତିଷ୍ଠିତ ଓକିଲ ସୁପାରିଶ କରନ୍ତି । ଆମ ବ୍ୟବସ୍ଥା ସେମାନଙ୍କ ପାଇଁ ତତ୍ପର ହୋଇଉଠେ । ଏଇଭଳି ଏକ ପ୍ରଦୂଷିତ ପରିବେଶରେ ପିପିଲିର ପୀଡିତାଙ୍କ ଦୁଃଖ କିଏ ବା ବୁଝିଥାନ୍ତା ! ତା ବାପାର ଆର୍ଥିକ ସମ୍ବଳ ନଥିଲା, ପ୍ରତିପତ୍ତି ନଥିଲା, ଏ କ୍ଷେତ୍ରରେ ଗଣମାଧ୍ୟମମାନେ ହିଁ ପ୍ରକୃଷ୍ଟ ଭୂମିକା ନିର୍ବାହକଲେ ଓ ବିଚରୀ ପୀଡିତାଟିକୁ ଆସନ୍ନ ମୃତ୍ୟୁମୁଖରୁ ବଞ୍ଚେଇଲେ ।

କେବଳ ପିପିଲ ପୀଡିତା ପ୍ରସଙ୍ଗ ନୁହେଁ । ଏହାପରେ ପରେ ଯେଉଁ କେତୋଟି ଘଟଣା ଲୋକଲୋଚନକୁ ଆସିଛି ସବୁଠି ପୋଲିସ୍ ବିଭାଗର ଅପାରଗତା ସାବ୍ୟସ୍ତ ହୋଇଛି । ଶାଳିଆସାହିରୁ ପଟ୍ଟମୁଣ୍ଡାଇର ଝିଅ ଅପହରଣ ପ୍ରସଙ୍ଗ ହେଉ ଖଇରା ଥାନାର ଯୁବତୀ ବଳାତ୍କାର ଓ ବ୍ଲସିଡି ପ୍ରସଙ୍ଗ ହେଉ ସବୁଠି ସେଇ ଏକା କଥା । ଅପରାଧିମାନଙ୍କୁ ଅଭୟପ୍ରଦାନରେ ଯେତିକି ତତ୍ପରତା ପୋଲିସ୍ ବିଭାଗ ପ୍ରଦର୍ଶନ କରେ ପୀଡିତାଙ୍କଠାରୁ ଅଭିଯୋଗ ଗ୍ରହଣ କରିବାରେ ନୁହେଁ । ଏହାଛଡା ପୀଡିତାଟିଏ ଅଭିଯୋଗ କରିବାକୁ ଆସି ଏମାନଙ୍କ ଦ୍ୱାରା ଆହୁରି ନିର୍ଯ୍ୟାତିତା ହେବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ସୌଭାଗ୍ୟ ବଶତଃ ପୀଡିତାଟିଏ ଏ ପର୍ଯ୍ୟାୟ ଅତିକ୍ରମ କରି ଯେତେବେଳେ ନ୍ୟାୟାଳୟକୁ ଯାଏ ସେଠାରେ ମଧ୍ୟ ନ୍ୟାୟ ପାଇବାର ସମ୍ଭାବନା କମ୍ ଥାଏ । ଅତ୍ୟାଚର କରିବା ଯେଉଁମାନଙ୍କର ସୌଖିନ୍‌ବିଳାସ ସେମାନେ ନିଶ୍ଚୟ ପ୍ରତିପତ୍ତିଶାଳୀ । ସେମାନଙ୍କ ନିର୍ଦ୍ଦୋଷପଣ ସାବ୍ୟସ୍ତ କରନ୍ତି ଉଚ୍ଚଡିଗ୍ରୀଧାରୀ ଅଭିଜ୍ଞତା ସଂପନ୍ନ ଓକିଲମାନେ । ରାଜନେତାମାନେ କେଶ୍‌କୁ ପ୍ରଭାବିତ କରନ୍ତି । ନ୍ୟାୟ ପାଇବାପାଇଁ ପୀଡିତାଙ୍କୁ ବର୍ଷବର୍ଷଧରି ଅପେକ୍ଷା କରିବାକୁ ହୁଏ । ଏପରିକି ଦୁଇତିନି ଦଶନ୍ଧି ପର୍ଯ୍ୟନ୍ତ ସୁଦ୍ଧା ।

ନାରୀ ଧର୍ଷଣ ଅପହରଣ ଆଦି ଅପରାଧ ଯୁଗେ ଯୁଗେ ଥିଲା,ଏବେବି ଅଛି । ଆସୁରିକ ଶକ୍ତି ସପନ୍ନ ବ୍ୟକ୍ତିତ୍ୱମାନଙ୍କ ପାଖରୁ ଏହିଭଳି ଜଘନ୍ୟ କାର୍ଯ୍ୟକଳାପ ଯେ କୌଣସି ମୁହୂର୍ତ୍ତରେ ଆଶଙ୍କା କରାଯାଇଥାଏ । ଯୁଗେଯୁଗେ ଏମାନଙ୍କ କୁତ୍ସିତ ବାସନା ପାଇଁ ଅନେକ ସରଳା ନିରୀହା ନାରୀ ବଳୀ ପଡିଛନ୍ତି । କିନ୍ତୁ ଏ ଅପକର୍ମକାରୀମାନେ ବେଶିଦିନ ତିଷ୍ଠିପାରି ନଥା'ନ୍ତି । ସେମାନେ ଯେତେ ପ୍ରତିପତ୍ତିଶାଳୀ ହୁଅନ୍ତୁ ନା କାହିଁକି ସେମାନଙ୍କ କୁକର୍ମର ଫଳ ଭୋଗିବାକୁ ପଡଛି । ସୀତା ହରଣ, ରାବଣ ମରଣ, ଦ୍ରୌପଦୀଙ୍କୁ ବିବସ୍ତ୍ରନା କରି କୁରୁବଂଶ ଧ୍ୱଂସଭଳି ବିଶ୍ୱ ଇତିହାସରେ ରାଶିରାଶି ଘଟଣା ଏହିଭଳି ଘଟିଛି । ତଥାପି ନାରୀମାନଙ୍କ ପ୍ରତି ଦୃଷ୍ଟି କୋଣରେ ପରିବର୍ତ୍ତନ ହୋଇନାହିଁ । ବରଂ ଦିନକୁ ଦିନ ଏହି ଅପରାଧ ବୃଦ୍ଧି ଘଟିବାରେ ଲାଗିଛି । କିନ୍ତୁ କ୍ଷୋଭର ବିଷୟ ଏହା ଯେ ସେତେବେଳେ ଏହି ଅପଶକ୍ତିକୁ ସମସ୍ତେ ନିର୍ଭୟ ଚିତ୍ତରେ ବିରୋଧ କରୁଥିଲେ । ରାବଣ ସହ ଜଟାୟୁ ପକ୍ଷୀର ଯୁଦ୍ଧ ମୂଳରେ ପୁରାଣକାର ଏହି ସନ୍ଦେଶ

ହିଁ ଦେଇଛନ୍ତି । କିନ୍ତୁ ଏ ଯୁଗରେ ଏ ଅପଶକ୍ତିମାନେ ରାଜନେତାଙ୍କ ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ବେଶ୍ ଗେହ୍ଲାପୁଅ ଭଳି ସଂସାରରେ ଆତଯାତ ହେଉଛନ୍ତି । ଜଘନ୍ୟ ଅପରାଧ କରି ସୁଦ୍ଧା ଦୋଷମୁକ୍ତ ହୋଇ ଛାତି ଫୁଲେଇ ବାଟ ଚାଲୁଛନ୍ତି । ଏମାନଙ୍କ ଦୌରାତ୍ମ୍ୟରେ ସଦାସନ୍ତ୍ରସ୍ତ ହୋଇ ରହିଛନ୍ତି ମହିଳା । ଏମାନଙ୍କ ସହ ଶତ୍ରୁତା ଯେପରି ଉଦ୍‌ବେଗଜନକ ବନ୍ଧୁତା ତାଠାରୁ ବଳି ବିପଦ୍‌ଜନକ । ବନ୍ଧୁତାର ଦ୍ୱାହି ଦେଇ ପ୍ରଥମେ ମହିଳାମାନଙ୍କର ମନ ଓ ତାପରେ ହୃଦୟ ଜିଣିବାରେ ଅଭିନୟ କରନ୍ତି ଓ ପରେ ବ୍ଲୁସିଡି ମାମଲାଭଳି ନୂଆ ନୂଆ ସମସ୍ୟାରେ ସେମାନଙ୍କୁ ଛନ୍ଦି ଦେଇଥାନ୍ତି । ପୁଣି ଶତ୍ରୁତା ଆଚରଣ କଲେ କେତେବେଳେ ଏସିଡ୍ ମାଡ ଅଥବା ଧର୍ଷଣରେ ହତ୍ୟାର ଶିକାର ହୋଇଥାନ୍ତି । ନାରୀମାନଙ୍କ ସ୍ଥିତିସିନା ବିପନ୍ନ କିନ୍ତୁ ଅପରାଧୀମାନଙ୍କୁ ସୁରକ୍ଷା ଦେବାପାଇଁ ବେଶ୍ କିଛି ଶକ୍ତି ତତ୍ପର ହୋଇ ରହିଥାନ୍ତି । ଏ କ୍ଷେତ୍ରରେ "ସ୍କନ୍ଦ ନବାଧତି ରାଜା ତବ ବାଧତି ବାଧତେ" ଭଳି ନିଜ ଓଠ ନିଜେ କାମୁଡ଼ି ରହିବା ବ୍ୟତୀତ କ'ଣ କରାଯାଇପାରେ ?

ଏ ଲଜ୍ଜ୍ୟାଜନକ ପରିସ୍ଥିତିରୁ କ'ଣ ସତରେ ଆମର ମୁକ୍ତି ନାହିଁ ?

❑❑

ଆମ ଚେତନାରେ ଶୁଲିଆ ଯାତ୍ରା

ସକଳ ପ୍ରକାର ପ୍ରଶାସନିକ ତତ୍ପରତା ସତ୍ତ୍ୱେ ବଲାଙ୍ଗିର ଶୁଲିଆ ଯାତ୍ରାର ବିଭତ୍ସତାକୁ ରୋକାଯାଇ ପାରିଲା ନାହିଁ । ୧୪୪ ଧାରାର ଅବମାନନା ହେଲା, ପୋଲିସ୍ ପ୍ରଶାସନ ଓ ଗଣମାଧ୍ୟମର ପ୍ରତିନିଧିଙ୍କ ଉପସ୍ଥିତିରେ ହିଁ ନିରୀହ ପଶୁପକ୍ଷୀମାନଙ୍କୁ ନାରକୀୟ ଭାବରେ ହତ୍ୟା କରାଗଲା । ରୀତିନୀତି ପୂଜା ପଦ୍ଧତି ପ୍ରଥା ପରଂପରା ନାଁରେ ଏହି ଅମାନବିକ କ୍ରିୟାକଳାପ ଜାରି ରହିଲା ପୁଣି ଆସନ୍ତା ବର୍ଷ ଶୁଲିଆ ଯାତ୍ରା ପର୍ଯ୍ୟନ୍ତ । ସ୍ଥାନୀୟ ଲୋକେ ପୁଣି ମାନସିକ କରିବେ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହାସଲ ହେଲେ ଶୁଲିଆକୁ ପଶୁବଳିଟିଏ ଦେବାପାଇଁ । କେବଳ ଶୁଲିଆ ପୀଠ ନୁହେଁ ଏହାଠାରୁ ବଳି ଆହୁରି ବିଭତ୍ସ ଦୃଶ୍ୟ ଦେଖିବାକୁ ମିଳେ ଛତ୍ରଯାତ୍ରାରେ । ଦଶହରା ଅବସରରେ ପ୍ରତିବର୍ଷ ଭବାନୀପାଟଣାରେ ଏହି ଯାତ୍ରା ଅନୁଷ୍ଠିତ ହୁଏ । ରାଜରାସ୍ତାରେ ହଜାର ହଜାର ସଂଖ୍ୟାରେ ଛେଳିମେଣ୍ଢା, କୁକୁଡ଼ା, ବତକ, ପାରା ଆଦି ବଳି ଦିଆଯାଏ, ଦେବୀ ମାଣିକେଶ୍ୱରୀଙ୍କ ସ୍ୱାଗତ କରିବାପାଇଁ । ସହରର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ରକ୍ତ ରଞ୍ଜିତ ରାସ୍ତାରେ ଦେବୀ ଶୋଭାଯାତ୍ରାରେ ପରିକ୍ରମଣ କରନ୍ତି । ଏ ଲୋମହର୍ଷଣକାରୀ ଦୃଶ୍ୟକୁ ସ୍ୱଚକ୍ଷୁରେ ନ ଦେଖିଲେ ଯେତେ ବର୍ଣ୍ଣନା କଲେ ବି ତାହା ଯଥେଷ୍ଟ ହେବନାହିଁ । କେବଳ ପଶ୍ଚିମ ଓଡ଼ିଶା ନୁହେଁ ସମଗ୍ର ଓଡିଶାର ଦେବୀପୀଠ ମାନଙ୍କରେ ଏକଦା ବଳିପ୍ରଥା ପ୍ରଚଳିତ ଥିଲା । ଧୀରେ ଧୀରେ ସ୍ଥାନୀୟ ଲୋକଙ୍କ ସଚେତନତା ଓ ପ୍ରଶାସନିକ ହସ୍ତକ୍ଷେପ ଫଳରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବଳିପ୍ରଥା ଆଉ ନାହିଁ କହିଲେ ଚଳେ । କିନ୍ତୁ ପଶ୍ଚିମ ଓଡ଼ିଶା,ଅବିଭକ୍ତ କୋରାପୁଟ ଜିଲ୍ଲାର ଦେବୀପୀଠ ଓ ଆଦିବାସୀମାନଙ୍କର ପ୍ରଥା ପରଂପରାରେ ଏହା ଏବେ ବି ବଳବତ୍ତର ହୋଇ ରହିଛି ।

କେବଳ ଶୁଲିଆ ବଳି ଅଥବା ଛତ୍ରଯାତ୍ରା କୁସଂସ୍କାର ଭଳି ପଶୁବଳି ନଦେଲେ ବି ଆମ ସମାଜରେ ଏମିତି ଅନ୍ଧବିଶ୍ୱାସ ରହିଛି ଯାହା ଆମ ବଞ୍ଚିବାର ମାନଦଣ୍ଡକୁ ସର୍ବଦା ନିମ୍ନଗାମୀ କରୁଛି । ବୈଜ୍ଞାନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଶୀର୍ଷସ୍ତରରେ ଅବତରଣ କରି ସୁଦ୍ଧା

ଆମେ ବିଜ୍ଞାନକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚେଇ ପାରିନାହୁଁ । ରୋଗ ବ୍ୟାଧିରୁ ମୁକ୍ତି ପାଇବାପାଇଁ କେବଳ ଆଦିବାସୀ ନୁହଁନ୍ତି ଶିକ୍ଷିତ ଲୋକେ ସୁଦ୍ଧା ଶିରା ଗୁଣିଆ ଦିଶାରୀ, ଜଡିବୁଟି ହୁକୁମ୍ ଓ ବାବାମାନଙ୍କର ସହାୟତା ନେଉଛନ୍ତି । ରୋଗମୁକ୍ତ ହେବାପାଇଁ ଦେବୀପୀଠ ମାନଙ୍କରେ ମାନସିକ କରୁଛନ୍ତି । କେବଳ ଏତିକି ନୁହେଁ ଦାମ୍ପତ୍ୟ କଳହ, ଝିଅବାହାଘର, ପୁଅର ଚାକିରୀ, ବିଗିଡି ଯାଉଥିବା ପୁଅ ଝିଅମାନଙ୍କୁ ସଜାଡିବା ଓ ଚାକିରୀରେ ପ୍ରମୋଶନ ଆଦି ପାଇଁ ମଧ୍ୟ ଶିକ୍ଷିତ ବ୍ୟକ୍ତିମାନେ ଏମାନଙ୍କର ସାହାରା ନେଉଛନ୍ତି । ଭୂତପ୍ରେତ ଛଡାଇବାକୁ ନାନା ପ୍ରହସନର ଆୟୋଜନ କରୁଛନ୍ତି । ନିଜର ପ୍ରଗତି ପଥରେ ଅନ୍ତରାୟ ବୋଲି ସନ୍ଦେହ କରି ଗୁଣିଆ ଦ୍ୱାରା ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ପ୍ରତି ହିଂସା ଆଚରଣ ଭଳି ଅନେକ ଘଟଣା ଆମେ ସ୍ୱଚକ୍ଷୁରେ ଅଥବା ଗଣ ମାଧ୍ୟମ ମାନଙ୍କରେ ଦେଖିଥାଉ । ଡାହାଣୀ ସନ୍ଦେହରେ ହତ୍ୟା ଅଥବା ବିଷ୍ଠା ଖୁଆଇ ଦାନ୍ତଝାଡି ଗାଁରୁ ତଡିଦେବା ଭଳି ଅନେକ ଘଟଣା ଆମକୁ ଶୁଣିବାକୁ ପଡିଥାଏ । ଏବେ ନିକଟରେ ଷ୍ଟଣ୍ଟମ୍ୟାନ ଅଖନାର ହତ୍ୟାକାରୀ ସଂପର୍କରେ ପ୍ରେତାତ୍ମାର ବୟାନ ଦେବାଭଳି ଚାଞ୍ଚଲ୍ୟକାରୀ ଖବର ପ୍ରାୟ ସମସ୍ତଙ୍କର ଦୃଷ୍ଟିଗୋଚର ହୋଇଥିବ । ନିକଟରେ ପୋଲିସ୍ ଉପରେ ଭରସା ନକରି ଚୋରୀ ଦ୍ରବ୍ୟ ଉଦ୍ଧାର ପାଇଁ ଖଟ ବୁଲେଇବା ସମ୍ବାଦ ଗଣମାଧ୍ୟମ ମାନଙ୍କରେ ପ୍ରଚାରିତ ହୋଇଥିଲା । ଏ ସବୁ କାର୍ଯ୍ୟକଳାପ ହେତୁ ଅନେକ ସାମାଜିକ ବିଭ୍ରାଟ ସୃଷ୍ଟି ହୋଇଥାଏ । ଶାନ୍ତି ଶୃଙ୍ଖଳା ନଷ୍ଟ ହୋଇଥାଏ । କୌଣସି କାରଣ ନଥାଇ ସାମାଜିକ ଅସ୍ଥିରତା ସୃଷ୍ଟିହୋଇଥାଏ ।

ଭଦ୍ରକ ଜିଲ୍ଲାର ଗୋଟାଏ ସ୍କୁଲ୍‌ରେ କ୍ରମାଗତ କେତେଗୁଡିଏ ଝିଅଙ୍କୁ ଭୂତ ଲାଗୁଥିବା ଓ ସେମାନଙ୍କର ନାନା ବିକୃତି ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଡାକ୍ତରମାନେ ସେମାନଙ୍କ ଦେହରେ କିଛି ରୋଗ ନାହିଁ ବୋଲି କହିବା ସତ୍ତ୍ୱେ ସେମାନଙ୍କର ନାନା ଶାରିରୀକ ବିକୃତି ଯେପରି ମୂର୍ଚ୍ଛାଯିବା, ବାଉଳାଙ୍କ ଭଳି ଗପିବା ଓ ବାଡେଇପିଟି ହେବା ଆଦି ଲକ୍ଷଣ କମିନଥିଲା । ଏସବୁ ଯେ ଆମ ଅନ୍ଧବିଶ୍ୱାସ ଓ କୁସଂସ୍କାରର ପାରିପାର୍ଶ୍ୱିକ ପ୍ରଭାବ, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । କୋମଳମତି ଝିଅମାନଙ୍କ ଅବଚେତନରେ ଥିବା ଭୂତପ୍ରେତ ବିଶ୍ୱାସ ହିଁ ଏହିସବୁ ଅଘଟଣର ହେତୁ ।

ବହୁ ସଂପତ୍ତି ପ୍ରାପ୍ତି ପ୍ରଲୋଭନରେ ବାପା ମାଆ ଯେଉଁଠି ନିଜ ସନ୍ତାନମାନଙ୍କୁ ଦେବୀ ପୀଠରେ ବଳିଦେବା ଭଳି ଜଘନ୍ୟ କାର୍ଯ୍ୟ ସଂପନ୍ନ କରିପାରୁଛନ୍ତି, ବହୁକାଳରୁ ପ୍ରଚଳିତ ଶୁଳିଆ ପୀଠର ପରଂପରାକୁ ବଳବତ୍ତର ରଖିବାର ଜିଦ୍‌ରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଗୋଟାଏ କୁସଂସ୍କାରଗ୍ରସ୍ତ ମାନସିକତା ଯେକୌଣସି ପ୍ରକାର ବିଭତ୍ସତାକୁ ସହଜଭାବରେ ଗ୍ରହଣ କରିପାରେ ।

ଏଇଭଳି ବିଶ୍ୱାସକୁ ନେଇ ବଞ୍ଚିଥିବା ଅଶିକ୍ଷିତ ଅସଚେତନ ଦରିଦ୍ର ଜନତା ଅଥବା ଅରଣ୍ୟ ଅଧିବାସୀଙ୍କୁ ଆମେ ଅଙ୍ଗୁଳି ନିର୍ଦ୍ଦେଶ କରୁ ଅଥଚ ଆମ ଭିତରେ ଏମିତି ଅନେକ

ଅଛନ୍ତି ଯେଉଁମାନେ ଜ୍ଞାନ ବିଜ୍ଞାନର ଡିଣ୍ଡିମ୍ ପିଟୁଥାନ୍ତି ଅଥଚ ସେମାନଙ୍କ ବାହୁରେ ବେକରେ ଅବା ଅଣ୍ଟାରେ ଥାଏ ତାବିଜ କବଚ ଅଥବା ଡେଉଁରିଆ, ରୁଦ୍ରାକ୍ଷ । କେଉଁ ଗୁଣିଆ ବାବାଜୀ ଅବା ହୁକୁମ୍ କାଳିସୀଙ୍କ ଦୟାରୁ ସେମାନେ ପାଇଥାନ୍ତି ଓ ପ୍ରତିଦାନରେ ମୋଟା ଅଙ୍କର ଅର୍ଥ ମଧ୍ୟ ପ୍ରଦାନ କରିଥାନ୍ତି । ନିଜର ବିଫଳତାକୁ ସଫଳତାରେ ପରିଣତ କରିବାପାଇଁ ଅଥବା ସଂପତ୍ତି ପ୍ରାପ୍ତିପାଇଁ ଶତକଡା ପଞ୍ଚସ୍ତରୀ ଭାଗ ଶିକ୍ଷସମାଜର ଲୋକ ବିଭିନ୍ନ ପ୍ରକାର ପଥର ବ୍ୟବହାର କରିଥାନ୍ତି । ଗ୍ରହମାନଙ୍କୁ ବଶ କରିବାପାଇଁ ଯାଗଯଜ୍ଞ ହୋମ ଆଦି କରିଥାନ୍ତି । ସେମାନେ ଉଦ୍ଦେଶ୍ୟରେ ସଫଳ ହୁଅନ୍ତି କି ନାହିଁ କେଜାଣି କିନ୍ତୁ ଏହି ଆଶାରେ ହିଁ ସେମାନେ ବଞ୍ଚିଯାଆନ୍ତି କିଛିଦିନ । ସଫଳତା ପାଇଁ ଯେ ଗଭୀର ନିଷ୍ଠା ସାଧନା ଓ କର୍ମତତ୍ପରତାର ଆବଶ୍ୟକତା ରହିଛି ସେ କଥା ସେମାନେ ଭୁଲିଯାଆନ୍ତି । ସେମାନଙ୍କର ଏ ବିଭ୍ରାନ୍ତ ମାନସିକତା ସମାଜକୁ ଗଭୀର ଭାବରେ ଆକ୍ରାନ୍ତ କରିଥାଏ ।

ଏବେ ପୁଣି ଆମ ସମାଜରେ ବାସ୍ତୁନିଶା ସମସ୍ତଙ୍କୁ ଘାରିଛି । ଭାରତୀୟ ବାସ୍ତୁ ଅପେକ୍ଷା ଋଇନିଜ୍ ବାସ୍ତୁପ୍ରତି ଆମେ ବେଶି ବିଶ୍ୱସ୍ତ ହୋଇପଡିଛୁ । ଘରର ସର୍ବାଙ୍ଗୀନ କଲ୍ୟାଣ ପାଇଁ ପେଙ୍ଗ୍ ଶୁଇ ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ସାଇତି ରଖୁଛୁ । ପୁସ୍ତକ ମେଳାରେ ବାସ୍ତୁ ସମ୍ବନ୍ଧୀୟ ଶାସ୍ତ୍ର ବହୁ ସଂଖ୍ୟାରେ ବିକ୍ରି ହେଉଛି । ବୈଜ୍ଞାନିକମାନେ ବାସ୍ତୁକୁ ଅଣବୈଜ୍ଞାନିକ କହୁଥିବା ବେଳେ ଆମ ଭିତରେ ଅନେକ ଏହାକୁ ବାସ୍ତୁବିଜ୍ଞାନ ବୋଲି ମାନ୍ୟତା ଦେଇ ସାରିଲେଣି । ଏପରିକି ଆମ ସଂସଦଗୃହ ବାସ୍ତୁଶାସ୍ତ୍ର ଅନୁଯାୟୀ ହୋଇ ନଥିବାରୁ ଏଠାରେ ଆତଙ୍କବାଦୀ ଆକ୍ରମଣ ହେଲାବୋଲି ବାସ୍ତୁଶାସ୍ତ୍ରରେ ବିଶ୍ୱାସ କରୁଥିବା କେତେକ ନେତା କହନ୍ତି ।

ତେବେ ଏପ୍ରକାର ମାନସିକତା ଓ ଶୁଲିଆ ଯାତ୍ରାର ମାନସିକତା ମଧ୍ୟରେ କିଛି ଫରକ ଅନୁଭୁତ ହୁଏ ନାହିଁ । ସମାଜରେ ଅଶିକ୍ଷିତ ଜନତା ସେମାନଙ୍କ ପାରିପର୍ଶ୍ୱିକ ପରିସ୍ଥିତି ଅନୁସାରେ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପ୍ରଶୟ ଦେବାବେଳେ ଆମେ ଆମ ପାରିପାର୍ଶ୍ୱିକ ପ୍ରଭାବ ଅନୁସାରେ କେତେକ ଅନ୍ଧବିଶ୍ୱାସକୁ ସମ୍ମାନ ଦେଉଛୁ । ଆମ ଭିତରେ ଯେମିତି ବିଶ୍ୱାସ ଓ ଅନ୍ଧବିଶ୍ୱାସ ଭିତରେ ଆମେ ସୀମା ରେଖା ଟାଣିପାରିନାହୁଁ, ସେମାନେ ମଧ୍ୟ ଠିକ୍ ସେହି ସଙ୍କଟରେ ଅଛନ୍ତି ।

ସଂପ୍ରତି ବହୁ ପ୍ରତିଷ୍ଠିତ ବ୍ୟକ୍ତି ନିଜର ଉଚ୍ଚାଭିଳାଷର ଚରିତାର୍ଥପାଇଁ କର୍ମ ପରିବର୍ତ୍ତେ ବାବାମାନଙ୍କ ଉପରେ ବେଶି ଆସ୍ଥା ପ୍ରକଟ କରୁଛନ୍ତି । ଅର୍ଥ କ୍ଷମତା ଓ ପ୍ରତିପତ୍ତିପାଇଁ ବାବାମାନଙ୍କର ଶରଣାପନ୍ନ ହେଉଛନ୍ତି । ମନ୍ଦିରକୁ ଅଜସ୍ର ଅର୍ଥ ଦାନ କରୁଛନ୍ତି । ବିଶେଷତଃ ରାଜନୈତିକ ନେତାମାନଙ୍କ ଭିତରେ ଏ ମାନସିକତାର ପ୍ରାବଲ୍ୟ ପରିଲକ୍ଷିତ ହେଉଛି । ଏମାନଙ୍କ ଆନୁକୂଲ୍ୟରେ ବାବାମାନେ ବହୁ ସମ୍ପତ୍ତିର ମାଲିକ ହୋଇ ପଡୁଛନ୍ତି । ସେମାନଙ୍କ ପ୍ରତିପତ୍ତି ବୃଦ୍ଧି ପାଉଛି । ଅର୍ଥ ସକଳ ଅନର୍ଥର ମୂଳ । ଆଧ୍ୟାତ୍ମିକ ପ୍ରାପ୍ତି ନିମନ୍ତେ ସଂସାର ଜଂଜାଳରୁ ମୁକ୍ତ ହୋଇଥିବା ଏ ସଂସାର ତ୍ୟାଗୀମାନେ ବିଷୟାସକ୍ତ ହେଉଛନ୍ତି । ପଥଭ୍ରଷ୍ଟ ହୋଇ ଲକ୍ଷ୍ୟଚ୍ୟୁତ

ହେଉଛନ୍ତି । ଆଧ୍ୟାତ୍ମବାଦକୁ ଗୌଣ ମନେ କରି ସମ୍ଭୋଗ ବିଳାସରେ କାଳାତିପାତ କରୁଛନ୍ତି । ଯୌନ କେଲେଙ୍କାରୀ ଠାରୁ ଆରମ୍ଭ କରି ଡ୍ରଗ୍ସ କାରବାର ପର୍ଯ୍ୟନ୍ତ ବହୁ ଅସାମାଜିକ କାର୍ଯ୍ୟ କଳାପର କଳଙ୍କିତ ନାୟକ ସାଜୁଛନ୍ତି । ଏକଦା ହିନ୍ଦୁ ଧର୍ମର ଭିତ୍ତିପ୍ରସ୍ତରକୁ ସୁଦୃଢ଼ କରିଥିବା ସନ୍ନ୍ୟାସୀ ତପସ୍ୱୀମାନଙ୍କର ଅଧଃପତନ ପାଇଁ ପ୍ରକାରାନ୍ତରେ ଏହି ଅନ୍ଧବିଶ୍ୱାସ ଅନେକାଂଶରେ ଦାୟୀ ।

ସମାଜରେ କନ୍ୟା ସନ୍ତାନଟିଏ ପିତାମାତାଙ୍କର ଦାହ ସଂସ୍କାର ଓ ଶ୍ରାଦ୍ଧ କ୍ରିୟା ଆଦି ଦେଲେ ସେମାନଙ୍କ ଆତ୍ମା ଅମୋକ୍ଷ ରହିଯିବ ବୋଲି ପ୍ରଚଳିତ ବିଶ୍ୱାସଟି ଆମକୁ କନ୍ୟାଭ୍ରୁଣ ହତ୍ୟାପାଇଁ ଉତ୍ସାହିତ କରୁଛି ଓ ପୁତ୍ରକାମୀ ନାରୀମାନେ ବାବାମାନଙ୍କର ଶରଣାପନ୍ନ ହେଉଛନ୍ତି । ଫଳତଃ ଏହି ବାବା ଅଥବା ଚେଲ୍ଲାମାନଙ୍କର ଲାଳସାର ଶୀକାର ହୋଇ ପ୍ରତାରିତା ହେଉଛନ୍ତି । ମନ୍ଦିର ପ୍ରାଙ୍ଗଣରେ ବଳାତ୍କାର ଓ ହତ୍ୟାଭଳି ବହୁ ବିଭତ୍ସକାଣ୍ଡ ଆମ ଦୃଷ୍ଟିଗୋଚର ହେଉଛି ।

ଶୁଲିଆଯାତ୍ରାର ବିଭତ୍ସତା ଗୋଟାଏ ଦିନପାଇଁ ମଣିଷ ମନରେ ଆସୁରିକ ଚେତନା ଭରିଦିଏ, ତାହା ପୁଣି ସେମାନଙ୍କର ଅଜ୍ଞତା ପ୍ରସୂତ । ଶିକ୍ଷା ଦୀକ୍ଷାହୀନ ଆଦିବାସୀ ଜନତା ସେମାନଙ୍କର ଅନ୍ୟ କେତେକ ପରଂପରାକୁ ଜାବୁଡି ଧରିବା ଭଳି ଏ ପ୍ରଥାକୁ ଜାବୁଡି ଧରିଛନ୍ତି । ଯେଉଁଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ସେମାନେ ଥରେ ଏହି ପ୍ରଥାର ନିରର୍ଥକତା ସଂପର୍କରେ ସଚେତନ ହୋଇଗଲେ ତାହା ଆପେ ଆପେ ଦୂରୀଭୂତ ହୋଇଯିବ । କିନ୍ତୁ ଆମ ତଥା କଥିତ ଉଚ୍ଚଶିକ୍ଷିତମାନଙ୍କ ଚେତନାରୁ ଏ ପ୍ରକାର ଅନ୍ଧବିଶ୍ୱାସ ଦୂରୀଭୂତ କରିବାପାଇଁ କି ସଚେତନତା ସୃଷ୍ଟି କରାଯାଇପାରିବ ? ସମାଜର ପ୍ରତ୍ୟେକ ସ୍ତରକୁ ଆକ୍ରାନ୍ତ କରୁଥିବା ଏ ଅନ୍ଧବିଶ୍ୱାସ ମୂଳୋତ୍ପାଟନ ନ ହେବା ପର୍ଯ୍ୟନ୍ତ ଆମ ପ୍ରଗତି ଯେ ଅନ୍ଧମୁହାଁଣୀ ଭିତରେ ଅଣନିଶ୍ୱାସୀ ହେଉଥିବ ଏଥିରେ ସନ୍ଦେହ ନାହିଁ ।

କୌଣସି ଗୋଟାଏ ସମୟରେ ସମାଜର ଆବଶ୍ୟକତାକୁ ଦୃଷ୍ଟି ସମ୍ମୁଖରେ ରଖି ଲୋକଙ୍କ ହିତପାଇଁ ନୀତିଟିଏ ପ୍ରଣୟନ ହୋଇଥାଏ । ବହୁକାଳ ପର୍ଯ୍ୟନ୍ତ ଏ ନୀତି ପ୍ରଚଳିତ ହେଲେ ତାହା ରୀତିରେ ପରିଣତ ହୁଏ । ଏହି ରୀତିକୁ ପରପୀଢ଼ି ପରଂପରା ରୂପେ ଗ୍ରହଣ କରିନେଇଥାନ୍ତି । ପୁଣି ସେଇ ଜନତାର ହିତପାଇଁ ଆମର ରୀତି ଅଥବା ପରଂପରା ଯେତେ ପ୍ରାଚୀନ ହେଲେ ବି ବଦଳା ଯିବାରେ କିଛି ଅପରାଧ ନାହିଁ । କାରଣ ଯୁଗଅନୁଯାୟୀ ଅନେକ ପରଂପରା ଆମପାଇଁ ନିରର୍ଥକ ହୋଇପଡେ । କିନ୍ତୁ ପରଂପରା ନାଁରେ ଆମେ ସେହି ଅନାବଶ୍ୟକ ପ୍ରଥାକୁ ଜାବୁଡି ଧରୁଛୁ ବିଲେଇ ବାନ୍ଧି ଶ୍ରାଦ୍ଧ କଲାପରି । ଏବେ କିନ୍ତୁ ସମୟ ଆସିଛି ସମାଜପାଇଁ ଦୁଷ୍ଟବ୍ରଣ ପାଲଟିଥିବା କୁପ୍ରଥାକୁ ପରିତ୍ୟାଗ କରି ନୂଆ ନୀତି ନୂଆ ରୀତି ଓ ନୂଆ ପରଂପରା ସୃଷ୍ଟି କରିବା ଆମର କର୍ତ୍ତବ୍ୟ ହେବା ଉଚିତ୍ ।

❑❑

ସଫଳତାର ଅନ୍ୟନାମ କେରଳ

ଭୁବନେଶ୍ୱରରୁ ଚେନ୍ନାଇ ଅଭିମୁଖେ ରେଳଯାତ୍ରା କଲେ ଛୋଟ ଷ୍ଟେସନଟିଏ ପଡେ, କୁମ୍ଭକୋଣମ୍। ନାଁ ଟା କେମିତି ପରିଚିତ ଲାଗିଲା। ସ୍ମୃତିକୋଷ ଉଖାରିଲି ହଠାତ୍ ଆର୍କିମେଡିସଙ୍କ ଉଇରେକ୍କା ଭାବଭଳି ଭାବଟିଏ ଉଦ୍ରେକ ହେଲା। ରାବଣର ଭାଇ କୁମ୍ଭକର୍ଣ୍ଣର ନାମାନୁସାରେ ସ୍ଥାନଟିର ନାମକରଣ ହୋଇନାହିଁ ତ ? ଏଣିକି କୌତୁହଳ ବଢ଼ିଲା, ସ୍ୱର୍ଣ୍ଣମୟୀ ଲଙ୍କାରେ ରାଜତ୍ୱ କରୁଥିବା ଓ ସମଗ୍ର ଦକ୍ଷିଣ ଭାରତକୁ ନିଜ ଅକ୍ତିଆରକୁ ଆଣି ନିଜ ଅନୁଚର ମାନଙ୍କୁ ଖଣ୍ଡେ ଖଣ୍ଡେ ଜାଗିରି ଦେଇଥିବା ରାବଣ ଏ ଲେଖିକାର ଚେତନାରେ ବେଳକୁ ବେଳ ଆଧିପତ୍ୟ ବିସ୍ତାର କରୁଥିଲା। ତ୍ରିଚିନାପଲ୍ଲୀ ଷ୍ଟେସନରେ ତିନିଘଣ୍ଟା ରହଣି ପରେ ଆମର ପରବର୍ତ୍ତୀ ଗାଡି ପହଞ୍ଚିବାର ଥିଲା। ଆମେ ଯାହାକୁ ଇତିହାସ ଓ ଭୂଗୋଳରେ ତ୍ରିଚନାପଲ୍ଲୀ ବୋଲି ପଢ଼ିଥିଲୁ ରେଳଷ୍ଟେସନ୍‌ରେ ହିନ୍ଦି ଓ ଇଂଲିଶ ଅକ୍ଷରରେ ଦେଖିଲୁ ତ୍ରିଚିରାପଲ୍ଲୀ। ପୁଣି କୌତୁହଳ। ରାବଣର ଆଉଜଣେ ଅନୁଚର ତ୍ରିଶିରା। ହୋଇପାରେ ତାରି ସ୍ମୃତିକୁ ଉଜ୍ଜୀବିତ କରିବାପାଇଁ ଏ ସ୍ଥାନର ନାମକରଣ ତ୍ରିଶିରାପଲ୍ଲୀ ବା ତ୍ରିଚିନାପଲ୍ଲୀ, ଦକ୍ଷିଣ ଭାରତର 'ଶ' ଓ 'ଚ'ର ଉଚ୍ଚାରଣଗତ ପାର୍ଥକ୍ୟ ବେଶୀ କିଛି ରହେ ନାହିଁ। 'ଶ'ଟା କେତେବେଳେ 'ଚ' ହୋଇଯାଏ ତ 'ଚ'ଟା 'ଶ' ହୋଇଯାଏ। ଶେଷରେ ଆମ ଲକ୍ଷ୍ୟସ୍ଥଳ କେରଳର ପ୍ରମୁଖ ସାଂସ୍କୃତିକ ସହର ତ୍ରିଶୁର୍ (ତ୍ରିଚୁର୍)ରେ ପହଞ୍ଚିଲୁ। କେରଳ ଶାସ୍ତ୍ରସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତ ଜନବିଜ୍ଞାନ ମଞ୍ଚର ୧୩ଶ ଅଧିବେଶନରେ ଯୋଗ ଦେବା ପାଇଁ ଭାରତ ଜ୍ଞାନ ବିଜ୍ଞାନ ସମିତି ଓଡ଼ିଶା ଶାଖା ତରଫରୁ ଆମେ ପ୍ରତିନିଧିତ୍ୱ କରିଥିଲୁ।

ତ୍ରିଶୁର ଷ୍ଟେସନରେ ପହଞ୍ଚିବା ମାତ୍ରେ ହାତରେ ପ୍ଲାକାର୍ଡ ଧରି କେରଳ ଶାସ୍ତ୍ର ସାହିତ୍ୟ ପରିଷଦର ସ୍ୱେଚ୍ଛାସେବୀ ଆମକୁ ପାଛୋଟି ନେଲେ। ମିନିବସ୍‌ଟିରେ ଆମେ ଚାଲିଲୁ କେରଳର ହୃତ୍‌ପିଣ୍ଡ, କେରଳର ମସ୍ତିଷ୍କ କେରଳ ଶାସ୍ତ୍ର ସାହିତ୍ୟ ପରିଷଦ କାର୍ଯ୍ୟାଳୟ ଅଭିମୁଖେ। ଘରୋଇ ବସ୍‌ଟିଏ ସାମ୍ନା ପଟୁ ଆମକୁ ଅତିକ୍ରମ କରିଗଲା। ବଡ ବଡ ଇଂଲିସ୍ ଅକ୍ଷରରେ ବସ୍ ଉପରେ

ଲେଖାଥିଲା ସୁପର୍ଣ୍ଣକା। ପୁଣି ସ୍ମୃତିକୋଷ ଉଖାରିଲି। ସଫଳ ବି ହେଲି। ରାବଣର ଅଲିଅଳୀ ଭଉଣୀ ଓଡ଼ିଆ ଉଚ୍ଚାରଣୀରେ ସୁପର୍ଣେଖା। ସୁପର୍ଣେଖାର ଶିଷ୍ଟ ଉଚ୍ଚାରଣ ସୁପର୍ଣ୍ଣକା। ବାଟରେ ପଡିଲା ମୟ ଲାବରେଟୋରୀ। ରାବଣର ଆଉଜଣେ ଦକ୍ଷ ଇଞ୍ଜିନିୟର 'ମୟ'। ଏମାନେ ସବୁଥିଲେ ରାବଣର ବଶମ୍ବଦ, ବିଶ୍ୱସ୍ତ। ଦକ୍ଷିଣ ଭାରତ ଅଞ୍ଚଳ ଏମାନଙ୍କର ଲୀଳାଭୂମି ଥିଲା। କୁହାଯାଏ ରାବଣ ନବଗ୍ରହଙ୍କୁ ନିଜ ଅକ୍ତିଆରରେ ରଖିଥିଲା। ଅନ୍ୟାନ୍ୟ ଦେବାଦେବୀ ଦାସଦାସୀ ଭଳି ତା ପାଦତଳେ ଖଟୁଥିଲେ। ଷଡ଼ଋତୁ ମଧ୍ୟ ରାବଣର ଇଚ୍ଛାନୁସାରେ ସେ ଅଞ୍ଚଳକୁ ଓହ୍ଲେଇ ଆସୁଥିଲେ। ରାମାୟଣକାରଙ୍କର ଏ ବକ୍ତବ୍ୟର ଯଥାର୍ଥତା ଆମେ ହୃଦ୍‌ବୋଧ କଲୁ, ଯେତେବେଳେ ଡିସେମ୍ବର ଶେଷସପ୍ତାହରେ ଆମେ ଅନୁଭବ କଲୁ କୋଇଲିର କୁହୁତାନ ସାଙ୍ଗକୁ ଆମ୍ବବଉଳର ବାସ୍ନା, ପାଚିବାକୁ ଅପେକ୍ଷା କରିଥିବା ଆମ୍ବ,ପଣସ ଗଛରେ ଭରପୁର ପଣସ କଠା, ତାଳଗଛରେ ପେନ୍ଥା ପେନ୍ଥା ତାଳ ଓ ମଳୟ ପବନ ଆମକୁ ଉଲ୍ଲସିତ କଲା। ଉତ୍ତର ଭାରତର ଶୀତଲହରୀରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ସମ୍ବାଦମାନ ପରିବେଷଣ ହେଉଥିବା ବେଳେ ଆମେ ବସନ୍ତ ଋତୁର ମଜା ନେଉଥିଲୁ।

କେରଳରେ ଛଅ ସାତ ଦିନ ରହଣି ଭିତରେ ମାଲାୟାଲାମ ଲୋକଙ୍କର ମାର୍ଜିତ ବ୍ୟବହାର, ଭାଷା, ସଂସ୍କୃତି, ଖାଦ୍ୟପେୟ ଓ ଆତିଥେୟତା ଆମକୁ ମୁଗ୍ଧ କଲା। ଲକ୍ଷ୍ମୀ ଓ ସରସ୍ୱତୀ ଉଭୟଙ୍କର ବିଳାସକ୍ଷେତ୍ର କେରଳ ବୋଲି ଅନୁଭୂତ ହେଉଥିଲା। କେରଳର ପ୍ରତି ଧୂଳିକଣାରେ ଯେମିତି ବୌଦ୍ଧିକତାର, ପ୍ରଗତିର, ସମୃଦ୍ଧିର ଓ ପ୍ରାଚୁର୍ଯ୍ୟର ପରିଭାଷା ଲିପିବଦ୍ଧ ହୋଇରହିଥିଲା। ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଲା ସମଗ୍ର ବିଶ୍ୱର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଚିକିତ୍ସା ଶାସ୍ତ୍ର ଓ କଳା ସାହିତ୍ୟ କ୍ଷେତ୍ର ପାଇଁ ପ୍ରମୁଖ ଅବଦାନ ଥିବା କେରଳର ଅଧିବାସୀମାନେ ନିତ୍ୟନୈମିତ୍ତିକ ଜୀବନରେ ସରଳ ନିରାଡମ୍ବର ଓ ପରମ୍ପରାସିଦ୍ଧ। କେରଳର ଯୁବସମ୍ପ୍ରଦାୟଙ୍କୁ ଅତ୍ୟାଧୁନିକ ବେଶପୋଷାକ ବିଭ୍ରାନ୍ତ କରିନାହିଁ। ଲମ୍ବାକେଶ, ମଥାରେ ତିଳକ, ସାଲୱାର କମିଜ୍ ଅଥବା ଶାଢ଼ୀରେ ବେଶ୍ ମାର୍ଜିତ ମନେ ହୁଅନ୍ତି କେରଳୀ ଝିଅ ଓ ମହିଳା। ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କର ଏପରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବୋଧହୁଏ ଦେଶର ଅନ୍ୟ କୌଣସି ରାଜ୍ୟରେ ପରିଲକ୍ଷିତ ହୁଏନାହିଁ। ସମସ୍ତେ ବାରିହୋଇପଡନ୍ତି ସେମାନଙ୍କ ପାରମ୍ପରିକ ବେଶପୋଷାକରୁ ଅଥଚ କେହି କାହାର ବ୍ୟକ୍ତିଗତ ଧର୍ମଧାରଣା ଉପରେ ନାସିକା ପ୍ରବେଶ କରନ୍ତିନାହିଁ।

ଆମ ଇତିହାସକାରମାନେ ଆର୍ଯ୍ୟ ଓ ଦ୍ରାବିଡ ଭିତ୍ତିରେ ଭାରତୀୟ ସଭ୍ୟତାକୁ ଦୁଇଭାଗରେ ବିଭକ୍ତ କରିଦେଇଛନ୍ତି। ଅବଶ୍ୟ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ଜୀବନଶୈଳୀରେ କିଛିଟା ପାର୍ଥକ୍ୟ ଅନୁଭୂତ ହୁଏ, କିନ୍ତୁ ଦ୍ରାବିଡମାନେ କୌଣସି ଗୁଣରେ ଆର୍ଯ୍ୟମାନଙ୍କଠାରୁ ନ୍ୟୂନ ନଥିଲେ। ରାମାୟଣକାର କାହିଁକି ଯେ ଏ ଅଞ୍ଚଳର ଚାରିତ୍ରିକ ବିଶେଷତ୍ୱ

ଚିତ୍ରଣ କଲାବେଳେ ଏମିତି ନିଷ୍ଠୁର ହୋଇପଡ଼ିଛନ୍ତି ବୁଝିହୁଏ ନାହିଁ । ଆମ ଦେଶର ଭୌଗୋଳିକ ପ୍ରଭାବରେ ଏ ଅଞ୍ଚଳର ଲୋକମାନେ କିଞ୍ଚିତ କଳା କିନ୍ତୁ ଉତ୍ତମ ଗଠନ ସମ୍ପନ୍ନ । ବାଲ୍ମିକୀ ଥିଲେ ଉତ୍ତର ଭାରତର ଓ ଆର୍ଯ୍ୟମାନଙ୍କର ବଂଶଧର ପୁଣି ରାମାୟଣର ଏକ ପ୍ରମୁଖ ଚରିତ୍ର । ନିଜ ବଂଶ ପରମ୍ପରା ଆଦି ବର୍ଣ୍ଣନା କଲାବେଳେ ସେ ନିଶ୍ଚୟ ଶତଜିହ୍ୱ ହୋଇଥିବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ବାସ୍ତବ ଦୃଷ୍ଟିରୁ ବିଚାର କଲେ ତତ୍କାଳୀନ ଭାରତରେ ଦ୍ରାବିଡମାନଙ୍କର ପ୍ରତିପତ୍ତି, ପ୍ରଗତି ଓ ପ୍ରାଚୁର୍ଯ୍ୟ ନିଶ୍ଚୟ ଉତ୍ତର ଭାରତୀୟମାନଙ୍କୁ ଚମତ୍କୃତ କରିଥିବ । ଏକାଥରେ ଦଶଟି ବିଷୟରେ ଚିନ୍ତା କରିପାରୁଥିବା ଅସାଧାରଣ ଜ୍ଞାନସମ୍ପନ୍ନ ରାବଣକୁ ଦଶମୁଣ୍ଡିଆ ଦଶାନନ କରିଦେଲେ । ଅସାଧାରଣ ଜ୍ଞାନକୌଶଳର ଅଧିକାରୀ ସେଠାକାର ବୈଜ୍ଞାନିକମାନଙ୍କୁ ମାୟାକାରୀ ଅଥବା ଯାଦୁବିଦ୍ୟାର ଅଧିକାରୀ ବୋଲି ଅପବାଦ ଦେଲେ । ସେମାନଙ୍କର ନିରଙ୍କୁଶ ଜୀବନଯାପନ ପଦ୍ଧତିରୁ ଓ ପ୍ରଗତି ଦୃଷ୍ଟିରୁ ଭାରତବର୍ଷରେ ସର୍ବାଗ୍ରସ୍ଥିତିକୁ ଔଦ୍ଧତ୍ୟ ଅହଂକାରରର ଅପନିନ୍ଦା ଦେଲେ । ଗୋଟାଏ କଥାରେ ଏମାନଙ୍କର ସବୁ ସୁଗୁଣ ଦୁର୍ଗୁଣରେ ରୂପାନ୍ତରିତ ହେଲା । ସେମାନେ ରାକ୍ଷସ ରୂପରେ ଚିତ୍ରିତ ହେଲେ । କିନ୍ତୁ ଏ କଥା ସତ୍ୟ ଯେ, ଦ୍ରାବିଡମାନଙ୍କର ପ୍ରାଚୁର୍ଯ୍ୟ ଆର୍ଯ୍ୟମାନଙ୍କ ପାଖରେ ନଥିଲା । ପୁଷ୍ପକ ବିମାନ ଭଳି ବିମାନଟିଏ ରାମଚନ୍ଦ୍ରଙ୍କର ନଥିଲା କି ଅଯୋଧ୍ୟାର ପ୍ରାସାଦ ସବୁ ସ୍ୱର୍ଣ୍ଣରେ ନିର୍ମିତ ନଥିଲା । ଏତିକି କୁହାଯାଇପାରେ ରାମାୟଣକାର ଯଦି ଉତ୍ତର ଭାରତର ନହୋଇ ଦକ୍ଷିଣ ଭାରତର ହୋଇଥାନ୍ତେ, ହୁଏତ ରାମାୟଣର ଚରିତ୍ର ସମୂହ ଆମ ଆଗରେ ଭିନ୍ନ ରୂପରେ ପ୍ରତିଭାତ ହୋଇଥାନ୍ତେ । କୁମ୍ଭକର୍ଣ୍ଣ, ସୁପର୍ଣ୍ଣକା, ତ୍ରିଶିରା ଆଦି ଯେଉଁମାନେ ଏବେ ବି ସ୍ଥାନୀୟ ଲୋକଙ୍କ ଦୃଷ୍ଟିରେ ମର୍ଯ୍ୟାଦାବନ୍ତ ଆମେ ସେମାନଙ୍କୁ ରାକ୍ଷସ ଓ ରାକ୍ଷସୀ ବୋଲି କହିନଥାନ୍ତେ । ସେମାନଙ୍କ ଚରିତ୍ରର ବହୁ ଉତ୍ତମ ଦିଗ ଆମ ଆଗରେ ଉଦ୍‌ଭାସିତ ହୋଇଥା'ନ୍ତା ।

ଏ ତ ସବୁ ପୁରାଣ ଇତିହାସ ପ୍ରସଙ୍ଗ । କେରଳର ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କଲେ ଆମ ଦେଶରେ ଏ ରାଜ୍ୟ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହେବାର ଅନେକ ରହସ୍ୟ ଆପେ ଆପେ ଉନ୍ମୋଚିତ ହୋଇଯାଏ । କେରଳର ଭୌଗୋଳିକ ସ୍ଥିତି ହିଁ ଏହାକୁ ସମୃଦ୍ଧିଶାଳୀ କରିଛି । ବର୍ଷା ଓ ବସନ୍ତ ଦୁଇଟି ଋତୁ ଅନୁଭୂତ ହୁଏ ଏ ରାଜ୍ୟରେ । ସମୁଦ୍ର ଉପକୂଳରେ ଅବସ୍ଥିତ ଥିବାରୁ ନଡିଆ, ଗୁଆ, ତାଳ, ପାମ୍, ରବର ଆଦି ଏ ଅଞ୍ଚଳରେ ପ୍ରମୁଖ ଅର୍ଥକାରୀ ବୃକ୍ଷ । କୃଷକମାନଙ୍କୁ ବର୍ଷସାରା କୃଷିକାର୍ଯ୍ୟରେ ଲିପ୍ତ ହେବାକୁ ପଡେନାହିଁ । ଅନ୍ୟାନ୍ୟ ସମୟ ଏମାନେ ନିଜର ବୌଦ୍ଧିକ ବିକାଶ ପାଇଁ ନିୟୋଜିତ କରିଥାନ୍ତି । ଜ୍ଞାନୀ ଗୁଣୀ ଓ ପଣ୍ଡିତମାନଙ୍କର ଅପୂର୍ବ ସମାବେଶ ଏ ରାଜ୍ୟରେ । ଶିକ୍ଷାର ଅଭୁତପୂର୍ବ ବିକାଶ ଏମାନଙ୍କ ଜୀବନଶୈଳୀକୁ ବିଜ୍ଞାନଭିତ୍ତିକ କରିଛି । ଲୋକମାନଙ୍କୁ କର୍ମଠ କରିଛି । ଆଳସ୍ୟ ଦୁରୀଭୂତ ହୋଇଛି । ଦାରିଦ୍ର୍ୟ ହାର ମାନିଛି । ସମୃଦ୍ଧି ରାଜତ୍ୱ କରିଛି ଦେଶରେ । ସର୍ବୋପରି ପରମ୍ପରା ପ୍ରତି ଆସ୍ଥା ଓ ଆନୁଗତ୍ୟ

ଏ ଜାତିକୁ ଆତ୍ମବିଶ୍ୱାସୀ କରିଛି । ଅଥଚ ଆମ ରାଜ୍ୟରେ ନିଜ ପରମ୍ପରାକୁ, ସଂସ୍କୃତିକୁ ଯିଏ ଯେତେ ଉପହାସ କରିପାରିଲା, ଆମେ ତାକୁ ସେତେ ପ୍ରଗତିବାଦୀ ବୋଲି କହୁ । କିନ୍ତୁ ସେ ରାଜ୍ୟରେ ଠିକ୍ ତା'ର ଓଲଟା । ଭାବା ଅଟୋମିକ୍ ସେଣ୍ଟରର ପ୍ରମୁଖ ବୈଜ୍ଞାନିକମାନେ ସଭାସ୍ଥଳ ମଣ୍ଡନ କରନ୍ତି ପାରମ୍ପରିକ ଲୁଙ୍ଗି ପିନ୍ଧି । ଏସବୁ ପାଳନ କରିବାପାଇଁ ସେମାନଙ୍କ ପାଖରେ ଲିଖିତ ନିୟମ ବା ଅନୁଶାସନ ନାହିଁ । କିନ୍ତୁ ନିଜ ମାଟି ପ୍ରତି ମମତା, ଜନ୍ମଭୂମି ପ୍ରୀତି ସେମାନଙ୍କୁ ଏହିଭଳି ବିଶ୍ୱସ୍ତ କରିଛି । ପୃଥିବୀର ଯେଉଁ କୋଣରେ ଥିଲେ ବି ନିଜ ରାଜ୍ୟର ସ୍ୱାର୍ଥ ପାଇଁ ଚିନ୍ତା କରନ୍ତି । ନିଜକୁ ମାଲୟାଲମ୍ ବୋଲି ପରିଚୟ ଦେବାକୁ ଗର୍ବ ଅନୁଭବ କରନ୍ତି । ଅଥଚ ଆମେ ଓଡ଼ିଆ ହୋଇ ସୁଦ୍ଧା ଓଡ଼ିଆ ଭାଷା କହିପାରୁନାହୁଁ ବୋଲି ସ୍ୱୀକାର କରିବାରେ ଗର୍ବ ଅନୁଭବ କରୁ । ଓଡ଼ିଆ ଜାଣିଥିଲେ ସୁଦ୍ଧା ଦାନ୍ତ ଚାପି ଜିଭ ଟେକି ଓଠ ବଙ୍କେଇ ଅଣଓଡ଼ିଆ ଶୈଳୀରେ ଓଡ଼ିଆ ଉଚ୍ଚାରଣ କରିବାରେ ବେଶ୍ ଆନନ୍ଦ ଅନୁଭବ କରୁ । ଆଈମା' କାଳର ସରୁ ଚକୁଳି ଛୁଞ୍ଚିପତର ଆମ ତଣ୍ଟିରେ ଗଳେନାହିଁ । ପିଜା, ବର୍ଗର, ଚିକେନ୍ ପକୋଡା ଗଲ୍‌ଗାଲ ଗଳିଯାଏ ଆମ ଉଦର ଭିତରକୁ । ସେ ରାଜ୍ୟର ଫାଷ୍ଟଫୁଡ୍ ଦୋକାନ ସହଜରେ ଆଖିରେ ପଡେନାହିଁ । ସେମାନଙ୍କର ପାରମ୍ପରିକ ଖାଦ୍ୟ ଟପିଓକା (ଗୟାଆଳୁ ସିଝା) କଦଳୀ ସିଝା କଦଳୀପତ୍ରରେ ତିଆରି ଆଣ (ଏଣ୍ଡୁରି ପିଠା) ସମ୍ବର ରସମ୍ ଆଦି ପାରମ୍ପରିକ ଖାଦ୍ୟ ଓ ସେଥିରେ ନଡ଼ିଆ ତେଲ ବ୍ୟବହାରକୁ ସେମାନେ ଛାଡିନାହାନ୍ତି । ସଫଳତା ଓ ସମୃଦ୍ଧି ସେ ରାଜ୍ୟର ଶୋଭାମଣ୍ଡନ କରିବ ନାହିଁ ତ ଆଉ କେଉଁଠି କରିବ ।

□□

ଶିକ୍ଷା ଓ ପରୀକ୍ଷା

ଶିଶୁମାନଙ୍କର ମାନସିକ ଚାପ ବୃଦ୍ଧି ହେଉଥିବାରୁ ଆସନ୍ତା ବର୍ଷଠାରୁ ଦଶମ ବୋର୍ଡ ପରୀକ୍ଷା ଉଠାଇଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟମାନଙ୍କୁ ମଧ୍ୟ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାପାଇଁ ପରାମର୍ଶ ଦିଆଯାଇଛି । ଏ ନିଷ୍ପତ୍ତି କେତେଦୂର ଯଥାର୍ଥ ଅବଶ୍ୟ ସମୟ କହିବ କିନ୍ତୁ ଏକଥା ନିଶ୍ଚିତ ଯେ ପରୀକ୍ଷାର ଚାପ ନଥିଲେ ଶିଶୁ ପାଠ ପଢ଼ିବାର କଷ୍ଟ ଉଠାଇବ ନାହିଁ । ଯେତେ ଚେଷ୍ଟା କଲେବି ପାଠ ପଢ଼ିବାକୁ ସମ୍ପୂର୍ଣ୍ଣ ମନୋରଞ୍ଜନ ଧର୍ମୀ କରାଯାଇ ପାରିବ ନାହିଁ, ବିଦ୍ୟା ଅଧ୍ୟୟନ ତପଶ୍ଚରଣ ଭଳି ଗଭୀର ନିଷ୍ଠା, ଅଧ୍ୟବସାୟ, ସାଧନା ଓ ଏକାଗ୍ରତାର ଅପେକ୍ଷା ରଖେ ।

ନୂଆକରି ବିଦ୍ୟାଳୟ ଯାଉଥିବା ଶିଶୁକୁ ଅକ୍ଷର ଓ ନର୍ସରୀ ଗୀତ ଗପ ଶିଖାଇବା କ୍ରୀଡା କୌତୁକ ମାଧ୍ୟମରେ କରାଯାଇପାରେ । କିନ୍ତୁ ସାଂପ୍ରତିକ ପ୍ରତିଯୋଗିତା ପୂର୍ଣ୍ଣ ବିଶ୍ୱରେ ବଞ୍ଚିବାର ମାର୍ଗ ଏତେ ପ୍ରଶସ୍ତ ହୋଇ ଯାଇଛି ଯେ ବିପୁଳ ଜ୍ଞାନ ଆହରଣ ବିନା ଜୀବନ ସଂଗ୍ରାମରେ ଅଗ୍ରସର ହେବା ସମ୍ଭବ ନୁହେଁ । ସେଥିପାଇଁ କଠିନ ପରିଶ୍ରମ ଓ ବ୍ୟାପକ ପ୍ରସ୍ତୁତିର ଆବଶ୍ୟକତା ରହିଛି । ସବୁ ଛାତ୍ର ଜ୍ଞାନ ପିପାସୁ ନୁହନ୍ତି କିମ୍ବା ସମସ୍ତଙ୍କଠାରେ ସମାନ ଧରଣର ମେଧା ନଥାଏ । ପରିଶ୍ରମର ତତ୍‌କାଳ ଫଳ ନମିଳିଲେ ମେଧାବୀ ଛାତ୍ରଛାତ୍ରୀ ସୁଦ୍ଧା ପାଠପଢ଼ାରେ ଅବହେଳା ପ୍ରଦର୍ଶନ କରିବେ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାରକଲେ ଜଣାଯାଏ ଚପଳମତି ଶିଶୁ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ପାଠ ପଢ଼ିନଥାଏ । କେବଳ ପିତାମାତା ଶିକ୍ଷକ ଶିକ୍ଷିକା ଅଥବା ସାଙ୍ଗସାଥୀଙ୍କ ଆଗରେ କିଛି କରି ଦେଖାଇବାର ପ୍ରବଣତା ଅଥବା ଅଭିଭାବକ ଓ ଗୁରୁମାନଙ୍କର ତାଡନା ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ ପ୍ରବର୍ତ୍ତାଇ ଥାଏ ।

ପ୍ରତିଯୋଗିତା ପୂର୍ଣ୍ଣ ମନୋଭାବ ନେଇ ଲକ୍ଷ୍ୟ ହାସଲରେ ସେମାନେ ଲାଗିପଡିଥାନ୍ତି । ତାହା ବୌଦ୍ଧିକ କ୍ଷେତ୍ର ହେଉ କ୍ରୀଡା କସରତ ହେଉ କି ସଂଗୀତ ନୃତ୍ୟ, ଚିତ୍ର ଆଦି କଳାକ୍ଷେତ୍ର ହେଉ । ଏହାଫଳରେ ଶିଶୁର ଲୁକ୍କାୟିତ ପ୍ରତିଭାର ସଂପୂର୍ଣ୍ଣ ବିକାଶ ହୋଇଥାଏ । ତାର ବ୍ୟକ୍ତିତ୍ୱ ଶାଣିତ ହୋଇଥାଏ ।

ଶିକ୍ଷାନବିସମାନଙ୍କ ସହ ପରୀକ୍ଷାର ସମ୍ପର୍କ କାହିଁ କେତେ କାଳରୁ ଚଳି ଆସୁଛି। ପରୀକ୍ଷା ବିନା ଶିକ୍ଷା ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୁଏ ନାହିଁ। ଠିକ୍ ସେମିତି ଉପଯୁକ୍ତ ଶିକ୍ଷା ପ୍ରଦାନ ବିନା ପରୀକ୍ଷା କେବଳ ପ୍ରହସନ ମାତ୍ର। ଆମ ଦେଶରେ ଏବେ ବି କେତେକ ଶିକ୍ଷାନୁଷ୍ଠାନ ରହିଛି ଯେଉଁଠାରେ ପରୀକ୍ଷା ହୁଏ, କିନ୍ତୁ ଶିକ୍ଷାଦାନ ହୁଏନାହିଁ। ମୋଟା ଅଙ୍କର ଅର୍ଥ ଆଦାୟ କରି ଅସଦ୍ ଉପାୟରେ ପରୀକ୍ଷା ଦେବାପାଇଁ ଶିକ୍ଷାନବିସମାନଙ୍କୁ ଉତ୍ସାହିତ କରାଯାଏ। ଛାତ୍ରଛାତ୍ରୀ ପରୀକ୍ଷା ଦିଅନ୍ତି ଓ ମନମୁତାବକ ପ୍ରମାଣ ମଧ୍ୟ ପାଇଥାନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ଜ୍ଞାନ ଆହରଣ କରିପାରନ୍ତି ନାହିଁ। ପୁଣି ଭବିଷ୍ୟତରେ ଜଣେ ଜଣେ ଅସାଧୁ ନାଗରିକ ଭାବେ ଏମାନେ ସମାଜର ପ୍ରଭୁତ କ୍ଷତି ସାଧନ କରିଥାନ୍ତି, କଠିନ ପରିଶ୍ରମ କରି ନିଜ କ୍ୟାରିଅର ଗଢ଼ିଥିବା ଛାତ୍ରଛାତ୍ରୀ କ୍ୱଚିତ ସାମାଜିକ ଦାୟିତ୍ୱ ନିର୍ବାହରେ ଅପାରଗ ସାବ୍ୟସ୍ତ ହୋଇଥାନ୍ତି।

ପ୍ରାଚୀନ ଗୁରୁକୁଳ ଆଶ୍ରମରେ ଆଚାର୍ଯ୍ୟମାନେ ଶିଷ୍ୟମାନଙ୍କର ପରୀକ୍ଷା ଉପରେ ବେଶି ଗୁରୁତ୍ୱ ଦେଉଥିଲେ। ସେ କାଳର ପରୀକ୍ଷା ଥିଲା ଅଦ୍ଭୁତ ପ୍ରକାର। ସାଂପ୍ରତିକ ଶିକ୍ଷା ପଦ୍ଧତି ଭଳି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରୀକ୍ଷା ହେଉନଥିଲା। ବିଭିନ୍ନ ବିଷୟରେ ଜ୍ଞାନ ଆହରଣ ସହ ଆତ୍ମ ଜ୍ଞାନ ଉଦୟ ନହେଲେ ଗୁରୁ ପରୀକ୍ଷା କରୁନଥିଲେ କିମ୍ବା ଶିକ୍ଷା ସମାପ୍ତିର ଆଦେଶ ଦେଉନଥିଲେ। ଏଥିପାଇଁ ଶିଷ୍ୟଟିଏ ଜୀବନ ବ୍ୟାପୀ ସାଧନା ଉତ୍ସର୍ଗ କରଦେଉଥିଲା ତ ପୁଣି ଗୋଟାଏ ମୁହୂର୍ତ୍ତରେ ଶିଷ୍ୟର ଜ୍ଞାନୋଦୟ ଉପଲବ୍ଧି କରି ଗୁରୁ ଶିକ୍ଷା ସମାପ୍ତିର ଘୋଷଣା କରୁଥିଲେ। ଆୟୁର୍ବେଦ ଶାସ୍ତ୍ରର ପ୍ରଣେତା ଚରକ ନିଜର ଯୋଗ୍ୟତାର ପରୀକ୍ଷା ଦେବାପାଇଁ ସାରାଜୀବନ ଉତ୍ସର୍ଗ କରିଦେଇଥିଲେ। ଯାହାର ଫଳ ସ୍ୱରୂପ ବିଶ୍ୱବାସୀ ଅମୂଲ୍ୟ ଆୟୁର୍ବେଦଶାସ୍ତ୍ର 'ଚରକ ସଂହିତା' ପ୍ରାପ୍ତ ହୋଇଥିଲେ।

ଯୁଗେ ଯୁଗେ ଶିକ୍ଷାନବିସ୍‌ର ଜୀବନ ଶୃଙ୍ଖଳିତ ସଂଯତ ଓ ଭୋଗ ବିଳାସ ରହିତ। ଛାତ୍ରାଣାଂ ଅଧ୍ୟୟନଃ ତପଃ ବୋଲି ମଧ୍ୟ କୁହାଯାଇଛି। ଯେ ପର୍ଯ୍ୟନ୍ତ ପରୀକ୍ଷାର ଦାୟିତ୍ୱ ବୋଧ ରହିଛି ସେ ପର୍ଯ୍ୟନ୍ତ ସେ ବିଶ୍ୱସ୍ତ ଭାବରେ ଜ୍ଞାନ ଆହରଣ କରି ଚାଲିଥାଏ। ପରୀକ୍ଷାରେ ଭଲ କରି ପ୍ରଶଂସାର ପାତ୍ର ହେବାର ଗୌରବ ବୋଧ ନରହିଲେ ସେ ପାଠପଢ଼ାରେ ଅମନଯୋଗୀ ହେବ। ଆନୁସଙ୍ଗିକ ଭାବେ ସାଂପ୍ରତିକ ଯୁଗରେ ମନୋରଞ୍ଜନ ପାଇଁ ଯେଉଁ ବ୍ୟାପକ ମାଧ୍ୟମ ରହିଛି ସେଥିପ୍ରତି ଆକର୍ଷିତ ହେବ। ପାଠପଢ଼ାକୁ ଗୌଣ ମନେ କରି ଭୋଗ ବିଳାସରେ ଲିପ୍ତ ରହିବ। ଯେଉଁଠାରେ ଅଭିଭାବକମାନେ ସଚେତନ ଏ ସମସ୍ୟା କିଛି ପରିମାଣରେ ନିୟନ୍ତ୍ରିତ ହୋଇପାରେ କିନ୍ତୁ ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରର ଅର୍ଦ୍ଧାଧିକ ଅଭିଭାବକ କୃଷକ, ଶ୍ରମିକ ଅଥବା ଦିନ ମଜୁରିଆ ଭାବରେ କାମ କରିଥା'ନ୍ତି। ନିଜ ପିଲାମାନଙ୍କୁ ବିଦ୍ୟାଳୟରେ ଦାଖଲ କରିଦେଇ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଅନୁଭବ କରନ୍ତି। ସେମାନଙ୍କ ପାଇଁ ଏ ପରୀକ୍ଷା ଉଚ୍ଛେଦ ନିୟମ ନିଶ୍ଚୟ ମହଙ୍ଗା ପଡିବ। ପରୀକ୍ଷାର ତାଡନା ନଥିବାରୁ ବର୍ତ୍ତମାନ ପାଠ ପଢ଼ାରେ ଗୁରୁତ୍ୱ ଦେବେ ନାହିଁ। ଶିକ୍ଷାଗତ ଜ୍ଞାନ ଅଭାବ ହେତୁ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ସ୍ଥାନପାଇବା ସେମାନଙ୍କ ପାଇଁ ଯେମିତି ଦୁରୁହ ହୋଇପଡିବ ଚାକିରୀ କ୍ଷେତ୍ର ମଧ୍ୟ ସେମାନଙ୍କ ପାଇଁ ସଙ୍କୁଚିତ ହୋଇ ପଡିବାର ଆଶଙ୍କା ରହିଛି।

ଯେକୌଣସି ଯୋଜନା ଓ ଆଇନ କାନୁନର ଭଲ ଓ ମନ୍ଦ ଦୁଇଟା ଦିଗ ଥାଏ। ଭଲଦିଗଟି ସମାଜର ଉପରବର୍ଗ ଉପଭୋଗ କରୁଥିବାବେଳେ ମନ୍ଦ ଦିଗଟି ନିମ୍ନ ବର୍ଗର ଲୋକଙ୍କୁ ଆକ୍ରାନ୍ତ କରିଥାଏ। ଡିପିଇପି ଶିକ୍ଷା ବ୍ୟବସ୍ଥାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଫେଲ ନକରିବାର ଯେଉଁ ନିଷ୍ପତ୍ତି ନିଆଯାଇଛି ସେଥିରେ ସମାଜର ତଳ ଶ୍ରେଣୀର ଛାତ୍ରଛାତ୍ରୀ ବେଶି ପ୍ରଭାବିତ ହେଉଛନ୍ତି। ମେଟ୍ରିକ ପରୀକ୍ଷାରେ ବହୁ ସଂଖ୍ୟକ ଛାତ୍ର ଅକୃତ କାର୍ଯ୍ୟ ହେବାର ମୂଳ ସମସ୍ୟାଟି ଏଇଠି।

ପରୀକ୍ଷା ଉଚ୍ଛେଦ ସଂକ୍ରାନ୍ତୀୟ ଆଉ ଗୋଟିଏ ଯୁକ୍ତି ହେଲା ପରୀକ୍ଷାରେ ଅକୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କର ଆତ୍ମହତ୍ୟା। ଏହା ସବୁ କ୍ଷେତ୍ରରେ ହୋଇନଥାଏ। ଯୋଗ୍ୟତାଠାରୁ ଅଧିକ ଆଶା କରୁଥିବା ଓ ସନ୍ତାନଙ୍କ କୃତୀତ୍ୱକୁ ନେଇ ନିଜର ଆଭିଜାତ୍ୟ ପ୍ରଦର୍ଶନ କରୁଥିବା ଅଭିଭାବକଙ୍କ ସନ୍ତାନଙ୍କ କ୍ଷେତ୍ରରେ ଏପ୍ରକାର ଆଶଙ୍କା ଉପୁଜିଥାଏ। ପିଲାଟି ପରୀକ୍ଷାରେ ଆଶାନୁରୂପ ନମ୍ବର ଆଣି ଅଭିଭାବକଙ୍କ ପ୍ରତ୍ୟାଶାକୁ ଚରିତାର୍ଥ କରିବାରେ ଅସାମର୍ଥ୍ୟ ଓ ତଦ୍‌ଜନିତ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଆଶଙ୍କାରେ ମାନସିକ ଭାରସାମ୍ୟ ହରାଇଥାଏ, ଫଳରେ ତା ଭିତରେ ଆତ୍ମହତ୍ୟା ପ୍ରବଣତା ସୃଷ୍ଟି ହୋଇଥାଏ। ସିଧାସଳଖ ପରୀକ୍ଷାର ଆତଙ୍କ ସେମାନଙ୍କୁ ଯେତିକି ଅସ୍ଥିର କରିନଥାଏ ସେତିକି ଅସ୍ଥିର କରିଥାଏ ପିତାମାତାଙ୍କ ସ୍ୱପ୍ନ ସାର୍ଥକ କରି ନପାରିବାର ଆଶଙ୍କା। ଯେଉଁ ଅପରିଣାମଦର୍ଶୀ ଅଭିଭାବକ ସନ୍ତାନମାନଙ୍କୁ ସଫଳତାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ବିଫଳତାକୁ ସ୍ୱୀକାର କରିବା ଶିଖାଇନଥାନ୍ତି ସେମାନେ ଏଇଭଳି ସଙ୍କଟର ସମ୍ମୁଖୀନ ହେବା ସ୍ୱାଭାବିକ।

ଶିକ୍ଷା ପଦ୍ଧତିରେ ସଂସ୍କାର ନାମରେ ପରୀକ୍ଷା ଉଚ୍ଛେଦ ହେଲେ ଛାତ୍ରମାନଙ୍କର ମାନସିକ ବିକାଶ ହେବା ପରିବର୍ତ୍ତେ ସେମାନଙ୍କଠାରେ ଦାୟିତ୍ୱହୀନତା ଦେଖା ଦେବ। ଶିଶୁମାନେ ସ୍ୱଭାବତଃ ଖେଳପ୍ରିୟ ଓ ଅସ୍ଥିରମନା। ସେମାନଙ୍କୁ ଶୃଙ୍ଖଳିତ ଓ ସଂଯତ କରିବା ପାଇଁ ସ୍ନେହ ଶ୍ରଦ୍ଧା, ସମ୍ବେଦନା ସହ ଅନୁଶାସନର ମଧ୍ୟ ଆବଶ୍ୟକତା ରହିଛି। ଶିଶୁର ସ୍ୱଚ୍ଛନ୍ଦ ବିକାଶ ପାଇଁ ପ୍ରତିଯୋଗିତା ପ୍ରୋତ୍ସାହନ ଓ ପ୍ରେରଣାକୁ ବାଦଦେଲେ ସେମାନଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ହେବ ନାହିଁ। ଏ ପ୍ରେରଣା ଓ ପ୍ରୋତ୍ସାହନ ପ୍ରତିଯୋଗିତାରୁ ମିଳେ। ଯାହାର ମୂଳ ଉତ୍ସ ପରୀକ୍ଷା। ପ୍ରତ୍ୟେକେ ପରୀକ୍ଷାରେ ଶିକ୍ଷାର୍ଥୀମାନେ ଭଲ ନମ୍ବର ରଖିବା ଆଶାରେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିଥାନ୍ତି।

ଶିକ୍ଷାନବିସ୍ ପାଇଁ ପରୀକ୍ଷା ଆଦୌ ଚାପ ନୁହେଁ। ଜୀବନର ରାଜମାର୍ଗରେ ଅହରହ ପରୀକ୍ଷା ଲାଗିରହିଛି। ସାହସର ସହ ଏ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାକୁହିଁ ପ୍ରକୃତ ବଞ୍ଚିବା କୁହାଯାଏ। ଜୀବନରେ ଯେ କୌଣସି ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ସାମର୍ଥ୍ୟ ଓ ଆତ୍ମବିଶ୍ୱାସ ଯୋଗାଇଦେବା ଶିକ୍ଷାର ଅସଲ ଉଦ୍ଦେଶ୍ୟ, ପରୀକ୍ଷା କ୍ଷେତ୍ରରୁ ପଳାୟନ ନୁହେଁ। ଶିରୋବ୍ୟଥାକୁ ଭୟ କରି ଶିର ଛେଦନ କରିବା ସମସ୍ୟା ସମାଧାନର ସୂତ୍ର ନୁହେଁ।

ସମଲିଙ୍ଗୀ ସଂପର୍କ ଓ ଆମ ଯୁବପୀଢ଼ି

ଦୀର୍ଘ ଆଠବର୍ଷ ଧରି ବିଚାରାଧୀନ ଗୋଟିଏ ବିତର୍କିତ ପ୍ରସଙ୍ଗର ସମାଧାନ କରି ଦିଲ୍ଲୀ ହାଇକୋର୍ଟଙ୍କ ରାୟ ସମଗ୍ର ଦେଶରେ ତୁମ୍ଭିତୋଫାନ ସୃଷ୍ଟି କରିଛି । ମାନବାଧିକାରର ନିରାପତ୍ତାକୁ ଦୃଷ୍ଟି ସମ୍ମୁଖରେ ରଖି ଏହି ଐତିହାସିକ ରାୟରେ କୁହାଯାଇଛି, ପ୍ରାପ୍ତବୟସ୍କଙ୍କ ସମଲିଙ୍ଗୀ ସମ୍ପର୍କ ଅବୈଧ ନୁହେଁ । ଏହି ରାୟ ପ୍ରକାଶ ପରେ ସମାଜର ଗୋଟିଏ କ୍ଷୁଦ୍ରଗୋଷ୍ଠୀ ବେଶ୍ ଉଲ୍ଲସିତ ହୋଇପଡିଛନ୍ତି । ନିଜର ଶାରୀରିକ ଓ ମାନସିକ ପ୍ରବୃତ୍ତିକୁ ନେଇ ସେମାନଙ୍କ ଭିତରେ ଥିବା ନ୍ୟୁନବୋଧତା ଆଉ ନାହିଁ । ବରଂ ବିଜୟର ଗୌରବରେ ସେମାନେ ଶୋଭାଯାତ୍ରା କରି ଦିଲ୍ଲୀ ହାଇକୋର୍ଟ ରାୟଙ୍କ ଜୟ ଜୟକାର କରିବା ଗଣମାଧ୍ୟମ ଗୁଡିକରେ ପ୍ରଦର୍ଶିତ ହେବାର ପରିଲକ୍ଷିତ ହୋଇଥିଲା । ଏ ଆନନ୍ଦ ଓ ଉଲ୍ଲାସର ପ୍ରତିନିଧିତ୍ୱ କରୁଥିଲେ ଯୁବଗୋଷ୍ଠୀ । ସବୁ କ୍ରାନ୍ତିକାରୀ ନିଷ୍ପତ୍ତିକୁ ନିର୍ବିଚାରରେ ସ୍ୱାଗତ କଲାଭଳି ଏ ରାୟକୁ ମଧ୍ୟ ସେମାନେ ସ୍ୱାଗତ କରିଛନ୍ତି ।

ଅପରପକ୍ଷରେ ଏ ରାୟ ପ୍ରକାଶ ପାଇବା ପରେ ପ୍ରମାଦ ଗଣିଛନ୍ତି ସମାଜର ରକ୍ଷଣଶୀଳ ବୁଦ୍ଧିଜୀବୀଗୋଷ୍ଠୀ । ଏହାଦ୍ୱାରା ବହୁ ସାମାଜିକ ବିଭ୍ରାଟ ସୃଷ୍ଟି ହେବାର ଆଶଙ୍କା ଏଡିଦେଇ ହେବ ନାହିଁ ବୋଲି ସେମାନଙ୍କ ଚେତାବନୀ । ଏହା ସମ୍ପୂର୍ଣ୍ଣ ବୈଦେଶିକ ଚିନ୍ତା ଚେତନା ପ୍ରସୂତ ଅପସଂସ୍କୃତି । ଭାରତ ବର୍ଷ ଏଭଳି ସଂପର୍କକୁ କେବେ ପ୍ରଶୟ ଦେଇନାହିଁ । ଏବେ ମଧ୍ୟ ଦେବା ଉଚିତ୍ ନୁହେଁ ବୋଲି ସେମାନଙ୍କ ଯୁକ୍ତି । ଏହା ଏକ ଅଣ ପାରମ୍ପରିକ ନିଷ୍ପତ୍ତି ବୋଲି ସେମାନେ କହନ୍ତି ।

କେତୋକାଂଶରେ ବୁଦ୍ଧିଜୀବୀମାନଙ୍କର ଆଶଙ୍କା ଅମୂଳକ ନୁହେଁ । କିନ୍ତୁ ଏ ଚେତନା ଯେ ଭାରତୀୟ ପରଂପରାରେ ନଥିଲା ତାହା ଠିକ୍ ନୁହେଁ । ଅବଶ୍ୟ ଭାରତୀୟ ଜୀବନଧାରାରେ ଏହାର ବହୁଳ ପ୍ରଚାର ପ୍ରସାର ହୋଇନାହିଁ । ଯାହା ରହିଛି ଅତ୍ୟନ୍ତ କୁଣ୍ଠିତ ଓ ନିୟନ୍ତ୍ରିତଭାବରେ । କାରଣ ଭାରତୀୟମାନଙ୍କର ମାନସିକତା ଶୀଳ ଓ ସଂଯମରେ ନିହିତ । ବାତ୍ସାୟନଙ୍କ କାମଶାସ୍ତ୍ରରେ ସମଲିଙ୍ଗୀ ସମ୍ପର୍କ ବିଷୟରେ ଉଲ୍ଲେଖ ଅଛି, କିନ୍ତୁ ଏହାକୁ ସେ ଉତ୍ସାହିତ କରିନାହାନ୍ତି । କୋଣାର୍କ

ଆଦି ମନ୍ଦିର ମାନଙ୍କରେ କେତେକ ସମଲିଙ୍ଗୀ ମୈଥୁନ ମୂର୍ତ୍ତି ଭାରତୀୟ ଯୌନଜୀବନ କଥା କହେ । କାରଣ ତତ୍‌କାଳୀନ ଶିଳ୍ପୀକୂଳ ବୈଦେଶିକ ପ୍ରଭାବରୁ ସଂପୂର୍ଣ୍ଣ ମୁକ୍ତଥିଲେ । ଏସବୁ ବ୍ୟତୀତ ଆମ ପୁରାଣ ଶାସ୍ତ୍ରରେ ମଧ୍ୟ ଠାଏ ଠାଏ ଏହାର ସଂକେତ ରହିଛି । ପବିତ୍ର ପାବନୀ ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିବା ମୂଳରେ ଯେଉଁ ମହାନ ନିଷ୍ଠାବାନ ବ୍ୟକ୍ତିତ୍ୱଙ୍କର ମୁଖ୍ୟ ଭୂମିକା ଥିଲା ତାଙ୍କର ଜନ୍ମ ସମଲିଙ୍ଗୀ ସଂପର୍କରୁ ବୋଲି ପୁରାଣରେ ଉଲ୍ଲେଖ ରହିଛି । କପିଳ ମୁନୀଙ୍କର ଅଭିଶାପରେ ସୂର୍ଯ୍ୟବଂଶୀ ସଗର ରାଜାଙ୍କର ଷାଠିଏ ସହସ୍ର ପୁତ୍ର ଭସ୍ମ ହେଲାପରେ ସେମାନଙ୍କ ମୁକ୍ତି ପାଇଁ ସେହି ବଂଶର ରାଜା ଦିଲ୍ଲୀପ ଉଦ୍ୟମ କରିଥିଲେ । ଦୀର୍ଘକାଳ ତପସ୍ୟା କରି ଗଙ୍ଗାଙ୍କୁ ସନ୍ତୁଷ୍ଟ କରିନପାରିବାରୁ ସେ ଆତ୍ମତ୍ୟାଗ କରିଥିଲେ । ତାଙ୍କର ଦୁଇ ରାଣୀ ଥିଲେ । ସୂର୍ଯ୍ୟବଂଶରେ ବିଷ୍ଣୁଙ୍କ ଅବତାର ହେବା ବିଧି ନିର୍ଦ୍ଦିଷ୍ଟ ଥିଲା । ସେହି ହେତୁ ଏ ବଂଶ ଆଗକୁ ବଢ଼ିବାରେ ଯଥେଷ୍ଟ ଆବଶ୍ୟକତା ଥିଲା । ତେଣୁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଶିବ ଏ ରାଣୀ ଦୁହିଁଙ୍କୁ ପରସ୍ପର ସହବାସ କରି ପୁତ୍ର ଜନ୍ମ ସକାଶେ ନିର୍ଦ୍ଦେଶ ଦେଇଥିଲେ । ଶିବଙ୍କ ଆଦେଶମାନି ରାଣୀ ଦୁହେଁ ମିଳିତ ହୋଇଗଲେ । ସେମାନଙ୍କ ସଂସର୍ଗରୁ ପୁତ୍ର ଭାଗୀରଥ ଜନ୍ମ ହେଲେ ସତ କିନ୍ତୁ ତାଙ୍କ ସୃଷ୍ଟି ମୂଳରେ ପୁରୁଷର ଭୂମିକା ନଥିବାରୁ ଅସ୍ଥି ନିର୍ମାଣ ହୋଇପାରିଲା ନାହିଁ ।

ସେ କେବଳ ମାଂସ ପିଣ୍ଡୁଳା ହୋଇ ଜନ୍ମ ନେଲେ ଓ ସିଧା ହୋଇ ଚାଲି ନପାରି ବଙ୍କା ତେଢ଼ା ହୋଇ ଚାଲିଲେ । ପରେ ଅଷ୍ଟବକ୍ର ଋଷି ତାଙ୍କର ଏହି ପ୍ରକାର ଅଙ୍ଗଭଙ୍ଗୀ ଦେଖି ସେ ତାଙ୍କୁ ଉପହାସ କରୁଛନ୍ତି ଭାବି ଅଭିଶାପ ଦେଇଥିଲେ । ଏହି ଶାପ ବଳରେ ଯଦି ସେ ତାଙ୍କୁ ଉପହାସ କରିଥାନ୍ତି ତା'ହେଲେ ଭସ୍ମହୋଇ ଯିବାକୁ ଓ ଯଦି ପ୍ରକୃତରେ ତାଙ୍କ ଶରୀର ଏହିଁଭଳି ହୋଇଥାଏ ସୁଗଠିତ ହୋଇଯିବାର ନିର୍ଦ୍ଦେଶ ଥିଲା । ଫଳରେ ଭଗୀରଥ ସୁନ୍ଦର ସୁଗଠିତ ରୂପପ୍ରାପ୍ତ ହୋଇଥିଲେ ।

ଏହି ଉପାଖ୍ୟାନର ସାଙ୍କେତିକ ସ୍ୱରୂପ ଯାହାଥାଉନା କାହିଁକି ଏହା ଯେ ଦୁଇଟି ନାରୀଙ୍କର ପରସ୍ପର ଯୌନ ସଂପର୍କର ସୂଚନା ଦିଏ ତାହା ଅସ୍ୱୀକାର କରିହେବ ନାହିଁ । ନିକଟ ଅତୀତରେ ଚଳଚ୍ଚିତ୍ର ଫାୟାରରେ ଶାବନା ଆଜମୀ ଓ ନନ୍ଦିତା ଦାସଙ୍କର ଏଇଭଳି ଅଭିନୟ ବହୁଚର୍ଚ୍ଚିତ ହୋଇଥିଲା । ଗୋଟାଏ ଅଣପାରମ୍ପରିକ ପ୍ରସଙ୍ଗକୁ ଆମ ସଂସ୍କୃତିରେ ଜଡିତ କରାଯାଇଛି ବୋଲି ଗୁଡାଏ ବାଦବିବାଦ ଉପୁଜିଥିଲା ।

ଅବଶ୍ୟ ଏଭଳି ଗୋଟାଏ ସ୍ପର୍ଶକାତର ପ୍ରସଙ୍ଗକୁ ବିଶ୍ୱର କେତେକ ରାଷ୍ଟ୍ର ପ୍ରଶୟ ଦିଅନ୍ତି ନାହିଁ । ଯେଉଁ ରାଷ୍ଟ୍ର ଏହାକୁ ଗ୍ରହଣ କରିଛନ୍ତି ଅନେକ ବାଦବିସମ୍ବାଦ ପରେ ହିଁ ଏହା ସମ୍ଭବ ହୋଇପାରିଛି । ଏହାକୁ କେହି ମାନସିକ ବିକୃତି, ରୋଗ ଅଥବା ପରିବେଶଗତ ପ୍ରଭାବ ଓ ଅପ୍ରାକୃତିକ ବୋଲି ସାବ୍ୟସ୍ତ କରନ୍ତି ଓ କେହି କେହି ଏହା ସ୍ୱାଭାବିକ ପ୍ରକ୍ରିୟା ଏଥିରେ

କୌଣସି ଅପ୍ରାକୃତିକତା ନାହିଁ ବୋଲି ଯୁକ୍ତି ବାଢ଼ନ୍ତି । ପ୍ରସିଦ୍ଧ ଯୋଗଗୁରୁ ବାବା ରାମଦେବ ଯୋଗ ଓ ପ୍ରାଣାୟାମ ଦ୍ୱାରା ଏ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିହେବ ବୋଲି ଯୁକ୍ତି ଦର୍ଶାଇଛନ୍ତି। ସାମାଜିକ ବ୍ୟବସ୍ଥାକୁ ବିନଷ୍ଟ କରିବାର ଆଶଙ୍କା କରି ସେ ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ କରିଛନ୍ତି।

ଏଇଠି ପ୍ରଶ୍ନ ଉଠେ, କେବଳ ମଣିଷ ମାନଙ୍କ ମଧ୍ୟରେ ନୁହେଁ, ଏମିତି କିଛି ଉଦ୍ଭିଦ ଓ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ପ୍ରଜନନ କ୍ରିୟାପାଇଁ ଦୁଇଟି ପୃଥକ ଲିଙ୍ଗର ଆବଶ୍ୟକତା ନାହିଁ। ଜଳଜ ଉଦ୍ଭିଦ ହାଇଡ୍ରା ଓ କୃଷ୍ଣଚୂଡ଼ା ଆଦି ବୃକ୍ଷ ଉଭୟ ଲିଙ୍ଗୀ, ଗୋଟାଏ ଅଙ୍ଗରେ ହିଁ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଥାଏ। ଠିକ୍ ସେମିତି ଗେଣ୍ଡା ଶାମୁକା ଜିଆ ଓ ଆଫ୍ରିକାର ଏକପ୍ରକାର ବେଙ୍ଗ ଅଛନ୍ତି ସେମାନେ ମଧ୍ୟ ସମଲିଙ୍ଗୀ ବା ଉଭୟ ଲିଙ୍ଗୀ। ସେମାନଙ୍କ ମଧ୍ୟରେ ଥିବା ଦୁଇଟି ଯାକ ଲିଙ୍ଗ ପ୍ରଜଜନ ପ୍ରକ୍ରିୟା ପାଇଁ ସହାୟକ ହୋଇଥାଏ।

ତଫାତ୍ ଏତିକି ପ୍ରାଣୀ ଓ ଉଦ୍ଭିଦ ଜଗତର ଉଭୟ ଲିଙ୍ଗତ୍ୱ ପ୍ରଜନନ ପ୍ରକ୍ରିୟାରେ ସହାୟକ ହେଉଥିବାବେଳେ ମନୁଷ୍ୟମାନଙ୍କର ସମଲିଙ୍ଗତ୍ୱ କେବଳ ଜୈବିକ ଆବଶ୍ୟକତା ଅଥବା ପ୍ରବୃତ୍ତିର ଚରିତାର୍ଥ ପାଇଁ ଉଦ୍ଦିଷ୍ଟ ଥାଏ।

ଯୁଗ ବଦଳୁଛି। ଯୁଗୀୟ ଆବଶ୍ୟକତା ସହ ମନୁଷ୍ୟର ମୂଲ୍ୟବୋଧ, ଆଦର୍ଶ, ବଞ୍ଚିବାର ଶୈଳୀ ପରିବର୍ତ୍ତିତ ହେଉଛି। ସଭ୍ୟତାର ଜଗତିକରଣ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରୁଛି। ଯେଉଁ ବିବାହ ଆମ ସଂସ୍କୃତିର ପବିତ୍ର ଅନୁଷ୍ଠାନ ଥିଲା ତାର ମହତ୍ତ୍ୱ ହ୍ରାସ ପାଇଲାଣି।

ଯୁବପୀଢ଼ି ଲିଭିଂଟୁ ଗେଦରକୁ ଆପଣେଇ ନେଲେଣି। ଛାଡପତ୍ର ଏବେ ସମାଜର ଏକ ସହଜ ସାଧାରଣ ପ୍ରସଙ୍ଗଟିଏ। ଯୌନ ପବିତ୍ରତା ଆଉ ସମାଜର ମର୍ଯ୍ୟାଦାବନ୍ତ ପ୍ରସଙ୍ଗ ହୋଇନାହିଁ। ଦୁଇଟି ହୃଦୟର ଆକର୍ଷଣକୁ ଜୈବିକ ଆବଶ୍ୟକତା ବୋଲି ଅନୁଭବ କରିଥିବା ଏ ଯୁବପିଢ଼ିଙ୍କ ପାଖରେ ବଞ୍ଚିବା ହିଁ ଜୀବନର ବୃହତ୍ତର ସତ୍ୟ। ନୈତିକତା, ଆଦର୍ଶ, ମୂଲ୍ୟ ବୋଧ ତା' ପରବର୍ତ୍ତୀ ପ୍ରସଙ୍ଗ। ସେଥିପାଇଁ ସମଲିଙ୍ଗୀ ସଂପର୍କର ବୈଧତା ରାୟ ସେମାନଙ୍କ ପାଇଁ ବେଶ ଉତ୍ସାହପ୍ରଦ ହୋଇଛି। ବ୍ୟକ୍ତିଗତ ଜୀବନରେ କାହାର ହସ୍ତକ୍ଷେପକୁ ସେମାନେ ମାନବିକ ଅଧିକାର ଉଲଂଘନ ବୋଲି ଗ୍ରହଣ କରୁଛନ୍ତି। ଆହାର, ନିଦ୍ରା, ଭୟ, ମୈଥୁନ ଭଳି ନାରୀଟିଏ ନାରୀ ପ୍ରତି ଅଥବା ପୁରୁଷଟିଏ ପୁରୁଷପ୍ରତି ଆକର୍ଷିତ ହେବା ସ୍ୱଭାବସିଦ୍ଧ ଆଚରଣ। ଏହାଛଡା ସମାଜରେ ଯେଉଁ ତୃତୀୟ ଲିଙ୍ଗଅଛନ୍ତି,ସେମାନଙ୍କ ଜୈବିକ ଆବଶ୍ୟକତାକୁ ମଧ୍ୟ ମର୍ଯ୍ୟାଦା ଦେବାକୁ ହେବ।

ପ୍ରଶ୍ନ ଉଠେ ମଣିଷ ସାମାଜିକ ପ୍ରାଣୀଟିଏ। ପୁଣି ବ୍ୟକ୍ତି ବିନା ସମାଜ ଗଠନ ଅସମ୍ଭବ। କିନ୍ତୁ ଏକଥା ସତ୍ୟ ଯେ ଯେତେବେଳେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରାଧାନ୍ୟ ବୃଦ୍ଧି ଲାଭ କରିଛି, ସାମାଜିକ ଜୀବନରେ ବିଭ୍ରାଟ ସୃଷ୍ଟି ହୋଇଛି। ମଣିଷ ଉପରୁ ମଣିଷର ଭରସା ତୁଟିଛି।

ସମାଜରେ ଅନୈତିକତା ସହ ବିଶୃଙ୍ଖଳା ବଢ଼ିଛି । ଅପସଂସ୍କୃତିର ଅପଶକ୍ତି ସଂସାରକୁ କବଳିତ କରିଛି । ଅବଶ୍ୟ ସମାଜତନ୍ତ୍ର ବେଳେବେଳେ ବ୍ୟକ୍ତିର ବଞ୍ଚିବାର ଅଧିକାରକୁ କ୍ଷୁର୍ଣ୍ଣ ନ କରିଛି ତା'ନୁହେଁ । ତଥାପି ସ୍ୱୀକାର କରିବାକୁ ହେବ ଯେ ମଣିଷ ଇତର ପ୍ରାଣୀଙ୍କ ଭଳି ଦେହ ସର୍ବସ୍ୱ ନୁହେଁ । ବୁଦ୍ଧି ବିବେକ, ବିଚାର ଶକ୍ତି ଭଳି କେତେକ ମହନୀୟ ଗୁଣାବଳୀ ଦ୍ୱାରା ସେ ମହିମାମଣ୍ଡିତ ହୋଇଛି । ଯାହା ଇତର ପ୍ରାଣୀଙ୍କ ପାଖରେ ନାହିଁ । ଇତର ପ୍ରାଣୀଙ୍କ ଯୌନ ଜୀବନ ସର୍ବଦା ପ୍ରଜନନ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଆମ ସାମାଜିକ ଜୀବନର ଆବଶ୍ୟକତା ପାଇଁ ମଣିଷ ପ୍ରଜନନକୁ ପ୍ରତିରୋଧ କରି ଯୌନ ଜୀବନ ବଞ୍ଚିଥାଏ । ତେଣୁ ଇତର ପ୍ରାଣୀଙ୍କ ଜୀବନ ଅପେକ୍ଷା ମଣିଷ ଜୀବନ ଅତ୍ୟନ୍ତ ଜଟିଳ ଏହା ସ୍ୱୀକାର କରିବାକୁ ହେବ । ଏସବୁ ସତ୍ତ୍ୱେ ସାମାଜିକ ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ତାର ଆଉ ଏକ ଆବଶ୍ୟକତା । ସେଥିପାଇଁ ମଣିଷ ବୈବାହିକ ଜୀବନ ଯାପନ କରେ । ସାମାଜିକ ସ୍ୱୀକୃତି ନେଇ ନାରୀଟିଏ ଓ ପୁରୁଷଟିଏ ଏକତ୍ର ବସବାସ କରିବାର ଅଧିକାର ପାଇଲେ ବି ସେମାନଙ୍କ ଶାରୀରିକ ମିଳନ ପାଇଁ ସଂଯମର ଆବଶ୍ୟକତା ହୁଏ । ଗୋପନୀୟତା ସହ ନିଭୃତ କୋଠରୀର ଆବଶ୍ୟକତା ହୁଏ । ଗାର୍ହସ୍ଥ୍ୟ ଜୀବନରେ ସୁଦ୍ଧା କାମ ପ୍ରବୃତ୍ତିକୁ ଅବଦମିତ କରିବା ନିମନ୍ତେ ନାନା ଅନୁଶାସନକୁ ମାନିବାକୁ ହୁଏ । ଏସବୁ ଦୃଷ୍ଟିରୁ ବିଚାର କଲେ ସଂପ୍ରତି ସମଲିଙ୍ଗୀ ସଂପର୍କ ଉପରେ ଦିଲ୍ଲୀ ହାଇକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ଯଦି ସୁପ୍ରିମ୍ କୋର୍ଟରେ ବଜାୟ ରହେ ଭାରତୀୟ ଜନଜୀବନ କିପରି ଆକ୍ରାନ୍ତ ହେବ ତାହା ନିଶ୍ଚୟ ଚିନ୍ତା କରିବାର ବିଷୟ । ଯେଉଁ ମୁଷ୍ଟିମେୟ ବ୍ୟକ୍ତିଙ୍କ ଭିତରେ ଏହି ପ୍ରବୃତ୍ତିରହିଛି ସେମାନଙ୍କୁ ତାଙ୍କ ରାସ୍ତାରେ ଛାଡି ଦିଆଯାଉ ।

ସେମାନଙ୍କୁ ପ୍ରତିରୋଧ କରାନଯାଉ ଅଥବା ଉତ୍ସାହିତ ମଧ୍ୟ ନକରିବା ଉଚିତ୍ ହେବ । କାରଣ ସମାଜରେ ସେମାନଙ୍କ ସଂଖ୍ୟା ଅତି ନ୍ୟୁନ । ସେମାନଙ୍କ ବେଡରୁମ୍‌ରେ କଣ ହେଉଛି ତାକୁ ଅନୁସନ୍ଧାନ କରି ସେ ସଂପର୍କରେ ସାର୍ବଜନୀନ ଆଇନଟିଏ ପ୍ରଣୟନ କରିଦେଲେ ସମାଜର ବୃହତ୍ତର ସ୍ୱାର୍ଥ କବଳିତ ହେବ । ସାମାଜିକ ଶୃଙ୍ଖଳା ବିଧି ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ । ବିଶେଷତଃ ଯୁବ ସମାଜ ଏହାଦ୍ୱାରା ବେଶି ପ୍ରଭାବିତ ହେବେ ଏଥିରେ ସନ୍ଦେହ ନାହିଁ । ଆସନ୍ତୁ ଏ ସାମାଜିକ ବିପର୍ଯ୍ୟୟ ସଂପର୍କରେ ଥରେ ଚିନ୍ତା କରିବା ।

❑❑

ଦୁର୍ବାର ଆତଙ୍କ ମଦମୃତ୍ୟୁ

ଜାତିର ଜନକ ମହାତ୍ମା ଗାନ୍ଧୀ ଉପାୟ ଓ ଉପେୟ ଉଭୟର ପବିତ୍ରତା ଉପରେ ଗୁରୁତ୍ୱ ଦେଉଥିଲେ । ଅନ୍ୟାୟ ଲବ୍ଧ କୌଣସି ମାର୍ଗକୁ ସେ ଉଦ୍ଦେଶ୍ୟ ସାଧନରେ ବିନିଯୋଗ କରୁନଥିଲେ । ସେଥିପାଇଁ ନିଶା ଦ୍ରବ୍ୟ କାରବାରଲବ୍ଧ ଅର୍ଥକୁ ଦେଶର ଅର୍ଥନୀତିରେ ସାମିଲ କରିବାକୁ ସେ ଆଦୌ ଚାହୁଁ ନଥିଲେ । ସେ କହୁଥିଲେ ମୋତେ ଯଦି ଦିନକ ପାଇଁ ଦେଶର ସର୍ବୋଚ୍ଚକର୍ତ୍ତା କରି ଦିଆଯାଏ ମୁଁ ବିନା ସାଲିସରେ ଦେଶର ସବୁତକ ନିଶା କାରବାରକୁ ସଂମ୍ପୂର୍ଣ୍ଣ ନିଷିଦ୍ଧ କରିଦେବି । କିନ୍ତୁ ବିଡମ୍ବନାର ବିଷୟ, ଏବେ କିଛି ଦିନ ତଳେ ଆମେରିକାର ଜେମସ୍ ଓଟିସ୍ ମହାତ୍ମାଗାନ୍ଧୀ ବ୍ୟବହାର କରୁଥିବା ଚଷମା, ପକେଟ, ଘଡି, ଥାଳି, ଗିନା ଓ ହଳେ ଚପଲକୁ ଯେତେବେଳେ ନିଲାମ କରିବାକୁ ଚାହିଁଲେ ସେତେବେଳେ ନଅକୋଟି ଛତିଶ ଲକ୍ଷ ଟଙ୍କା ବିନିମୟରେ ସେଗୁଡିକ ଉଦ୍ଧାର କଲେ ବିଜୟ ମାଲ୍ୟା । ଭାରତର ପ୍ରସିଦ୍ଧ ମଦ ବ୍ୟବସାୟୀ ତାହା ପୁଣି ସରକାରଙ୍କ ପ୍ରୋତ୍ସାହନରେ ନିଶା ବ୍ୟବସାୟ କରି ସେ ଯେଉଁ ପାପ କରିଛନ୍ତି, ସେହି ଅର୍ଥରେ ମହାତ୍ମାଗାନ୍ଧୀଙ୍କ ନିଲାମ ହେଉଥିବା ଦ୍ରବ୍ୟକୁ ଉଦ୍ଧାର କରି କିଛି ପୁଣ୍ୟ ଅର୍ଜନ କରିବାକୁ ଚାହାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ବିଚାରଧାରା ମହାତ୍ମାଗାନ୍ଧୀଙ୍କ ଆତ୍ମାକୁ କି ପ୍ରକାର ପୀଡନ ଦେଇଥିବ ତାହା ଅନ୍ତତଃ ଭାରତୀୟମାନଙ୍କୁ ବୁଝାଇ କହିବା ଆବଶ୍ୟକ ନାହିଁ ।

ପ୍ରସଙ୍ଗକ୍ରମେ ଏଠାର ଉଲ୍ଲେଖ କରାଯାଇପାରେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସ୍ତ୍ର କଲାବେଳେ ପିତାମହ ଭୀଷ୍ମ କିପରି ନୀରବ ରହିଲେ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ସେ ଯେହେତୁ ଅଧର୍ମୀ ଦୁର୍ଯ୍ୟୋଧନର ଅନ୍ନ ଭକ୍ଷଣକରି ଦେହ ଧାରଣ କରୁଥିଲେ, ପ୍ରତିବାଦର ସ୍ୱର ତାଙ୍କର କ୍ଷୀଣ ହୋଇଯାଇଥିଲା ।

ନିକଟ ଅତୀତରେ ଧୂମପାନକୁ ସଂପୂର୍ଣ୍ଣ ନିଷିଦ୍ଧ କରାଗଲା । ସର୍ବସାଧାରଣ ସ୍ଥାନରେ ବିଡି, ସିଗାରେଟ ଖାଇବା ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରାଗଲା । କିନ୍ତୁ ବିଡି

ସିଗାରେଟ୍ ଉତ୍ପାଦନ ଉପରେ କୌଣସି କଟକଣା ରହିଲା ନାହିଁ। ସେଥିପାଇଁ ଦଣ୍ଡ ବିଧାନ ମଧ୍ୟ ନିର୍ଦ୍ଧାରଣ କରାଗଲା। ଏହି ଦଣ୍ଡ ବିଧାନ ଅନୁସାରେ କୌଣସି ଗୋଟିଏ ଧୂମପାନକାରୀ ଅପରାଧି ସାବ୍ୟସ୍ତ ହେବାର ଅଥବା ଦଣ୍ଡିତ ହେବାର ଅନ୍ତତଃ ଏ ଲେଖିକାର ଦୃଷ୍ଟିଗୋଚର ହୋଇନାହିଁ। ବିଡି ସିଗାରେଟ ଯେମିତି ଯେଉଁ ପରିମାଣରେ ଉତ୍ପାଦିତ ହେବା କଥା ହେଉଛି। ଧୂମପାନ ଯେମିତି ଚାଲିବା କଥା ଚାଲିଛି, ସିଗାରେଟ ଖୋଳରେ ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ସେମିତି ଲେଖା ହୋଇଆସୁଅଛି ଓ ଧୂମପାନ ଜନିତ ରୋଗୀଙ୍କ ସଂଖ୍ୟା ସେମିତି ଅପରିବର୍ତ୍ତନୀୟ ହୋଇ ରହିଛି।

ଧୂମପାନ ଭଳି ଆଉ ଗୋଟିଏ ସମସ୍ୟା ହେଉଛି ମଦ୍ୟପାନ। ଆମ ଦେଶରେ ମୁଖ୍ୟତଃ ମଦ୍ୟପାନ ଜନିତ ବିଭିନ୍ନ ସମସ୍ୟାରେ ଆକ୍ରାନ୍ତ ହୁଅନ୍ତି ଆଦିବାସୀ, ହରିଜନ, କାରଖାନାର ଶ୍ରମିକ, କୁଲି ମଜୁରିଆ ଆଦି ସମାଜର ନିମ୍ନ ବର୍ଗର ଲୋକ। ଏମାନେ ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମିତ ଦେଶୀମଦ ଉପରେ ନିର୍ଭର କରନ୍ତି। ଯାହାକୁ ଅଧିକ ନିଶାଯୁକ୍ତ କରିବାପାଇଁ ମଦ ବ୍ୟବସାୟୀମାନେ ଯେକୌଣସି ବିଷାକ୍ତ ଦ୍ରବ୍ୟକୁ ଆପଣେଇଥାନ୍ତି। କୀଟନାଶକ ଦ୍ରବ୍ୟ ଅଥବା ଗୋଖର ସାପବିଷ ମଧ୍ୟ ଏଥିରୁ ବାଦ ପଡେ ନାହିଁ। ଅନାହାର ଓ ଅର୍ଦ୍ଧାହାର ଭଳି ଖାଦ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟ ସମସ୍ୟା ଏମାନଙ୍କୁ ଅର୍ଦ୍ଧ ମୃତ କରି ରଖିଥାଏ। ତା' ଉପରେ ଏପରି ମଦ୍ୟପାନ ନିଶା ସେମାନଙ୍କ ଜୀବନକୁ ଆହୁରି ଦୁର୍ବିସହ କରିଦିଏ। ପରିବାରରେ ଜଣେ ଲୋକ ବି ନିଶାଗ୍ରସ୍ତ ହେଲେ ସେଠାରେ ସମସ୍ୟା ଦୂରୀଭୂତ ହୁଏନାହିଁ। ଅଶାନ୍ତି, ଅସନ୍ତୋଷ, ହିଂସା ଆଚରଣ ସଦାସର୍ବଦା ଲାଗି ରହିଥାଏ। ମଦ୍ୟପ ସ୍ୱାମୀର ଅତ୍ୟାଚାର ପ୍ରଥମେ ପତ୍ନୀକୁ ହିଁ ସମ୍ଭାଳିବାକୁ ପଡିଥାଏ, ମଦ୍ୟପ ଗୃହସ୍ଥ ପରିବାରର କୌଣସି ଦାୟିତ୍ୱ ବହନ କରେ ନାହିଁ।

ଆମ ଚେତନା ଉପରେ ଆଧିପତ୍ୟ ବିସ୍ତାର କରି କୁପଥଗାମୀ କରିବାପାଇଁ ଯେତେଗୁଡିଏ ଅପଶକ୍ତି ରହିଛି ମଦ୍ୟପାନ ବୋଧହୁଏ ସୋମନଙ୍କ ଭିତରେ ଅଗ୍ରଗଣ୍ୟ। ନିଶାସକ୍ତ ବ୍ୟକ୍ତିର ହିତାହିତ ଜ୍ଞାନ ନଥାଏ। ପାପପୁଣ୍ୟ ବିଚାର ବୋଧ ନଥାଏ। ଗୋଟାଏ ଆସୁରିକ ଶକ୍ତି ତା' ବିଚାରବୋଧକୁ ସଂପୂର୍ଣ୍ଣ କବଳିତ କରି ରଖିଥାଏ।

ଏବେ ସର୍ବେକ୍ଷଣରୁ ଜଣାପଡିଛି, ଯେତେସବୁ ରାସ୍ତା ଦୁର୍ଘଟଣା ହେଉଛି, ସେଥିରୁ ଅର୍ଦ୍ଧେକ ନିଶାସକ୍ତ ଗାଡି ଚାଳକଙ୍କ ହେତୁ ହେଉଛି। ଏମାନେ ଗୋଟାଏ ଗୋଟାଏ ସାମାଜିକ ବିପଦ। ଠିକ୍ ସେମିତି ଯେତେ ସବୁ ଆତ୍ମଘାତୀ ବୋମା ବିସ୍ଫୋରଣ ହେଉଛି ସେଥିରୁ ଏକ ତୃତୀୟାଂଶ ବିସ୍ଫୋରଣକାରୀ ନିଶାସକ୍ତ ଅବସ୍ଥାରେ ହିଁ ଏହା କରିଥାନ୍ତି।

ଧର୍ଷଣ ଓ ବଳାତ୍କାର ସହ ମଦ୍ୟପାନ ସଂପର୍କ ତ ଅତି ନିବିଡ । ମଦ ନିଶାରେ କେହି ନିଜ ଅଜାଣତରେ ଧର୍ଷଣ କରିଥାଏ ତ ଧର୍ଷଣ କରିବା ପାଇଁ ଧର୍ଷଣକାରୀ ଯୋଜନାବଦ୍ଧ ଭାବରେ ମଦ୍ୟପାନ କରିଥାଏ । ମଦ୍ୟପାନ ନିମନ୍ତେ ମଦ୍ୟପ ପ୍ରଥମେ ନିଜ ଘରୁ ଓ ତା'ପରେ ବାହାରୁ ଚୋରୀ ଡକାୟତି କରିଥାଏ । ମଦକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ପରିବର୍ତ୍ତେ ଆମ ରାଜ୍ୟରେ ମଦ ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଉଛି । ମଦ ମାଫିଆମାନେ ଆଇନର ଜଳାବାଟ ଦେଇ ଖସିଯାଉଛନ୍ତି ।

ସଂପ୍ରତି ମଦ୍ୟପାନଜନିତ ଆଉ ଏକ କଳଙ୍କିତ ଅଧ୍ୟାୟର ସୃଷ୍ଟି ହୋଇଛି । ଯାହାର ସମ୍ମୁଖୀନ ହେବା ପାଇଁ ସରକାର ମଧ୍ୟ ଅସହାୟତା ପ୍ରକାଶ କଲେଣି । ବିଷାକ୍ତ ମଦ ପିଇ ବହୁ ସଂଖ୍ୟାରେ ମୃତ୍ୟୁବରଣ କରିବା ଓ ଦୃଷ୍ଟି ଶକ୍ତି ହରାଇବା ଭଳି ବହୁ ବିଭୀଷିକା ବାରମ୍ବାର ଘଟିଚାଲିଛି । ୧୯୮୮ଠାରୁ ଏଯାବତ୍ ରାଜ୍ୟରେ ପ୍ରାୟ ସାତଥର ଏହିଭଳି ଶୋଚନୀୟ ଘଟଣା ଘଟିସାରିଲାଣି । ୧୯୮୯ରେ ବାଲେଶ୍ୱରର ନୀଳଗିରିରେ ୧୪ ଜଣ ବିଷାକ୍ତ ମଦପିଇ ମୃତ୍ୟୁ ବରଣ କରିଥିଲେ । ୧୯୯୬ ରେ କଟକରେ ୧୩୪ ଜଣ ବିଷାକ୍ତ ମଦ ପିଇ ମୃତ୍ୟୁ ବରଣ କରିଥିବାବେଳେ ୧୯୯୯ ଓ ୨୦୦୧ରେ ଯଥାକ୍ରମେ ଗଞ୍ଜାମ, ପୁରୀ ଓ ଭୁବନେଶ୍ୱରରେ ୨୦ ଜଣ ମୃତ୍ୟୁବରଣ କରିଥିଲେ । ୨୦୦୩ରେ ଖୋର୍ଦ୍ଧାର ସୋରଣରେ ୪ ଜଣ ମୃତ୍ୟୁବରଣ କରିଥିଲେ; ଓ ଦୁଇଜଣ ଦୃଷ୍ଟି ଶକ୍ତି ହରାଇଥିଲେ । ୨୦୦୬ରେ ଗଞ୍ଜାମର ହୁମା ଓ ଗୋଳାବନ୍ଧରେ ୩୫ ଜଣ ମୃତ୍ୟୁବରଣ କରିଥିବାବେଳେ ଏ ବର୍ଷ ଖୋର୍ଦ୍ଧା ଓ ବଲାଙ୍ଗୀରରେ ୧୨ ଜଣ ମୃତ୍ୟୁବରଣ କରିଛନ୍ତି ।

ବିପର୍ଯ୍ୟୟ ପ୍ରାକୃତିକ ହେଉ ଅଥବା କୃତ୍ରିମ, ଦରିଦ୍ର ନିରନ୍ନ ଓ ନିମ୍ନବର୍ଗର ଜନତା ହିଁ ବେଶୀ ଆକ୍ରାନ୍ତ ହୋଇଥାନ୍ତି । ମଦମୃତ୍ୟୁ ବିଭୀଷିକା ସେଥିରୁ ବ୍ୟତିକ୍ରମ ନୁହେଁ । ଦିନସାରା କଠିନ ପରିଶ୍ରମ କରୁଥିବା ଓ ଅଭାବ ଅନାଟନ ଜନିତ ମାନସିକ ଚାପ ଭୋଗୁଥିବା ମଣିଷମାନଙ୍କ କଷ୍ଟ ଲାଘବର ଏକମାତ୍ର ପନ୍ଥା ମଦ୍ୟପାନ ନୁହେଁ ବରଂ ଏହା କ୍ଷଣସ୍ଥାୟୀ ସହଜ ପନ୍ଥାଟିଏ । ଯାହା ପରବର୍ତ୍ତୀ କାଳରେ ସେମାନଙ୍କ ଜୀବନକୁ ଅଭିଶପ୍ତ କରିଦେଇଥାଏ । ସରକାର ରାଜକୋଷ ଅଙ୍ଗବୃଦ୍ଧି କରିବାପାଇଁ ମଦ ଦୋକାନକୁ ଅନୁମତି ଦେଇ ସେମାନଙ୍କର ଏହି ସହଜ ପନ୍ଥାଟିକୁ ଆହୁରି ସୁଲଭ କରିଦେଇଥାନ୍ତି । ପରୋକ୍ଷରେ ତାଙ୍କର ଏହି ନିଶା ଅଭ୍ୟାସକୁ ଯୁକ୍ତି ସମର୍ଥିତ ବୋଲି ଦର୍ଶାନ୍ତି ।

କିନ୍ତୁ ଏହାର ଯେ କିଛି ବିକଳ୍ପ ପନ୍ଥା ଥାଇପାରେ, ବିନା ନିଶାଦ୍ରବ୍ୟରେ ସେମାନଙ୍କ ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ ଲାଘବ କରାଯାଇପାରେ ଏକଥା କେହି ଚିନ୍ତା କରନ୍ତି ନାହିଁ । ଫଳରେ ଏମାନେ ମଦ୍ୟପାନରୁ ନିବୃତ୍ତ ହୁଅନ୍ତି ନାହିଁ । ବାରମ୍ବାର ମରଣ ଯନ୍ତା ଭିତରକୁ ଟାଣି

ହୋଇଯାଆନ୍ତି । ଏହିସବୁ ଘଟଣା ଏବେ ଆମ ରାଜ୍ୟରେ ଦିହସୁହା ହୋଇ ଗଲାଣି । ଏଭଳି ବିଭୀଷିକା ଘଟିବାର କିଛି ଦିନ ପର୍ଯ୍ୟନ୍ତ ଗଣମାଧ୍ୟମ ବେଶ ସକ୍ରିୟ ହୋଇପଡେ । ବିରୋଧି ଦଳକୁ ହୋହାଲ୍ଲା କରିବାପାଇଁ ପ୍ରସଙ୍ଗଟିଏ ମିଳିଯାଏ । ଶାସନକଳ ପରିସ୍ଥିତିକୁ ମୁକାବିଲା କରିବାପାଇଁ ବେଶ୍ ତତ୍ପର ହୋଇଉଠେ । ତଦନ୍ତ କମିଶନ ବସେ । କେବେ କେବେ ଅବକାରୀ ମନ୍ତ୍ରୀ ବି ବଳିପଡନ୍ତି । ମଦମାଫିଆଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଚାଲେ । କିଛି ମାଫିଆ ଆଇନ ହାତରେ ବି ଧରା ପଡନ୍ତି । କିନ୍ତୁ ସେମାନଙ୍କୁ ଦଣ୍ଡ ବିଧାନ କରାଗଲା କି ପୁରସ୍କୃତ କରାଗଲା ସେ ଖବର ଜନସାଧାରଣଙ୍କ ନିକଟରେ ପହଞ୍ଚେ ନାହିଁ । ଅବକାରୀ ବିଭାଗ ପୁଣି ନିଷ୍କ୍ରିୟ ହୋଇପଡେ । ଟିକସ ଆଦାୟ ନାଁରେ ମଦ ବ୍ୟବସାୟକୁ ନିରଙ୍କୁଶ କ୍ଷମତା ଦିଆଯାଏ; ଆଉ ଗୋଟିଏ ମଦମୃତ୍ୟୁ ବିଭୀଷିକା ଘଟିବା ପର୍ଯ୍ୟନ୍ତ ।

ଏ ବ୍ୟବସାୟ ଏପରି ଏକ ବ୍ୟବସାୟ ଯାହା ମଣିଷଠାରୁ ମଣିଷପଣିଆ ଛଡେଇ ନେଇଯାଏ । ସେ ପାଲଟି ଯାଏ ରାକ୍ଷସ । ମଦ୍ୟପ ଯେମିତି ମଦ୍ୟପାନ ପାଇଁ ସକଳ ସୀମା ସରହଦ ପାର ହୋଇଯାଏ, ମଦ ବ୍ୟବସାୟୀ ମଧ୍ୟ ସେମିତି ନିଜ ପ୍ରତିଦ୍ୱନ୍ଦୀଙ୍କୁ ନିଜ ରାସ୍ତାରୁ ହଟେଇବା ପାଇଁ ଯେକୌଣସି ମାର୍ଗ ଆପଣେଇବାକୁ ପଛଘୁଞ୍ଚା ଦିଏ ନାହିଁ । ଯାହାର ନଗ୍ନ ନମୁନା ସଂପ୍ରତି ଘଟିଯାଇଥିବା ବଲାଙ୍ଗିର ମଦମୃତ୍ୟୁ ମାମଲା । ଏ ମଦମୃତ୍ୟୁର ପାନୀୟକୁ ଅଧିକ ନିଶାଯୁକ୍ତ କରିବା ପାଇଁ କୀଟନାଶକ ପ୍ରୟୋଗ କରାଯାଇନାହିଁ ବରଂ ସଜ୍ଞାନରେ ପ୍ରତିଦ୍ୱନ୍ଦୀକୁ ବଦ୍‌ନାମ କରିବା ଉଦ୍ଦେଶ୍ୟରେ କୀଟନାଶକ ପ୍ରୟୋଗ କରି ନିରୀହମାନଙ୍କୁ ବଳି ଚଢ଼ା ଯାଇଛି ବୋଲି ତଦନ୍ତରୁ ଜଣାପଡିଛି । ଏଭଳି ଜଘନ୍ୟ କାର୍ଯ୍ୟ କେବଳ ମଦ୍ୟ ବ୍ୟବସାୟୀ ହିଁ କରିପାରନ୍ତି ।

ପାନୀୟ ଦେଶୀ ହେଉ କି ବିଦେଶୀ,ଉଭୟ ଦେଶ, ଜାତି ଓ ବ୍ୟକ୍ତି ପାଇଁ କ୍ଷତିକାରକ । ଆମ ଜନତାକୁ କବଳିତ କରୁଥିବା ଆମ ସଜାଗତାକୁ ନଷ୍ଟ କରିବା ସହ ଆମ କର୍ମମୟତାକୁ ଅବଶ କରୁଥିବା ଓ ଆମ ବୌଦ୍ଧିକତାକୁ ବିପଥଗାମୀ କରୁଥିବା ଏ ଅପଶକ୍ତି ନିକଟରେ ଆମେ ଆଉ କେତେଦିନ ଆତ୍ମ ସମର୍ପଣ କରିରହିଥିବା ? ଏଥିରୁ ମୁକ୍ତ ନହେବା ପର୍ଯ୍ୟନ୍ତ ଏକ ଉତ୍ତୀର୍ଣ୍ଣ ସମାଜର ସ୍ୱପ୍ନ ଦେଖିବା ବିଡମ୍ବନା ମାତ୍ର । ଏଥିପାଇଁ ସର୍ବପ୍ରଥମେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ ।

□□

ଆନ୍ନା, ଅଟୋଚାଳକ ଓ ଆମ ଲୋକ ଚରିତ୍ର

ଚମତ୍କାର ଘଟଣାଟି ଘଟଛି ମଧ୍ୟପ୍ରଦେଶରେ । ଜଣେ ଅଟୋଚାଳକ ପାଞ୍ଚବର୍ଷ ପୂର୍ବେ ଅଳଙ୍କାର ଥିବା ବ୍ୟାଗଟିଏ ପାଇଥିଲେ । ଲୋଭ ସମ୍ବରଣ କରିନପାରି ପାଞ୍ଚବର୍ଷ ହେଲା ସେ ବ୍ୟାଗଟିକୁ ଗୁପ୍ତରେ ରଖିଆସିଥିଲେ । କିନ୍ତୁ ଏବେ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ପ୍ରଭାବିତ ହୋଇ ସେ ସେହି ବ୍ୟାଗ୍‌ଟିକୁ ପୋଲିସ ଜିମା ଦେଇଛନ୍ତି ଓ ପୋଲିସ ବ୍ୟାଗ୍‌ଟିକୁ ତା'ର ଯଥାର୍ଥ ମାଲିକଙ୍କୁ ଫେରାଇ ଦେଇଛନ୍ତି । ଘଟଣାଟି ଛୋଟ ହୋଇପାରେ କିନ୍ତୁ ସମାଜ ପାଇଁ ତା'ର ଗୁରୁତ୍ୱ ରହିଛି ।

ଆନ୍ନା ହଜାରେଙ୍କ ଆନ୍ଦୋଳନ ଅଟୋଚାଳକଙ୍କ ପାଇଁ ନଥିଲା । ଲୋକପାଳ ବିଲ୍ ଓ ସରକାରଙ୍କୁ ଦୁର୍ନୀତିମୁକ୍ତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟଥିଲା । ଅଟୋ ଚାଳକ ଅଳଙ୍କାର ବ୍ୟାଗ୍ କଥା ଆନ୍ନାଙ୍କୁ କହିନଥିଲେ କି ଆନ୍ନା ତାଙ୍କୁ ଅଳଙ୍କାର ଫେରାଇ ଦେବାପାଇଁ ବାଧ୍ୟ କରିନଥିଲେ । ତଥାପି ଆନ୍ନାଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ତାଙ୍କୁ ଏପରି ପଦକ୍ଷେପଟି ନେବାପାଇଁ ଉତ୍ସାହିତ କରିଛି ବୋଲି ସେ ସ୍ୱୀକାର କରିଛନ୍ତି । ବାହ୍ୟ ଚାପ ନୁହେଁ, ଅନ୍ତଃକରଣରୁ ଯେଉଁ ପ୍ରେରଣା ଆସେ ତାହା ଦୀର୍ଘସ୍ଥାୟୀ ହୋଇଥାଏ । ସମାଜ ଉପରେ ତାହାର ସକରାତ୍ମକ ପ୍ରଭାବ ପଡିଥାଏ ।

ଏବେ ଆମେ ଏମିତି ଗୋଟାଏ ସମାଜରେ ବାସକରୁଛୁ ଯେଉଁଠାରେ ବ୍ୟକ୍ତି ସକଳ କ୍ଷେତ୍ରରେ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି । କୃଷି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଠାରୁ କଳା, ସାହିତ୍ୟ, ନୃତ୍ୟଗୀତ, ଚିତ୍ର ଭାସ୍କର୍ଯ୍ୟ ପର୍ଯ୍ୟନ୍ତ କୌଣସିଟି ବାଦ ପଡିନାହିଁ । ଦୟା, କ୍ଷମା, ସେବା, ତ୍ୟାଗ, ତିତିକ୍ଷା ଆଦି ଗୁଣାବଳୀ ସମାଜରୁ ଅନ୍ତର୍ହିତ ହୋଇଯାଉଛି ବୋଲି ଯେଉଁମାନେ ଆକଳନ କରନ୍ତି, ସେମାନଙ୍କ ଆଶଙ୍କା ଭୁଲ୍ ପ୍ରମାଣିତ ହୋଇଛି । ବିଶ୍ୱର କେଉଁ ଗୋଟାଏ କୋଣରେ କେହି ଜଣେ ବିପଦରେ ପଡିଲେ ସମଗ୍ର ବିଶ୍ୱର ସହାନୁଭୂତି ଓ ସହାୟତାର ହସ୍ତ ଲମ୍ବି ଆସୁଛି । ସେଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ କେତେ ଯୋଜନା, କେତେ ପ୍ରସ୍ତାବ କେତେ ପ୍ରକଳ୍ପ କେତେ ଆଇନ କାନୁନ୍ ପ୍ରଣୟନ ହେଉଛି ତା'ର ଇୟତ୍ତା ନାହିଁ ।

ମାନବସମ୍ବଳର ଯଥାର୍ଥ ବିନିଯୋଗ ପାଇଁ ସମସ୍ତେ ତତ୍ପର ହୋଇ ପଡ଼ିଛନ୍ତି । କେଉଁଠି ଯଦି ଟିକିଏ ମାନବିକ ଅଧିକାରର କ୍ଷୁର୍ଣ୍ଣ ହେବା ସମ୍ବାଦ ମିଳୁଛି, ବିଶ୍ୱବାପୀ ପ୍ରତିବାଦର ସ୍ୱର ଉଠୁଛି । ବିଶ୍ୱାୟନ ସଭ୍ୟତା ସାମୁହିକ ସ୍ୱାର୍ଥ ଉପରେ ଯେତିକି ଗୁରୁତ୍ୱ ଦେଉଛି ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ମଧ୍ୟ ସେତିକି ସମ୍ମାନ ଦେଉଛି । ଏହା ତ ଗଲା ସାମାଜିକ ବିକାଶର କଥା । ଅପରପକ୍ଷେ ସାମାଜିକ ଜୀବନକୁ ଦୁର୍ବିସହ କରୁଥିବା ଅପଶକ୍ତିମାନଙ୍କର ବି ଦୌରାତ୍ମ୍ୟ କମ୍ ନୁହେଁ । ହିଂସାବାଦ, ପରଶ୍ରୀକାତରତା, ହତ୍ୟା, ଲୁଣ୍ଠନ, ଶୋଷଣ, ଲୁଟତରାଜ, ଆତଙ୍କରାଜ ଆଦି ହିଂସ୍ର ଆଚରଣ ସମାଜ ଓ ବ୍ୟକ୍ତି ଜୀବନକୁ ଆଶଙ୍କା ଓ ଉଦ୍‌ବେଗଗ୍ରସ୍ତ କରିରଖିଛି । ବ୍ୟକ୍ତି ଚରିତ୍ରର ଅଧଃପତନ ଘଟିଛି । ନିକଟ ଅତୀତରେ ମାନବ ବିକାଶ ସଂସ୍ଥାର ଆନ୍ତର୍ଜାତିକ ଲୋକ ଚରିତ୍ର ଅଧ୍ୟୟନପୂର୍ବକ ରିପୋର୍ଟ ବୁଦ୍ଧିଜୀବୀମାନଙ୍କୁ ଚିନ୍ତାଗ୍ରସ୍ତ କରିଦେଇଛି । ଏହି ରିପୋର୍ଟରେ ଚଳନ୍ତି ସମାଜରେ ମାନବୀୟ ମୂଲ୍ୟବୋଧର ଯଥେଷ୍ଟ ଅପକର୍ଷ ସାଧିତ ହୋଇଛି ବୋଲି ଦର୍ଶାଯାଇଛି ।

ଆଶ୍ଚର୍ଯ୍ୟ ଲାଗେ ଯେ, ପଶୁଟିଏ, ପକ୍ଷୀଟିଏ ଅଥବା ଉଦ୍ଭିଦଟିଏ ବିନାଶିକ୍ଷା ଦୀକ୍ଷାରେ ସେମାନଙ୍କର ଭାବ ଓ ପ୍ରବୃତ୍ତିକୁ ଅକ୍ଷୁର୍ଣ୍ଣ ରଖୁଛନ୍ତି । ପଶୁଟି ପଶୁଭଳି, ପକ୍ଷୀଟିଏ ପକ୍ଷୀଭଳି ଉଦ୍ଭିଦଟିଏ ଉଦ୍ଭିଦଭଳି ବଞ୍ଚୁଛନ୍ତି । ଅଥଚ ଜନନୀ ଜଠରରୁ ଭୂମିଷ୍ଠ ହେବା ମୁହୂର୍ତ୍ତରୁ ଶ୍ମଶାନକୁ ଯିବା ପର୍ଯ୍ୟନ୍ତ ମଣିଷକୁ ମଣିଷଟିଏ ଭଳି ବଞ୍ଚିବାକୁ ଅଜସ୍ର ଶିକ୍ଷା ସଂସ୍କାର ଦିଆଗଲେ ସୁଦ୍ଧା ସେ ମଣିଷ ଭଳି ବଞ୍ଚିପାରେ ନାହିଁ । ମାନବୀୟ ମୂଲ୍ୟବୋଧ କ୍ଷୁର୍ଣ୍ଣ କରି ପଶୁ ପ୍ରବୃତ୍ତି ଆପଣାଇବା ପାଇଁ ସର୍ବଦା ବ୍ୟଗ୍ର ଥାଏ । ସବୁଶିକ୍ଷା, ଶାସ୍ତ୍ର ଉପଦେଶ, ଆଚାର ସଂହିତା ବ୍ୟର୍ଥ ହୋଇଯାଏ । ଏକଦା ସମଗ୍ର ବିଶ୍ୱକୁ ନୀତି ଆଦର୍ଶରେ ଅନୁପ୍ରାଣିତ କରୁଥିବା ଭାରତ ଦୁର୍ନୀତିଗ୍ରସ୍ତ ତାଲିକାରେ ସର୍ବାଗ୍ରେ ରହିଛି । ଏ ଦେଶରେ ସର୍ବାଧିକ ଉତ୍କୋଚ କାରବାର ହୁଏ ବୋଲି ସେ ବିଶ୍ୱସ୍ତରୀୟ ଅପନିନ୍ଦା ଅର୍ଜନ କରିସାରିଲାଣି ।

ତେବେ ସଭ୍ୟତାର ଚକ୍ର ଯେତେବେଳେ ଘୂରୁଛି ଏହା ଲୋକଚରିତ୍ରର ଆଲୋକିତ ଦିଗ ସହ ଅନ୍ଧକାର ଦିଗକୁ ଯେ ନିଶ୍ଚୟ ସ୍ପର୍ଶ କରିବ ଏଥିରେ ବିଚଳିତ ହେବାର କିଛି ନାହିଁ । ସମାଜକୁ ବିକାଶ ଦିଗରେ ସହାୟତା କରୁଥିବା ସଦ୍‌ଭାବନାକୁ ଆମେ ଯେଉଁଭଳି ଭାବରେ ସ୍ୱାଗତ କରୁଛୁ ବିନାଶମୁଖୀ ଦୁର୍ଭାବନାକୁ ସେଭଳି ଉତ୍ସାହିତ କରୁ ନାହୁଁ, କରିବା ଉଚିତ୍ ନୁହେଁ ।

ଆଶ୍ୱାସନାର ବିଷୟ, ବିଗତ ଦୁଇ ଦଶନ୍ଧି ଧରି ସାମାଜିକ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଯଥେଷ୍ଟ ଜନସଚେତନତା ସୃଷ୍ଟି ହୋଇଛି । ଏହା ପୂର୍ବରୁ ଯେ ସମାଜରେ ଦୁର୍ନୀତି ନଥିଲା ତାହା ନୁହେଁ, କିନ୍ତୁ ସବୁଗୁଡିକ ଲୋକଲୋଚନକୁ ଆସିପାରୁନଥିଲା । ଗଣମାଧ୍ୟମ ମଧ୍ୟ ଆଜିକାଲି ଭଳି ଶିଳ୍ପକୌଶଳରେ (ଟେକ୍‌ନୋଲୋଜିରେ) ଏତେ ସମୃଦ୍ଧ ନଥିଲା । ସାଧାରଣ ଜନତା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରୁନଥିଲେ । ଯେଉଁ ଅପରାଧୀମାନଙ୍କୁ

ଜେଲ ଜୋରିମାନା ହେଉଥିଲା ସେମାନେ ସମସ୍ତେ ମଧ୍ୟବିତ୍ତ ଅଥବା ନିମ୍ନମଧ୍ୟବିତ୍ତ ପରିବାରର ସଦସ୍ୟ ଥିଲେ । ବହୁ ପ୍ରତିପତ୍ତିଶାଳୀ ବ୍ୟକ୍ତି ନରହତ୍ୟା ଅପରାଧରୁ ମଧ୍ୟ ଖସିଯାଉଥିଲେ । ଆମ ଦେଶର ଦଣ୍ଡବିଧି ଇତିହାସରେ କୌଣସି ଜଣେ ଧନାଢ଼୍ୟ ଅଭିଯୁକ୍ତ ଫାଶୀଦଣ୍ଡ ପାଇବାର ଦୃଷ୍ଟାନ୍ତ ନାହିଁ । ଯେଉଁମାନେ ଏହି ଦଣ୍ଡରେ ଦଣ୍ଡିତ ହୋଇଛନ୍ତି ସେମାନେ ସମସ୍ତେ ନିମ୍ନମଧ୍ୟବିତ୍ତ ପରିବାରର, ଯେଉଁମାନଙ୍କର କୋର୍ଟ କଚେରୀରେ ଲଢ଼ିବା ପାଇଁ ସମ୍ବଳ ନଥାଏ ।

ଏବେ କିନ୍ତୁ ଯୁଗ ବଦଳିଯାଇଛି । ଜେଲ୍ ଜୋରିମାନା ଆଉ ନିମ୍ନମଧ୍ୟବିତ୍ତ ଲୋକଙ୍କ ପାଇଁ ନୁହେଁ, ରାଜନେତାଙ୍କ ପାଖରୁ ଆରମ୍ଭ କରି ବ୍ୟୁରୋକ୍ରାଟ, ଶିଳ୍ପୋଦ୍ୟୋଗୀ, ବ୍ୟବସାୟୀ ସମସ୍ତଙ୍କ କପାଳରେ ଜୁଟିଲାଣି । ସେମାନଙ୍କ କଳାଧନ ବହୁସମୟରେ ଭିଜିଲାନ୍ସ ବିଭାଗର ଶ୍ୱେନ ଦୃଷ୍ଟିରେ ପଡୁଛି । ଯୌନ କେଳେଙ୍କାରୀ ପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଜନତାଙ୍କ ଆଗରେ ଅପଦସ୍ତ ହେଉଛନ୍ତି । ଅବଶ୍ୟ ଓଡ଼ିଶାରେ ରାଜନେତାଙ୍କ ଅପେକ୍ଷା ବ୍ୟୁରୋକ୍ରାଟମାନେ ଭିଜିଲାନ୍ସ ଜାଲରେ ବେଶି ଧରାପଡୁଛନ୍ତି । କେବଳ ସରକାରୀ କର୍ମଚାରୀ ନୁହଁନ୍ତି, ଦ୍ୱିତୀୟସ୍ଥାନରେ ଅଛନ୍ତି ମଠ ମହନ୍ତମାନେ । ଗୈରିକବସ୍ତ୍ର ପରିହିତ ଅନେକ ସନ୍ନ୍ୟାସୀ ହତ୍ୟା ରକ୍ତପାତ ଯୌନ ଅପରାଧ ଓ ସଂପତ୍ତି ମାମଲାରେ ଅଭିଯୁକ୍ତ ହୋଇ ଜେଲ୍ ହାଜତରେ ରହିଛନ୍ତି ।

ଭାରତର ଅନ୍ୟାନ୍ୟ ପ୍ରଦେଶର ରାଜନେତାଙ୍କ ପ୍ରତି ଯେଉଁଭଳି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓଡ଼ିଶାରେ ଏଯାବତ୍ ହୋଇପାରିନାହିଁ । କେନ୍ଦ୍ର ସରକାରଙ୍କ ଅଧୀନରେ କାମ କରୁଥିବା ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଓ ପଦସ୍ଥ ରାଜନେତାମାନଙ୍କୁ ତିହାର ଜେଲରେ ଭର୍ତ୍ତି କରିବା ସାମାନ୍ୟ କଥା ନୁହେଁ । ମାନବ ସମାଜ ଯେ ଏବେ ଗୋଟାଏ ଦୁର୍ନୀତିମୁକ୍ତ ସମାଜ ଅଭିମୁଖେ ଗତି କରୁଛି ଏଥିରେ ସନ୍ଦେହର ଅବକାଶ ନାହିଁ । ୱିକିଲିକ୍ସ ନାମକ ଏକ ଆନ୍ତର୍ଜାତିକ ସଂସ୍ଥା ସମାଜରୁ ଦୁର୍ନୀତିର ଚେର ଉତ୍ପାଟନ ପାଇଁ ଅଣ୍ଟା ଭିଡିଛି । ଆନ୍ତର୍ଜାତିକ ସ୍ତରରେ ବହୁବିଧ ସଫଳତା ପରେ ଏବେ ଭାରତ ଆଡକୁ ଦୃଷ୍ଟି ନିକ୍ଷେପ କରିଛି । ରାଜନେତା ଓ ଶିଳ୍ପୋଦ୍ୟୋଗୀମାନଙ୍କର ସୁଇସ୍ ବ୍ୟାଙ୍କରେ ରଖାଯାଇଥିବା କଳାଟଙ୍କା ଉପରେ ଆଲୋକପାତ କରି ଏ ସଂସ୍ଥା ବହୁ ଚର୍ଚ୍ଚିତ ହୋଇପଡିଛି । ଆହୁରି ମଧ୍ୟ, ମାୟାବତୀ ସରକାରୀ ଜେଟ୍ ବିମାନଯୋଗେ ମୁମ୍ବାଇରୁ ଯୋତା ମଗାଇବା, ଇ.ଏସ୍.ଏସ୍.ଆର ନାମକ ନିର୍ମାଣକାରୀ ସଂସ୍ଥା ମାଓବାଦୀମାନଙ୍କୁ କୋଟି କୋଟି ଟଙ୍କା ଲାଞ୍ଚ ଦେବା ଆଦି ବହୁ ତଥ୍ୟ ପ୍ରଦାନ କରିଛି । ଷ୍ଟିଙ୍ଗ ଅପରେସନ୍ ମାଧ୍ୟମରେ ଅପରାଧୀଙ୍କୁ ଧରିବା, ସିସି କ୍ୟାମେରା ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କର ଗତିବିଧି ଲକ୍ଷ୍ୟ କରିବା ଭଳି କଳା କୌଶଳ ହେତୁ ଭ୍ରଷ୍ଟାଚାର ବହୁପରିମାଣରେ ନିୟନ୍ତ୍ରିତ ହେବା ଭଳି ଅନୁଭୂତ ହୁଏ । ଭ୍ରଷ୍ଟାଚାରୀ ଓ ଭ୍ରଷ୍ଟାଚାରକୁ ସହ୍ୟ କରୁଥିବା ବ୍ୟକ୍ତି ଉଭୟ ଅପରାଧୀ । ଦେଶରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରିବା କେବଳ ସରକାର ଅଥବା ଭିଜିଲାନ୍ସ ବିଭାଗର ଦାୟିତ୍ୱ ନୁହେଁ। ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଦିଗରେ ସାଧାରଣ ଜନତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଜନତା ଯେପର୍ଯ୍ୟନ୍ତ ଏଥିପ୍ରତି ସଚେତନ ନ ହୋଇଛନ୍ତି ଏ ପ୍ରଥା ପରମ୍ପରା ହୋଇ ରହିଥିବ। ବିନା ଲାଞ୍ଚରେ ଦୁବଟିଏ ବି ହଲିବ ନାହିଁ। ସୁଖର କଥା ଏ ଶତାବ୍ଦୀ ପ୍ରାରମ୍ଭରେ ଆମେ ଏମିତି ଏକ ଆନ୍ଦୋଳନର ସମ୍ମୁଖୀନ ହୋଇଛୁ ଯାହା ପୂର୍ବରୁ କେବେ ସମ୍ଭବ ହୋଇନଥିଲା। ଦେଶରେ ଏଥିପୂର୍ବରୁ ବହୁ ଆନ୍ଦୋଳନ ହୋଇଛି, ବିପ୍ଳବ ହୋଇଛି, ବିଦ୍ରୋହ ହୋଇଛି, କିନ୍ତୁ ଭ୍ରଷ୍ଟାଚାରର ମୂଳୋତ୍ପାଟନ କରିବା ଲକ୍ଷ୍ୟ ନେଇ ଆନ୍ଦୋଳନ ହୋଇନାହିଁ। ଆନ୍ନାଙ୍କୁ କେବଳ ସମର୍ଥନ କରିଦେଲେ ଲୋକ ଚେତନାରୁ ଦୁର୍ନୀତି ଭାବନା ଦୂରୀଭୂତ ହୋଇଯିବ ନାହିଁ, ଯେଉଁ ଉତ୍ସାହ ଉଦ୍ଦୀପନା ଦେଇ ଜନତା ଆନ୍ନାଙ୍କ ଅନଶନକୁ ସଫଳ କଲେ ତା'ର କାଣିଚାଏ ଉତ୍ସାହ ଉଦ୍ଦୀପନା ଦେଇ ଆମ ଚେତନାରେ ଥିବା ଦୁର୍ନୀତି ରାକ୍ଷସକୁ ପରାହତ କରିପାରିଲେ ଅଚିରେ ଦେଶ ଭ୍ରଷ୍ଟାଚାର ମୁକ୍ତହେବ। ସେହି ଅଟୋ ଚାଳକ ଏହାର ଏକ ଜ୍ୱଳନ୍ତ ଉଦାହରଣ ମାତ୍ର।

❑❑

ପରଂପରା ବଳୟରେ ଆଦିବାସୀ ପ୍ରଗତି

ସଂସ୍କୃତି ଓ ପରଂପରା ଗୋଟାଏ ଜାତିର ମୌଳିକ ପରିଚୟ। ନିଜକୁ ଅନ୍ୟମାନଙ୍କ ପାଖରେ ମର୍ଯ୍ୟାଦାର ସହ ଉପସ୍ଥାପନ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ। ନିଜର ସର୍ବୋତ୍ତମ ବିଭବ ଗୁଡିକୁ ଅନ୍ତରଭରି ଅନୁଭବ କରିବାପାଇଁ ସଂସ୍କୃତି ଓ ପରଂପରାଠାରୁ ବଡ କିଛି ଉପାଦାନ ନାହିଁ। ଏହା ପରସ୍ପରକୁ ଏକତା ସୂତ୍ରରେ ବାନ୍ଧିରଖେ। ଗୌରବମୟ ହୋଇ ବଞ୍ଚିବାର ପ୍ରେରଣା ଦିଏ। କିନ୍ତୁ ପରଂପରା ପ୍ରତି ଅତିଶୟ ଆସକ୍ତି ଆମ ପ୍ରଗତି ପଥର ବାଧକ ହୁଏ। ପରଂପରାର ବଳୟ ମଧ୍ୟରୁ ଆମେ ସହଜରେ ଉତ୍ତୁରି ଆସିପାରିନାହୁଁ। ଗୋଟିଏ ପଟରେ ପ୍ରଗତି ଆମ ହାତଧରି ଆଗକୁ ଟାଣୁଥିବାବେଳେ ପରଂପରା ଆମକୁ ପଶ୍ଚାଦ୍‌ମୁଖୀ କରାଏ। ଏସବୁ ସେହିଠାରେ ହୋଇଥାଏ ଯେଉଁଠି ପରଂପରା ସହ କିଛି ଅନ୍ଧବିଶ୍ୱାସ ଓ ସଂସ୍କାର ସହ କିଛି କୁସଂସ୍କାର ଓ ଅଜ୍ଞାନତା ସଂଶ୍ଳିଷ୍ଟ ହୋଇ ରହିଥାଏ। ନଖ ଓ ନାସିକା ମଧ୍ୟରେ କିଛି ପାର୍ଥକ୍ୟ ଅନୁଭବ କରିହୁଏ ନାହିଁ। ନାସିକାକୁ ସୁରକ୍ଷିତ କରିବା ସଙ୍ଗେ ସଙ୍ଗେ ବର୍ଦ୍ଧିତ ନଖକୁ ମଧ୍ୟ ସୁରକ୍ଷିତ କରି ରଖିବାର ମୋହରେ ଆମ ପ୍ରଗତିର ରଥଚକ୍ର ଶିଥିଳ ହୋଇପଡେ। ସଭ୍ୟତାର ବିଶ୍ୱାୟନ ଆଦିବାସୀ ରାଜମିସ୍ତ୍ରୀ ପାଖରେ କାର୍ଯ୍ୟରତା ଆଦିବାସୀ ଯୁବତୀ ହାତରେ ମୋବାଇଲ ଧରିବାର ସାମର୍ଥ୍ୟ ପ୍ରଦାନ କରିଛି ସତ କିନ୍ତୁ କେତେକ ବ୍ୟୟବହୁଳ ପ୍ରଥା ପରମ୍ପରା ଭିତରେ ସେମାନେ ଏମିତି ବନ୍ଧାପଡିଯାଇଛନ୍ତି ଯେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ସକଳ ପ୍ରଚେଷ୍ଟା ପଣ୍ଡ ହୋଇଯାଉଛି। ଆଦିବାସୀ ଉନ୍ନୟନ ପାଇଁ ସରକାର ବ୍ୟୟକରୁଥିବା ଅର୍ଥର ଅନୁରୂପ ଫଳମିଳୁନାହିଁ। ଫଳତଃ ଦାରିଦ୍ର୍ୟ ସେମାନଙ୍କର ପିଛା ଛାଡୁନାହିଁ। ଅଶିକ୍ଷା ଅସ୍ୱାସ୍ଥ୍ୟ ଓ ଅଜ୍ଞାନତା ସେମାନଙ୍କ ଜୀବନ ଧାରଣ ପଦ୍ଧତିକୁ ଦୁଃସ୍ଥ ଓ ଦୟନୀୟ କରିରଖିଛି। କେବଳ ସହର ତଳେ ଅଥବା ଶିଳ୍ପାଞ୍ଚଳ ପାଖାପାଖି ବସବାସ କରୁଥିବା ଆଦିବାସୀମାନଙ୍କର ବିକାଶକୁ ଆଦିବାସୀ ପ୍ରଗତି କୁହାଯାଇ ପାରିବ ନାହିଁ। ଏବେ ସୁଦ୍ଧା ଦୁର୍ଗମ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳମାନଙ୍କରେ ଆଦିବାସୀମାନଙ୍କ ବଞ୍ଚିବାର ମାନଦଣ୍ଡ ସଂପୂର୍ଣ୍ଣ ନିମ୍ନ। ସେମାନଙ୍କ ଆର୍ଥିକ ମାନଦଣ୍ଡ ଅତ୍ୟନ୍ତ ନିମ୍ନସ୍ତରର। ମାଟି ଓ ଆଲୁମିନିୟମର କେତେଟା ହାଣ୍ଡି ଡେକ୍‌ଚି, ଅଲୁଗୁଣିରେ ଚିରାଫଟା

ଲୁଗାପଟା କେତେଖଣ୍ଡ, ଦଉଡିଆ ଖଟଖଣ୍ଡେ ଓ କୁକୁଡା, ବତକ କେତେଟା ସେମାନଙ୍କର ସମ୍ବଳ । ସଞ୍ଚିତ ସଂପତ୍ତି ସେମାନଙ୍କର କିଛି ନଥାଏ । କୃଷିକ୍ଷେତ୍ର ହେଉ କି ଶ୍ରମକ୍ଷେତ୍ର ହେଉ ସେ ଯାହାକିଛି ଅର୍ଜନ କରିଥାଏ ବିଭିନ୍ନ ପର୍ବପର୍ବାଣୀରେ ଅପବ୍ୟୟକରିଥାଏ । ବିବାହ, ଜନ୍ମ ଓ ମୃତ୍ୟୁ ଜନିତ କର୍ମକାଣ୍ଡରେ ମଦ୍ୟ ମାଂସ ଓ ନାଚ ଗୀତ ସେମାନଙ୍କର ମୁଖ୍ୟ ଆଧାର । ଏଥିପାଇଁ ସେମାନେ ବହୁଅର୍ଥ ଓ ସମୟ ଅପଚୟ କରିଥାନ୍ତି । ହାତରେ ଅର୍ଥ ନଥିଲେ ଉତ୍ସବ ପାଳନ ବନ୍ଦ ହୁଏ ନାହିଁ । ସାଉକାର ଘରୁ ଋଣ ଆସେ । ସେହି ଅର୍ଥର ଭରଣାପାଇଁ ଜମିବାଡି ଘରଡିହ ଏପରିକି ନିଜକୁ ମଧ୍ୟ ସାଉକାର ଘରେ ବନ୍ଧା ପକେଇବାରେ ସେ ଦ୍ୱିଧା ବୋଧ କରେନାହିଁ । କିନ୍ତୁ ପର୍ବ ପର୍ବାଣିର ନିର୍ଦ୍ଧାରିତ ଖର୍ଚ୍ଚରେ ଊଣା ହୁଏ ନାହିଁ ।

ଆଦିବାସୀ ଜନତା ଖାଦ୍ୟ କିମ୍ବା ବାସଗୃହ ନିର୍ମାଣ ପାଇଁ ଋଣ କରେ ନାହିଁ । ପ୍ରକୃତି ଏଥିନିମନ୍ତେ ତା ପ୍ରାଙ୍ଗଣ ଉନ୍ମୁକ୍ତ ରଖିଛି । କ୍ଷୁଧାତୃଷ୍ଣା ନିବାରଣପାଇଁ ସେମାନେ ଫୁଲ, ଫଳ, ପତ୍ର କନ୍ଦା ଏପରିକି ଆମ୍ବଟାକୁଆ ଓ ତେନ୍ତୁଳି ମଞ୍ଜିର ସାହାରା ମଧ୍ୟ ନେଇଥାନ୍ତି । ଜଙ୍ଗଲର କାଠ, ଭୂଇଁର ମାଟି ଓ ଫସଲର ନଡା ସେମାନଙ୍କ ବାସଗୃହପାଇଁ ଯଥେଷ୍ଟ । ଏସବୁ ପାଇଁ ସେମାନେ ଯେତିକି ଚିନ୍ତିତ ହୁଅନ୍ତି ନାହିଁ ସେତିକି ଚିନ୍ତିତ ହୁଅନ୍ତି ପୂଜା ପର୍ବ ମାଧ୍ୟମରେ ପାରମ୍ପରିକ ଡୁମା ଦେବତା ଧରିତ୍ରୀମାଆ ଆଦିକୁ ସନ୍ତୁଷ୍ଟ କରିବାପାଇଁ । ଯେଉଁ ଖାଦ୍ୟ ନିଜ ଭାଗ୍ୟରେ କେବେ ଜୁଟେ ନାହିଁ ଋଣ କରଜ କରି ଦେବତାଙ୍କ ଉଦ୍ଦେଶ୍ୟରେ ସେମାନେ ସଂଗ୍ରହ କରିଥାନ୍ତି । ସେଥିପାଇଁ ଜମି ବନ୍ଧା ପଡେ । ଘରଡିହ ବିକ୍ରି ହୁଏ । ନିଜେ ପରଘରେ ଗୋତି ହଳିଆ ରହନ୍ତି । ପୂଜା ପର୍ବ ମାନଙ୍କରେ ଦିନ ଦିନ ଧରି କିଛି କାମଦାମ ନକରି ମଉଜ ମଜଲିସ୍‌ରେ ଗାଁଟା ସାରା ଲୋକେ ଲିପ୍ତ ରହନ୍ତି । ମଦମାଉଁସର ମହୋତ୍ସବ ହୁଏ । ନୃତ୍ୟ ବାଦ୍ୟ ଓ ସଂଗୀତରେ ଦିନରାତି ଏକାକାର ହୋଇଯାଏ । ସେମାନଙ୍କ ଆର୍ଥିକ ସ୍ଥିତିକୁ ତଳିତଳାନ୍ତ କରୁଥିବା ଏପ୍ରକାର ଜୀବନ ଧାରଣ ପଦ୍ଧତି ଏବେ ସୁଦ୍ଧା ଆଦିବାସୀ ସମାଜରେ ଅପରିବର୍ତ୍ତିତ ହୋଇରହିଛି ।

ଅଣଆଦିବାସୀ ସଂପ୍ରଦାୟରେ ଯୌତୁକ ପ୍ରଥାଭଳି ଆଦିବାସୀ ସମାଜରେ ଝୋଲାଟଙ୍କାର ପ୍ରଚଳନ ଅଛି । କିନ୍ତୁ ପାର୍ଥକ୍ୟ ଏତିକି ଯେ ଏହି ଟଙ୍କା ପୁଅ ଝିଅଘରକୁ ଦେବାକୁ ହୋଇଥାଏ । ଆଦିବାସୀ ସଂପ୍ରଦାୟରେ ପୁତ୍ର ସନ୍ତାନ ଅପେକ୍ଷା କନ୍ୟା ସନ୍ତାନର ଯେ ପ୍ରାଧାନ୍ୟ ରହିଛି ଏଥିରୁ ତାହା ସୂଚିତ ହୋଇଥାଏ । ଆଜିକାଲି ଏହି ଟଙ୍କାର ପରିମାଣ ଏମିତି ବଢ଼ିଚାଲିଛି ଯେ ପୁଅପକ୍ଷ ଝୋଲାଟଙ୍କା ପାଇଁ ସର୍ବସ୍ୱାନ୍ତ ହୋଇ ପଡୁଛନ୍ତି । ଝିଅ ଘରର ଦାବୀମୁତାବକ ଝୋଲାଟଙ୍କା ପୁଅପକ୍ଷ ଭରଣା କରିନପାରିଲେ ପୁଅଟିକୁ ପ୍ରସ୍ତାବିତ ଶ୍ୱଶୁର ଘରେ ଗୋତି ବା ହଳିଆ ରହିବାକୁ ପଡିଥାଏ । ଝୋଲାଟଙ୍କା ସୁଝା ସରିବାପରେ ସେ ଝିଅକୁ ପତ୍ନୀ ରୂପରେ ଗ୍ରହଣ କରେ । ପରଂପରାକୁ ଜାବୁଡି ଧରି ପ୍ରଗତିର ପଥରୋଧ କରୁଥିବା ପ୍ରଥା ମଧ୍ୟରୁ ଏ ପ୍ରଥାଟି ଅତ୍ୟନ୍ତ ମର୍ମସ୍ପର୍ଶୀ ।

ଏ ପରିପ୍ରେକ୍ଷୀରେ ଆଦିବାସୀ ସମାଜର କେତୋଟି ଖର୍ଚ୍ଚବହୁଳ ଓ ସମୟ ବ୍ୟୟକାରୀ ପର୍ବପର୍ବାଣୀ ଉପରେ ଆଲୋକପାତ କରିବା ।

ଆଦିବାସୀ ମାନଙ୍କର ଭିନ୍ନଭିନ୍ନ ସଂପ୍ରଦାୟରେ ମୌଳିକ ପୂଜାପର୍ବ ଭିନ୍ନଭିନ୍ନ ରୀତିରେ ପରିପାଳିତ ହେଲେ ସୁଦ୍ଧା କେତେକ ପୂଜା ପ୍ରାୟ ସବୁ ସଂପ୍ରଦାୟରେ ପରିଲକ୍ଷିତ ହୁଏ ଏବଂ ଏହାର ପାଳନ ବିଧିରେ ମଧ୍ୟ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏହାକୁ ସେମାନେ ସାମୁହିକ ଗଣପର୍ବ ଭାବରେ ପାଳନ କରିଥାନ୍ତି । ଏହି ପୂଜା ପଦ୍ଧତିକୁ ସାମାଜିକ, କୃଷିଭିତ୍ତିକ ଓ ପାରଂପରିକ ଭେଦରେ ବିଭାଗୀ କରଣ କରାଯାଇପାରେ ।

ସାମାଜିକ ପର୍ବ ପର୍ବାଣି :

ଜନ୍ମ, ମୃତ୍ୟୁ, ବାଳିକା ପୁଷ୍ପବତୀ ହେବା, ବିବାହ, ନବଜାତକର ନାମକରଣ ଆଦିକୁ ଆଦିବାସୀ ସଂପ୍ରଦାୟ ବଡ ଧୂମ୍‌ଧାମ୍‌ରେ ପାଳନ କରିଥାଏ । ଶିଶୁଟିଏ ଜନ୍ମ ହେଲେ ଦୁଇଦିନ ପର୍ଯ୍ୟନ୍ତ ପରିବାର ଉତ୍ସବ ମୁଖର ହୋଇଥାଏ । ନବମ ଦିନରେ ସେମାନେ ନାମଧରାନି (ନାମକରଣ) ଉତ୍ସବ ପାଳନ କରନ୍ତି । ଏହି ଦିନ ଦିଶାରୀ ତିଥିବାର ନକ୍ଷତ୍ର ଲଗ୍ନ ଆଦି ଗଣନା କରି ଶିଶୁଟିର ନାମକରଣ କରିଥାଏ । ପରିବାର ପକ୍ଷରୁ ଖିରିପିଠା ଲିଆଗୁଡ ପଣା ଆଦି ସହ ଭୋଜିଭାତ ହୋଇଥାଏ । ସମସ୍ତେ ମଦ୍ୟପାନ କରିଥାନ୍ତି । ପ୍ରସୂତିର ଏହିଦିନ ହାଣ୍ଡି ଛୁଆଣି ହୋଇଥାଏ । ପ୍ରସବପରେ ପରିବାର ପାଖରୁ ଅଲଗା ହୋଇ ରହୁଥିବା ପ୍ରସୂତୀ ପରିବାର ସହ ମିଶିବାର ସୁଯୋଗ ପାଏ । ଏକୋଇଶଦିନ ଏକୋଇଶିଆ ପର୍ବ ଧୂମ୍‌ଧାମ୍‌ରେ ପାଳିତ ହୁଏ । ସାଇପଡିଶା ଗ୍ରାମବାସୀ ବନ୍ଧୁବାନ୍ଧବ ଉପହାର ଦେଇ ଶିଶୁକୁ ଆଶୀର୍ବାଦ କରନ୍ତି । ମଦ ମାସଂର ଭୋଜୀହୁଏ । ଥିଲାବାଲା ଘର ନାଟ କରନ୍ତି ।

ମୃତ୍ୟୁକାଳୀନ କ୍ରିୟାକର୍ମକୁ ମଧ୍ୟ ଆଦିବାସୀ ଲୋକ ଉତ୍ସବପରି ପାଳନ କରନ୍ତି । କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ଶବଦାହ ପରେ ମଡା ସାଙ୍ଗିଆ ନଦୀରେ ସ୍ନାନ ସାରି ମଦପିଇଥାନ୍ତି । କୌଣସି ମୃତବ୍ୟକ୍ତିକୁ କୋଷରୋଗଭଳି ଦୁରାରୋଗ୍ୟ ବ୍ୟାଧି ହୋଇଥିଲେ ଅଥବା ତା ଶରୀରରେ ପୋକ ପଡିଥିଲେ ଶବ ସତ୍କାର କରିଥିବା ଲୋକମାନଙ୍କୁ ଘୁଷୁରୀ, ମେଣ୍ଢା, ଛେଳି କିମ୍ବା କୁକୁଡା ସହ ଚାଉଳ ଓ ମଦ ଦିଆଯିବା ବିଧି ରହିଛି । ଏହାଦ୍ୱାରା ମଡା ସାଙ୍ଗିଆ ମାନେ ପ୍ରାୟଶ୍ଚିତ ହୋଇ ଜାତିରେ ମିଶନ୍ତି । ଏହାଛଡା ତିନିଦିନରେ ଧୂମ୍‌ଧାମ୍‌ରେ ମଦମାଂସର ଭୋଜୀ ହୁଏ । ପୁଣି ଦଶାକର୍ମ ଦିନ ଭୋଜିଭାତ ହୁଏ ଏବଂ ରାତିରେ ନାଚହୁଏ । ଆର୍ଥିକ ସମ୍ବଳ ନଥିଲେ ସୁଦ୍ଧା ଋଣ କରଜ କରି ସେମାନେ ଏହି ଆବଶ୍ୟକତା ପୂରଣ କରିଥାନ୍ତି । ପରେ ସୁଧ ସହ ଋଣ ପରିଶୋଧ କରିଥାନ୍ତି ।

ଆଦିବାସୀ ବାଳିକାଟିଏ ପ୍ରାପ୍ତବୟସ୍କା ହେଲେ ସାତଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପୂଜାପାଠ ଲାଗି ରହିଥାଏ । ତିଥି ଲଗ୍ନ ନକ୍ଷତ୍ର ଆଦି ଗଣନା କରି ଦିଶାରୀ ଝିଅଟି ପାଇଁ ସେଇ

ମୂହୁର୍ତ୍ତଟି ଶୁଭ କି ଅଶୁଭ ସୂଚେଇଦିଏ। ଅଶୁଭ ହୋଇଥିଲେ ଛେଳି କୁକୁଡା ମଦ୍ୟମାଂସରେ ନୈବେଦ୍ୟ ଦେଇ ପ୍ରତିକାର କରାଯାଇଥାଏ। ଭୋଜୀ ଭାତ ମଦମାଂସରେ ପରିବାର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ଆପ୍ୟାୟିତ କରାଯାଇଥାଏ।

ବିବାହ ଆଦିବାସୀ ସମାଜରେ ସବୁଠାରୁ ଖର୍ଚ୍ଚବହୁଳ ପ୍ରଥା। ଏହି ଉତ୍ସବରେ ଦିନ ଦିନ ଧରି ଗାଁ ସାରା ଲୋକ ନାଚଗୀତ ମଉଜ ମଜ୍‌ଲିସ୍‌ରେ ଲିପ୍ତ ରହନ୍ତି। ଆଦିବାସୀ ସଂପ୍ରଦାୟରେ ଉଦୁଲିଆ, ଝିଙ୍କା ବିବାହ, ବଡବିଭା ବା ପଇସାମୁଣ୍ଡି ଭଳି ବିଭିନ୍ନ ପ୍ରଥାର ବିବାହ ପ୍ରଚଳିତ। ବିବାହ ଯେକୌଣସି ପ୍ରକାର ହେଉନା କାହିଁକି ଝୋଲାଟଙ୍କା କିନ୍ତୁ ପୁଅଘର ଝିଅଘରକୁ ଦେବାକୁ ହୋଇଥାଏ। ବିନା ଝୋଲାଟଙ୍କାରେ ବିବାହ ହୁଏନାହିଁ। ଝୋଲାଟଙ୍କା ପାଖରୁ ଆରମ୍ଭ କରି ଭୋଜୀଭାତ ମଦ ମାଂସ ପର୍ଯ୍ୟନ୍ତ ସକଳଖର୍ଚ୍ଚ ବରପକ୍ଷକୁ ହିଁ ବହନ କରିବାକୁ ହୋଇଥାଏ। ଏସବୁ ଖର୍ଚ୍ଚ ପୂରଣ କରିବାପାଇଁ ବହୁ ସମୟରେ ଆଦିବାସୀ ସର୍ବସ୍ୱାନ୍ତ ହୋଇପଡିଥାଏ। ବିବାହ ଖର୍ଚ୍ଚ ତୁଲେଇବା ପାଇଁ ତା ଜୀବନର ଅଧାସମୟ ବାଜ୍ୟାପ୍ତି ହୋଇଥାଏ।

କୃଷିଭିତ୍ତିକ ପର୍ବ :

ଆଦିବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ପର୍ବପର୍ବାଣୀରେ ନିଜ ଚାଷ ଜମି ବିକ୍ରି ଅଥବା ବନ୍ଧକ ପଡିଲେ ସେମାନେ ପୁଣି ଜଙ୍ଗଲ ଅଥବା ଡଙ୍ଗର ମାରି ଚାଷଜମି ତିଆରି କରନ୍ତି। ଆୟ ଅପେକ୍ଷା ବ୍ୟୟ ଅଧିକ ହେଉଥିବାରୁ ସ୍ୱଉପାର୍ଜିତ ଫସଲ ସୁଦ୍ଧା ସେମାନେ ପାଇପାରନ୍ତି ନାହିଁ। ଜମିରେ ଥିବା ଫସଲ ଉପରେ ସେମାନେ ଋଣ କରଜ ଆଣିଥାନ୍ତି। ଫସଲ ଅମଳ ହେଉହେଉ ସାଉକାରକୁ ଫସଲ ମପେଇ ଦେଇଥାନ୍ତି। ଅଧିକାଂଶ ଆଦିବାସୀଙ୍କ ଜୀବନ ପଦ୍ଧତି ଏହି ରୀତିରେ ହିଁ ଚଳେ। ତଥାପି ଧରିତ୍ରୀ ମାଆ, ବର୍ଷା ଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ସେମାନେ ପାଳନ କରିଥାନ୍ତି। ଏଥିପାଇଁ ଋଣ କରଜ ବନ୍ଧାଛନ୍ଦା ପଛେ ହେଉ ପର୍ବପର୍ବାଣିର କୌଣସି ବିଧି ବିଧାନ ସେମାନେ ଛାଡନ୍ତି ନାହିଁ। କୃଷିର ଉନ୍ନତି କାମନାରେ ସେମାନେ ପାଳନ କରୁଥିବା ପୂଜାପର୍ବାଣୀ ମଧ୍ୟରୁ ବିହନ ପର୍ବ, ଭୀମାପର୍ବ, ଉଆଁସ ପର୍ବ, ବାଲିଯାତରା, କାନ୍ଦୁଲଭଜା ପର୍ବ, ଦିଆଲି ପର୍ବ, ନଙ୍ଗଲଧୂଆ ପର୍ବ ଆଦି ପ୍ରଧାନ। ଏହି ପର୍ବପର୍ବାଣି ଦିନ ମାନଙ୍କରେ ସେମାନେ କିଛି କାମ କରନ୍ତି ନାହିଁ। ଭଲବର୍ଷା ହେବାପାଇଁ ଇନ୍ଦ୍ର ଦେବତାଙ୍କୁ ପୂଜାକରି ବିହନ ବୁଣା କାର୍ଯ୍ୟ ଆରମ୍ଭ କରିବା, ବାଲିଯାତ୍ରାରେ ଦାର୍‌ନୀ ମାଆ (ଧରଣୀ ମାଆ)କୁ ସନ୍ତୁଷ୍ଟ କରି ମାଟିର ଉତ୍ପାଦନ ଶକ୍ତି ବୃଦ୍ଧି ପାଇଁ ପ୍ରାର୍ଥନା କରିବା, ନଙ୍ଗଲଧୂଆ ପର୍ବରେ କୃଷି ଉପକରଣକୁ ଧୂଆପୋଛା କରି ପୂଜା କରିବା ଆଦି ପ୍ରଧାନ। ପ୍ରତ୍ୟେକ ପର୍ବରେ ମଦମାଂସର ସୁଅ ଛୁଟେ। କେବଳ ପର୍ବଦିନ ନୁହେଁ ପର୍ବର ପରବର୍ତ୍ତିଦିନକୁ ବାସୀଦିନ ଭାବରେ ଖୁବ୍ ଉପଭୋଗ କରିଥାନ୍ତି। ସେଦିନ ମଧ୍ୟ ମଦମାଂସର ଭୋଜୀ ହୁଏ। କିଛି କାମ ନକରି ଆଳସ୍ୟରେ ସମୟ କାଟିଥାନ୍ତି।

ଏସିବୁ ବ୍ୟତୀତ ସେମାନଙ୍କର କେତେଗୁଡ଼ିଏ ପାରମ୍ପରିକ ପର୍ବ ଅଛି, ଯାହା ଅତ୍ୟନ୍ତ ବ୍ୟୟସାପେକ୍ଷ ଓ ସମୟ ସାପେକ୍ଷ । ଏଗୁଡ଼ିକ ଗଣପର୍ବ । ଗ୍ରାମବାସୀମାନେ ସାମୁହିକ ଭାବରେ ଏହି ପର୍ବ ପାଳନ କରିଥାନ୍ତି । ସେଗୁଡ଼ିକ ମୁଖ୍ୟତଃ ଚଇତି ପରବ, ପୁଷ୍ପୁନୀ ପରବ, ବାଲିଯାତ୍ରା, ନୂଆଖାଇ ପରବ, ବଉଲାଣୀ ଉତ୍ସବ, ଟୋକୀମରା ପରବ, କାମିନୀ ପୂଜା ଆଦି ପ୍ରଧାନ । ପୁଷ୍ପୁନୀ ପରବ ଓ ଚଇତିପରବ ମାସବ୍ୟାପୀ ଚାଲିଥାଏ । ବର୍ଷଯାକର କଷ୍ଟାର୍ଜିତ ସମସ୍ତ ଅର୍ଥ ସେମାନେ ଏହି ପର୍ବରେ ଖର୍ଚ୍ଚ କରିଥାନ୍ତି । ନାଚଗୀତ ବାଦ୍ୟ ମଦ୍ୟପାନରେ ଅହରହ ସେମାନେ ଉବୁଟୁବୁ ହୋଇଥାନ୍ତି । ସମଗ୍ର ଗ୍ରାମବାସୀ ସଂପୂର୍ଣ୍ଣ ଭୋଗ ସର୍ବସ୍ୱ ହୋଇ ରହିଥାନ୍ତି । ବାଲିଯାତରା ଆଦିବାସୀ ମାନଙ୍କର ଆଉ ଏକ ପ୍ରମୁଖ ପର୍ବ । ଗାଁର ସବୁ ଅଶୁଭ ଦୃଷ୍ଟିକୁ ଅପ ଦେବତାମାନଙ୍କୁ ଦୂରେଇ ଦେବାପାଇଁ, ବିଭିନ୍ନ ରୋଗ ବ୍ୟାଧିରୁ ଗାଁ ଲୋକଙ୍କୁ ମୁକ୍ତ କରିବାପାଇଁ ଏ ଯାତ୍ରା ଆୟୋଜନ କରାଯାଇଥାଏ । ଅତ୍ୟନ୍ତ ନୀତିନିଷ୍ଠାର ସହ ଏ ପୂଜା ପାଳିତ ହୁଏ । କେଉଁ ସଂପ୍ରଦାୟରେ ଏହା ତିନିବର୍ଷରେ ଥରେ ପାଳିତ ହୁଏ ତ ଆଉ କେଉଁ ସଂପ୍ରଦାୟରେ ୧୨ ବର୍ଷ ଅନ୍ତରରେ ଥରେ ପାଳିତ ହୁଏ । ଦୀର୍ଘ ତିନିମାସ ପର୍ଯ୍ୟନ୍ତ ଏହି ଖର୍ଚ୍ଚବହୁଳ ପର୍ବ ମହାସମାରୋହରେ ସାମୁହିକ ଭାବରେ ପାଳନ କରାଯାଇଥାଏ । ପ୍ରତି ପର୍ବରେ ମଦ ମାଂସର ସାମୁହିକ ଭୋଜୀ ଆୟୋଜନ ହୋଇଥାଏ ।

ପରଂପରାର ସୁରକ୍ଷା ପାଇଁ ପ୍ରଚେଷ୍ଟା ଉନ୍ନତ ମାନସିକତା । କିନ୍ତୁ ମଣିଷ ନିଜର ସବୁତକ ସାମର୍ଥ୍ୟ କେବଳ ପରଂପରାର ସୁରକ୍ଷା ପାଇଁ ବିନିଯୋଗ କଲେ ଜୀବନର ଅନ୍ୟଦିଗ ଅବହେଳିତ ହୋଇପଡ଼େ, ଏହାର ଜ୍ୱଳନ୍ତ ଉଦାହରଣ ଆଦିବାସୀ ସଂପ୍ରଦାୟ । ସେମାନଙ୍କର ରକ୍ଷଣଶୀଳ ମାନସିକତାରୁ ବାହାରି ଆସିବାପାଇଁ ସେମାନେ ଆଦୌ ଇଛା ପ୍ରକାଶ କରନ୍ତି ନାହିଁ । ଶିକ୍ଷାଦୀକ୍ଷାର ଅଭାବ ହେତୁ ସଂସ୍କାର ଓ କୁସଂସ୍କାର, ବିଶ୍ୱାସ ଓ ଅନ୍ଧବିଶ୍ୱାସର ପାର୍ଥକ୍ୟ ଅନୁଭବ କରିପାରନ୍ତି ନାହିଁ । ପରଂପରାର ସଂକୀର୍ଣ୍ଣ ବଳୟ ଭିତରୁ ବାହାର କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା କାଠିକର ପାଠ ହୋଇଥାଏ । ସଞ୍ଚୟ ମନୋବୃତ୍ତି ତ ସେମାନଙ୍କର ନଥାଏ । ତାଛଡା ବର୍ତ୍ତମାନ ସର୍ବସ୍ୱ ହୋଇ ବଞ୍ଚିବାଦ୍ୱାରା ଭବିଷ୍ୟତ କଥା ସେମାନେ ଆଦୌ ଚିନ୍ତା କରନ୍ତି ନାହିଁ । ଯାହାକିଛି ସେମାନେ ଅର୍ଜନ କରନ୍ତି ଉନ୍ନତମାନର ଖାଦ୍ୟ ଓ ଉତ୍ତମ ବାସଗୃହ ପାଇଁ ତାହା ବିନିଯୋଗ ହୋଇପାରେନାହିଁ । ପର୍ବପର୍ବାଣୀ ଓ ଉତ୍ସବମାନଙ୍କର ଖର୍ଚ୍ଚ ଭରଣା ପାଇଁ ଜୀବନ ସାରା ଋଣ କରଜରେ ବୁଡ଼ିରହିଥାନ୍ତି । ନିଜ ଅର୍ଜନର ସିଂହଭାଗ ଯାଏ ସାଉକାର ଘରକୁ ଓ ମଦଭାଟିକୁ । ଏ ଜନତାର ପ୍ରଗତି ପଥର ଅନ୍ତରାୟ ହୋଇଥିବା ବିଭିନ୍ନ କାରଣ ମଧ୍ୟରୁ ସେମାନଙ୍କର ପାରଂପରିକ ଜୀବନଶୈଳୀ ଯେ ଅନ୍ୟତମ ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ ।

ବିପର୍ଯ୍ୟସ୍ତ ମାନବୀୟ ପ୍ରତିରୂପ- ଆତ୍ମହତ୍ୟା

ମାନବ ସଭ୍ୟତାରେ ମହାପାପ ଆଖ୍ୟା ଦେଇଥିବା ଅପରାଧମାନଙ୍କ ମଧ୍ୟରେ ଆତ୍ମହତ୍ୟା ଅନ୍ୟତମ। ଆତ୍ମହତ୍ୟା ଦ୍ୱାରା ମୃତ୍ୟୁବରଣ କରିଥିବା ବ୍ୟକ୍ତିଟିକୁ ସମାଜ ଦଣ୍ଡିତ କରିପାରେ ନାହିଁ ସିନା କିନ୍ତୁ ଦୈବୀ ବିଧାନରେ ତା'ର ଆତ୍ମା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗ ବ୍ୟବସ୍ଥା ରହିଛି ବୋଲି ଆମର ପାରମ୍ପରିକ ବିଶ୍ୱାସ। ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବା ବ୍ୟକ୍ତି ଲାଗି ଆମ ସମାଜ ଜେଲ୍‌ଦଣ୍ଡ ଜୋରିମାନା ଆଦିର ବ୍ୟବସ୍ଥା କରିଛି। ବିଷାଦଗ୍ରସ୍ତ ହୋଇ ବୀତସ୍ପୃହ ଜୀବନ ବଞ୍ଚୁଥିବା ଅଥବା ଆଦୌ ଜୀବନ ବଞ୍ଚିବାକୁ ଚାହୁଁନଥିବା, ଜୀବନକୁ ଦୁର୍ବିସହ ମଣୁଥିବା ମଣିଷମାନଙ୍କ ଆତ୍ମହତ୍ୟା ଅଧିକାରକୁ ଏ ପର୍ଯ୍ୟନ୍ତ କୌଣସି ସଭ୍ୟ ଦେଶ ବୈଧ ବୋଲି ସ୍ୱୀକାର କରିନାହିଁ। ସେହିଭଳି ଦୁରାରୋଗ୍ୟ ବ୍ୟାଧି ଭୋଗୁଥିବା ଓ ପ୍ରତି ମୁହୂର୍ତ୍ତରେ ମୃତ୍ୟୁଠାରୁ ବଳି ଯନ୍ତ୍ରଣାର ଶିକାର ହେଉଥିବା ମଣିଷ ପାଇଁ 'ମର୍ସିକିଲିଂ' ବ୍ୟବସ୍ଥା ଏବେ ସୁଦ୍ଧା ବିତର୍କର ବଳୟରେ ରହିଛି। ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀ ଥରେ ଆଶ୍ରମରେ ପ୍ରତିପାଳିତ ଦୂରାରୋଗ୍ୟ ବ୍ୟାଧି ଭୋଗୁଥିବା ଓ ଚଳପ୍ରଚଳ ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ଥିବା ବାଛୁରୀଟିଏର ଯନ୍ତ୍ରଣାରେ ନିଜେ ଅତିଷ୍ଠ ହୋଇ ପଡିଥିଲେ ଓ ଆବେଗପ୍ରବଣ ହୋଇ ତାକୁ ଯନ୍ତ୍ରଣାମୁକ୍ତ କରିବାପାଇଁ ମାରିଦେବାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ବିନୋବା ତାଙ୍କର ଏ ନିଷ୍ପତ୍ତି ସହ ସହମତ ହୋଇନଥିଲେ। ଜୀବନ ଦେବା ଓ ନେବାର ଅଧିକାର ସେହି ଅଦୃଶ୍ୟ ଶକ୍ତି ହାତରେ ହିଁ ନିହିତ। ସିଏ କେତେବେଳେ କାହାର ପ୍ରାଣ ସଂଚାର ଅଥବା ସଂହାର କରିବେ ସେ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ତାଙ୍କର। ଏ ସମ୍ପର୍କରେ ମଣିଷର ପର୍ଯ୍ୟାପ୍ତ ଜ୍ଞାନ ଥାଇ ସୁଦ୍ଧା ସେ ଅନେକ ସମୟରେ ସେଇ ଭୁଲ୍ କରି ବସେ। ସାମ୍ପ୍ରତିକ ପ୍ରାଣ ପ୍ରବାହକୁ ଏଇ ଆତ୍ମହତ୍ୟା ପ୍ରବଣତା ଅତ୍ୟନ୍ତ ଉଦ୍‌ବେଗଜନକ କରିରଖିଛି। ଏହା ପୁଣି ଆହୁରି ମର୍ମାନ୍ତିକ ରୂପ ନେଉଛି ଯେତେବେଳେ ଏମିତି ଗୋଟାଏ ନିଷ୍ପତ୍ତି ନେବା ପୂର୍ବରୁ ସେ ଅତି ଆପଣାର ଲୋକମାନଙ୍କୁ ହତ୍ୟା କରୁଛି ଓ ତା'ପରେ ନିଜେ ଆତ୍ମହତ୍ୟା କରୁଛି।

ବ୍ୟକ୍ତିଟିଏ ଆତ୍ମହତ୍ୟା କରିବା ମୂଳରେ ଅନେକଗୁଡ଼ିଏ କାରଣ ନିହିତ। ବ୍ୟକ୍ତିଗତ ଜୀବନର ବ୍ୟର୍ଥତାକୁ ସହ୍ୟ କରିବାର ସାମର୍ଥ୍ୟ ନଥିଲେ ବ୍ୟକ୍ତି ହତାଶଗ୍ରସ୍ତ ହୋଇପଡେ। ମାନସିକ ଭାରସାମ୍ୟ ହରାଇ ନିଜକୁ ନିଃଶେଷ କରିଦେବାର ଚରମ ନିଷ୍ପତ୍ତିଟିଏ ନେଇଯାଏ। ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ବହୁ ଛାତ୍ର ଏହାର ଶିକାର ହେଉଥିବାରୁ ଏବେ ଶିକ୍ଷା ଓ ପରୀକ୍ଷା ପଦ୍ଧତିରେ ବହୁ ସଂସ୍କାର ଅଣାଯାଉଛି। ପ୍ରେମ ବ୍ୟାପାରରେ ଅସଫଳ ହୋଇ ଆତ୍ମହତ୍ୟା କରିବାର ବହୁ ଇତିହାସ ରହିଛି। ଏହା କେତେବେଳେ ଏକକ ତ ପୁଣି କେତେବେଳେ ପ୍ରେମୀଯୁଗଳ ଆତ୍ମହତ୍ୟା କରିବାର ନିଷ୍ପତ୍ତି ନିଅନ୍ତି। ବେଳେବେଳେ ଏକାଧିକ ପ୍ରେମୀଯୁଗଳ ଆତ୍ମହତ୍ୟା କରିବାର ସାମୁହିକ ନିଷ୍ପତ୍ତି ନିଅନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ପ୍ରେମୀମାନଙ୍କର ଆତ୍ମହତ୍ୟା ନୂଆ କଥା ନୁହେଁ କିମ୍ବା ଏହା ସମାଜକୁ ବେଶୀ ଗୁଡାଏ ଆକ୍ରାନ୍ତ କରେ ନାହିଁ। କିନ୍ତୁ ଉଦ୍‌ବେଗର ବିଷୟ ହେଉଛି ଉଚ୍ଚଶିକ୍ଷା ଲାଭ କରି ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କରେ କାର୍ଯ୍ୟରତ ଅଧିକାଂଶ ସଫ୍ଟଓୟାର ଇଞ୍ଜିନିୟରଙ୍କ ଆତ୍ମହତ୍ୟା ପ୍ରବଣତା। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେତେ ସଂଖ୍ୟକ ଯୁବକ ଯୁବତୀ ଆମ ଦେଶରେ ଆତ୍ମହତ୍ୟା କରୁଛନ୍ତି, ସେଥିରୁ ଅଧିକାଂଶ ବେଙ୍ଗଲୁର ସହରର। ଏମାନେ ପ୍ରାୟ ସମସ୍ତେ ସଫ୍ଟଓୟାର ଇଞ୍ଜିନିୟର। ଏ ସହର ଏବେ ଆତ୍ମହତ୍ୟାର ସହର ବୋଲି ଅପଖ୍ୟାତି ଅର୍ଜନ କରି ସାରିଲାଣି। ଏମାନଙ୍କର ବଞ୍ଚିବାର ଶୈଳୀ ଅଲକ୍ଷ୍ୟରେ ଏମାନଙ୍କୁ ଅବସାଦଗ୍ରସ୍ତ କରୁଛି। ଆତ୍ମହତ୍ୟାର ବିକଳ୍ପ ସନ୍ଧାନ କରିବା ଏମାନଙ୍କ ପାଖରେ ଅସମ୍ଭବ ହୋଇପଡୁଛି।

ନିକଟ ଅତୀତରେ ମାଆଟିଏ ଦୁଇପିଲାଙ୍କୁ କୂଅକୁ ଫିଙ୍ଗିଦେଇ ନିଜେ କୂଅରେ ଡେଇଁ ପଡିବାର ଲୋମହର୍ଷଣକାରୀ ଘଟଣା ଘଟିଥିଲା ନବରଙ୍ଗପୁର ସହରରେ। ସେତେବେଳେ କିଛି ଲୋକ ମାଆକୁ ଦୋଷ ଦେଉଥିବା ବେଳେ ଆଉ କେହି ପାରିପାର୍ଶ୍ୱିକ ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ। ଏକାଧିକ କନ୍ୟାସନ୍ତାନ ଜନ୍ମ କରିଥିବା ମାଆଟି ସାମାଜିକ ତାଡନାକୁ ସହ୍ୟ କରିନପାରି ଆତ୍ମହତ୍ୟା କରିବାର ଦୃଷ୍ଟାନ୍ତ ରହିଛି। ସ୍ୱାମୀ କିମ୍ବା ଶାଶୁ ଶ୍ୱଶୁରଙ୍କ ଦ୍ୱାରା ନିର୍ଯାତିତା ମାଆଟିଏ ନିଜ ସନ୍ତାନର ଅସୁରକ୍ଷିତ ଭବିଷ୍ୟତ ଆଶଙ୍କା କରି ସନ୍ତାନ ସହ ନିଜେ ନିଜକୁ ନିଃଶେଷ କରିଦେବା ଘଟଣା ଆମ ରାଜ୍ୟରେ ବହୁବାର ଘଟିଛି। ଯୌତୁକ ଜନିତ ଆତ୍ମହତ୍ୟାର ତ ଅନ୍ତ ନାହିଁ। ଅବଶ୍ୟ ଏ କ୍ଷେତ୍ରରେ ଅନେକ ସମୟରେ ହତ୍ୟାକୁ ଆତ୍ମହତ୍ୟା ରୂପ ଦିଆଯାଉଛି ତ ପୁଣି ଆତ୍ମହତ୍ୟାକୁ ହତ୍ୟା ବୋଲି ଅଭିଯୋଗ ହେଉଛି।

ଜେଲ୍‌ରେ କଏଦୀମାନଙ୍କର ଆତ୍ମହତ୍ୟା ସମ୍ପର୍କିତ ସମ୍ବାଦ ବେଳେବେଳେ ଦୃଷ୍ଟିଗୋଚର ହୁଏ। ଅବଶ୍ୟ ଏଥିରେ କୌଣସି ଅବାସ୍ତବତା ଅନୁଭବ ହୁଏନାହିଁ। ଅପରାଧ କରିଥିବା ବ୍ୟକ୍ତି ଦୁର୍ବଳମନା ହୋଇଥିଲେ ଏସବୁ ଘଟଣା ଘଟିଥାଏ। ଉପରିସ୍ଥ ଅଫିସରଙ୍କ ଦ୍ୱାରା ନିର୍ଯ୍ୟାତନା ମଧ୍ୟ ବେଳେବେଳେ ଆତ୍ମହତ୍ୟାର କାରଣ ହୋଇଥାଏ। କିନ୍ତୁ ସାମାଜିକ ବ୍ୟବସ୍ଥାକୁ ସତର୍କ

କରିଦେବା ଭଳି ମର୍ମଭେଦୀ ପ୍ରସଙ୍ଗ ହେଉଛି ଚାଷୀ ଆତ୍ମହତ୍ୟା। ଏହା ଗୋଟିଏ ବିଫଳ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ଫଳଶ୍ରୁତି।

ବାର୍ଦ୍ଧକ୍ୟ ସମୟରେ ପୁତ୍ର ଓ ପୁତ୍ରବଧୂଙ୍କଠାରୁ ନିର୍ଯ୍ୟାତିତ ହୋଇ ଜୀବନକୁ ଅସୁରକ୍ଷିତ ମଣୁଥିବା ବରିଷ୍ଠ ନାଗରିକଙ୍କର ଆତ୍ମହତ୍ୟା ଅଧଃକ୍ଷୟଶୀଳ ସାମାଜିକ ମୂଲ୍ୟବୋଧର କଳଙ୍କିତ ପ୍ରତିଛବି।

ଜଗତର ସବୁଠାରୁ ବଡ ଆତଙ୍କ ହେଲା କ୍ଷୁଧାର ତାଡନା। କିଛିବର୍ଷ ତଳେ ଗୋଟାଏ ସ୍ୱାଧୀନତା ଦିବସରେ ଜଣେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସ୍ତ୍ରୀ ଓ ତିନୋଟି ସନ୍ତାନ ସହ ନିଜେ ଆତ୍ମହତ୍ୟା କରିଥିଲେ। ଦାରିଦ୍ର୍ୟର ପୀଡନରୁ ରାୟଗଡା ସହରରେ ଘଟିଥିବା ଏ ମର୍ମନ୍ତୁଦ ଘଟଣା ସମଗ୍ର ଓଡ଼ିଶାରେ ଥିଲା ପ୍ରଥମ। ତା'ପରେ ପ୍ରତିବର୍ଷ ଦାରିଦ୍ର୍ୟ ଜନିତ ସପରିବାର ଆତ୍ମହତ୍ୟା ସମ୍ବାଦ ଦୃଷ୍ଟିଗୋଚର ହେଉଛି।

ଏକକ ଆତ୍ମହତ୍ୟା ସମାଜକୁ ଯେତିକି ଆକ୍ରାନ୍ତ କରୁନଥିଲା, ସାମୂହିକ ଆତ୍ମହତ୍ୟା ସମାଜକୁ ଆହୁରି ଗଭୀର ପ୍ରଭାବିତ କରିଛି। ଏ ପ୍ରକାର ମାନସିକତା ଯେ, ନିମ୍ନବର୍ଗ ମଣିଷମାନଙ୍କର ଠିକ୍ ସେୟା ନୁହେଁ ବରଂ ହାଇ ପ୍ରୋଫାଇଲ୍ ମଣିଷମାନେ ଯେଉଁମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ବା ରୋଲମଡେଲ, ସେମାନଙ୍କ ଭିତରେ ଜୀବନକୁ ସାମ୍ନା କରିବାର ଅସମର୍ଥପଣ ସମାଜକୁ ଆହୁରି ବ୍ୟତିବ୍ୟସ୍ତ କରିଦେଇଛି। ଗତବର୍ଷ ଜନୈକ ବିରଷ୍ଠ ଆଇ.ଏ.ଏସ୍ ଅଫିସର ପରିବାର ସଦସ୍ୟଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବା ଆମ ବିପର୍ଯ୍ୟସ୍ତ ମାନସିକ ଚେତନାର ଏକ କଳଙ୍କିତ ଉଦାହରଣ। ଏ ସବୁଥିରୁ ଆମକୁ ନିବର୍ତ୍ତିବାକୁ ହେବ। ଏହା କେବଳ ଆମ ରାଜ୍ୟର ସମସ୍ୟା ନୁହେଁ କି ଆମ ଦେଶର ସମସ୍ୟା ନୁହେଁ ସମଗ୍ର ମାନବ ଜାତିର ସମସ୍ୟା।

ଜୀବନକୁ ସହଜ ସ୍ୱାଚ୍ଛନ୍ଦ୍ୟ ଓ ଉପଭୋଗମୟ କରିବାରେ ଆଜିର ମଣିଷ ସଫଳତାର ଶୀର୍ଷ ଚୁମ୍ବନ କରିଛି ସତ, କିନ୍ତୁ ମାନବିକ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖି ପାରିନାହିଁ। ଏହି ମାନବିକ ଚେତନାର ଅବକ୍ଷୟ ହିଁ ସକଳ ଦୁର୍ଗତିର ହେତୁ। ଆମକୁ ବଞ୍ଚିବାକୁ ହେବ, ଭୌତିକ ସଫଳତାର ଆଧାରରେ ନୁହେଁ। ବରଂ ଉଚ୍ଚତମ ମାନବୀୟ ସମ୍ବେଦନାରେ।

❑❑

ଯାହାକୁ ରଖିବେ ଅନନ୍ତ

ନିଜକୁ ଜଗନ୍ନାଥଙ୍କ ଭକ୍ତ ବୋଲି କହିବାର ସ୍ପର୍ଦ୍ଧା କେବେ କରିନାହିଁ । ତାଙ୍କ ପାଇଁ ନିବିଷ୍ଟ ଚିତ୍ତରେ କେବେ ପୂଜା ଆରାଧନା କରିନାହିଁ । ଉପବାସ ରହି ତାଙ୍କ ପାଇଁ ବ୍ରତ ଆଚରିନାହିଁ । ଏକନିଷ୍ଠ ହୋଇ ତାଙ୍କୁ କେବେ ଭଜନ କୀର୍ତ୍ତନ କରିବା ମୋ ସ୍ମରଣରେ ଆସେ ନାହିଁ । କୋଉ ଅଧିକାରରେ ମୁଁ ତାଙ୍କ ପାଖରେ ଆପତ୍ତି ଅଭିଯୋଗ କରିବି ? ମୋ ଅଭାବ ଅସୁବିଧାରେ ମୋ ଦୁଃଖ ଦୁର୍ଦ୍ଦଶାରେ ମୋ ଭାଗ୍ୟ ବିପର୍ଯ୍ୟୟବେଳେ ମୋତେ ଟେକି ଉହାଡ କରି ରଖବୋଲି ଅଳି କରିବି ? ସିଏ କିନ୍ତୁ ସଦାସର୍ବଦା ମୋ ପାଖେ ପାଖେ ଥିବାର ମୁଁ ଅନୁଭବ କରିଛି, ସିଏ ତ ଅଗତିର ଗତି । ସିଏ ଭକ୍ତର ଯେତିକି ଅଭକ୍ତର ସେତିକି । ଧାର୍ମିକର ଯେତିକି, ନାସ୍ତିକର ସେତିକି । ପାପୀର ଯେତିକି ପୂଣ୍ୟବାନ୍‌ର ବି ସେତିକି । ବିଚିତ୍ର ତାଙ୍କର ଲୀଳା । କାହାର ସାଧ ଅଛି ସେ ଲୀଳ ରହସ୍ୟ ଭେଦିବ ? ସିଏ ଭାବଗ୍ରାହୀ, ପୁଣି ଅନ୍ତର୍ଯ୍ୟାମୀ । ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ସିଏ ଅହରହ ତାଙ୍କ କରୁଣାର ଧାରା ଅବାରିତ ବର୍ଷିଦେଇଯାଇଛନ୍ତି ମୋ ପାଇଁ । ମୋ ଚଲାପଥରେ କଣ୍ଟାଟିଏ ପଡିବାର ଆଶଙ୍କାଥିଲେ ସିଏ ମୋ ରାସ୍ତା ବଦଳେଇ ଦେଇଛନ୍ତି । ମୋ ମୁଣ୍ଡ ଉପରେ ପଥରଟିଏ ପଡିବାର ସମ୍ଭାବନା ଥିଲେ ସେ ତାକୁ ଫୁଲଟିଏ କରିଦିଅନ୍ତି । ଜୀବନରେ ବହୁତ ବଡବଡ ବିପତ୍ତି ଆସିଛି, ବଡବଡ ସମସ୍ୟା ଆସିଛି, ମୁଣ୍ଡ ଉପରେ ଆକାଶଟା ଛିଡି ପଡିଲା ପରିଲାଗିଛି, କିନ୍ତୁ ସେ ଇଚ୍ଛାମୟ ଲୀଳାପୁରୁଷ ଏମିତି ଖଞ୍ଜରେ, ଏମିତି ବାଗରେ ଆସି ମୋତେ ଘଣ୍ଟ ଘୋଡେଇଛନ୍ତି ଚିନ୍ତା କଲାବେଳକୁ ମୋ ରୋମ ଟାଙ୍କୁରୀ ଉଠୁଛି । ପର ମୂହୁର୍ତ୍ତରେ ଚିନ୍ତାକଲେ ବିଶ୍ୱାସ ହୁଏ ନାହିଁ । ସତରେ କ'ଣ ଏମିତି ଅଭାବିତ ଆଉ ଅସମ୍ଭବ ଘଟଣାଟିଏ ଘଟିଗଲା ? ଅଙ୍ଗନିଭା ଘଟଣା ହେଇ ବି ଯାହା ନିଜକୁ ବିଶ୍ୱାସ କରିବାକୁ କଷ୍ଟ ହୁଏ; ଅନ୍ୟମାନଙ୍କ ପାଇଁ ବା କେମିତି ବିଶ୍ୱାସଯୋଗ୍ୟ ହେବ ! ସବୁବେଳେ ସବୁକଥା କହିହୁଏ ନାହିଁ ସମସ୍ତଙ୍କ ଆଗରେ । ଲୋକେ ହସିବେ, ଥଟ୍ଟା ପରିହାସ କରିବେ । କପୋଳ କଳ୍ପିତ ଘଟଣା ବୋଲି କହିବେ । ସେ ଠାକୁର ହିଁ ତ ସେମିତି । ସବୁ ଘଟଣାରେ ଅଘଟଣ ଓ ସବୁ ଅଘଟଣର ଘଟଣ । ସବୁ କାରଣର କାର୍ଯ୍ୟ ଓ ସବୁ କାର୍ଯ୍ୟର କାରଣ । ସେଇଥିପାଇଁ ତ ସେ ଭାବଭୋଳା ପ୍ରଭୁଙ୍କର ଅନୁକମ୍ପାକୁ ମୁଁ ଏକାଏକା ପ୍ରାଣଭରି ଅନୁଭବ କରେ । ହୃଦୟଭରି ତାଙ୍କ କରୁଣାର ବାରିରେ ସିକ୍ତ ହୋଇଯାଏ । ତାଙ୍କର

ଅଭୟ ଆଶୀଷ ମୋ ସମଗ୍ର ସତ୍ତାକୁ ଅହରହ ଆଚ୍ଛାଦିତ କରି ରଖିଥାଏ । ସେ ଅନୁଭବ ମୋ ପାଇଁ ଅନନ୍ୟ । ରକ୍ତମାଂସ ଶିରା ପ୍ରଶିରା ଅସ୍ଥିମଜ୍ଜା ପର୍ଯ୍ୟନ୍ତ ବିସ୍ତରିଯାଏ ସେ ଭାବ । ଗୋଟାଏ ଦୁଃଖରୁ, ଗୋଟାଏ ବିପର୍ଯ୍ୟୟରୁ, ଗୋଟାଏ ଦୁର୍ଗତିରୁ ଉତ୍ତୀର୍ଣ୍ଣ ହେଲାପରେ ସେ ମୋର ଆହୁରି ନିକଟତର ହୋଇଯାନ୍ତି । ମୁଁ ଆହୁରି ଅଭିଜ୍ଞ ହୋଇଯାଏ । ମୋର ପ୍ରଗତି ଆହୁରି ପ୍ରଶସ୍ତ ହୋଇଯାଏ, ଏସବୁ ମୋର ଏକାନ୍ତ ଅଙ୍ଗନିଭା କଥା । ଏମିତି ଘଟଣାଟିଏ କହୁଛି, ଯାହା କେବଳ ମୋ ନିଜସ୍ୱ ଅନୁଭୂତି ନୁହେଁ ବହୁଲୋକ ଏହାର ପ୍ରତ୍ୟକ୍ଷଦର୍ଶୀ ।

୨୦୦୯, ଜୁଲାଇ ଏକ ତାରିଖ । କାହିଁକି କେଜାଣି, ଗୋଟାଏ ଅହେତୁକ ବିମର୍ଷ ଭାବ ସଂଧ୍ୟା ସମୟରୁ ମୋତେ ଆଚ୍ଛାଦନ କରିରଖିଲା । ମନର ସ୍ଥିରତା ରହିଲା ନାହିଁ, ପଢ଼ା ଟେବୁଲ୍ ପାଖରୁ ଚେୟାରଟା ଘୁଞ୍ଚେଇ ଆଣି କୋଠରୀ ମଝିରେ ଦୁଇ ଚକ୍ଷୁବନ୍ଦ କରି ବସି ରହିଲି ବେଶ୍ ସମୟ, ଏ ଦୁନିଆ, ଏ ଜୀବନ, ଏ ସଂସାର, ପରିବାର, ଆତ୍ମୀୟ ସ୍ୱଜନ, ସଂପର୍କ, ଜୀବନ ଜୀବିକା ପାଇଁ ଭାଗଦୌଡ଼ ସବୁଯେମିତି ଲାଗିଲା ଗୋଟାଏ ବିରାଟ ଶୂନ୍ୟତା । ଫମ୍ପା, ଅର୍ଥହୀନ, ଅଳୀକ । ଦୁଇମାସ ତଳେ ଗୋଟାଏ ଦୁର୍ଘଟଣାରେ ଇହଲୀଳା ସମ୍ବରଣ କରିଥିବା ମୋ ଜ୍ୟେଷ୍ଠଭଗ୍ନୀର ଅମ୍ଳାନ ସ୍ମୃତି ମୋତେ ଜୀବନ ପ୍ରତି ସଂପୂର୍ଣ୍ଣ ବୀତସ୍ପୃହ କରିଦେଲା । ସଂସାର ମୋହରେ ସଂପୂର୍ଣ୍ଣ ମୋହାବିଷ୍ଟ ହୋଇଥିବା ମଣିଷଟା ଗୋଟାଏ ମୁହୂର୍ତ୍ତରେ କେଉଁଠି ଶୂନ୍ୟରେ ମିଳାଇ ଗଲା ଯେ ତାର ଚିହ୍ନବର୍ଣ୍ଣଟିକେ ରହିଲା ନାହିଁ ।

ମୁଁ ଚେୟାରରୁ ଉଠି ଆସି ଖଟ ଉପରେ ଗଡିପଡିଲି, ଦୁଇ ଆଖିରୁ ଦୁଇ ଧାର ଲୁହ ବାହାରି କାନମୂଳକୁ ଗଡିଗଲା । ସେମିତି ଗଡୁଗଡୁ କେତେବେଳେ ମୋତେ ନିଦ୍ରା ଆଚ୍ଛନ୍ନ କରିଛି ମୁଁ ଜାଣି ପାରିନାହିଁ ।

ହଠାତ୍ ଲ୍ୟାଣ୍ଡ ଫୋନ୍‌ର ଚିତ୍କାରରେ ମୋ ତନ୍ଦ୍ରା ତୁଟିଗଲା । ସେଲ୍ ଫୋନ୍‌ଟି ମୋ ବେଡ୍ ଉପରେ ଥିଲା । ଏତେ ରାତିରେ ସେଲ୍ ଫୋନ୍ ପରିବର୍ତ୍ତେ ଲ୍ୟାଣ୍ଡଫୋନ୍ ! ଏକ ମୃଦୁ ବିରକ୍ତି ବୋଧ । ସେମିତି ସେଇ ତନ୍ଦ୍ରା ଆବେଶରେ ଟେବୁଲ୍ ପାଖକୁ ଗଲି ଓ ଫୋନ୍ ରିସିଭ୍ କଲି ।

ସଂଧ୍ୟା ସମୟର ସେ ବିବଶତା କିଛି ପରିମାଣରେ କଟିଯାଇଥିଲା । ଅନୁଭବ କଲି ମଶାଙ୍କର ଦୋରାତ୍ମ୍ୟ, ଗାଲ ଓ ଗୋଟାଏ ବାହୁରେ ସେ ପର୍ଯ୍ୟନ୍ତ ବି ମଶା କାମୁଡିବାର ଯନ୍ତ୍ରଣା ଉପଶମ ହୋଇନାହିଁ । ମଶାରୀ ଟାଙ୍ଗିବାକୁ ହିଁ ପଡିବ । ନହେଲେ ଏମାନଙ୍କ ଦାଉରୁ ରକ୍ଷା ନାହିଁ । ମଶାରୀ ଟାଙ୍ଗି ଶେଜ ଘରିପଟେ ଘପି ପୁଣି ନିଘୋଡ ନିଦରେ ଶୋଇଗଲି । ସେ ଦିନର ନୈଶ ଭୋଜନଟା ବି ହୋଇ ପାରିଲାନାହିଁ ।

ଭୋର ପାଞ୍ଚଟା ହେଲେ ଶେଜ ମୋତେ କଣ୍ଟକିତ ଲାଗେ । ଆଉ ବେଶି ସମୟ ମୁଁ ଶୋଇପାରେ ନାହିଁ । ବେଡ୍ ଲାଇଟ୍‌ର ଅସ୍ପଷ୍ଟ ଆଲୋକରେ କୋଠରୀଟା ଗୋଟାଏ ମାୟାପୁରୀର ଭ୍ରମ ସୃଷ୍ଟି କରୁଥିଲା । ମୁଁ ବିଛଣାରୁ ଉଠିବାର ଉପକ୍ରମ କଲି, ମୋ ଅଜାଣତରେ ମୋ ବାମପାଦଟା ଟିକେ ଉପରକୁ ଉଠିଗଲା, ହଠାତ୍ ଗୋଟାଏ ଅନନୁଭୂତ ସ୍ପର୍ଶରେ ମୁଁ ଚମକି ପଡିଲି, ବିଲେଇ ଶାବକଟିଏ କେମିତି ଚଢ଼ିଗଲା ମଶାରୀ ଉପରକୁ ? ମୋ ଭାବନା ସଂପୂର୍ଣ୍ଣ ହେବା ପୂର୍ବରୁ ଗୋଟାଏ ଫୁତ୍‌କାର ମୋ ସର୍ବାଙ୍ଗରେ ତଡିତ୍ ସଂଯୋଗ କରିଦେଲା, ଯାହାକୁ ମୁଁ ବିଲେଇ

ଶାବକ ବୋଲି ଭାବୁଥିଲି ତାହା ଥିଲା ଗୋଟାଏ ଉତ୍‌ଫଣ ନାଗ । ମୋ ମୃଦୁପଦାଘାତରେ ସେ କ୍ରୋଧରେ ଅଜ୍ଞାନ । କେଜାଣି କେତେବେଳୁ ସେ ଆଶ୍ରୟ ନେଇଛି ମୋ ମଶାରୀ ଉପରେ ? ହୁଏତ ସାରାରାତି ବି ହୋଇପାରେ, ଅସ୍ପଷ୍ଟ ଆଲୋକରେ ମୁଁ ଅନୁଭବ କରୁଥିଲି ସେହି ମୃତ୍ୟୁ ଦୂତକୁ, କି ସନ୍ଦେଶ ନେଇ ସେ ଆସିଥିଲା ମୋ ଘରକୁ, ପୁଣି ସିଧା ମୋ ବେଡ୍ ଉପରକୁ । ମଶାରୀ ଟଙ୍ଗା ହୋଇ ନଥିଲେ କ'ଣ ହୋଇଥାନ୍ତା ମୋ ଅବସ୍ଥା ? ମହାପ୍ରଳୟ ହେବାପାଇଁ ଗୋଟାଏ ମୁହୂର୍ତ୍ତ ବି ଲାଗିନଥାନ୍ତା ।

ପ୍ରାଣ ବିକଳରେ ମୁଁ ମଶାରୀର ଗୋଟାଏ କୋଣ ଟେକି ବାହାରକୁ ବାହାରି ଆସିଲି, ଦାଣ୍ଡ କବାଟ ଖୋଲିଲି । ଭୋର୍ ପାଞ୍ଚଟା, ଜୁଲାଇ ମାସର ଆକାଶ ହୋଇଥିଲେ ବି ଆକାଶରେ ମେଘଖଣ୍ଡ ନଥିଲା, ପୂର୍ବାକାଶରେ ସିନ୍ଦୁରା ଫାଟି ଆସୁଥିଲା, ପ୍ରଥମେ ପଡିଶା ଘର କବାଟରେ କରାଘାତ କଲି ।

କିଛି ସମୟ ଭିତରେ ମୋ ଘର ଗୋଟାଏ ପ୍ରଦର୍ଶନୀ ହୋଇଗଲା । ଦେଖଣାହାରୀଙ୍କ ଭିଡ । ସେ ପର୍ଯ୍ୟନ୍ତ ସାପଟି ଜାଲରେ ମାଛ ପଡିବା ପରି ମଶାରୀର ଗୋଟାଏ କୋଣକୁ ଅସହାୟ ହୋଇ ପଡିଥାଏ । ଲୁଲୁଲୁଲୁ ସମସ୍ତଙ୍କୁ ଋହୁଁଥାଏ । ତଥାପି କଳା କାଇଁଚପରି ତା କଳା ଘୁମର ଦୁଇ ଆଖିରେ ବୋଧ ହେଉଥାଏ ପ୍ରଳୟର ଆବାହନୀ ।

ଏହା ଭିତରେ କେହି ସହୃଦୟ ବ୍ୟକ୍ତି ମୋ ବାସସ୍ଥଳୀଠାରୁ ତିନି କିଲୋମିଟର ଦୂରକୁ ଯାଇ ସାପ ଧରାଳିଟିକୁ ତାଙ୍କ ଗାଡି ପଛରେ ବସେଇ ଆଣିଲେ । ସେତେବେଳକୁ ଦିନ ଆଠଟା, ସାପଟି ସେମିତି କୁଣ୍ଡଳୀ ମୋଡି ଶୋଇଥାଏ ମଶାରୀ ଉପରେ । ଅଧା ଅନ୍ଧାର ଅଧା ଆଲୁଅ ଜାଗାରୁ ସାପ ଧରାଳି ସାପଟିକୁ ଧରି ବାହାରକୁ ଆଣିଲା । ଧୋବ ଫର୍‌ଫର୍ ଦୁଧରଙ୍ଗର ଶ୍ୱେତ ନାଗଟିଏ । ଗର୍ଭରେ ସଦ୍ୟ ଆହାର କରିଥିବା ମୂଷା ।

ଦେଖଣାହାରୀ ଆଚମ୍ବିତ । କେହିକେହି କହିଲେ, ମଶାରୀ ଉପରେ ସାପ, ତମର ରାଜଯୋଗ ଅଛି । ମୋ ଆୟୁଷ ବଳକୁ କେହି ତାରିଫ୍ କଲେ ତ ଭାଗବତରୁ ଦୁଇଧାଡି ଉଦ୍ଧୃତି କରି ମୁରବୀ ସ୍ଥାନୀୟ ବ୍ୟକ୍ତି କହିଲେ -

"ଯାହାକୁ ରଖିବେ ଅନନ୍ତ
କି କରି ପାରେ ବଳବନ୍ତ ।"

ପୁଣି କେହି କହିଲେ ଭଗବାନଙ୍କ ଆଶୀର୍ବାଦ ତମ ପଛେ ପଛେ ଅଛି । ସାପ ମୁହଁରୁ ବଞ୍ଚିଥିବାରୁ ମୋର ଆୟୁଷ ଶହେବର୍ଷ ହେଇଗଲା ବୋଲି ମଧ୍ୟ ମୋର ଶୁଭ ଚିନ୍ତକମାନେ କହିଲେ ।

ମୁଁ କିନ୍ତୁ ହତବାକ୍ ହୋଇ ସମୀକ୍ଷା କରୁଥିଲି ଘଟଣାର ପ୍ରଚ୍ଛଦ ପଟ । ମୋ ବୋଧଶକ୍ତି ମୋତେ ବାରମ୍ବାର ପ୍ରସଙ୍ଗଟିକୁ ତର୍ଜମା କରିବାକୁ ଅତିଷ୍ଠ କରୁଥିଲା । କାହା ପ୍ରେରଣାରେ ବନ୍ଧୁଜଣକ ବିଳମ୍ବିତ ରାତ୍ରିରେ ଫୋନ୍ କଲେ । ତାହାପୁଣି ମୋବାଇଲ୍ ନୁହେଁ, ଲ୍ୟାଣ୍ଡ ଫୋନ୍‌ରେ । ଅନିଚ୍ଛା ସତ୍ତ୍ୱେ ମୁଁ ଖଟ ଉପରୁ ଉଠି ଫୋନ୍ ରିସିଭ୍ କଲି । ପୁଣି କେଉଁ ଦେବତାଙ୍କ ଅନୁପ୍ରେରଣା ମୋତେ ମଶାରୀ ବାନ୍ଧିବାକୁ ଉତ୍‌ପ୍ରେରିତ କଲା ?

ଜୀବନପ୍ରତି ଉଦାସୀନ ହେଉଥିବା ବେଳେ ସିଏ କ'ଣ ମୋତେ ଚେତେଇ ଦେଲେ କି ଜୀବନଟା କେତେ ମୂଲ୍ୟବାନ୍ ? ଯାହାକୁ ସେ ନିଜେ ମୋ ହାତରେ ସମର୍ପି ଦେଲେ ? ଦୁଇମାସ ତଳେ ମୋ ପରିବାରରେ ଜଣଙ୍କର ଆକସ୍ମିକ ବିୟୋଗ ଜନିତ ଶୋକୋଚ୍ଛ୍ୱାସ ତଥାପି ପ୍ରଶମିତ ହୋଇନଥିଲା । ଆଉ ଗୋଟାଏ ନିଶ୍ଚିନ୍ତ ଦୁର୍ଘଟଣାରୁ କିଏ ମୋତେ ଏମିତି ଚକ୍ର ଉହାଡ କଲା ?

ଭକ୍ତିରେ ଭୟରେ କୃତଜ୍ଞତାରେ ମୁଁ ଜଡସଡ ହୋଇ ଯାଉଥିଲି । ଦେଖଣାହାରୀ ଦଳଦଳ ହୋଇ ଆସି ନାଗଦେବତାଙ୍କୁ ନମସ୍କାର ହେଉଥିବାବେଳେ ମୁଁ ସମସ୍ତଙ୍କ ଅଲକ୍ଷ୍ୟରେ ବାରମ୍ବାର ହାତ ଟେକୁଥିଲି ମୋର ଅତି ଆପଣାର ଦେବତା ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ । ଆଉ ମନେ ମନେ କହୁଥିଲି ହେ ଇଚ୍ଛାମୟ ! ମତେ ବଞ୍ଚେଇ ରଖିବା ଯଦି ତମର ଇଚ୍ଛା, ତାହେଲେ ଏ ଜୀବନଟା ବି ମୁଁ ତମକୁ ଉତ୍ସର୍ଗ କରିଦେଲି, ମୋର ପ୍ରତିଟି ଚିନ୍ତା ଚେତନା, ଇଚ୍ଛା ଅଭିଳାଷକୁ ତମରି ପାଦତଳେ ସମର୍ପି ଦେଉଛି, ତମର ସକଳ ଆଦେଶ ଓ ଅନୁଜ୍ଞାକୁ ମୁଁ ମୁଣ୍ଡପାତି ବରଣ କରିନେଉଛି, ହେ ଲୀଳା ପୁରୁଷ ! ମୋର ବା ସାଧ କେତେ ଯେ ତମର ମହାନତାକୁ ଧନ୍ୟବାଦ ଦେଇ ଅମର୍ଯ୍ୟାଦା କରିବି ? ଏ ଜୀବନ ତମର, ସେଥିରେ କାଣିଚାଏ ମୋର ଅଧିକାର ନାହିଁ ।

ମୋ ଦୁଇ ଆଖିରୁ ଦୁଇଧାର ଅଶ୍ରୁ ନିଗିଡି ପଡିଲା, ଏହା ପୂର୍ବରୁ କେତେଟା ଛୋଟବଡ ଘଟଣା ଘଟିଥିଲେ ବି ସେଦିନର ସେ ଅଭାବିତ ଘଟଣା ଅହରହ ମୋ ଚୈତ୍ୟସତ୍ତାକୁ ଆଚ୍ଛାଦନ କରିବା ଭଳି ମୁଁ ଅନୁଭବ କରୁଛି, ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାକୁ ଅନୁଭବ କରିବାପାଇଁ ଏହାଠାରୁ ବଳି ବଡ ସୁଯୋଗ ଜୀବନରେ ମୁଁ ଆଉ ପାଇବି କି ନା ସନ୍ଦେହ ।

ସେ ଇଚ୍ଛାମୟ, ତାଙ୍କ ସୃଷ୍ଟିର ଅକଲ୍ୟାଣ ସେ କେବେ ଚାହାଁନ୍ତି ନାହିଁ । ସେ ଆସନ୍ତି, ଆମ ସୁଖରେ, ଦୁଃଖରେ ଆମ ଆନନ୍ଦରେ, ଆମ ଅନୁଶୋଚନାରେ ତାଙ୍କୁ ଅନୁଭବ କରିବାପାଇଁ ବୋଧଶକ୍ତି ଲୋଡା । ତାଙ୍କର ଅଭୟ ବରଦାନ ସର୍ବଦା କାୟାପଛେ ପଛେ ଛାୟାପରି ଆମକୁ ଆଚ୍ଛନ୍ନ କରି ରଖିଛି । ସେ କେବେ ଶଙ୍ଖଚକ୍ର ଗଦାପଦ୍ମଧାରୀ ଚତୁର୍ଦ୍ଧାମୂର୍ତ୍ତି ହୋଇ ଆମକୁ ବିପତ୍ତିରୁ ଉଦ୍ଧାର କରିବାପାଇଁ ଆସନ୍ତି ନାହିଁ । ସେ ଏମିତି ଆସନ୍ତି, ମାଧ୍ୟମ ହୋଇ ଆସନ୍ତି । ଆମର ଅଜ୍ଞାନତା, ଆମର ଅହଂପଣ ତାଙ୍କୁ ଚିହ୍ନିପାରେନାହିଁ । ତାଙ୍କୁ ଆମଠୁଁ ଦୂରେଇ ରଖେ । ତେବେ ଆମେ ଦୁଃଖ ଭୋଗିବା ନାହିଁ ତ ଆଉ କିଏ ଭୋଗିବ ?

ସେ ଦିନର ସେଇ ଅଭାବିତ ଘଟଣା ମୋ ଜୀବନର ମୋଡ ବଦଳେଇ ଦେଇଛି । ମୃତ୍ୟୁଭୟ ମୋଠାରୁ ସଂପୂର୍ଣ୍ଣ ତିରୋହିତ ହୋଇଯାଇଛି । ଜୀବନର ସଂଜ୍ଞା ମୋ ପାଇଁ ବେଶ୍ ମୂଲ୍ୟବାନ୍ ହୋଇପଡିଛି । ମୁଁ ଜାଣିଛି, ମୃତ୍ୟୁ ଆସିବ । ଠିକଣା ସମୟରେ ସେ ନିଶ୍ଚୟ ଆସିବ । ତାକୁ କେହି ବାରଣ କରିପାରିବେ ନାହିଁ, କିନ୍ତୁ ଅସମୟରେ ଯଦି ଆସେ ଲୀଳାମୟ ପୁରୁଷ ଶ୍ରୀ ଜଗନ୍ନାଥଙ୍କ ଚକା ଆଖିରୁ ସେ କେବେ ନିବର୍ତ୍ତିବ ନାହିଁ ।

ବିଦ୍ୟାଳୟରେ ଶିଶୁପାଇଁ ଶାରୀରିକ ଦଣ୍ଡ-ଏକ ଅନୁଶୀଳନ

ଭୟ ଏକ ଆବେଗ । ଆବାଳ ବୃଦ୍ଧବନିତା ସମସ୍ତଙ୍କଠାରେ ଏହି ଆବେଗ ପରିଲକ୍ଷିତ ହୁଏ । ବ୍ୟକ୍ତିତ୍ୱ ଗଠନ ଓ ବିକାଶ ପାଇଁ ଏ ଆବେଗ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିଥାଏ । ବିଶେଷତଃ ଶିଶୁମାନଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ କ୍ଷତିକାରକ । ଚଞ୍ଚଳମତି ଶିଶୁର ସ୍ୱାଧୀନ ଚିନ୍ତା ଓ କଳ୍ପନା ଶକ୍ତିର ବିକାଶ ଦିଗରେ ଏହା ମର୍ମଘାତୀ ହୋଇଥାଏ । ସେ ସଙ୍କୁଚିତ ଓ ଭୀରୁ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇପଡେ । ବଦ୍‌ରାଗୀ ଓ ଜିଦିଆ ଏବଂ ଚିଡ଼୍‌ଚିଡ଼ା ସ୍ୱଭାବ ତାକୁ ଆବୋରି ବସେ । ତାର ମାନସିକ ବିକାଶ ସ୍ୱାଭାବିକ ଭାବରେ ହୋଇପାରେ ନାହିଁ ।

ଅପରପକ୍ଷେ ଭୟ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଶୃଙ୍ଖଳିତ, ସଂଯତ ଓ ମାର୍ଜିତ କରେ । ଯେଉଁ ବସ୍ତୁ ଘଟଣା ବା ବ୍ୟକ୍ତି ତା'ପାଇଁ ଭୟପ୍ରଦ ମନେହୁଅନ୍ତି, ସେମାନଙ୍କ ପ୍ରତି ସେ ସତର୍କ ରହିଥାଏ । ମନୋବିଜ୍ଞାନ କହେ ଏହି ଭୟ ହେତୁ ବ୍ୟକ୍ତି କର୍ତ୍ତବ୍ୟ ପରାୟଣ, ଆଳସ୍ୟ ରହିତ ଓ ଶୃଙ୍ଖଳିତ ହୋଇ ଜୀବନରେ ସାଫଲ୍ୟ ମଣ୍ଡିତ ହୋଇଥାଏ । ଜଣେ ପୂର୍ଣ୍ଣ ବୟସ୍କ ବ୍ୟକ୍ତିର ସାମାଜିକ ବିଧି ବିଧାନ, ଆଇନକାନୁନ୍, କୋର୍ଟ କଚେରି ସର୍ବୋପରି ଈଶ୍ୱରଙ୍କ ପ୍ରତି ଭୟ ତା' ଜୀବନ ଶୈଳୀକୁ ନିୟନ୍ତ୍ରିତ କରିଥାଏ । ଠିକ୍ ସେହିପରି ସାମାଜିକ ବିଧି ବିଧାନ କିମ୍ବା କୋର୍ଟ କଚେରି, ଆଇନକାନୁନ୍ ଓ ଧର୍ମଧାରଣାଠାରୁ ଉର୍ଦ୍ଧ୍ୱରେ ଥିବା ଚପଳମତି ଶିଶୁଟିର ଅପ୍ରୀତିକର କାର୍ଯ୍ୟ କଳାପ । ଏଇଠି କୁହାଯାଇପାରେ ଶିଶୁଟି ପ୍ରତି ପିତାମାତାଙ୍କର ଦାୟିତ୍ୱହୀନତା ଓ ଲାଳନ ପାଳନରେ ଦୋଷତ୍ରୁଟି ହିଁ ଏହି ଅସ୍ୱାଭାବିକ କାର୍ଯ୍ୟକଳାପର ହେତୁ । ଶିଶୁର ବ୍ୟକ୍ତିତ୍ୱ ବିକାଶ ପାଇଁ ଅନୁକୂଳ ପରିବେଶ ଥିଲେ ତା' ବ୍ୟବହାର ପାଇଁ ଚିନ୍ତିତ ହେବାକୁ ପଡେନାହିଁ । ଧୀଶକ୍ତି ସମ୍ପନ୍ନ ଶିଶୁର ଅର୍ନ୍ତଦୃଷ୍ଟି ପ୍ରଖର ଥାଏ । ତାର ଅନ୍ତର୍ଦୃଷ୍ଟି ହେତୁ ସେ କେତେକ ପାରିପାର୍ଶ୍ୱିକ ପ୍ରଭାବକୁ ସାଧାରଣ ଶିଶୁଠାରୁ ଭଲ ଭାବରେ ଅନୁଭବ କରିପାରେ ଓ ସେହି ଅନୁସାରେ ନିଜକୁ ଶୃଙ୍ଖଳିତ କରିଥାଏ କିନ୍ତୁ ସାଧାରଣ ଶିଶୁକୁ କିଛି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପଡିଥାଏ ।

ମନୋବୈଜ୍ଞାନିକ ମାନେ କହନ୍ତି - ଦୁଇ ବର୍ଷରୁ ପାଞ୍ଚବର୍ଷ ମଧ୍ୟରେ ଥିବା ବୁଦ୍ଧିମାନ ଶିଶୁ ସାଧାରଣ ଶିଶୁଠାରୁ ଅପେକ୍ଷାକୃତ ଭୟାଳୁ। ଏହି ଭୟ ସେମାନଙ୍କ ପାଇଁ ସକାରତ୍ମକ ହୋଇଥାଏ। ଏ ପ୍ରକାର ଭୟ ହେତୁ ଶିଶୁଟିଏ ଯେଉଁ ପରିମାଣରେ ସମ୍ବେଦନଶୀଳ ହୋଇଥାଏ ସେହି ଅନୁପାତରେ ତାର ବ୍ୟକ୍ତିତ୍ୱ ବିକଶିତ ହୋଇଥାଏ। ଶୈଶବରେ ଏ ଭୟ କାରଣରୁ ଶିଶୁଟିଏ ବହୁ ବିପଦଜନକ ଦୁର୍ଘଟଣାରୁ ମୁକ୍ତ ହୋଇଥାଏ। ଯେପରି ନିଆଁରେ ପୋଡି ହେବା, ପାଣିରେ ବୁଡିଯିବା, କୌଣସି ଉଚ୍ଚ ସ୍ଥାନରୁ ପଡିଯିବା, ଗାଡି ଘୋଡା ଧକ୍କା ହେବା, ଗୃହପାଳିତ ପଶୁ କିମ୍ବା ବିଷାକ୍ତ କୀଟପତଙ୍ଗ ଅଥବା ସାପ ବିଛା ମୂଷା ଆଦିଙ୍କଦ୍ୱାରା ଆକ୍ରାନ୍ତ ହେବା ଇତ୍ୟାଦି। ଏହା ସେମାନଙ୍କର ଦୂରଦୃଷ୍ଟି ଓ ବୁଦ୍ଧିମତ୍ତାର ପରିଚୟ ଦିଏ। ଏ ଶିଶୁମାନେ ବିଦ୍ୟାଳୟ ଗଲେ ସେମାନଙ୍କର ଏହି ଭୟ ଭିନ୍ନ ରୂପ ନେଇଥାଏ। ହୋମ୍‌ୱାର୍କ କରିବା, ଶ୍ରେଣୀ ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ସହପାଠୀମାନଙ୍କ ସହ ଉତ୍ତମ ବ୍ୟବହାର କରିବା ଓ ଶିକ୍ଷକମାନଙ୍କ ପାଖରେ ଆଜ୍ଞାଧୀନ ହେବା ଇତ୍ୟାଦି ଏହି ଭୟରୁ ଜାତ ହୋଇଥାଏ। ଶୈଶବରେ ଯେଉଁ ଭୟ ଶାରୀରିକ ସୁରକ୍ଷାପାଇଁ ହୋଇଥାଏ ବର୍ତ୍ତମାନ ତାହା ଆତ୍ମ ମର୍ଯ୍ୟଦା ରକ୍ଷା ପାଇଁ ବ୍ୟବହୃତ ହୁଏ। ନିଜର କର୍ତ୍ତବ୍ୟ ଠିକ୍ ଉପାୟରେ ନିର୍ବାହ କରିନପାରି ସହପାଠୀମାନଙ୍କ ଆଗରେ ଅପମାନିତ ହେବାର ଭୟ କିମ୍ବା ଶିକ୍ଷକଙ୍କଦ୍ୱାରା ତିରସ୍କୃତ ହେବାର ଭୟ ସେମାନଙ୍କୁ କର୍ମ ତତ୍ପର କରେ। ସେମାନଙ୍କଠାରୁ ଆଳସ୍ୟ ଦୂରୀଭୂତ ହୋଇଯାଏ। ଶ୍ରେଣୀ ଗୃହରେ ସେମାନେ ମନଯୋଗୀ ହୁଅନ୍ତି। ବିଦ୍ୟାଳୟରେ ଶୃଙ୍ଖଳିତ ହୁଅନ୍ତି।

ତେବେ ପ୍ରଶ୍ନ ଉଠେ, ବିଦ୍ୟାଳୟରେ ଶୃଙ୍ଖଳାର ଆବଶ୍ୟକତା ନିଶ୍ଚୟ ରହିଛି। ତେବେ ଏ ଶୃଙ୍ଖଳା କିପରି ରକ୍ଷା କରିବା ? ଶାରୀରିକ ଦଣ୍ଡଦ୍ୱାରା ସେମାନଙ୍କୁ ଭୟଭୀତ କରିବା ? ସେମାନଙ୍କ ଦୁଷ୍ଟାମୀରେ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇ ବାଡ଼ିରେ ପିଟିପିଟି ସେମାନଙ୍କୁ ଅସ୍ଥିର କରିଦେବା ? ସେମାନେ ପାଟିକରି କାନ୍ଦିଲେ ସେମାନଙ୍କ ପାଟିରେ ବାଡ଼ି ଗେଞ୍ଜି କଣ୍ଠନଳୀକୁ କ୍ଷତାକ୍ତ କରିବା ? ପିଟିପିଟି ପଞ୍ଜରାହାଡ଼କୁ ଭାଙ୍ଗିଦେବା ? ଅଥବା ଘଣ୍ଟ ଘଣ୍ଟା ଧରି ଆଣ୍ଠୁ ତଳେ ଗୋଡ଼ି ଦେଇ ସେମାନଙ୍କୁ ଖରାରେ ଆଣ୍ଠେଇ ଅଂଶୁଘାତ ପୀଡ଼ିତ କରାଇବା ?

ଏମିତି ଅନେକ ଅପାରଗ ଅଭିଭାବକ ଅଛନ୍ତି ଯେଉଁମାନେ ଶିଶୁଟି ଘରେ କରୁଥିବା ଦୁଷ୍ଟାମି ପାଇଁ ଶିକ୍ଷକମାନଙ୍କ ପାଖରେ ଶିଶୁକୁ ସମର୍ପଣ କରନ୍ତି। ସେମାନଙ୍କୁ ମାଡ଼ମାରି ଶାସନ କରିବା ପାଇଁ ଅନୁରୋଧ କରନ୍ତି। ଶିକ୍ଷକଙ୍କ ବେତ ପାହାର ପିଲାମାନଙ୍କୁ ଶୃଙ୍ଖଳିତ କରିବ ବୋଲି ସେମାନଙ୍କ ଧାରଣା। କେତେକ ଅବିବେକୀ ଅଭିଭାବକ ବିଦ୍ୟାଳୟରେ ଶାରୀରିକ ଦଣ୍ଡକୁ ଉତ୍ସାହିତ କରି ଶିକ୍ଷକମାନଙ୍କୁ 'ପିଲାର ଆଖି ଦୁଇଟି ଆମର ଆଉ ସବୁ ତମର' କହିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଛାତ୍ର ଦେହରେ ମାଡ଼ଚିହ୍ନ ନଥିଲେ ସ୍କୁଲରେ ପାଠ ପଢ଼ା

ହେଉନାହିଁ ବୋଲି ଅଭିଯୋଗ କରନ୍ତି । ସେମାନଙ୍କ ଇଂରାଜୀ ପ୍ରବଚନ Spare the rod spoil the child ବିଶ୍ୱାସ କରନ୍ତି । ଫାକୀର ମୋହନ ସେନାପତି ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି ସେ ପାଠ ପଢୁଥିବା ସମୟରେ ଶରୀରରେ ମାଡ଼ ଚିହ୍ନ ନଥିଲେ ତାଙ୍କ ବଡ଼ବାପା ଶିକ୍ଷକଙ୍କ ମାସିକ ପ୍ରାପ୍ୟ ଦେଉନଥିଲେ । ତେଣୁ ବିନା କାରଣରେ ତାଙ୍କୁ ଶିକ୍ଷକଙ୍କ ଠାରୁ ବେତ ପ୍ରହାର ଖାଇବାକୁ ପଡୁଥିଲା । ସେହି ହେତୁ ସେ ବିଦ୍ୟାଳୟ ପରିତ୍ୟାଗ କରିଥିଲେ । ତାଙ୍କ ବିଦ୍ୟାଶିକ୍ଷା ଅଧା ରହିଯାଇଥିଲା ।

ଛାତ୍ରଟିଏ କର୍ତ୍ତବ୍ୟରେ ଅବହେଳା କରୁଛି । ଅବାଧ ହେଉଛି, ଦୁଷ୍ଟାମି କରୁଛି, ଏଥିରୁ ନିବୃତ୍ତ ହେବାର ହେତୁ ଯଦି ସେ ସହପାଠୀମାନଙ୍କ ଆଗରେ ଲଜ୍ଜିତ କିମ୍ବା ଅପମାନିତ ହେବାର ଭୟ ଯୋଗୁଁ ହୁଏ ତା'ହେଲେ ଉତ୍ତମ । ଭବିଷ୍ୟତରେ ଜଣେ ବ୍ୟକ୍ତିତ୍ୱ ସମ୍ପନ୍ନ ନାଗରିକ ହେବା ପାଇଁ ଏହା ଭିତ୍ତି ପ୍ରସ୍ତର । କିନ୍ତୁ ଯଦି ଶାରୀରିକ ଦଣ୍ଡ ପାଇବା ଭୟରେ ଏଥିରୁ ସେ ନିବୃତ୍ତ ରହେ, ଏହି ପ୍ରବୃତ୍ତି ତାର ସାମୟିକ ବୋଲି ବୁଝିବାକୁ ହେବ । ତା'ଭିତରେ ଥିବା ଦୁଷ୍ଟ ପ୍ରବୃତ୍ତି ଭିନ୍ନ ପରିବେଶରେ ଭିନ୍ନ ରୂପ ନେଇ ପ୍ରକାଶ ପାଇବା ପାଇଁ ସୁଯୋଗ ଖୋଜି ବୁଲୁଥାଏ । ବେଳେବେଳେ ମାନସିକ ବିକୃତି ରୂପେ ମଧ୍ୟ ପରିପ୍ରକାଶ ହୋଇଥାଏ । ତେଣୁ ମନୋବିଜ୍ଞାନୀମାନେ ଶାରୀରିକ ଦଣ୍ଡକୁ ସର୍ବଦା ପରିହାର କରିବା ପାଇଁ ଗୁରୁତ୍ୱ ଦେଇଥାନ୍ତି । ବିଦ୍ୟାଳୟରେ ନିୟମିତ ଶାରୀରିକ ଦଣ୍ଡ ଦେଲେ ସେମାନଙ୍କର ମାଡ଼ ଉପରୁ ସମ୍ପୂର୍ଣ୍ଣ ଭୟ ଛାଡ଼ିଯାଏ । ସେମାନେ 'ମାଡୁଆ' ହୋଇଯାଆନ୍ତି । ନିଜର ଦାୟିତ୍ୱ ଓ କର୍ତ୍ତ୍ୟବ ସଂପାଦନ ନକରି କିମ୍ବା ସହପାଠୀମାନଙ୍କ ସହ ଦୁଷ୍ଟାମୀ କରି ପ୍ରତି ବଦଳରେ କିଛି ଶାରୀରିକ ଦଣ୍ଡ ଭୋଗିବା ପାଇଁ ମାନସିକ ପ୍ରସ୍ତୁତି କରି ନେଇଥାନ୍ତି । ଆତ୍ମ ମର୍ଯ୍ୟଦା କ୍ଷୁର୍ଣ୍ଣ ହେବାର ଭୟ ସେମାନଙ୍କର ନଥାଏ । ଭବିଷ୍ୟତରେ ସେମାନେ ଦୁର୍ନୀତି ଯୁକ୍ତ, ଆଳସ୍ୟ ପରାୟଣ ଓ ଦାୟିତ୍ୱହୀନ, ବ୍ୟକ୍ତି ଭାବରେ ସମାଜର ଅଶେଷ କ୍ଷତି ସାଧନ କରିଥାନ୍ତି । ଶିଶୁଟିଏ ଦୁଷ୍ଟାମି କରିବା ସ୍ୱଭାବସିଦ୍ଧ । ତାହା ଘରେ ହେଉ କି ବିଦ୍ୟାଳୟରେ ହେଉ । ସେମାନଙ୍କୁ ସେଥିରୁ ନିବୃତ୍ତ କରିବା ପାଇଁ ବିଧାଟିଏ ମାରିବା, ବାଡ଼ିଟିଏ କଷିଦେବା, ଗପୁଡ଼ାଟିଏ ମାରିବା କିମ୍ବା ଚିମୁଟି ଦେବା ପିତାମାତା ଓ ଶିକ୍ଷକମାନଙ୍କର ଆତ୍ମ ସଂଯମର ଅଭାବ ଓ ଧୈର୍ଯ୍ୟର ଅଭାବ ବୋଲି କହିବାକୁ ହେବ । ସ୍ନେହ ମମତା ଓ ପ୍ରେମର ଏକ ଯାଦୁକାରୀ ଶକ୍ତି ରହିଛି । ବିଶେଷତଃ ଚପଳମତି ଶିଶୁ ଯେଉଁମାନଙ୍କର ସ୍ନେହ ପ୍ରେମ ମମତାରେ ପ୍ରଥମ ଅଧିକାର ରହିଛି, ସେମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଏହି ସ୍ନେହାସ୍ତ୍ର ହିଁ ଯଥାର୍ଥ ହୋଇଥାଏ । ଏ ଅସ୍ତ୍ର ପ୍ରୟୋଗ ପାଇଁ ପ୍ରଥମେ ଶିକ୍ଷକ ଶିକ୍ଷିକାମାନେ ଶିଶୁମାନଙ୍କ ସହ ଏକାତ୍ମ ହେବା ପାଇଁ ହେବ । କୌଣସି ଛଳ

କପଟ ବିନା ସେମାନଙ୍କୁ ଆପଣେଇବାକୁ ହେବ । ଯଥେଷ୍ଟ ଆତ୍ମ ସଂଯମର ସହ କାର୍ଯ୍ୟ ନିର୍ବାହ କରିବାକୁ ହେବ । ଛାତ୍ରଟିଏ ଯଦି ବାରମ୍ବାର ଭୁଲ କରୁଥାଏ, ଯେତେ ବୁଝାଇଲେ ସୁଦ୍ଧା ବିଦ୍ୟାଳୟର ନୀତି ନିୟମ ଭଙ୍ଗ କରୁଥାଏ ତାକୁ କିଛି ସମୟ ପାଇଁ ଶ୍ରେଣୀ ଗୃହରୁ ବାହାର କରି ଦିଆଯାଇପାରେ କିମ୍ବା ବେଞ୍ଚରେ ଠିଆ କରାଯାଇପାରେ । କାରଣ ଏହା ଯେ ତା' କାର୍ଯ୍ୟରେ ସ୍ୱଭାବସିଦ୍ଧ ପରିଣତି ସେ କଥା ସେ ବୁଝିପାରେ ଓ ନିଜକୁ ସୁଧାରି ନେଇଥାଏ ।

ଦଣ୍ଡ ଦେବାର ଅଧିକାର ମଣିଷର ନାହିଁ । କେବଳ ଭଗବାନ ଦଣ୍ଡ ଦେଇଥାନ୍ତି । ମଣିଷକୁ ଶିକ୍ଷକ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଗଢ଼ିବାର ଦାୟିତ୍ୱ ଦିଆହୋଇଛି । ଦଣ୍ଡିବାର ନୁହେଁ । ବହୁ ପୂର୍ବରୁ ବିଦ୍ୟାଳୟମାନଙ୍କରୁ ଶିଶୁମାନଙ୍କୁ ଶାରୀରିକ ଦଣ୍ଡ ଉଚ୍ଛେଦ କରାଯାଇଛି । ତଥାପି କେତେ ଜଣ ଅସଂଯମୀ ଶିକ୍ଷକ ଶିକ୍ଷିକା ନିଜ ଆବେଗ ଉପରେ ନିୟନ୍ତ୍ରଣ କରିନପାରି କୋମଳମତି ଶିଶୁମାନଙ୍କ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରିବସନ୍ତି । ଧୈର୍ଯ୍ୟ, ସହିଷ୍ଣୁତା, ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ମମତାକୁ ଗଣ୍ଠିଧନ କରିପାରି ନଥିବା ଏ ବ୍ୟକ୍ତିମାନଙ୍କର ଶିକ୍ଷକ ହେବାର ଅଧିକାର ନାହିଁ ।

ଜଗନ୍ନାଥଙ୍କ ମହାଭାବ ଓ ଆମର ଦୀନତା

ଭାରତୀୟ ଜୀବନ ଧାରାରେ ଲକ୍ଷ୍ମୀ ହେଉଛନ୍ତି ପ୍ରଥମ ସମାଜସେବୀ ଯିଏ ଦଳିତମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ପାଇଁ ସଂଗ୍ରାମ କରିଥିଲେ। ନାରୀ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ପରିବେଶ ପରିଷ୍କାର ପରିଚ୍ଛନତା ପାଇଁ ସଚେତନତା ସୃଷ୍ଟି କରିଥିଲେ ଏବଂ ସମାଜରୁ ବର୍ଣ୍ଣବୈଷମ୍ୟ ଦୂରୀକରଣ କରିବାପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ। ଓଡ଼ିଆ ଜାତିର ପ୍ରାଣପିଣ୍ଡ ଶ୍ରୀ ଜଗନ୍ନାଥଙ୍କୁ ଚାପ ପ୍ରୟୋଗ କରି ଉତ୍କଳୀୟଙ୍କ ପ୍ରତ୍ୟୟପୀଠ ଶ୍ରୀମନ୍ଦିରରୁ ସେ ଏହି ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆଚାଣ୍ଡାଳ ବ୍ରାହ୍ମଣଙ୍କୁ ଜଗନ୍ନାଥଙ୍କ ଶ୍ରୀ ମନ୍ଦିର ପ୍ରବେଶ ଅଧିକାର ଓ ମିଳିମିଶି ମହାପ୍ରସାଦ ସେବନ କରିବାର ଅଧିକାର ମିଳିଥିଲା। ଶ୍ରୀ ବଳରାମ ଦାସକୃତ ଲକ୍ଷ୍ମୀପୁରାଣ ଆଖ୍ୟାନ ବସ୍ତୁର ଏହା ହିଁ ହେଉଛି ସାଙ୍କେତିକ ସ୍ୱରୂପ। ଏ ଆଖ୍ୟାନର ଭିତ୍ତି ଭୂମି କବି କଳ୍ପନା ହେଉ ଅଥବା ବାସ୍ତବ ଜଗତ ହେଉ, ଚାରି ପାଞ୍ଚଶହ ବର୍ଷ ତଳେ ଏଥିପାଇଁ ଆମ ସମାଜରେ କ୍ରାନ୍ତିକାରୀ ପରିବର୍ତ୍ତନଟିଏ ହୋଇଥିଲା। ଜଗନ୍ନାଥଙ୍କ ଶ୍ରୀମନ୍ଦିର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ହୋଇଥିଲା କିନ୍ତୁ ଶ୍ରୀ ମନ୍ଦିରର କାର୍‌ପଟଦାରମାନେ ଏ ବିପ୍ଳବକୁ କେବଳ ଆନନ୍ଦ ବଜାର ଉପରେ ସୀମିତ ରଖିଦେଲେ।

ଶ୍ରୀମନ୍ଦିର କୌଣସି ଗୋଟାଏ ଗୋଷ୍ଠୀ କିମ୍ବା ଜାତିର ପୈତୃକ ସମ୍ପତ୍ତି ନୁହେଁ, ଏହା ସାବ୍ୟସ୍ତ କରିବା ପାଇଁ ସ୍ୱୟଂ ଜଗନ୍ନାଥ ମଧ କମ୍ ଉଦ୍ୟମ କରିନାହାଁନ୍ତି। ଦଳିତ ଦାସିଆ ବାଉରୀ ହାତରୁ ନଡିଆ ହାତବଢ଼େଇ ନେଇଛନ୍ତି। ଯବନ ସାଲବେଗଙ୍କୁ ନିଜର ଶ୍ରେଷ୍ଠ ଭକ୍ତର ଗୌରବ ପ୍ରଦାନ କରିଛନ୍ତି। ପଣ୍ଡାମାନଙ୍କ ଦ୍ୱାରା ବିତାଡିତ ବଳରାମ ଦାସଙ୍କ ବାଲି ରଥରେ ବିଜେ ହୋଇଛନ୍ତି। ନନ୍ଦିଘୋଷ ରଥ ଅଟକି ଯାଉଛି ବଡ ଦାଣ୍ଡରେ, ତଥାପି ଶ୍ରୀମନ୍ଦିରର ଧ୍ୱଜାଧାରୀମାନଙ୍କର ଚେତନା ଜାଗ୍ରତ ହୋଇନାହିଁ। ଦାରୁ ଦେବତାଙ୍କୁ ରୀତି, ନୀତି ଓ ପରମ୍ପରାର ସ୍ୱର୍ଣ୍ଣ ଶୃଙ୍ଖଳ ପିନ୍ଧେଇ ନିଜ ଅହଂର ତୃଷ୍ଟିକରଣ କରନ୍ତି। ଜଗନ୍ନାଥଙ୍କ ସୁରକ୍ଷା ଅନ୍ତରାଳରେ ନିଜ ପାଇଁ ସୁରକ୍ଷିତ ଆସନଟିଏ ସଂପାଦି ରଖିଛନ୍ତି।

ଜଗନ୍ନାଥ ଯେ ଷୋଳ କଳା, ତହୁଁ କଳାଏ ନନ୍ଦବଳା। ସାହିତ୍ୟ, ସଂଗୀତ, ନୃତ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଏମିତି କୌଣସି କଳା ନାହିଁ କି କଳାକାର ନାହାଁନ୍ତି ଯିଏ ଜଗନ୍ନାଥଙ୍କ ସର୍ବବ୍ୟାପୀ ପ୍ରଭାବରୁ ନିଜକୁ ମୁକ୍ତ ରଖିଛନ୍ତି, ଭାବଭୋଳା ଜଗନ୍ନାଥଙ୍କ ପାଇଁ ଭକ୍ତ ଯେପରି ଭାବବିହ୍ୱଳ ହୁଏ ଭକତ ଭାବରେ ବନ୍ଧା ପ୍ରଭୁ ମଧ୍ୟ ସେହିପରି ଭାବାତୁର ହୋଇପଡନ୍ତି। କୋଉଠି ବାଇଗଣ ବାଡିରେ ପାଟପୀତାମ୍ବରୀ ଲାଗି ଚିରିଯାଏ ତ ସାତ ଶହ ପଚାଶ କୋଶ ଦୂରରେ ଥିବା ଭକ୍ତପାଇଁ ରଥ ଚକ ଅଟକି ଯାଏ। ସେଇ ଭାବୋଦ୍ଦୀପ୍ତ ଇଷ୍ଟଦେବଙ୍କୁ ମସ୍ତକରେ ଧାରଣ କରି ସୃଜନଶୀଳ ଭକ୍ତଟିଏ ଯଦି ନିଜ କଳା କୁଶଳତା ଅଭିବ୍ୟକ୍ତ କଲା ସେଠାରେ ଜଗନ୍ନାଥ କେମିତି ଅପମାନିତ ହେଲେ ବୁଝି ହୁଏ ନାହିଁ। ତଥାପି ସିଂହଦ୍ୱାରରେ ବେତବାଡିକୁ ଅସ୍ୱୀକାର କରିବାର ସ୍ପର୍ଦ୍ଧା କଳାକାରର ନାହିଁ। ଜଗନ୍ନାଥ ପଛେ ଯନ୍ତ୍ରଣା ପାଆନ୍ତୁ ତାଙ୍କର ଗାର୍ଜନମାନଙ୍କ ଅନୁଶାସନକୁ ମଥାନତ କରି ମାନିନେବା ବ୍ୟତୀତ ଉପାୟନ୍ତର ନାହିଁ।

ଶ୍ରୀ ଜଗନ୍ନାଥ କେବଳ ଆମ ଧର୍ମଧାରଣାର ପ୍ରତୀକ ଦାରୁ ଦେବତା ନୁହଁନ୍ତି, ସେ ଏକ ମହାଚେତନା। ପ୍ରତିମୁହୂର୍ତ୍ତରେ ତାଙ୍କ ପୀଠରେ ମହାଜାଗତିକ ଲୀଳା ସମ୍ପନ୍ନ ହେଉଛି, ସେ ସୂକ୍ଷ୍ମ ଅନୁଭବକୁ ଉପଲବ୍ଧି କରିପାରିଲେ ହେଲା। ତାଙ୍କର ମହାଲିଙ୍ଗନ ଭିତରେ ସମଗ୍ର ବିଶ୍ୱକୁ କୋଳାୟିତ କରିବାର ସାମର୍ଥ୍ୟ। ସେ ଭାବଗ୍ରାହୀ। ଆମେ ବାରଣ କଲେ ସୁଦ୍ଧା କୋଉଛଟକରେ ଭାବସର୍ବସ୍ୱ ଦେବତା ରତ୍ନସିଂହାସନର ମୋହ ଛାଡି ତା ଭକ୍ତ ନିକଟରେ ପହଞ୍ଚିଯାନ୍ତି କେହିବି ତାର ଟେର୍ ପାଆନ୍ତି ନାହିଁ। କିଏ ହିନ୍ଦୁ, କିଏ ଖ୍ରୀଷ୍ଟିୟାନ, କିଏ ମୁସଲମାନ, କିଏ ବୁଦ୍ଧ, କିଏ ପବିତ୍ର ଅବା କିଏ ପାବନ, ସେ ଖବର ସେ ରଖନ୍ତି ନାହିଁ। ତାଙ୍କ ପାଇଁ ଭାବ ହିଁ ସବୁଠାରୁ ବଡ ପରିଚୟ ପତ୍ର, ଚିତା ତିଳକ ନୁହେଁ। ଧର୍ମ ତ ବାହ୍ୟ ଆବରଣଟିଏ ମାତ୍ର। ମୁସଲମାନ ଧର୍ମର ଆବରଣ ଭିତରେ ଥାଇ ବି ଜଗନ୍ନାଥ ମହାପ୍ରଭୁ ସାଲବେଗଙ୍କୁ ଶ୍ରେଷ୍ଠ ଭକ୍ତର ମର୍ଯ୍ୟାଦା ଦେଲେ। ଅଥଚ ଆମେ ତାଙ୍କ ପାଇଁ ଗରୁଡ଼ ସ୍ତମ୍ଭ ନିକଟରେ ଲକ୍ଷ୍ମଣ ରେଖା ଟାଣିବାର ଯେଉଁ ଅପରାଧ କଲୁ ହୁଏ ତ ସାଲବେଗ ଆମକୁ କ୍ଷମା କରିଦେଲେ କିନ୍ତୁ ଇତିହାସ କ୍ଷମା ଦେବ ନାହିଁ।

ଶ୍ରୀ ଜଗନ୍ନାଥ ମହାଭାବମୟତାରେ ଆକୃଷ୍ଟ ହୋଇ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତମାନେ ଶ୍ରୀ ମନ୍ଦିରରେ ବେତ୍ରାଘାତ ଖାଇ ପୋଲିସ କଷ୍ଟୋଡିକୁ ଯାଏ, ଜୋରିମାନା ଦେଇ ଖଲାସ ହୁଏ, ଅନ୍ୟକ୍ଷେତ୍ରରେ ଶ୍ରୀମନ୍ଦିରରେ ବିଧର୍ମୀଟିଏ ପ୍ରବେଶ କରିଗଲେ ଜଗନ୍ନାଥଙ୍କୁ ଉପାସ ରଖାଯାଉଛି। ଶ୍ରୀମନ୍ଦିରରେ ଷାଠିଏ ପଉଠି ଭୋଗକରାଯାଏ। କିନ୍ତୁ ଭୋଗ ମାରା ହୋଇଗଲା ବୋଲି କହି ଭକ୍ତମାନେ ଭୋକରେ ଆଉଟୁ ପାଉଟୁ ହେଉଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ଭୋଗ ସାମଗ୍ରୀ ମାଟିତଳେ ପୋତି ଦିଆଯାଏ। ଆମ ଆଚରଣ ଓ ଉଚ୍ଚାରଣର ପାର୍ଥକ୍ୟ ଦରିଆ ପାରି ଲୋକଙ୍କ ପାଖରେ ଅଛପା ରହେ ନାହିଁ। ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧିଙ୍କୁ ସୁଦ୍ଧା ଶ୍ରୀମନ୍ଦିର ପ୍ରବେଶର ସୁଯୋଗ ଦିଆଯାଇ ନଥିଲା। ଶ୍ରୀମନ୍ଦିରର ଏହି ବିଧି ବ୍ୟବସ୍ଥାକୁ ପ୍ରତିବାଦ କରି ମହାତ୍ମା ଗାନ୍ଧୀ ମନ୍ଦିର ପ୍ରବେଶ ଅନୁରୋଧକୁ ପ୍ରତ୍ୟାଖ୍ୟାନ

କରିଥିଲେ। ତାଙ୍କ ଅଜ୍ଞାତରେ କସ୍ତୁରବା ଜଗନ୍ନାଥ ଦର୍ଶନ କରିଥିବାରୁ ଶେଷ ପର୍ଯ୍ୟନ୍ତ ସେ ତାଙ୍କୁ କ୍ଷମା ଦେଇ ନଥିଲେ। ଏବେ ବି ବିଦେଶରୁ ଆସୁଥିବା ବହୁ ପର୍ଯ୍ୟଟକଙ୍କ ଧାରଣା ସେମାନେ ମନ୍ଦିରରେ ପ୍ରବେଶ କଲେ ପଣ୍ଡାମାନଙ୍କ ପାଖରୁ ମାଡ ଖାଇବାକୁ ପଡେ। ତେଣୁ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଭୟକରିଥାନ୍ତି।

ଅବଶ୍ୟ ଅତୀତରେ ତତ୍କାଳୀନ ସାମାଜିକ ପୃଷ୍ଠପୀଠିକା ଭିତ୍ତିକରି ଶ୍ରୀମନ୍ଦିରରେ ଗୋପନୀୟତାର ଆବଶ୍ୟକତା ଥିଲା। ଶ୍ରୀଜଗନ୍ନାଥଙ୍କର ଅମାପ ରତ୍ନ ଭଣ୍ଡାରକୁ ବୈଦେଶିକ ଶାସକ ମାନଙ୍କର ଲୋଲୁପ ଦୃଷ୍ଟିରୁ ବଞ୍ଚାଇବା ପାଇଁ ରୀତିନୀତି ପରମ୍ପରାରେ ଦ୍ୱାହି ଦେଇ ସେବକମାନେ ମନ୍ଦିର ଚାରିପଟେ ସୁରକ୍ଷା ବଳୟଟିଏ ତିଆରି କରିଥିଲେ। ଓଡ଼ିଆ ଜାତିର ଆଶା ଭରସା ଆତ୍ମପ୍ରତ୍ୟୟର ପ୍ରତୀକ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ଉପରେ ବିନ୍ଦୁଏ ଆପଦରେ ବି ଏ ଜାତି ଧୈର୍ଯ୍ୟହରା ହୋଇ ପଡେ। ଅରକ୍ଷ ଓ ଅସହାୟ ଅନୁଭବ କରେ। ଜଗନ୍ନାଥ ଏ ଜାତିର ପ୍ରାଣପିଣ୍ଡ, ଶ୍ରୀମନ୍ଦିର ତାର କର୍ମ ପ୍ରେରଣାର ଉତ୍ସ, ତା ଦିନଚର୍ଯ୍ୟାର ଦେବତା ପ୍ରଭୁ ଜଗନ୍ନାଥ ତା' କର୍ମ, ଅକର୍ମ ଓ ବିକର୍ମର ଚିରସାକ୍ଷୀ। ତାର ସକଳ ସାମର୍ଥ୍ୟ ଓ ଅସାମର୍ଥ୍ୟକୁ ତାଙ୍କରି ପାଦତଳେ ଅର୍ପଣ କରିଦେଇ ସେ ନିଶ୍ଚିନ୍ତରେ ନିଦ୍ରା ଯାଏ। ସେ ଦେବତାଙ୍କୁ ଯଦି କୌଣସି ବାହ୍ୟ ଅପଶକ୍ତି ଅମର୍ଯ୍ୟାଦା କରେ ଏ ଜାତିଟା ଜିଇଁ ଥାଉ ଥାଉ ମୃତ୍ୟୁ ବରଣ କରିବ। ସେହି ହେତୁ ପରାଧିନ ଭାରତରେ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ତାଙ୍କ ସେବକମାନେ ଉଗ୍ର, ପ୍ରଚଣ୍ଡ ଓ ପ୍ରତାପୀ ହେବାର ଆବଶ୍ୟକତା ଥିଲା। ଶ୍ରୀଜୀଉମାନଙ୍କୁ ସେବକମାନଙ୍କ ସହାୟତାରେ ଠାକୁରରାଜା ବାହ୍ୟ ଶକ୍ତି ଆକ୍ରମଣରୁ ରକ୍ଷାକରିବା ପାଇଁ, ବର୍ଷ ବର୍ଷ ଧରି ପାତାଳୀ କରି ରଖୁଥିଲେ। ଓଡ଼ିଶାର ଘଞ୍ଚ ଦୁର୍ଗମ ଅଞ୍ଚଳମାନଙ୍କରେ ଗୋପନକରି ରଖୁଥିଲେ ସୁଦ୍ଧା ଶତ୍ରୁମାନେ ବିନ୍ଦୁ ବିସର୍ଗ ସୂଚନା ପାଉ ନଥିଲେ। ଏସବୁ ଶ୍ରୀମନ୍ଦିରର କଠୋର ଅନୁଶାସନ ପାଇଁ ହିଁ ସମ୍ଭବ ହୋଇ ପାରିଥିଲା। ଏବେ ପରିସ୍ଥିତି ବଦଳି ଯାଇଛି। ମନ୍ଦିର ଉପରେ ଆଉ ବାହ୍ୟ ଆକ୍ରମଣ ଓ ଲୁଣ୍ଠନର ଭୟନାହିଁ।

ତେଣୁ ଆଉ ଗୋପନୀୟତାର ଆବଶ୍ୟକ ନାହିଁ। ବରଂ ଆଜିର ଜଗତିକରଣ ଯୁଗରେ ଆମ ମହନୀୟ ସଂସ୍କୃତିକୁ ବିଶ୍ୱପ୍ରିୟ କରିବାପାଇଁ ଜଗନ୍ନାଥଙ୍କ ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ପ୍ରଦାନର ଆବଶ୍ୟକତା ରହିଛି। ଜଗନ୍ନାଥଙ୍କ ସମୃଦ୍ଧ ସଂସ୍କୃତି ଓ ମହିମାଦୀପ୍ତ ଐତିହ୍ୟ ସହ ବିଶ୍ୱ ସମୁଦାୟକୁ ଏକାତ୍ମ କରିବାର ଦିନ ଆସିଛି। ଆମ ଦୃଷ୍ଟିକୋଣକୁ ଆହୁରି ବିସ୍ତାରିତ କରିବାର ମୁହୂର୍ତ୍ତ ଆସିଛି। ଏ ସୁବର୍ଣ୍ଣ ସୁଯୋଗକୁ ହାତଛଡା କରିବା ନାହିଁ। ଶାନ୍ତି ମୈତ୍ରୀ ଓ ବିଶ୍ୱ ଭାତୃତ୍ୱରେ ଆମକୁ ଉଦ୍‌ବୁଦ୍ଧ କରୁଥିବା ସର୍ବ ଧର୍ମ ସମନ୍ୱୟର ପୀଠ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ଆମେ ଧର୍ମର ସଂକୀର୍ଣ୍ଣ ସୁଡଙ୍ଗ ଭିତରେ ଆବଦ୍ଧ କରିବା ନାହିଁ। ଆଧ୍ୟାତ୍ମିକତାର ଆଲୋକ ବର୍ତ୍ତିକା ଜାଳି ଧାର୍ମିକ ରୁଢ଼ିବାଦର ଅନ୍ଧାରକୁ ଜଗନ୍ନାଥ ଚେତନାର ମହାପ୍ରବାହ ମଧ୍ୟରେ ଲୀନ କରିଦେବା।

ମଦ୍ୟପଙ୍କ କବଳରେ ଆମ ସାମାଜିକ ବ୍ୟବସ୍ଥା

ଇଂରେଜ ସରକାର ନିଶାଦ୍ରବ୍ୟ ବିକ୍ରିକରି ରାଜସ୍ୱ ବୃଦ୍ଧି କରୁଥିଲେ ବୋଲି ସ୍ୱରାଜ ଆନ୍ଦୋଳନବେଳେ ସଂଗ୍ରାମୀମାନେ ଏହାର ବିରୋଧ କରୁଥିଲେ। ଏହି ପ୍ରସଙ୍ଗକୁ ଅସ୍ତ୍ରକରି ସେମାନେ ସ୍ୱାଧିନତା ସଂଗ୍ରାମ ଲଢୁଥିଲେ। ମଦ ଦୋକାନ ଆଗରେ ପିକେଟିଂ କରୁଥିଲେ। କସ୍ତୁରବା ଗାନ୍ଧୀ ମଧ୍ୟ ନାରୀମାନଙ୍କୁ ସଂଗଠିତ କରି ଏହି ଆନ୍ଦଲୋନକୁ ତ୍ୱରାନ୍ୱିତ କରିଥିଲେ। ନିଶାମୁକ୍ତ ଭାରତର ସ୍ୱପ୍ନ ଦେଖୁଥିବା ବୁଦ୍ଧିଜୀବୀମାନଙ୍କ ଯୁକ୍ତିକୁ ଖଣ୍ଡନ କରି ଏବେକାର ସରକାର ମଦବ୍ୟବସାୟରେ ଯେଉଁ ବିପୁଳ ପରିମାଣରେ ରାଜସ୍ୱ ମିଳୁଛି ତାହାକୁ ଲୋକହିତକର କାର୍ଯ୍ୟରେ ଲଗାଯାଉଛି ବୋଲି କହନ୍ତି, ଯାହା ସଂପୂର୍ଣ୍ଣ ଆତ୍ମପ୍ରତାରଣା ଓ ଅବାନ୍ତର। ସମାଜ, ବ୍ୟକ୍ତିଜୀବନ ଓ ଜୀବିକାକୁ ଯନ୍ତ୍ରଣାଦାୟକ କରୁଥିବା ଉପାଦାନରୁ ଅର୍ଥ ଆଦାୟ କରି ସେହି ଅର୍ଥରେ ସମାଜମଙ୍ଗଳ କାର୍ଯ୍ୟକରିବା ଡାହାଣୀ ହୋଇ ଖାଇବା ଓ ଗୁଣିଆ ହୋଇ ଝାଡିବା ନୀତି। ଏବେକାର ଭଳି ସେ ସମୟରେ ନିଶା ସମାଜରେ ଏତେ ବ୍ୟାପକ ହୋଇନଥିଲା ତଥାପି ମହାତ୍ମାଗାନ୍ଧୀଙ୍କ ଦୂରଦୃଷ୍ଟି ଅନୁଭବ କରିଥିଲା ଭାରତଭଳି ଗରିବ ରାଷ୍ଟ୍ରରେ ମଦ୍ୟପାନକୁ ପ୍ରୋତ୍ସାହନ ଦେବା ଅର୍ଥ ଏ ଦେଶର ନିମ୍ନବର୍ଗର ଲୋକଙ୍କ ଦୁର୍ଭାଗ୍ୟକୁ ଚିରସ୍ଥାୟୀ କରି ରଖିବା।

ମଦ୍ୟପାନ ଏପରି ଏକ ପ୍ରକିୟା ଯାହା କେବଳ ମଦ୍ୟପର ହୃତ୍‌ପିଣ୍ଡ, ଯକୃତ, ବୃକକ୍, ଫୁସ୍‌ଫୁସ୍ ଅଥବା ରକ୍ତ ଆଦି କ୍ଷୟକରେ ନାହିଁ, ତାର ଚେତନାଗତ ସ୍ତରକୁ ଗଭୀରଭାବରେ ପ୍ରଭାବିତ କରିଥାଏ। ତାର ସକଳ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରୁଥାଏ। ମଦ୍ୟପାନର ପ୍ରଲୋଭନ ସୃଷ୍ଟିକରି କୁଲିମୁଲିଆ ମାନଙ୍କ ଠାରୁ ଅଫିସର ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଅସ୍ତ୍ରକରି ଚତୁର ବ୍ୟକ୍ତମାନେ ସ୍ୱାର୍ଥ ସାଧନ କରିଥା'ନ୍ତି। କେଉଁ ଉପାୟରେ କି ପ୍ରକାର କାମକଲେ ସେଥିରୁ ପାନୀୟ ଖର୍ଚ୍ଚଟା ବାହାରି ପଡିବ ସେଥିପାଇଁ ମଦ୍ୟପ ସର୍ବଦା ତତ୍ପର ଥାଏ। ଫଳରେ ତାର କାର୍ଯ୍ୟକଳାପ ସମାଜମୁଖୀ ନହୋଇ ମଦ୍ୟମୁଖୀ ହୋଇଥାଏ। ସମାଜ ପଛେ ନର୍କକୁ ଯାଉ ତାର ମଦ୍ୟପାନ ବିଳାସଟି ଚରିତାର୍ଥ ହେଉ ବୋଲି ସେ ଚିନ୍ତା କରେ, ଦୁନିଆରେ ଏମିତି କିଛି ପାପ ନାହିଁ ନିଶାସକ୍ତ ମଣିଷ

ଯାହା କରିବାପାଇଁ ଦ୍ୱିଧାବୋଧ କରିବ। ଏମାନଙ୍କ ସ୍ୱାଧିନତା ମଦ୍ୟ ନିକଟରେ ବନ୍ଧାପଡିଥାଏ। ବୁଦ୍ଧି ବିଚାର ଓ ବିବେକ ବିଭ୍ରାନ୍ତ ହୋଇଥାନ୍ତି, ମଦ୍ୟପାନ ଜନିତ ପରବର୍ତ୍ତି ମାନସିକାତରେ କେବଳ ମଦ୍ୟପ ନୁହେଁ ବରଂ ଅନ୍ୟମାନେ ଆକ୍ରାନ୍ତ ହୋଇଥା'ନ୍ତି ବେଶି।

ମଦ୍ୟପମାନଙ୍କର ଏ ଜଘନ୍ୟ କାର୍ଯ୍ୟକଳାପ ଲକ୍ଷ୍ୟକରି ମହାତ୍ମାଗାନ୍ଧୀ କହିଥିଲେ, ଯଦି ଥରେ ମୋ ହାତକୁ ଦେଶର ସର୍ବୋଚ୍ଚ କ୍ଷମତା ଆସନ୍ତା ମୁଁ ପ୍ରଥମେ ଦେଶରେ ଯେତେ ମଦଦୋକାନ ଅଛି ସବୁ ବନ୍ଦ କରିଦିଅନ୍ତି।

ଉଚ୍ଚବର୍ଗର ଲୋକମାନଙ୍କର ମଦ୍ୟପାନ ଏକ ସୌଖିନ ବିଳାସ। କିନ୍ତୁ ନିମ୍ନବର୍ଗର ଲୋକଙ୍କପାଇଁ ଏହା ଏକ ଉପାୟ ଶୂନ୍ୟ ମାଧ୍ୟମ ହୋଇଥାଏ। ହାଡଭଙ୍ଗା ଖଟଣିପରେ କ୍ଳାନ୍ତି ଅପନୋଦନପାଇଁ ମଦ୍ୟର ସାହାରାରେ କ୍ଷଣିକ ବିଶ୍ରାନ୍ତି ପାଇଥାନ୍ତି। ଜୀବନ ଜୀବିକାପାଇଁ ସେମାନଙ୍କୁ ଏମତିକିଛି କାର୍ଯ୍ୟ କରିବାକୁ ପଡିଥାଏ। ଯାହା ମଦ୍ୟପାନବିନା ସେମାନେ ପାରନ୍ତି ନାହିଁ। ନାଳନର୍ଦ୍ଦମା, ପଚାସଢ଼ା ଅଳିଆ ଆବର୍ଜନା ସଫାକରିବା, ପଶୁଚମଡା ଆଦିକୁ ପରିଷ୍କାର କରି ବ୍ୟବହାର୍ଯ୍ୟ ଉପକରଣ କରିବା ଭଳି କାର୍ଯ୍ୟ ଏହାର ଅନ୍ତର୍ଭୁକ୍ତ। ଏମାନଙ୍କ ପାଇଁ ଆମ ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଥାଏ। ପରିଶେଷରେ ଏହି ନିଶା ସେମାନଙ୍କୁ ଏମିତି କବଳିତ କରେ ଯେ ଅନ୍ୟ ସମୟରେ ମଧ୍ୟ ସେମାନେ ନିଶାଗ୍ରସ୍ତ ହୋଇ ରହିଥାନ୍ତି। ଦୁନିଆରେ ବହୁକମ୍ ଲୋକ ଅଛନ୍ତି ଯେଉଁମାନେ ନିଶାକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥା'ନ୍ତି। ଦାରିଦ୍ର୍ୟ ଅଜ୍ଞାନତା ଓ ଅନିୟନ୍ତ୍ରିତ ଜୀବନ ପଦ୍ଧତିହେତୁ ନିଶା ଏମାନଙ୍କୁ ସଂପୂର୍ଣ୍ଣ ଗ୍ରାସ କରିଦିଏ। ନିଶାଗ୍ରସ୍ତ ବ୍ୟକ୍ତିର ପ୍ରଥମ ଶିକାର ହୁଅନ୍ତି ମାଆ ଓ ପତ୍ନୀ। ଆବଶ୍ୟକ ପଡିଲେ ଏମାନଙ୍କ ଦେହରୁ ଗହଣା ବିକ୍ରିକରି ମଦ୍ୟପ ମଦ୍ୟପାନ କରିଥାଏ। ଚୋରୀ, ଡକାୟତି, ହତ୍ୟା, ଲୁଣ୍ଠନ ଭଳି ବହୁ ନାରକୀୟ କାର୍ଯ୍ୟ ନିଶାପାନ ସହ ଜଡିତଥାଏ।

ନିଶା ମଦ୍ୟପର ଶରୀରକୁ ଗ୍ରାସ କରି ତୃପ୍ତହୁଏ ନାହିଁ। ତାର ଚେତନାକୁ ସଂପୂର୍ଣ୍ଣ କବଳିତ କରିଦିଏ। ବିଶ୍ୱର ସବୁ ବଡବଡ ଅପରାଧ ନିଶାଗ୍ରସ୍ତ ଅବସ୍ଥାରେ ହିଁ ହୋଇଥାଏ, ହତ୍ୟା, ଧର୍ଷଣ ଭଳି ବହୁ ସଜ୍ଞାନ ଅପରାଧ ପାଇଁ ମଦ୍ୟପାନ ଯେପରି ପ୍ରାରମ୍ଭିକ ପ୍ରକ୍ରିୟା। ରାସ୍ତାଦୁର୍ଘଟଣା ଭଳି ବହୁ ଅଜ୍ଞାନ ଅପରାଧ ମଧ୍ୟ ଏହି ମଦ୍ୟପାନର ପରବର୍ତ୍ତୀ ପ୍ରକ୍ରିୟା।

କଳା ସାହିତ୍ୟ ସଂସ୍କୃତି ଆଦି କ୍ଷେତ୍ରରେ ବହୁ ସୃଜନଶୀଳ ପ୍ରତିଭାର ଅପମୃତ୍ୟୁ ନିଶାସେବନ ହେତୁ ହୋଇଛି। ଅତିଶୟ ନିଶାସକ୍ତ ସେମାନଙ୍କ ବ୍ୟକ୍ତିଗତ ଜୀବନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି। ସୃଜନଶୀଳତା ଅବହେଳିତ ହୋଇଛି। ଚିନ୍ତା ଚେତନା ଦର୍ଶନ ବିପଥଗାମୀ ହୋଇଛି। ସମାଜକୁ ସଜାଡିବାକୁ ଈଶ୍ୱର ସେମାନଙ୍କୁ ଯେଉଁ ପ୍ରତିଭା ଦେଇଥିଲେ ତାହା ସମାଜକୁ ବିଗାଡିବାର କାରଣ ହୋଇଛି। ନିଶାସକ୍ତ ବ୍ୟକ୍ତିର ଅତୀତ ଓ ଭବିଷ୍ୟତ ଜ୍ଞାନ ନଥାଏ। ସେ ବର୍ତ୍ତମାନ ସର୍ବସ୍ୱ ହୋଇ ବଞ୍ଚେ। ଯେଉଁ ବର୍ତ୍ତମାନ ତାହା ପାଇଁ ସଂପୂର୍ଣ୍ଣ ନିଷ୍ଫଳା। ନିଷ୍କର୍ମା

ହୋଇ ବଞ୍ଚିବାର ଅବଶୋଷ ମଧ୍ୟ ସେମାନଙ୍କର ନଥାଏ କାରଣ ମଦ୍ୟପାନ ହିଁ ସେମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟହୋଇ ରହିଥାଏ ।

ନିମ୍ନବର୍ଗ ଓ ମଧ୍ୟବିତ୍ତ ପରିବାରମାନଙ୍କୁ ମଦ୍ୟପାନ ଜନିତ ଆର୍ଥିକ କ୍ଷତି ସର୍ବସ୍ୱାନ୍ତ କରିଥିବାବେଳେ ଉଚ୍ଚବର୍ଗ ଓ ଅଭିଜାତ ପରିବାରମାନଙ୍କରେ ପରିବାର ସଦସ୍ୟ ଅଜସ୍ର ମାନସିକ ଯନ୍ତ୍ରଣା ପାଇଥା'ନ୍ତି । ସେମାନଙ୍କ ଦ୍ୱାରା ପରିଚାଳିତ କମ୍ପାନୀରେ ଦୁର୍ନୀତି ଭ୍ରଷ୍ଟାଚାର ଉପରେ ନିୟନ୍ତ୍ରଣ ରହେନାହିଁ । କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହେନାହିଁ । ସରକାରୀ ଅଫିସ୍‌ରେ ମଧ୍ୟ ସେହି ଅବସ୍ଥା, ନିଶାସକ୍ତ କର୍ମଚାରୀ ଲାଞ୍ଚମିଛ ଆଦି ଦୁର୍ନୀତିକୁ ପ୍ରୋତ୍ସାହନ ଦେଇଥାଏ ।

ଦେବାସୁର ସଂଗ୍ରାମରେ ରାକ୍ଷସମାନଙ୍କର ପରାଜୟର କାରଣ ଏହି ସୁରା । ଦେବତାମାନଙ୍କ ତୁଳନାରେ ରାକ୍ଷସମାନେ ବଳବୀର୍ଯ୍ୟ, ବୁଦ୍ଧିପରାକ୍ରମରେ ନ୍ୟୁନ ନଥିଲେ କିନ୍ତୁ ସମୁଦ୍ର ମନ୍ଥନରୁ ବାହାରିଥିବା ସୁରାକୁ ଚତୁରତାର ସହ ବିଷ୍ଣୁ ରାକ୍ଷସମାନଙ୍କ ହସ୍ତରେ ଅର୍ପଣ କରିଥିଲେ । ସେହି ସୁରା ପାନର ପ୍ରଭାବରେ ସେମାନେ ମୋହିନୀ କନ୍ୟାର ମୋହରେ ମୋହିତ ହୋଇଗଲେ । ସୋମନଙ୍କର ମତିଭ୍ରମ ହେଲା, ସୁଚିନ୍ତିତ ଉପାୟରେ ନିଜର ଅଧିକାର ଟିକକ ବି ସାବ୍ୟସ୍ତ କରିପାରିଲେ ନାହିଁ । ଯଦୁବଂଶ ଧ୍ୱଂସର ହେତୁ ମଧ୍ୟ ଏହି ସୁରାପାନ । କାଦମ୍ବରୀ ରସପାନକରି ସେମାନେ ପ୍ରମତ୍ତ ହୋଇ ଉଠିଥିଲେ ଓ ପରସ୍ପର ପରସ୍ପରକୁ ଧ୍ୱଂସ କରିବାରେ ସମର୍ଥ ହୋଇଥିଲେ ।

ନିଶାସକ୍ତ ମଣିଷର ବାକ୍ ସଂଯମ ରହେନାହିଁ । ସ୍ୱାଭାବିକ ଅବସ୍ଥାରେ ଯେଉଁ ଶବ୍ଦ ଅଥବା ବାକ୍ୟ ଉଚ୍ଚାରଣ ନିମନ୍ତେ ତାର ସଂସ୍କାର ବାଧାଦିଏ ମଦ୍ୟପାନ ପରେ ସେ ତାହା ଅନାୟାସରେ କରିଥାଏ । ଫଳରେ ପରିବେଶକୁ ଅଶ୍ଳୀଳ ଓ ଅଭଦ୍ରୋଚିତ କରିବାରେ ଏମାନଙ୍କର ଯଥେଷ୍ଟ ଭୂମିକା ଥାଏ । ଦେଶର ଅର୍ଥନୀତିକୁ ଆକ୍ରାନ୍ତ କରୁଥିବା ଏହି ନିଶାସକ୍ତମାନଙ୍କ ବ୍ୟକ୍ତିତ୍ୱର ବିକାଶତ ହୁଏନାହିଁ, ସାମାଜିକ ବିକାଶପାଇଁ ବି ଏମାନେ ପ୍ରତିବନ୍ଧକ ହୋଇଥାନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀମାନେ କାହିଁ କେଉଁ କାଳରୁ ଦାରିଦ୍ର୍ୟର ସୀମାରେଖାକୁ ଲଂଘନ କରିନପାରିବାର ମୁଖ୍ୟ କାରଣ ହେଲା ମଦ୍ୟପାନ । ଆଦିବାସୀ ଜନତାଙ୍କ ଜୀବନଶୈଳୀକୁ ନେଇ ବହୁସାହିତ୍ୟ ସୃଷ୍ଟି କରିଥିବା ଗୋପୀନାଥ ମହାନ୍ତି ଏଥିପାଇଁ ମଦବ୍ୟବସାୟୀ ଶୁଣ୍ଡୀ ସଂପ୍ରଦାୟକୁ ଦୋଷ ଦେଇଛନ୍ତି । ଆଦିବାସୀ ସଂପ୍ରଦାୟରେ ପୁରୁଷ ସର୍ବଦା ନିଶାଗ୍ରସ୍ତ ହୋଇ ରହୁଥିବାରୁ ପରିବାରର ଭାର ନାରୀକୁ ହିଁ ସମ୍ଭାଳିବାକୁ ପଡିଥାଏ । ଗୃହର ଯାବତୀୟ କାର୍ଯ୍ୟସହ ଶିଶୁ ଓ ବୟସ୍କଲୋକଙ୍କ ଦେଖାଶୁଣା ସହ ବଜାର ହାଟ ମଧ୍ୟ ନାରୀକୁହିଁ କରିବାକୁ ହୋଇଥାଏ । ବଣଜଙ୍ଗଲରୁ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟସହ କୁଲିମଜୁରୀ ଲାଗି ସେ ଯାହା ଆଣେ

ତାହାର ବଡଅଂଶ ମଦପାଣିରେ ପୁରୁଷଟି ଖର୍ଚ୍ଚକରିଥାଏ । ଏଥିରେ ବ୍ୟତିକ୍ରମ ହେଲେ ନାରୀ ପୁରୁଷର ହିଂସ୍ରତାର ଶିକାର ହୋଇଥାଏ । ବହୁ ଶିକ୍ଷିତ ଧନୀକ ଓ ଅଭିଜାତ ପରିବାର ବିପର୍ଯ୍ୟସ୍ତ ହେବା ମୂଳରେ ଏହି ମଦ୍ୟପମାନଙ୍କର ପ୍ରମୁଖ ଭୂମିକା ରହିଛି । ଧନୀ ହେଉ କି ଗରୀବ, ଶିକ୍ଷିତ ହେଉ କି ଅଶିକ୍ଷିତ ଅନ୍ୟକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ମଦ୍ୟପମାନଙ୍କର ସ୍ୱାଭାବିକ ପ୍ରକ୍ରିୟା । ସେମାନଙ୍କ ବିକୃତ ମାନସିକତାର ପ୍ରଥମ ଶିକାର ହୁଏ ପତ୍ନୀ ଓ ତାପରେ ପରିବାରର ଅନ୍ୟାନ୍ୟ ସଦସ୍ୟ ।

ମଦ୍ୟପାନ ଏବେ ଆମ ସମାଜିକ ଜୀବନକୁ ସଂପୂର୍ଣ୍ଣ କବଳିତ କରିସାରିଲାଣି । ଧାର୍ମିକ ଅନୁଷ୍ଠାନ ମାନଙ୍କରେ ସୁଦ୍ଧା ଏହାର ପ୍ରବେଶ ଅବାଧ, ଗଣେଶ ପୂଜା, ଦଶହରାପୂଜା ଭଳି ଗଣପର୍ବମାନଙ୍କରେ ଆଦାୟ ହେଉଥିବା ମୋଟାଅଂଶ ଉଦ୍ୟୋକ୍ତାମାନଙ୍କର ପାନୀୟ ବିଳାସ ଚରିତାର୍ଥ କରିଥାଏ । ଏଇ ମାନସିକତାରୁ ଉତ୍ପନ୍ନ ପୂଜା ପେଣ୍ଡାଲମାନଙ୍କରେ ଯେଉଁ ପ୍ରକାର ଦ୍ୱିଅର୍ଥ ବୋଧକ ଅଶ୍ଳୀଳ ସଂଗୀତଗାନ କରାଯାଏ ତାହା ପୂଜା ପାର୍ବଣର ସକଳ ପବିତ୍ରତାକୁ ଫୁତ୍‌କାରରେ ଉଡାଇଦେଇଥାଏ ।

ନୂତନବର୍ଷର ଆବାହନ ମଦମାଂସରେ ହିଁ ହୋଇଥାଏ । ପିକ୍‌ନିକ୍ ଭୋଜି ଭାତ ମଦମାଂସ ନହେଲେ ଯେମିତି ନୂଆବର୍ଷ ଆସେ ନାହିଁ । ଗାଁ ଗହଳରୁ ମେଟ୍ରୋସହର ପର୍ଯ୍ୟନ୍ତ ସବୁଠି ଗୋଟାଏ ଭୋଗ ସର୍ବସ୍ୱ ଚେତନାର ତୀବ୍ରତା ଅନଭୂତ ହୁଏ । ଯାହା ଉପରେ ନିରଙ୍କୁଶ କ୍ଷମତା ବିସ୍ତାର କରିଥାଏ ମଦ୍ୟପାନ ।

ଗୋଟାଏ ଅପଶକ୍ତି ଆମ ସାମାଜିକ ଜୀନନକୁ କବଳିତ କରି ସଂପୂର୍ଣ୍ଣ ଅନ୍ତଃସାର ଶୂନ୍ୟ କରିଦେବା ପୂର୍ବରୁ ଆତ୍ମଜାଗ୍ରତ ହେବା ମୁହୂର୍ତ୍ତର ଆହ୍ୱାନ ଆସଛି । ଏ ଆହ୍ୱାନକୁ ସାମ୍ନା ନକଲେ ଭବିଷ୍ୟତ ବଂଶଧର ଆମକୁ କ୍ଷମାଦେବ ନାହିଁ ।

❑❑

ପୁଣି ଚର୍ଚ୍ଚାରେ ବନୀତା

ଏବେ ଏକ ଲୋକପ୍ରିୟ ଟିଭି ଚ୍ୟାନେଲ ତେଇଶ ବର୍ଷ ତଳର ଏକ ସ୍ପର୍ଶକାତର ପ୍ରସଙ୍ଗର କେନ୍ଦ୍ର ପାଲିଟି ଯାଇଥିବା ବନୀତା ପୋଢ଼ର ବିବର୍ତ୍ତିତ ସଂସାରକୁ ପ୍ରଦର୍ଶିତ କରୁଥିଲା। ଇନ୍ଦିରା ଆବାସ ପାଇଁ ପାଇଥିବା ୧୧ ହଜାର ଟଙ୍କାର ଅଧା ତିଆରି ଖପ୍‌ରଲି ଘରେ ଖଣ୍ଡେ, ତାର ଅନ୍ଧସ୍ୱାମୀ ପାଞ୍ଚଟି ସନ୍ତାନ ଓ ସେ ନିଜେ। ପାଖରେ ବେଢ଼ିଥିଲେ ବହୁ ବାକ୍‌ପଟୁ ରାଜନେତା, କିଛି ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମର ପ୍ରତିନିଧି। ତେଇଶି ବର୍ଷ ତଳେ ନିଜ ଭାଉଜ ଫନ୍ଦ ପୁଞ୍ଜି ଦ୍ୱାରା ନିଜେ ବିକ୍ରି ହୋଇଥିବା ବନୀତା ପୋଢ଼ କହୁଥିଲା – ସରକାର ଯଦି ତାକୁ କିଛି ସାହାଯ୍ୟ ନକରନ୍ତି ସେ ତା ସାନଝିଅକୁ ବିକ୍ରିକରି ବଡ ଝିଅର ବାହାଘର କରିବ। ସେ ସ୍ୱରରେ ଅଭାବୀ ଲୋକର ଦୟନୀୟତା ଅଥବା ଅସହାୟତା ନଥିଲା ବରଂ ଥିଲା ସରକାରଙ୍କୁ ଚେତାବନୀ ଦେବାର ଦାମ୍ଭିକତା, ସେ ସ୍ୱର ତାର ନିଜସ୍ୱ ଅଥବା ଶୁଆ ପଢ଼ା ତାହା ସ୍ପଷ୍ଟ ବାରି ହୋଇପଡୁଥିଲା। ଏହାଛଡା ଉପସ୍ଥିତ କେତେଜଣ ବରିଷ୍ଠ ରାଜନେତା ମଧ୍ୟ ଓଜସ୍ୱିନୀ ଭାଷାରେ ବନୀତାର ଦୁରାବସ୍ଥା ବର୍ଣ୍ଣନା କରୁଥିଲେ ଏବଂ ଏଥିପାଇଁ ସରକାରଙ୍କ ଅପାରଗତା ସଂପୂର୍ଣ୍ଣ ଦାୟୀ ବୋଲି କହି ସରକାରଙ୍କ ଇସ୍ତଫା ଦାବି କରୁଥିଲେ।

ତେବେ କହିବାର କଥା, ଯେଉଁ ବନୀତା ପୋଢ଼ର ସମସ୍ୟା ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିଜେ ଆସିଥିଲେ ବନୀତା ସମସ୍ୟା ସମାଧାନ ପାଇଁ, ବନୀତା ପୋଢ଼ର ବାହାଘର ଭୋଜୀରେ ଏମ.ଏଲ.ଏ, ଏମପିଙ୍କ ସହ ବହୁ ବଡ ବଡ ନେତା ଯୋଗଦେଇ ଆପ୍ୟାୟିତ ହୋଇଥିଲେ, ସତେ ଯେମିତି ବନୀତାର ଦୁଃଖରେ ଏମାନେ ସମସ୍ତେ ଦୁଃଖି ଓ ସୁଖରେ ସମସ୍ତେ ସୁଖି। ଏମିତି ଗୋଟିଏ ପ୍ରତ୍ୟୟ ସୃଷ୍ଟି କରାଯାଇଥିଲା। ସେହି ନେତାମାନେ ଦୀର୍ଘ ତେଇଶ ବର୍ଷ ହେଲା ଏମିତି ନୀରବ କାହିଁକି ଥିଲେ ? ବନୀତାର କିଛି ଖବର ସେମାନଙ୍କ ପାଖରେ ପହଞ୍ଚ ପାରିଲା ନାହିଁ କେମିତି ? ଏବେ ପୁଣି ସେମାନେ କି ଉଦ୍ଦେଶ୍ୟ ନେଇ ସକ୍ରିୟ ହୋଇ ପଡିଲେ ? ପରିବାର ନିୟନ୍ତ୍ରଣ ଯୋଜନା ଦେଶର ଗଳିକନ୍ଦିରେ ପ୍ରଚାର ଓ ପ୍ରସାର ହେଉଥିବା ବେଳେ କେହି ତାକୁ ପରିବାର

ନିୟନ୍ତ୍ରଣ ଯୋଜନାର ପରାମର୍ଶ ଦେଲେ ନାହିଁ। ପରିବାର ନିୟନ୍ତ୍ରଣ ଯୋଜନାରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ଦୃଷ୍ଟିରୁ ବନୀତା କେମିତି ବଞ୍ଚିତ ହେଲା ? ତାର ପାଞ୍ଚଟି ପିଲା ହେଲେ, ସରକାରଙ୍କ ଦ୍ୱାରା ପରିଚାଳିତ ଆଦିବାସୀ ହରିଜନ ଛାତ୍ରଛାତ୍ରୀ ପାଇଁ ବହୁ ଆବାସିକ ବିଦ୍ୟାଳୟ ରହିଛି। କୌଣସି ଜଣେ ସହୃଦୟ ବ୍ୟକ୍ତି ଚାହିଁଥିଲେ ତା ପିଲାମାନେ ମାଗଣାରେ ପାଠପଢ଼ା ସୁଯୋଗ ପାଇଥାନ୍ତେ। ବନୀତାର ଅନ୍ଧ ସ୍ୱାମୀକୁ ଭିନ୍ନ କ୍ଷମ ଭତ୍ତା ମିଳୁଛି କି ନାହିଁ କେଜାଣି, କିନ୍ତୁ ଅନ୍ୟାନ୍ୟ ଭିନ୍ନ କ୍ଷମଙ୍କ ଭଳି ତା ପାଇଁ ଉପାର୍ଜନର ପନ୍ଥାଟିଏ ଯୋଗାଡ କରାଯାଇ ପାରିଥାନ୍ତା। ନିଜ ଦାୟିତ୍ୱ ନିଜେ ବହନ କରି ସେମାନେ ପରିବାର ଚଳେଇ ପାରିଥାନ୍ତେ, ଏଭଳି ଗଠନମୂଳକ କାର୍ଯ୍ୟପାଇଁ କେହି ସହାୟତାର ହାତ ବଢ଼େଇଲେ ନାହିଁ।

ପଶ୍ଚିମ ଓଡ଼ିଶାର ଜନଜାତି ଓ ଜନ ଉପଜାତିଙ୍କ ବିବାହ ପଦ୍ଧତି ବିଚିତ୍ର। ଯେକୌଣସି ପଦ୍ଧତିରେ ବିବାହ ହେଉ ନା କାହିଁକି, ବରପକ୍ଷ କନ୍ୟା ପକ୍ଷକୁ କିଛି ଟଙ୍କା ଦେଇଥାଏ, କନ୍ୟାଟିଏ ଘରକୁ ଆଣିଲା ପରେ ବାହାଘର ସଙ୍ଗେ ସଙ୍ଗେ କରିବା ପାଇଁ ସେମିତି କିଛି ବାଧ ବାଧକତା ନଥାଏ। ଯଦି ପରିବାରର ଆର୍ଥିକ ସମ୍ବଳ ଅଛି ତ ସଙ୍ଗେ ସଙ୍ଗେ ବାହାଘର ଭୋଜି ଭାତ ହୁଏ ନଚେତ୍ ପୁଅ ଓ ଝିଅଙ୍କୁ ସ୍ୱାମୀ ସ୍ତ୍ରୀ ଭଳି ଚଳିବାକୁ ସୁଯୋଗ ଦିଆଯାଏ। ଏମିତିକି ପିଲାଛୁଆ ଜନ୍ମପରେ ବି ପୁଅଝିଅଙ୍କୁ ସୁବିଧା ଦେଖି ବେଦୀରେ ବସାଇ ବିବାହ କରାଇ ଦିଆହୁଏ. ଓ ଭୋଜିଭାତ ହୁଏ। ଅବଶ୍ୟ ଏଇ ପରମ୍ପରା ପଛରେ କଳାହାଣ୍ଡିର ଦାରିଦ୍ର୍ୟ ଓ ଅନଟନର ଛାପ ସ୍ପଷ୍ଟ। କିନ୍ତୁ କଳାହାଣ୍ଡି ଜନତା ଏହାକୁ ସେଭଳି ଗୁରୁତ୍ୱ ଦିଅନ୍ତି ନାହିଁ, ଯେଉଁଭଳି ଭାବରେ ବନୀତା ପୋଢ଼ଙ୍କୁ ନେଇ ସାରା ଭାରତ ବର୍ଷରେ କଳାହାଣ୍ଡିକୁ ବିବସ୍ତ୍ର କରାଗଲା। ସମାଜରେ ସକରାତ୍ମକ ଭୂମିକା ନିର୍ବାହ କରୁଥିବା ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ସମାଜ ପାଇଁ ବୋଝ ନୁହଁନ୍ତି। ନିଜେ ଶାରୀରିକ ଅକ୍ଷମ ହୋଇ ବି ନିଜ ଚେଷ୍ଟାରେ ନିଜପାଇଁ, ପରିବାର ପାଇଁ ଏପରିକି ସମାଜ ପାଇଁ ମଧ୍ୟ ଅନ୍ନସଂସ୍ଥାନର ବ୍ୟବସ୍ଥା କରିପାରିଥାନ୍ତି। ଲକ୍ଷ ଲକ୍ଷ ଦରିଦ୍ର ଜନତା ଏ ଦେଶରେ ଅଛନ୍ତି, କୌଣସି ଦେଶରେ କୌଣସି ସରକାର ଅର୍ଥଦାନ କରି ଦାରିଦ୍ର୍ୟ ଦୂରୀକରଣ କରିବାର ଦୃଷ୍ଟାନ୍ତ ନାହିଁ। ଏପରି କରିବା ଦ୍ୱାରା ଅପାତ୍ରରେ ଦାନ ହିଁ ହେବ ଓ ଦାନର କିଛି ମହତ୍ତ୍ୱ ରହିବ ନାହିଁ। ଦାନରୁ ପ୍ରାପ୍ତ ଅର୍ଥର ଅପବ୍ୟବହାର ହେବ।

ଓଡ଼ିଆରେ ଗୋଟିଏ ପ୍ରବଚନ ଅଛି -ମାଙ୍କଡକୁ ଚାଉଳ ଖିଆ ଶିଖାଇବା। ମାଙ୍କଡ ଯଦି ଚାଉଳ ଖିଆ ଶିଖିଯାଏ, ସିଏ ଆଉ ଗଛ ଚଢ଼ି ତା ଖାଦ୍ୟ ସଂଗ୍ରହ କରିବ ନାହିଁ। ମାଲିକ୍ ଠୁଁ ମିଳୁଥିବା ମୁଠେ ଦି ମୁଠେ ଚାଉଳ ଖାଇ ଦେଇ ସନ୍ତୁଷ୍ଟ ରହିବ। ଯେମିତି ଏବେ ଆମ ଦେଶରେ ଦାରିଦ୍ର୍ୟ ଦୂରୀକରଣର ଏକ ଅଭିନବ ଯୋଜନା ଚାଲିଛି ଦୁଇ ଟଙ୍କିଆ ଚାଉଳ। କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ରିହାତି ମୂଲ୍ୟରେ ଅଥବା ମାଗଣାରେ ଖାଦ୍ୟ ପଦାର୍ଥ ଯୋଗାଇ ଦେବାର ଆବଶ୍ୟକତା ରହିଛି। କିନ୍ତୁ ଦୀର୍ଘ ମିଆଦରେ ଏହି ପ୍ରକ୍ରିୟା ଚାଲୁ ରହିଲେ ଲୋକ ଚରିତ୍ରରେ ଭୟଙ୍କର ପରିବର୍ତ୍ତନ ହୁଏ। ଲୋକେ ଆଳସ୍ୟ ପରାୟଣ ହୁଅନ୍ତି। ଭବିଷ୍ୟତ ଚିନ୍ତା କରନ୍ତି ନାହିଁ। ନିଷ୍କର୍ମା ହୋଇ ପଡନ୍ତି। ନିଷ୍କର୍ମ ଜୀବନ ବହୁବିଧ

ସାମାଜିକ ବିଭ୍ରାଟର ମୂଳ କାରଣ ହୁଏ । ଏ ଯୋଜନା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ସେମାନଙ୍କର ସଞ୍ଚୟ ମନୋବୃତ୍ତି ପ୍ରାୟ ନଥାଏ। ଗୋଟିଏ ଦିନର ମଜୁରୀରେ ମାସକ ପାଇଁ ଚାଉଳ ପାଇଲାପରେ ସେମାନେ କେଉଁ ଦୁଃଖରେ ଯିବେ ଆଉ ଗୋଟିଏ ଦିନ ମଜୁରୀ ଖଟିବା ପାଇଁ ? ଏହି ମାନସିକତା ଚାଷୀଙ୍କୁ କାଳ ହୋଇଛି । ସେମାନେ ଚାଷ ଜମି ପାଇଁ ମୂଲିଆ ପାଉ ନାହାନ୍ତି । ଯେଉଁ ଜଣେ ଅଧେ ଯାଉଛନ୍ତି ସେମାନେ ଚଢ଼ାଦରଦାବି କରୁଛନ୍ତି । ତା ସାଙ୍ଗକୁ ଦୁଇଟଙ୍କିଆ ଚାଉଳ ହେତୁ ଚାଷୀର ଉପାର୍ଜିତ ଧାନ ଓ ଚାଉଳର ଦର ହ୍ରାସ । ଚାଷୀ ହନ୍ତ ସନ୍ତ । ଶେଷରେ ଆତ୍ମହତ୍ୟା । ଏ ଚାଷୀ ମାରଣ ଯୋଜନାର ସ୍ଥାୟୀତ୍ୱ କେତେ ଦୂର ତାହା କହି ହେଉନାହିଁ, କିନ୍ତୁ ଏହା ଚିରସ୍ଥାୟୀ ଆଦୌ ନୁହେଁ। ଯେତେବେଳେ ଏହି ଯୋଜନାକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯିବ ସେତେବେଳକୁ ଗୋଟିଏ ପରିଶ୍ରମୀ ଗୋଷ୍ଠୀ ନିଷ୍କର୍ମା ପାଲଟି ସାରିଥିବେ ଓ ସାମାଜିକ ବିଦ୍ରୋହଟିଏ ଅପେକ୍ଷା କରିଥିବ ।

ତେଣୁ ହେ ରାଜନେତା ଗଣ ! ଆପଣମାନେ ଶାସକ ଗୋଷ୍ଠୀ ହୁଅନ୍ତୁ ଅଥବା ବିରୋଧୀ ଗୋଷ୍ଠୀ, ସାଧାରଣ ଜନତାଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ସୁଯୋଗ ଦିଅନ୍ତୁ । ନିଜ ପରିଶ୍ରମରେ ନିଜେ ବଞ୍ଚିବାର ଯେଉଁ ମର୍ଯ୍ୟାଦା ବୋଧ ଅଛି, ନିଜ ଶିଙ୍ଗରେ ମାଟି ତାଡ଼ିବାରେ ଯେଉଁ ଆତ୍ମ ସନ୍ତୋଷ ଅଛି ସେ ଟିକକ ଜନତାଠାରୁ ଛଡେଇ ନିଅନ୍ତୁ ନାହିଁ। ଦୀର୍ଘକାଳ ହେଲା ବୈଦେଶିକ ଶାସକ ଏ ଦେଶକୁ ଲୁଣ୍ଠି ଚାଲିଥିଲେ । ଆଉ ଯାହା ଅବଶିଷ୍ଟ ଥିଲା ଷାଠିଏ ବର୍ଷ ହେଲା ସ୍ୱଦେଶୀମାନେ ଯିଏ ଯେମିତି ପାରିଲା ଲୁଣ୍ଠି ଚାଲିଲା । ସେଥିକୁ ଅଙ୍କୁଶ ପାଉ ନାହିଁ। କିନ୍ତୁ , ଜାତିର ମାନସିକତାକୁ ଆଉ ଅଧିକ ଲୁଣ୍ଠନ କରାନଯାଉ । ତାକୁ ସ୍ୱାଭିମାନର ସହ ବଞ୍ଚିବାକୁ ଦିଆଯାଉ। ଦିନ ଥିଲା, ଗୋଟିଏ ମହାନ ଜାତି ଯିଏ ମାଗି ଖାଇବା ଅପେକ୍ଷା ଲାଗିଖାଇବାକୁ ଶ୍ରେୟଃ ମଣୁଥିଲା । ଅନ୍ନଛତ୍ରରେ ଖାଇଲେ ଲୋକେ ତାକୁ ବାସନ୍ଦ କରୁଥିଲେ । ରିଲିଫ୍ କ୍ୟାମ୍ପରୁ ସାହାଯ୍ୟ ଗ୍ରହଣ କରିବା ପାଇଁ ସେ କୁଣ୍ଠାବୋଧ କରୁଥିଲା। ସେଭଳି ଗୋଟିଏ ଜାତିର ସ୍ୱାଭିମାନକୁ ଧୂଳିସାତ କରନ୍ତୁ ନାହିଁ। ତାକୁ ମାଗଣା କରନ୍ତୁ ନାହିଁ। ତା ଆତ୍ମବିଶ୍ୱାସର ଅପମୃତ୍ୟୁ ନ ହେଉ। ବଞ୍ଚିବା ପାଇଁ ସଂଗ୍ରାମ କରି ଶିଖୁ। ବନୀତା ପୋଢ଼ ଆକ୍ରାନ୍ତ ହୋଇଛି, କିଛି ପରିମାଣରେ ପରମ୍ପରାର, କିଛି ଦାରିଦ୍ର୍ୟର। ସେଥିରୁ ଉଦ୍ଧାର ପାଇବାର ରାସ୍ତା ସେ ନିଜେ ଖୋଜୁ। ନିଜେ ସଶକ୍ତ ହେଉ। ସଂଗ୍ରାମ କରି ଶିଖୁ। ନିଜର ଦାରିଦ୍ର୍ୟକୁ ବିଜ୍ଞାପିତ କରି ଅନ୍ୟର ଦୟାର ପାତ୍ର ନହେଉ। କୌଣସି ପରିସ୍ଥିତିରେ ବି ବନୀତା ପୋଢ଼ ଅନ୍ୟମାନଙ୍କ ପାଇଁ ଆଦର୍ଶ ନୁହେଁ। ରାଜନେତାମାନେ ଆଉ ବନୀତା ପଛରେ ନ ପଡି ବରଂ ଏମିତି କିଛି ପ୍ରସଙ୍ଗ ଚର୍ଚ୍ଚା ପରିସରକୁ ଆଣନ୍ତୁ ଯାହା ଲକ୍ଷ ଲକ୍ଷ ଦରିଦ୍ର ଜନତାଙ୍କ ପାଇଁ ପ୍ରେରଣା ହେବ। ଜୀବନ ବଞ୍ଚିବା ପାଇଁ ନୂଆ ଆଶା ଓ ଭରସା ଭରିଦେବେ।

ଆମେ ପରା ମଣିଷ

ଘଟଣାଟି ଟିକେ ପୁରୁଣା । ପ୍ରତିଷ୍ଠିତ ଚିତ୍ରକର ଏମ.ଏଫ. ହୁସେନ୍ ବିଦ୍ୟା ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କର ନଗ୍ନଚିତ୍ର ଅଙ୍କନ କରି ବହୁଚର୍ଚ୍ଚିତ ହେବା ସମୟର କଥା । ଦୁଇ ତିନିଜଣ ଛାତ୍ର ସରସ୍ୱତୀ ପୂଜା ଉପଲକ୍ଷ୍ୟେ ପ୍ରସ୍ତୁତ ହୋଇଥିବା ନିମନ୍ତ୍ରଣ ପତ୍ର ସହ ରୀତିମତ ଆକ୍ରମଣାତ୍ମକ ମନୋବୃତ୍ତି ନେଇ ମହାବିଦ୍ୟାଳୟର ପୂଜା କମିଟିର ଉପଦେଷ୍ଟା ଦାୟିତ୍ୱରେ ଥିବା ଏ ଲେଖିକା ନିକଟରେ ପହଞ୍ଚିଲେ । ସେମାନଙ୍କ ଅଭିଯୋଗ ଥିଲା, ନିମନ୍ତ୍ରଣପତ୍ରରେ ଦେବୀ ସରସ୍ୱତୀଙ୍କର ନଗ୍ନ ଫଟୋ ଛପାଯାଇଛି । ଏହା ବିରୋଧରେ ସେମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି । ସେମାନଙ୍କ ଅସହାୟ ଓ ନିରୀହ ମୁହଁକୁ କିଛି ସମୟ ନିରୀକ୍ଷଣ କଲାପରେ ଅଭିଯୋଗଟି ଯେ ସମ୍ପୂର୍ଣ୍ଣ ସେମାନଙ୍କର ନୁହେଁ, କୌଣସି ଅସାମାଜିକ ଶକ୍ତି ଦ୍ୱାରା ଅନୁପ୍ରେରିତ ହୋଇ ସେମାନେ ଆସିଛନ୍ତି ଏକଥା ହୃଦ୍‌ବୋଧ କରିବାପାଇଁ ଅସୁବିଧା ହେଲାନାହିଁ । ତଥାପି ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ସ୍ୱରଟାକୁ ଟିକେ ନରମ କରି ସେମାନଙ୍କୁ କହିବାକୁ ପଡିଲା - 'ତମେମାନେ କାଳିଦାସଙ୍କ ନାଁ ଶୁଣିଛ ? ମୁଣ୍ଡ ହଲେଇ ଅଳ୍ପ ହସି ସେମାନଙ୍କ ଭିତରେ ନେତୃତ୍ୱ ନେଇଥିବା ପିଲାଟି ଆହୁରି ନିରୀହ କଣ୍ଠରେ କହିଲା - "ତାଙ୍କୁ କିଏ ନ ଜାଣିଛି ! ବ୍ୟାସ ଓ ବାଲ୍ମିକୀଙ୍କ ପରେ ସିଏ ତ ବଡ କବି ଭାବରେ ଆମ ନଜରକୁ ଆସନ୍ତି" । ପୁଣି ପ୍ରଶ୍ନ କଲି - ସଂସ୍କୃତରେ ସେ ଅତି ଲୋକପ୍ରିୟ ସରସ୍ୱତୀ ବନ୍ଦନାଟିଏ ଲେଖିଛନ୍ତି, ଗାଇପାରିବ ? ମୋ ପାଟିରୁ କଥା ନସରୁଣୁ ସମସ୍ୱରରେ ସେମାନେ ଗାଇଗଲେ- 'କଜ୍ଜ୍ୱଳପୂରିତ ଲୋଚନ ଧାରେ, ସ୍ତନୁଯୁଗ ଶୋଭିତ ମୁକୁତା ହାରେ, ବୀଣା ପୁସ୍ତକ ରଂଜିତ ହସ୍ତେ, ସରସ୍ୱତୀ ଭଗବତୀ ଦେବୀ ନମସ୍ତେ ।'

ଶ୍ଳୋକ ଚାରଧାଡି ସରି ଆସିଲା ବେଳକୁ ସେମାନଙ୍କ ଅସୂୟା ଅଭିଯୋଗ ଆଉ ନଥିଲା । ସେମାନଙ୍କୁ ଆଉ କିଛି ବୁଝାଇବାକୁ ପଡିଲାନାହିଁ । ଲଜ୍ଜିତ ହୋଇ ବିନୀତ ଭାବରେ ମୋତେ କ୍ଷମା ପ୍ରାର୍ଥନା କରି ସେମାନେ ଚାଲିଗଲେ । ସେହି ଫଟୋ ଥାଇ ପୁଣି କେତେଥର ସରସ୍ୱତୀ

ପୂଜାର ନିମନ୍ତ୍ରଣ ପତ୍ର ଛପା ହୋଇସାରିଲାଣି । କିନ୍ତୁ ଆଉ କେବେ କୌଣସି ପ୍ରତିକ୍ରିୟା ସେମାନଙ୍କ ଭିତରେ ଦୃଷ୍ଟିଗୋଚର ହୋଇନାହିଁ । ଶୁଚିବାୟଗ୍ରସ୍ତ ମାନସିକତା ପାଇଁ ସବୁକିଛି ଅଶ୍ଳୀଳ । ମାଛି ମଇଳା ଖୋଜିବା ପରି ସେ ସଜମାଛରେ ପୋକ ଖୋଜିବୁଲେ । ତେବେ କଳା ସାହିତ୍ୟ ସଂଗୀତରେ ଅଶ୍ଳୀଳତା ଗୋଟିଏ କଥା । ନିତ୍ୟ ନୈମିତ୍ତିକ ଜୀବନରେ ପରିବେଶକୁ ଅପ୍ରୀତିକର କରୁଥିବା ଅଶ୍ଳୀଳତା ଆଉ ଗୋଟିଏ କଥା । ଅଜନ୍ତା, ଏଲୋରା ଓ କୋଣାର୍କ ମନ୍ଦିର ଗାତ୍ରରେ ଯେଉଁ ନଗ୍ନଶିଳ୍ପ ଚାତୁରୀ ରହିଛି, ତା'ର ପ୍ରାସଙ୍ଗିକତା ବାରିହୋଇପଡେ । କଳାଗତ ଚାତୁର୍ଯ୍ୟ ପାଇଁ କଳାର ପୂର୍ଣ୍ଣତା ପ୍ରଦର୍ଶନ ପାଇଁ ଯୌନାବେଗର ସ୍ୱଚ୍ଛନ୍ଦ ପରିପ୍ରକାଶ ସପକ୍ଷରେ ଯୁକ୍ତି କରନ୍ତି କେତେକ କଳାକାର । ଏଇଠି ମନେ ରଖିବାକୁ ହେବ ଯେଉଁଠି ବିଷୟବସ୍ତୁର କ୍ରମାନ୍ୱୟତା ଏ ପ୍ରକାର ଭାବପ୍ରକାଶ ପାଇଁ ଦାବି କରେ, ସେଠାରେ ଏହା ଯେତେ ନଗ୍ନ ହେଲେ ମଧ୍ୟ ତାହା ଅଶ୍ଳୀଳବୋଧ ହୁଏନାହିଁ । କିନ୍ତୁ ଯେଉଁଠି କେବଳ ବ୍ୟବସାୟିକ ମନୋବୃତ୍ତି ନେଇ ଶସ୍ତା ଲୋକପ୍ରିୟତା ହାସଲ ଉଦ୍ଦେଶ୍ୟରେ କଳାକାର ମାନବ ଜୀବନର କେତେକ ଏକାନ୍ତ ଗୋପନୀୟ ଭାବାବେଗ ପ୍ରକାଶ କରିବାପାଇଁ ତତ୍ପର ହୋଇପଡେ, ସେତେବେଳେ ଏଗୁଡିକ ଅଶ୍ଳୀଳ ମନେହୁଏ । ସମାଜ ପାଇଁ ଏଗୁଡିକ ଘାତକ ସିଦ୍ଧ । କଳା ଓ ଜୀବନ ଦୁଇଟି ଅଲଗା ଜିନିଷ ନୁହନ୍ତି । ଉପଯୁକ୍ତ ଉପାୟରେ ବଞ୍ଚି ଜାଣିଲେ ଜୀବନଟା କଳାତ୍ମକ ହୋଇଯାଏ । ଜୀବନ ସମ୍ପର୍କରେ ଦାର୍ଶନିକ ସକ୍ରେଟିସ କହିଥିଲେ - ଜୀବନ ବଞ୍ଚିବାଟା ବଡକଥା ନୁହେଁ, କେମିତି ବଞ୍ଚାଗଲା ତାହା ହିଁ ବଡକଥା । ଆହାର ନିଦ୍ରା ଭୟ ମୈଥୁନ ପ୍ରତ୍ୟେକ ପ୍ରାଣୀର ସ୍ୱଭାବସିଦ୍ଧ ପ୍ରବୃତ୍ତି, ଏସବୁକୁ ଏଡାଇ ଦିଆଯାଇନପାରେ । କେବଳ ଏହାର ସଂଯତ ବିନ୍ୟାସ ହିଁ ଇତର ପ୍ରାଣୀଙ୍କଠାରୁ ମଣିଷକୁ ଅଲଗା କରିଛି ।

କିନ୍ତୁ ବିଡମ୍ବନାର ବିଷୟ ମଣିଷ ଆଜି ତା'ର ପ୍ରବୃତ୍ତି ଚରିତାର୍ଥ ବେଳେ ସକଳ ଶ୍ଳୀଳ, ସଂଯମକୁ ଭୁଲିଛି । ତା'ର ବିକୃତ ମାନସିକତା ସାମାଜିକ ପରିବେଶର ସକଳ ସମ୍ଭ୍ରମତା କିପରି ନଷ୍ଟ କରେ, ତାହା ଆମ ବସଷ୍ଟାଣ୍ଡର ପ୍ରତୀକ୍ଷା ଗୃହ, ଶୌଚାଳୟ, କଲେଜ ପ୍ରାଚୀର ରାସ୍ତାକଡର ବିଶ୍ରାମ ଗୃହ ଆଦି କାନ୍ଥବାଡରେ ସ୍ପଷ୍ଟ ହୋଇଉଠେ । ଏସବୁକୁ ତ ଆମେ ଅସଭ୍ୟ, ଅଶିକ୍ଷିତ, ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟ ବୋଲି କହିବା । ମାତ୍ର ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି ସେମାନେ ଶିକ୍ଷିତ ଓ ସଭ୍ୟ କିନ୍ତୁ ଆବଶ୍ୟକତା ନଥାଇ ସୁଦ୍ଧା ଗୁଡାଏ ଅଶ୍ଳୀଳ ଶବ୍ଦ ମୁହଁରୁ ଉଦ୍‌ଗୀରଣ ନକଲେ ସେମାନେ ସ୍ୱାଭାବିକ ଅନୁଭବ କରନ୍ତି ନାହିଁ । ସେମାନଙ୍କ ନିତ୍ୟ ନୈମିତ୍ତିକ ଜୀବନର ସାଧାରଣ କଥାବାର୍ତ୍ତା ଏତେ ଅଶ୍ଳୀଳ ଓ ଅମାର୍ଜିତ ଯେ ଯେକୌଣସି ସର୍ବନିମ୍ନ ରୁଚିଥିବା ମଣିଷମାନଙ୍କ ପାଇଁ ସୁଦ୍ଧା ତାହା ଅସହ୍ୟ ହୋଇଉଠେ । କାର୍ଯ୍ୟରେ ଇଙ୍ଗିତରେ ଭାଷାରେ ଏମାନେ ଅନ୍ୟମାନଙ୍କ ପ୍ରତି ଅଶ୍ଳୀଳତାର କଦର୍ଯ୍ୟ ପ୍ରତୀକ ହୋଇ ରହିଥାନ୍ତି, ଯାହା

କହିହୁଏ ନାହିଁ କି ସହି ହୁଏନାହିଁ। ଏହାଛଡା ଅଚିହ୍ନା ମହିଳା କିମ୍ବା ଯୁବତୀଟିଏ ଉପରେ ଅଶାଳୀନ ମନ୍ତବ୍ୟ ଦେଇ ନିଜ ଦାମ୍ଭିକତାର ପରିଚୟ ଦେବା ଆମ ପୁରୁଷ ସମାଜର ଗୌରବର ଚିହ୍ନ ବୋଲି କେତେକଙ୍କର ବିଶ୍ୱାସ। କ୍ରୋଧୀ ମଣିଷ ହିତାହିତ ଜ୍ଞାନ ଶୂନ୍ୟ ହୋଇପଡେ। ଦୁଇଜଣ ବ୍ୟକ୍ତି ହୁଅନ୍ତୁ ବା ଦୁଇ ଗୋଷ୍ଠୀ ହୁଅନ୍ତୁ ସେମାନଙ୍କ ଭିତରେ କନ୍ଦଳ ସୃଷ୍ଟି ହେଲେ ପ୍ରଥମେ ଭାଷା ଶୀଳତାର ସୀମା ଲଂଘନ କରେ। ମହିଳା ହୁଅନ୍ତୁ ବା ପୁରୁଷ ସେମାନଙ୍କ ଭାଷା ଏତେ କଟୁ, ତିକ୍ତ ଓ ଅସଭ୍ୟ ହୋଇପଡେ ଯାହାକୁ ଅତିକ୍ରାନ୍ତ କରିବାର ସହଜ ସମାଧାନ ମିଳେ ନାହିଁ। ଗ୍ରାମ୍ୟ ପରିବେଶ ଓ ସହରତଳି ବସ୍ତିମାନଙ୍କରେ ଏପ୍ରକାର ଚିତ୍ର ପ୍ରତିଦିନ ପରିଲକ୍ଷିତ ହୋଇଥାଏ।

ହାଇସୋସାଇଟି ଅଥବା ଅଭିଜାତ ଗୋଷ୍ଠୀ ବୋଲି ଦାବି କରୁଥିବା ମଣିଷମାନଙ୍କ ଭିତରେ ମଧ୍ୟ ପରିବେଶକୁ ଅଶାଳୀନ ଓ ଅରୁଚିକର କରୁଥିବା ଆଦିମ ଉପାଦାନ କମ୍ ନୁହେଁ। ବେଶ ପୋଷାକରେ ନଗ୍ନତା, ପାର୍ଟିପିକ୍‌ନିକ୍ ଡିସ୍କୋ ଆଦି ଆଧୁନିକ ସଭ୍ୟତାର ନିଦର୍ଶନ ବୋଲି ଆକଣ୍ଠ ଉପଭୋଗ କରୁଥିବା ତଥାକଥିତ ଭଦ୍ର ସମାଜର ଜୀବନବଞ୍ଚିବା ପ୍ରଣାଳୀକୁ ସବୁ ବର୍ଗର ଲୋକ ଗ୍ରହଣ କରିପାରନ୍ତି ନାହିଁ। ଆମେ ଇତର ପ୍ରାଣୀଙ୍କଠାରୁ ଶ୍ରେଷ୍ଠ। ଏହାର ପରିମାପକ କେବଳ ଆମର ଶ୍ଳୀଳତା ଓ ସଂଯମତା। ଏହା ମାଧ୍ୟମରେ ମଣିଷ ସମାଜ ସଂସ୍କାର ସିଦ୍ଧ ହୋଇଥାଏ। ଆଦିମ ପ୍ରବୃତ୍ତି ଚରିତାର୍ଥ ହୋଇଗଲେ ପଶୁଟିଏ ଯଦି ନିରାସକ୍ତ ରହୁଛି, ତେବେ ମଣିଷ କାହିଁକି ସଦାସର୍ବଦା ପରିବେଶକୁ ଅଶୋଭନୀୟ କରି ପଶୁଠାରୁ ନିଜର ହୀନତ୍ୱର ପରିଚୟ ଦେଉଛି ?

□□

ଦାରିଦ୍ର୍ୟ ଏକ ମାନସିକ ସ୍ଥିତି

ଇନ୍ଦିରା ଗାନ୍ଧୀଙ୍କ ସରକାରର ମୁଖ୍ୟସ୍ୱର ଥିଲା 'ଗରିବୀ ହଟାଓ'। ସେଥିରେ ସେ କେତେ ସଫଳ ହୋଇଥିଲେ ତାହା ଭିନ୍ନ ପ୍ରସଙ୍ଗ। ସେହି ଗରିବୀ ହଟାଓ ଧ୍ୱନି କିଛିଦିନ ପାଇଁ ସମାଜରେ ଆନ୍ଦୋଳନ ସୃଷ୍ଟି କରିଥିଲା। ବ୍ୟଙ୍ଗ ଚିତ୍ରକାରମାନଙ୍କ ଦ୍ୱାରା ଏହା ମଧ୍ୟ ବିଭିନ୍ନ ରୂପ ନେଇଥିଲା। ଇନ୍ଦିରା ଗାନ୍ଧୀଙ୍କ ପରେ ପ୍ରତ୍ୟେକ ସରକାର ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି। ଖାଦ୍ୟ ସୁରକ୍ଷା ଆଇନ, ବାସଗୃହ ଯୋଗାଣ, ମାଗଣାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଆଦି ଯୋଜନପାଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି। ଅନାହାର ମୃତ୍ୟୁକୁ ରୋକିବାପାଇଁ ସମସ୍ତଙ୍କ ହାତକୁ କାମ ଓ ଜବ୍‌କାର୍ଡ଼ ବ୍ୟବସ୍ଥା ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ସହ ଅସହାୟ ଓ ପୀଡ଼ିତାମାନଙ୍କୁ ସ୍ୱାବଲମ୍ୱନଶୀଳ ହେବା ପାଇଁ ଯୋଜନା ପ୍ରଣୟନ ହୋଇଛି, ଲୁଣ ପଛେ କିଲୋଗ୍ରାମ ପିଛା ଦୁଇଟଙ୍କାରେ ନମିଳୁ, ଚାଉଳ କିଲୋଗ୍ରାମ ପିଛା ଦୁଇଟଙ୍କାରେ ମିଳୁଛି। ଆମ ଦେଶର ତିରିଶ ବର୍ଷ ତଳର ସାମାଜିକ ସ୍ଥିତି ଓ ସାଂପ୍ରତିକ ସାମାଜିକ ସ୍ଥିତି ଅନୁଧ୍ୟାନ କଲେ ପରିସ୍ଥିତି ଯେ ବଦଳିଛି ତାହା ସ୍ପଷ୍ଟ ଅନୁଭୂତ ହୁଏ। ଗାଁ ଗାଁରେ ଚାଳଘର ଜାଗାରେ ଠିଆ ହୋଇଛି ଇନ୍ଦିରାଆବାସ ଯୋଜନାରେ ଘର। କୁଟୀର ଜ୍ୟୋତି ଯୋଜନାରେ ଘରେ ଘରେ ବିଜୁଳି ଆଲୁଅ ଝଲସି ଉଠୁଛି। କୁଲି ମଜୁରିଆ ରିକ୍ସା ଚାଳକ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ସ୍କୁଲ ପଠାଉଛନ୍ତି। ଶିଶୁ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇଛି। ସଭ୍ୟତାର ବିଶ୍ୱୀକରଣ ସ୍ପର୍ଶ ରାଜମିସ୍ତ୍ରୀମାନଙ୍କ ପାଖରେ କାମ କରୁଥିବା ରେଜା କୁଲିଙ୍କ ହାତରେ ଥିବା ମୋବାଇଲରୁ ଅନୁଭୂତ ହେଉଛି। କିନ୍ତୁ ସତରେ କ'ଣ ଆମର ଏକ ସନ୍ତୁଳିତ ସମାଜ ସମ୍ଭବ ହୋଇପାରିଛି ? ଧନୀ-ଦରିଦ୍ରଙ୍କ ମଧ୍ୟରେ ଥିବା ସୀମାରେଖା ଦୂରୀଭୂତ ହୋଇପାରିଛି ?

ଏକଥା ନିଶ୍ଚିତ ଯେ ସବାତଳେ ପଡ଼ିଥିବା ଜନତାଙ୍କର କିଛି ପରିମାଣରେ ଉନ୍ନତି ଘଟିଛି। କିନ୍ତୁ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ପୂର୍ବରୁ ଥିବା ବ୍ୟବଧାନର ମାତ୍ରା ବହୁଗୁଣିତ

ହୋଇଛି । ଏହା ପ୍ରାକୃତିକ ନୁହେଁ ବରଂ ମନୁଷ୍ୟକୃତ । କାରଣ ଆମ ସମାଜ ଏପରି ଏକ ସ୍ଥିତିଦେଇ ଗତି କରୁଛି ଯେଉଁଠାରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କାହାର ଏକନିଷ୍ଠ ଆନ୍ତରିକତା ନାହିଁ । କେବଳ ଆନ୍ତରିକତା ନାହିଁ ବୋଲି କହିଲେ ଭୁଲ୍ ହେବ, ବରଂ କହିବାକୁ ଗଲେ ଅଣଦରିଦ୍ରମାନେ ଚାହାନ୍ତି ନାହିଁ ଦରିଦ୍ରମାନେ ଧନୀ ହୁଅନ୍ତୁ ଯାହାଦ୍ୱାରା ସମାଜରୁ ସେମାନଙ୍କ ପ୍ରାଧାନ୍ୟ କମିଯିବ । ରାଜନୈତିକ ସଂଗଠନ ଆଦିବାସୀ ହରିଜନ ଓ ଅନ୍ୟାନ୍ୟ ନିମ୍ନବର୍ଗର ଲୋକମାନଙ୍କୁ ଦଳର ସଫଳତାର ପାହାଚ ବା ଶିଢ଼ି ରୂପେ ବ୍ୟବହାର କରିଥାନ୍ତି । ସେମାନଙ୍କ ଦାରିଦ୍ର୍ୟ ଦୂରୀକରଣ ହେଲେ ସେମାନେ ସ୍ୱାବଲମ୍ବୀ ହୋଇଯିବେ, ଆର୍ଥିକ ସ୍ୱାବଲମ୍ବୀମାନେ ମୁକ୍ତ ଚେତନାରେ ବଞ୍ଚିବାକୁ ଚାହିଁବେ, ସେମାନଙ୍କୁ ଆଉ ବେଶୀକାଳ ପ୍ରତାରିତ କରିହେବ ନାହିଁ । ଧାର୍ମିକ ସଙ୍ଗଠନଗୁଡ଼ିକ ମଧ୍ୟ ସେଇଆ ହିଁ ଚାହାନ୍ତି । ଆଭିଜାତ୍ୟ ଶ୍ରେଣୀ ତ ଆଦୌ ଚାହାନ୍ତି ନାହିଁ ପଙ୍ଗପାଳ ଭଳି ସାଲୁବାଲୁ ହେଉଥିବା ଦରିଦ୍ରଜନତା ତାଙ୍କ ବୈଠକଖାନା ପର୍ଯ୍ୟନ୍ତ ଆସନ୍ତୁ । ପ୍ରତିଷ୍ଠିତ ଲୋକ ନିଜର ପ୍ରତିପତ୍ତି ହ୍ରାସ ହୋଇଯିବା ଆଶଙ୍କାରେ ଦରିଦ୍ରମାନଙ୍କର ସ୍ଥାୟୀ ପ୍ରତିକାର ଚାହାନ୍ତି ନାହିଁ, ସେମାନେ ସେମିତି ସେଇଠି ଥାଆନ୍ତୁ ଓ ସାମୟିକ ଭାବେ ସେମାନଙ୍କ ପାଇଁ କିଛି କରିଦେଇ ନିଜେ ବାହାବା ନେବା ହିଁ ସେମାନଙ୍କ ଉଦ୍ଦେଶ୍ୟ ଥାଏ ।

ଅପରପକ୍ଷରେ କହିବାକୁ ଗଲେ କୌଣସି ବାହ୍ୟ ଶକ୍ତି ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ କରିବା ଚେଷ୍ଟା ହାସ୍ୟାସ୍ପଦ । ଦୁଇଟଙ୍କାରେ ଚାଉଳ, ଜବ୍‌କାର୍ଡ଼ କିମ୍ବା ସୁଲଭ ମୂଲ୍ୟରେ ଚିନି କିରୋସିନି ଯୋଗାଇ ଦେଲେ ଦାରିଦ୍ର୍ୟ ଦୂରୀକରଣ ହୋଇଯାଏ ନାହିଁ । ବରଂ ଏହାଦ୍ୱାରା ବ୍ୟକ୍ତିର ମାନସିକ ଦାରିଦ୍ର୍ୟ ଏତେ ଉତ୍କଟ ହୋଇପଡ଼େ ଯେ ସେ ସର୍ବଦା ଅନ୍ୟର ଦୟା ଦକ୍ଷିଣାରେ ବଞ୍ଚିବାରେ ଅଭ୍ୟସ୍ତ ହୋଇପଡ଼େ । ତା'ର ସ୍ୱାଭିମାନ ଲୋପ ହୋଇଯାଏ । ଶରୀର ଶ୍ରମ କରିବାକୁ ସେ କୁଣ୍ଠାପ୍ରକାଶ କରେ । ଆଳସ୍ୟଗ୍ରସ୍ତ ହୋଇପଡ଼େ । ଦାରିଦ୍ର୍ୟ ସହ ଲଢ଼ିବା ପାଇଁ ସେ ଅନ୍ତଃକରଣରୁ ଯେ ପର୍ଯ୍ୟନ୍ତ ପ୍ରସ୍ତୁତ ନ ହୋଇଛି ବାହାରୁ ତା' ଉପରେ ଅସରପି ବର୍ଷା କଲେ ସୁଦ୍ଧା ତା'ର ଦାରିଦ୍ର୍ୟ ଦୂରୀକରଣ ହୋଇପାରିବ ନାହିଁ । ଦାରିଦ୍ର୍ୟକୁ ଆମେ ଅଭିଶାପ କହୁ । ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ୍ ଦାରିଦ୍ର୍ୟକୁ ମଣିଷର ସବୁଠାରୁ ବଡ଼ ଶତ୍ରୁ ବୋଲି କହିଥିଲେ । କିନ୍ତୁ ଆମ ଦେଶର କିଛି ଲୋକ ଦାରିଦ୍ର୍ୟକୁ ଆଶୀର୍ବାଦ ବୋଲି ଭାବନ୍ତି । ସବୁଠାରୁ ବଳି ବଡ଼ ମିତ୍ର ବୋଲି ଭାବନ୍ତି, ବିନା ପରିଶ୍ରମରେ ସରକାରଙ୍କ ଗେହ୍ଲାପୁଅ ହେବାର କାମନା ସେମାନେ ରଖିଥାନ୍ତି । ଏପରିକି ନିଜ ଜନ୍ମିତ ପିଲାକୁ ବିକିବାର ଧମକ ଦେଇ ସରକାରଙ୍କଠାରୁ କିଛି ସାହାଯ୍ୟ ଆଶା କରିବା ଲୋକ ମଧ୍ୟ ଆମ ଦେଶରେ ଅଛନ୍ତି । ଇନ୍ଦିରାଆବାସ ଘରର ଝରକା, କବାଟ ଓ ଆଜ୍‌ବେଷ୍ଟସ୍ ବିକି ଖାଇଦେଇ ପୁଣି ମାଟି କୁଡ଼ିଆରେ ରହିବା ଲୋକ ଆମ

ଦେଶରେ ଅଛନ୍ତି । ଋଣସୂତ୍ରରେ ମିଳିଥିବା ଗାଈଗୋରୁ, ଛେଳିମେଣ୍ଢାଙ୍କୁ ବିକିଦେବା ତ ସ୍ୱାଭାବିକ କଥା । ସବୁକିଛି ବରବାଦ କରିଦେଇ ପୁଣି ସରକାରଙ୍କ ଅନୁକମ୍ପା ଭିକ୍ଷା କରିବା ଏକ ବାହାଦୂରୀ ବୋଲି ସେମାନେ ଭାବିଥାନ୍ତି ।

ଓଡ଼ିଆରେ ଗୋଟିଏ ପ୍ରବଚନ ଅଛି, 'ପୁଅ ଯଦି ଯୋଗ୍ୟ ହେଲା ଧନ କାହିଁ ପାଇଁ ସଞ୍ଚୁ, ପୁଅ ଯଦି ଅଯୋଗ୍ୟ ହେଲା ଧନ କାହିଁପାଇଁ ସଞ୍ଚୁ ।' ଦୁଇଟଙ୍କାରେ ଚାଉଳ ପାଇବା ପରିବର୍ତ୍ତେ ଚାଉଳ କିଲୋ ଯେତେ ହେଲେ ବି ତାହା କିଣି ଖାଇବା ପାଇଁ ଆମ ଭିତରେ ସାମର୍ଥ୍ୟ ସୃଷ୍ଟି ହେବା ହିଁ ଦାରିଦ୍ର୍ୟ ଦୂରୀକରଣ ବୋଲି ବୁଝିବାକୁ ହେବ । ଯେ ପର୍ଯ୍ୟନ୍ତ ଇଟା, ସିମେଣ୍ଟ, ଆଜ୍‌ବେଷ୍ଟସ୍‌ରେ ଦୁଇ ବଖରା ଘର ତିଆରି କରିବାର ସାମର୍ଥ୍ୟ ଆମର ନାହିଁ ମାଗଣାରେ ସରକାରଙ୍କଠାରୁ ପ୍ରାପ୍ତ ଘରର ଆଜ୍‌ବେଷ୍ଟସ୍ ବିକିବାର ମାନସିକତା ଆମର ଯାଇ ନାହିଁ, ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ହେବ କିପରି ?

ଗୋଦାବରୀଶ ମିଶ୍ର ଲେଖିଥିଲେ ଗପଟିଏ "ଏବେ ମଧ୍ୟ ବଞ୍ଚିଛି" । ଏହି ଜାତି ଦିନେ କ୍ଷୁଧାର ତାଡ଼ନାରେ ଅତିଷ୍ଠ ହୋଇସୁଦ୍ଧା ରିଲିଫ୍ କେନ୍ଦ୍ରରେ ହାତ ପତାଇ ଚାଉଳ ଆଣିପାରି ନାହିଁ, ଛତରରେ ପଶି ପାରି ନାହିଁ । ଛତରରେ ଖାଇବାକୁ ଲୋକଙ୍କୁ ଏ ଜାତି ବାସନ୍ଦ କରୁଥିଲା, ଜାତିଚ୍ୟୁତ କରୁଥିଲା । କିନ୍ତୁ ଆଜି ଆଉ ସେ ମାନସିକତା ନାହିଁ । ଏବେ ନିଜ ଦାରିଦ୍ର୍ୟକୁ ବିଜ୍ଞାପିତ କରି ସରକାରୀ ସାହାଯ୍ୟ ପାଇବା ପାଇଁ ଆମେ ଆତୁର ହେଉଛୁ । ନିଜକୁ ବିପିଏଲ୍ ବୋଲି ସାବ୍ୟସ୍ତ କରିବା ପାଇଁ କେତେ ଚଞ୍ଚକତା କରୁଛୁ ଆମେ । ସ୍ୱେଚ୍ଛାକୃତ ଦାରିଦ୍ର୍ୟକରଣ ସତ୍ୟାଗ୍ରହୀମାନଙ୍କର ଅନ୍ୟତମ ଆଦର୍ଶ ଥିଲା । ସ୍ୱାଧୀନତା ପରେ ପରେ କିନ୍ତୁ ସେମାନଙ୍କ ମଧ୍ୟରେ କିଛି ସ୍ୱାଧୀନତା ସଂଗ୍ରାମୀ ଧନ ସଞ୍ଚୟ କରିବାର ସର୍ବନିମ୍ନ ସୁଯୋଗ ଟିକକ ଛାଡ଼ିଲେ ନାହିଁ । ନିଜକୁ ଦାରିଦ୍ର୍ୟ ବୋଲି କହିବାର ଯେଉଁ ଗୌରବ ଟିକକ ସେମାନେ ଅନୁଭବ କରୁଥିଲେ ତାହା ଆଉ ରହିଲା ନାହିଁ । ନିଜକୁ ଆଭିଜାତ୍ୟ ବୋଲି ପ୍ରଦର୍ଶିତ କରିବାର ନୂଆ ପରଂପରାଟିଏ ସୃଷ୍ଟି ହୋଇଗଲା । ପ୍ରାଚୁର୍ଯ୍ୟ ବିମଣ୍ଡିତ ଜୀବନଯାପନ ପାଇଁ ପ୍ରତିଯୋଗିତା ଲାଗି ରହିଲା । ଏଇଭଳି ଏକ ବିବର୍ତ୍ତିତ ପରିବେଶରେ ଆମେ ପ୍ରତିଯୋଗୀ ହୋଇଗଲେ କେବଳ ଅଭିଜାତର ତୁଚ୍ଛ ଅହମିକା ପ୍ରଦର୍ଶନ ପାଇଁ । କିଛି ନ ଥିଲେ ବି ଅନେକ କିଛି ଥିବାର ଭ୍ରମ ସୃଷ୍ଟିକରିବାରେ ଆମେ ଆତ୍ମସନ୍ତୋଷ ଲାଭ କଲେ । ଏବେ ପୁଣି ଏକ ସାମାଜିକ ବିବର୍ତ୍ତନ ହୋଇଛି । ନିଜକୁ ଦରିଦ୍ର ବୋଲି କହିବାର ମାନସିକତା ଧୀରେ ଧୀରେ ବୃଦ୍ଧି ପାଉଛି, ଯାହା ଆଦୌ ଏକ ସୁସ୍ଥ ସମାଜର ଲକ୍ଷଣ ନୁହେଁ ।

ମଣିଷର ଦରିଦ୍ରପଣ ଆଦୌ ବାହ୍ୟସ୍ତରର ନୁହେଁ । ଏହା ଏକ ଚେତନା । ପୂର୍ବେ ଆମଦେଶରେ ବ୍ରାହ୍ମଣ ପୁରୋହିତ ଓ ଆଚାର୍ଯ୍ୟମାନେ ମଧ୍ୟ ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ

କରିନେଉଥିଲେ । ସେମାନେ ପତ୍ର କୁଡ଼ିଆ କରି ରହୁଥିଲେ । ନିରାଡ଼ମ୍ବର ଓ ବିଳାସବ୍ୟସନ ରହିତ ହୋଇ ତପ ଯପ ଓ ପୂଜାପାଠ କରୁଥିଲେ । ବିନା ପାରିଶ୍ରମିକରେ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ, ସାମାଜିକ ଓ ସାଂସ୍କୃତିକ ଜୀବନରେ ସେମାନଙ୍କର ଅସାଧାରଣ ପ୍ରଭାବ ଥିଲା । କିନ୍ତୁ ଆଜି ସେପରି ମାନସିକତା ଆଉ କାହାରି ନାହିଁ । ତପି, ଜପି, ଯୋଗୀ ଋଷି, ସମାଜସେବୀ, ଗୃହସ୍ଥ କେହି ଆଉ ସରଳ ନିରାଡ଼ମ୍ବର ନିଃସମ୍ବଳ ହୋଇ ରହିବାକୁ ଚାହୁଁନାହାନ୍ତି । ଏମାନେ ସବୁ ଉଚ୍ଚବର୍ଗର ଲୋକ, ଏମାନଙ୍କର ଯଥେଷ୍ଟ ପ୍ରାଚୁର୍ଯ୍ୟ ରହିଚି । ଏହି ପ୍ରାଚୁର୍ଯ୍ୟକୁ ବହୁଗୁଣିତ କରିବାପାଇଁ ଏମାନେ କର୍ମ, ଅକର୍ମ, ବିକର୍ମର ସାହାରା ନେଉଛନ୍ତି । ବହୁସଂପତ୍ତିର ମାଲିକାନା ଭୋଗ କରୁଛନ୍ତି, ଅଥଚ ସରକାରଙ୍କର ସଂପତ୍ତି ତାଲିକା ଦେଲାବେଳକୁ ନିଜକୁ ଦରିଦ୍ର ରୂପେ ଉପସ୍ଥାପିତ କରୁଛନ୍ତି । ଏ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଆର୍ଥିକ ଦରିଦ୍ର ନକହି ବରଂ ବିବେକଗତ ଦରିଦ୍ର କହିବା ଅଧିକ ଯୁକ୍ତିଯୁକ୍ତ ହେବ । ଅଥଚ ଯେଉଁମାନେ ପ୍ରକୃତରେ ଦରିଦ୍ର, ଆମ ବ୍ୟବସ୍ଥା ସେମାନଙ୍କ ପାଇଁ ଏମିତି ପଦ୍ଧତି ଖଞ୍ଜି ଦେଇଛି ଯେ ସେମାନେ ସେଇ ଦାରିଦ୍ର୍ୟର ସୀମାରେଖା, ସେଇ ମୁଣ୍ଡପିଛା ଆୟର ଗୋଟାଏ ନିର୍ଦ୍ଦିଷ୍ଟ ବିନ୍ଦୁର ଉର୍ଦ୍ଧ୍ୱକୁ ଉଠି ପାରୁନାହାନ୍ତି । ସେମାନଙ୍କର ସାମର୍ଥ୍ୟ ଆମ ବ୍ୟବସ୍ଥା ନିକଟରେ ନିଲାମ ହୋଇ ଯାଉଛି । ଆଗାମୀ ପିଢ଼ୀ ପାଇଁ ଗୋଟାଏ ନିଷ୍କର୍ମା ମଣିଷର ଅପଖ୍ୟାତି ନେଇ ବଞ୍ଚିବାର ସକଳ ଅପମାନଙ୍କୁ ହଜମ କରିଚାଲିଛି । ସେମାନଙ୍କର ଅସୁରକ୍ଷିତ ଆର୍ଥିକ ସ୍ଥିତି ସମାଜ ବିକାଶ ପାଇଁ ବିରାଟ ପରିପନ୍ଥୀ ହୋଇ ଛିଡ଼ା ହୋଇଛି ।

❑❑

ପୁରୁଷ ଅଧିକୃତ ଅଧୁନାତମ ସାହିତ୍ୟିକ କଳା, ସ୍ତମ୍ଭ ବିଭାଗରେ ଅନୁଭୂତ ନାରୀମାନଙ୍କର ଅଭାବ ବହୁ ପରିମାଣରେ ପୂରଣ କରିପାରିଛନ୍ତି ଡକ୍ଟର ବାସନ୍ତୀ ମହାନ୍ତି । ତାଙ୍କର ଗଭୀର ଚିନ୍ତନ ଓ ଅଧ୍ୟବସାୟର ଫଳଶ୍ରୁତି ସ୍ୱରୂପ ୨୦୦ରୁ ଉର୍ଦ୍ଧ୍ୱ ସ୍ତମ୍ଭ ଓଡ଼ିଶାର ପ୍ରମୁଖ ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ହେବା ଦ୍ୱାରା ପାଠକ ମହଲରେ ସେ ବେଶ୍ ସମ୍ମାନଜନକ ସ୍ଥାନ ଅଧିଗ୍ରହଣ କରିପାରିଛନ୍ତି । ସମସାମୟିକ ଜୀବନ ଯନ୍ତ୍ରଣା ଓ ସାମାଜିକ ସମସ୍ୟା ସମୂହକୁ ମର୍ମସ୍ପର୍ଶୀ ପରିସ୍ଫୁଟନ କରିବାରେ ସେ ସିଦ୍ଧହସ୍ତା । ତୀବ୍ର ଅନୁଭୂତି ଓ ପ୍ରଜ୍ଞା ପ୍ରତିଭାରେ ତାଙ୍କ ପ୍ରବନ୍ଧଗୁଡ଼ିକ ଉତ୍ତୀର୍ଣ୍ଣ ମନେ ହୁଅନ୍ତି । ଉକ୍ତ ସଂକଳନଟି ତାଙ୍କର ଚତୁର୍ଥ ମୌଳିକ ପ୍ରବନ୍ଧ (ସ୍ତମ୍ଭ) ସଂକଳନ । ସାମାଜିକ ଅଙ୍ଗୀକାରବଦ୍ଧତାକୁ ନେଇ ଗଳ୍ପ ଲେଖିକା ଭାବରେ ମଧ୍ୟ ସେ ଓଡ଼ିଆ ସାହିତ୍ୟ ଜଗତରେ ନିଜର ସ୍ଥାନ ସୁଦୃଢ଼ କରିପାରିଛନ୍ତି । ଏଯାବତ୍ ତାଙ୍କର ପ୍ରକାଶିତ ଚାରିଟି ଗଳ୍ପ ସଂକଳନରେ ସମସ୍ୟା ବହୁଳ ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ନିଖୁଣ ଚିତ୍ର ପ୍ରତିଫଳିତ ହୋଇଛି । କେନ୍ଦ୍ରପଡ଼ା ଜିଲ୍ଲାର ଅନ୍ଧୁଳି ଗ୍ରାମରେ ଜନ୍ମ ହୋଇଥିବା ଡଃ ମହାନ୍ତି ସମ୍ପ୍ରତି ଭୈରବ ମହାବିଦ୍ୟାଳୟ ଡ଼ାବୁଗାଁ, ନବରଙ୍ଗପୁରଠାରେ ଓଡ଼ିଆ ଭାଷା ସାହିତ୍ୟରେ ବରିଷ୍ଠ ଅଧ୍ୟାପିକା ଭାବେ ଅବସ୍ଥାପିତ । ତାଙ୍କର ପୂର୍ବ ପ୍ରକାଶିତ ପୁସ୍ତକମାନଙ୍କ ଭଳି ନାରୀ, ନୀତି, ନିୟତି ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଲାଭ କରିବ ବୋଲି ଆଶା କରୁଛି ।

– ଭିକାରୀ ଧଳ

ଡକ୍ଟର ବାସନ୍ତୀ ମହାନ୍ତି

ଏସବୁ ସତ୍ତ୍ୱେ ପ୍ରବର୍ତ୍ତିତ ଆଇନ କାନୁନ୍ ନାରୀମାନଙ୍କ ଦୁର୍ଦ୍ଦଶା ଦୂରୀଭୂତ କରିବାରେ ସମର୍ଥ ହୋଇପାରୁନାହିଁ । ଆମ ଭାରତୀୟ ସମାଜ ଏକ ପରମ୍ପରା ପ୍ରତାଡିତ ସମାଜ । ଏଠାରେ ଗୋଟିଏ ସାମାଜିକ ପରିବର୍ତ୍ତନ ପାଇଁ ଆଇନ କାନୁନ୍ ଅପେକ୍ଷା ପାରମ୍ପରିକ ଦୃଷ୍ଟିକୋଣରେ ନୂତନତ୍ୱ ଓ ମାନସିକତା ପରିବର୍ତ୍ତନର ଯଥେଷ୍ଟ ଆବଶ୍ୟକତା ରହିଛି, ଯେ ପର୍ଯ୍ୟନ୍ତ ଜେଜୀମା ମାନଙ୍କଠାରୁ ସହଯୋଗର ହାତ ଲମ୍ବି ନଆସିଛି ବାସୁଦେବ ଓ ଶ୍ୟାମ ବନ୍ଧୁମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ରେବତୀର ଭାଗ୍ୟ ପରିବର୍ତ୍ତନ କରିପାରିବେ ନାହିଁ । ସେମିତି 'ଲୋ ରେବତୀ, ଲୋ ରେବ, ଲୋ ନିଆଁ, ଲୋ ଚୁଲ୍ଲୀ'ର ଅଭିସଂପାତ ଲମ୍ବି ଚାଲିଥିବ ସିନା ସମସ୍ୟାର ସମାଧାନ ହୋଇ ପାରିବ ନାହିଁ ।

X X X

ଯୁଗେ ଯୁଗେ ସମାଜ ସୁଧାର ଦୁଇଟି ଉପାୟରେ ହୋଇଛି । ଗୋଟିଏ ହିଂସା ଓ ଅନ୍ୟଟି ଅହିଂସା । ପରିସ୍ଥିତିର ପ୍ରାସଙ୍ଗିକତା ନେଇ ଉଭୟର ଗୁରୁତ୍ୱ ରହିଛି । ଶାନ୍ତିର ପୂଜାରୀ ଆମ ଭାରତୀୟ ପରଂପରାରେ ଏହାର ବହୁ ଦୃଷ୍ଟାନ୍ତ ରହିଛି । ସ୍ୱୟଂ ବିଷ୍ଣୁ ସୁଦ୍ଧା ଶଙ୍ଖ ଚକ୍ର ଗଦା ପଦ୍ମ ବିଭୂଷିତ ହୋଇ ରଣାଙ୍ଗନରେ ଆବିର୍ଭୁତ ହୁଅନ୍ତି, ତାଙ୍କ ପାଇଁ କେତେବେଳେ ବାରହାତ ଖଣ୍ଡା ଆବଶ୍ୟକ ହୁଏ ତ ପୁଣି କେତେବେଳେ ସୌମ୍ୟ ଶାନ୍ତ ସିଗ୍ଧ ବୁଦ୍ଧଙ୍କ ଅଭୟ ମୁଦ୍ରା । ହିଂସାର ଚାବୁକରେ ହେଉ କି ଅହିଂସାର ଚାମରରେ, ସମାଜର ହିତ ପାଞ୍ଚୁଥିବା ଓ ସେଥିପାଇଁ ସକ୍ରିୟ ଭୂମିକା ନେଉଥିବା ମଣିଷମାନଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥାଏ । ଆଦର୍ଶ ଥାଏ, ନୀତି ଥାଏ । ଅଙ୍ଗୀକାରବଦ୍ଧତା ଥାଏ । ଯାହାକୁ ଲଘଂନ କଲେ ସମାଜ ଆଦୌ ସେମାନଙ୍କୁ କ୍ଷମା ଦିଏ ନାହିଁ । ସେମାନେ ଜନସାଧାରଣଙ୍କ ଅନୁକମ୍ପା ହରେଇ ବସନ୍ତି ।